# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୪/୨୦୨୩ (୧୪ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 4/2023 | Page 14 | ₹ 7.00

୪୯ଶ ଭାଗ ୧୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 100 ମୂଲ୍ୟ₹୭/-




## ଫଲ୍‌ଟନ ଭାରତୀୟ ହକି ଦଳର ନୂଆ କୋଚ୍

ଦକ୍ଷିଣ ଆଫ୍ରିକାର କ୍ରେଗ୍ ଫଲ୍‌ଟନ ଭାରତୀୟ ପୁରୁଷ ହକି ଦଳର ନୂଆ ମୁଖ୍ୟକୋଚ୍ ମନୋନୀତ ହୋଇଛନ୍ତି।

୧୪

୧୦

## ଉପସ୍ଥାପିକା ସାଜିବେ ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଆସନ୍ତା ୧୨ ତାରିଖରେ ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ୯୫ତମ ଏକାଡେମୀ ଆୱାର୍ଡରେ ଉପସ୍ଥାପିକା ଭାବେ ଯୋଗ ଦେବେ।





**ହୋଲି ପୂର୍ବରୁ ଫଗୁ**

ଭୁବନେଶ୍ୱର ଉପକଣ୍ଠ ଶ୍ୟାମପୁର ଗାଁରେ ଶୁକ୍ରବାର ଅନୁଷ୍ଠିତ ଦୋଳ ମେଳଣରେ ମହିଳାମାନେ ହୋଲି ଖେଳୁଛନ୍ତି।

# ଲାଞ୍ଚ ନେଇ ଧରାପଡ଼ିଲେ ଭାଜପା ବିଧାୟକଙ୍କ ପୁଅ

## ଚଢ଼ାଉ ବେଳେ ମିଳିଲା ୮ କୋଟି

### କର୍ଣ୍ଣାଟକ ସୋପ୍ସ ଆଣ୍ଡ ଡିଟରଜେଣ୍ଟ କମ୍ପାନୀରୁ ବିଧାୟକଙ୍କ ଇସ୍ତଫା

**ବେଙ୍ଗାଲୁରୁ, ୩।୩**

କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପୂର୍ବରୁ ଶାସକ ଭାଜପାକୁ ଶକ୍ତ ଧକ୍କା ଲାଗିଛି। ଚନ୍ନାଗିରି ଭାଜପା ବିଧାୟକ କେ. ମଣ୍ଡଳ ବିରୁପାକ୍ଷପ୍ପାଙ୍କ ତରଫରୁ ତାଙ୍କ ପୁଅ ଭି. ପ୍ରଶାନ୍ତ ମଣ୍ଡଳ ୪୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଲୋକାୟୁକ୍ତ ପୋଲିସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ବିଧାୟକଙ୍କ କ୍ରେସେଣ୍ଟ ରୋଡ୍ ଅଫିସରେ ଗୁରୁବାର ରାତିରେ ପ୍ରଶାନ୍ତ ଜଣେ ବ୍ୟକ୍ତିଙ୍କଠାରୁ ଟଙ୍କା ନେଉଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଲୋକାୟୁକ୍ତ ପୋଲିସ ଚଢ଼ାଉ କରିଥିଲା। ଏହା ପରେ ପୋଲିସ ପ୍ରଶାନ୍ତଙ୍କର ସଞ୍ଜୟନଗର ଡଲାର୍ସ କଲୋନିରେ ଥିବା ଘରେ ଚଢ଼ାଉ କରି ସେଠାରୁ ନଗଦ ୬ କୋଟି ଟଙ୍କା ଜବତ କରିଛି। ଏଥିସହିତ ତାଙ୍କ କାର୍ଯ୍ୟାଳୟରୁ ୧.୭୫ କୋଟି ଟଙ୍କା ମିଳିଥିଲା। ପ୍ରଶାନ୍ତ ବେଙ୍ଗାଲୁରୁ ଜଳଯୋଗାଣ ଓ ସ୍ୱେରେଜ୍ ବୋର୍ଡରେ ମୁଖ୍ୟ ଆକାଉଣ୍ଟାଣ୍ଟ ଅଛନ୍ତି। କଞ୍ଚାମାଲ୍ କିଣିବା ପାଇଁ ଟେଣ୍ଡର ମଞ୍ଜୁର କରିବା ନିମନ୍ତେ ସେ ୪୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗ ହୋଇଛି। ସେ ୮୧ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ଦେଇଥିବା ବ୍ୟକ୍ତି ଜଣକ ଏତଲା ଦାଏର କରିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।



ଭାଜପା ବିଧାୟକ
କେ. ମଣ୍ଡଳ ବିରୁପାକ୍ଷପ୍ପା

ଲାଞ୍ଚ ନେଇ ପୁଅ ଗିରଫ ହେବା ପରେ ଭାଜପା ବିଧାୟକ ବିରୁପାକ୍ଷପ୍ପା କର୍ଣ୍ଣାଟକ ସୋପ୍ସ ଆଣ୍ଡ ଡିଟରଜେଣ୍ଟସ୍ ଲିମିଟେଡ୍‌ର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ଏହା ରାଜ୍ୟ ସରକାରଙ୍କର ଏକ କମ୍ପାନୀ। ଲାଞ୍ଚ କାରବାର ମାମଲାରେ ଲୋକାୟୁକ୍ତ ବିଧାୟକଙ୍କୁ ମୁଖ୍ୟ ଅଭିଯୁକ୍ତ କରିଛି। ତେବେ ଲୋକାୟୁକ୍ତଙ୍କ କାର୍ଯ୍ୟାନୁଷ୍ଠାନ ତାଙ୍କ ପରିବାର ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି ବିଧାୟକ ସଫେଇ ଦେଇଛନ୍ତି। ମାମଲାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ☞ପୃଷ୍ଠା–୪

# କ୍ରାଇମବ୍ରାଞ୍ଚକୁ ପୁଣି କୋର୍ଟ ଝଟକା

## ଗୋପାଳଙ୍କ ମାନସିକ ସ୍ଥିତି ଯାଞ୍ଚ ଆବେଦନ ପ୍ରସଙ୍ଗ

**ଭୁବନେଶ୍ୱର (ବ୍ୟୁରୋ)/ ବ୍ରଜରାଜନଗର, ୩।୩(ଡି.ଏନ୍.ଏ.)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସଙ୍କ ମାନସିକ ଅବସ୍ଥାର ପୁନଃ ଯାଞ୍ଚ ପାଇଁ ଉଦ୍ୟମ ଚଳାଇଥିବା କ୍ରାଇମବ୍ରାଞ୍ଚକୁ ପୁଣିଥରେ କୋର୍ଟ ଝଟକା ଲାଗିଛି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ହୋଇଥିବା ଆବେଦନକୁ ଝାରସୁଗୁଡ଼ା ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଡିଜେ) ଶୁକ୍ରବାର ଖାରଜ କରିଦେଇଛନ୍ତି। କ୍ରାଇମବ୍ରାଞ୍ଚ ଗୋପାଳଙ୍କ ମାନସିକ ସ୍ଥିତିର ପୁନଃ ଯାଞ୍ଚ ନିମନ୍ତେ ତାଙ୍କୁ ୩ ସପ୍ତାହ ପାଇଁ ବେଙ୍ଗାଲୁରୁସ୍ଥିତ ରାଷ୍ଟ୍ରୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ସଂସ୍ଥାନ (ନିମହାନ୍ସ)କୁ ନେବାକୁ ଚାହୁଁଥିଲା। ଏନେଇ ଗତ ୨୦ ତାରିଖରେ ହୋଇଥିବା ଆବେଦନକୁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫ୍‌ସି) କୋର୍ଟ ଖାରଜ କରିଦେଇଥିଲେ। ତଳ କୋର୍ଟରେ ଝଟକା ଲାଗିବା ପରେ କ୍ରାଇମବ୍ରାଞ୍ଚ ଗତ ୨୨ ତାରିଖରେ ଝାରସୁଗୁଡ଼ା ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ଆବେଦନ କରାଯାଇଥିଲା। ଗତ ୨୭ ତାରିଖରେ କୋର୍ଟ ଏହି ଆବେଦନକୁ ଗ୍ରହଣ କରିଥିଲେ। ମାର୍ଚ୍ଚ ୧ ତାରିଖରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ଏହାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଶୁକ୍ରବାର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଳ କୋର୍ଟର ରାୟକୁ କାଏମ ରଖିବା ଯୋଗୁ କ୍ରାଇମ୍‌ବ୍ରାଞ୍ଚକୁ ନିରାଶ ହେବାକୁ ପଡ଼ିଛି।

ଅନ୍ୟପକ୍ଷରେ କ୍ରାଇମ୍‌ବ୍ରାଞ୍ଚ ଉପରେ ରାଜ୍ୟର ବିରୋଧୀ ଦଳଗୁଡ଼ିକ ସନ୍ଦେହ କରିବା ସହ ସିବିଆଇ ଓ ଏସ୍ଆଇଟି ତଦନ୍ତ ଦାବି କରିଆସୁଛନ୍ତି। ଏନେଇ ବିରୋଧୀ ଦଳଗୁଡ଼ିକ ବିଧାନସଭା ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ସରକାରୀ ଦଳକୁ ଘେରିବା ସହ ପ୍ରବଳ ହଟ୍ଟଗୋଳ କରିଥିଲେ। ଏଭଳିସ୍ଥଳେ ଏକ ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି ଯେ, କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଲାଣି। ଘଟଣାରେ ଗୋପାଳ ଜଣେ ହିଁ ଅଭିଯୁକ୍ତ ଏବଂ ସେ ନିଜ ବ୍ୟକ୍ତିଗତ ଶତ୍ରୁତା ପାଇଁ ନବ ଦାସଙ୍କୁ ହତ୍ୟା କରିଥିଲେ ବୋଲି କ୍ରାଇମ୍‌ବ୍ରାଞ୍ଚ ତଦନ୍ତରୁ ଜାଣିପାରିଥିବା ଉକ୍ତ ସୂତ୍ରରୁ କୁହାଯାଉଛି। ଏପରି କି ଏହି ବିଷୟ କ୍ରାଇମ୍‌ବାଞ୍ଚ ଖୁବ୍‌ଶୀଘ୍ର (ସମ୍ଭବତଃ ଆସନ୍ତା ମାର୍ଚ୍ଚ ୧୦ ତାରିଖ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ପୂର୍ବରୁ) ସର୍ବସମ୍ମୁଖକୁ ଆଣିବ ଏବଂ ଚାର୍ଜଶିଟ୍ ଦାଖଲ କରିବ ବୋଲି କୁହାଯାଉଛି। କିନ୍ତୁ ଏନେଇ କୌଣସି ସୂଚନା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଦିଆଯାଇନାହିଁ।

ବହିଷ୍କୃତ ପୋଲିସ ଏଏସ୍ଆଇ ଗୋପାଳ ଦାସ ଗତ ଜାନୁୟାରୀ ୨୯ରେ ବ୍ରଜରାଜନଗର ଗାନ୍ଧୀଛକ ନିକଟରେ ସର୍ବସମ୍ମୁଖରେ ନିଜ ସର୍ଭିସ୍ ବନ୍ଧୁକରୁ ନବ ଦାସଙ୍କୁ ଗୁଳିକରି ହତ୍ୟା କରିଥିଲେ। ସେଠାରୁ ହିଁ ଗୋପାଳଙ୍କୁ ଗିରଫ କରାଯାଇଥିଲା। ଇତିମଧ୍ୟରେ ୧ ମାସ ବିତିଗଲାଣି, କିନ୍ତୁ ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ ହତ୍ୟା ରହସ୍ୟ ଖୋଲିପାରିନାହିଁ। ଗୋପାଳ କାହିଁକି ନବ ଦାସଙ୍କୁ ହତ୍ୟାକଲେ ତାହା କ୍ରାଇମ୍‌ବ୍ରାଞ୍ଚ କହୁନାହିଁ। ଓଲଟା ଗୋପାଳଙ୍କ ମାନସିକ ସ୍ଥିତି ଯାଞ୍ଚ ପାଇଁ ବାରମ୍ବାର ଚେଷ୍ଟା କରିଆସୁଛି। ଏଥିରୁ କ୍ରାଇମ୍‌ବ୍ରାଞ୍ଚର ଭୂମିକା ଉପରେ ସାଧାରଣରେ ସନ୍ଦେହ ହେବା ସହ ଗୋପାଳଙ୍କୁ ଖସାଇ ଦେବା ପାଇଁ ଚେଷ୍ଟା କରାଯାଉଥିବା ନେଇ ବିଭିନ୍ନ ମହଲରେ ନାନା ଚର୍ଚ୍ଚା ହେଉଛି। ଇତିମଧ୍ୟରେ କ୍ରାଇମ୍‌ବ୍ରାଞ୍ଚ ଗୋପାଳଙ୍କୁ ଗୁଜରାଟ ନେଇ ପଲିଗ୍ରାଫ୍ ଓ ନାର୍କୋ ଟେଷ୍ଟ କରାଇଛି। ୪ ଜଣିଆ ମାନସିକ ରୋଗ ବିଶେଷଜ୍ଞ ଟିମ୍ ଦ୍ୱାରା ଝାରସୁଗୁଡ଼ାରେ ଗୋପାଳଙ୍କ ମାନସିକ ପରୀକ୍ଷା ନିରୀକ୍ଷା ସାଙ୍ଗକୁ ଆନାଲିସିସ୍ କରାଯାଇଛି। ଏହାପରେ ପୁଣିଥରେ ଗୋପାଳଙ୍କ ମାନସିକ ସ୍ଥିତି ଯାଞ୍ଚ ନିମନ୍ତେ ବ୍ୟଗ୍ରତା ଦେଖାଉଥିବା କ୍ରାଇମ୍‌ବ୍ରାଞ୍ଚ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏଡିଜେ କୋର୍ଟରେ ଶୁଣାଣିବେଳେ ୨ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଗୋପାଳଙ୍କ ପୋଲିସ ରିମାଣ୍ଡ ମାଗୁନାହୁଁ, ବରଂ ତାଙ୍କ ସମ୍ପୂର୍ଣ୍ଣ ମାନସିକ ଅବସ୍ଥାକୁ ଜାଣିବା ପାଇଁ ବିଶେଷଜ୍ଞ ଟିମ୍‌ଙ୍କ ପରାମର୍ଶକ୍ରମେ ତାଙ୍କୁ ବେଙ୍ଗାଲୁରୁ ନେବା ପାଇଁ ଆବେଦନ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୋର୍ଟରେ କୁହାଯାଇଥିଲା। ଗୋପାଳଙ୍କ ଓକିଲ ହରିଶଙ୍କର ଅଗ୍ରୱାଲ ଯୁକ୍ତି ବାଢ଼ିଥିଲେ ଯେ, ମାନସିକ ସ୍ଥିତି ଯାଞ୍ଚ ପାଇଁ କ୍ରାଇମବ୍ରାଞ୍ଚ ହେପାଜତରେ ବାହାର ରାଜ୍ୟକୁ ନିଆଯିବା ଅର୍ଥ ରିମାଣ୍ଡ ସହ ସମତୁଲ୍ୟ। ପୂର୍ବରୁ ଫେବୃୟାରୀ ୧ରୁ ୧୩ ତାରିଖ ଯାଏ କ୍ରାଇମ୍‌ବ୍ରାଞ୍ଚ ଗୋପାଳଙ୍କୁ ରିମାଣ୍ଡରେ ନେଇସାରିଛି। ନିୟମତଃ ୧୫ଦିନରୁ ଅଧିକ ରିମାଣ୍ଡ ମଞ୍ଜୁର କରାଯିବାର ପ୍ରାବଧାନ ନାହିଁ। ତେଣୁ କ୍ରାଇମ୍‌ବ୍ରାଞ୍ଚର ଆବେଦନକୁ ଗୋପାଳଙ୍କ ଓକିଲ ବିରୋଧ କରିଥିଲେ। ଅଦାଲତ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ କ୍ରାଇମ୍‌ବ୍ରାଞ୍ଚ ଆବେଦନକୁ ଖାରଜ କରିଛନ୍ତି। ପୂର୍ବରୁ ଗୋପାଳଙ୍କ ବିଭିନ୍ନ ଉପକରଣ ସହାୟତାରେ ମାନସିକ ସ୍ଥିତି ଯାଞ୍ଚ କରାଯାଇଛି। ତା’ ଛଡ଼ା ଅତି ଜରୁରୀ ସ୍ଥଳେ କାରାଗାର ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ଅଥବା ସ୍ଥିତି ଯାଞ୍ଚ କରାଯାଇପାରେ ବୋଲି ଅଦାଲତ କହିଥିବା ଜଣାପଡ଼ିଛି। ଏଭଳିସ୍ଥଳେ କ୍ରାଇମ୍‌ବ୍ରାଞ୍ଚ ଏହି ମାମଲାକୁ ନେଇ ହାଇକୋର୍ଟରେ ଆବେଦନ କରିବାକୁ ସଜବାଜ ହେଉଥିବା ଜଣାଯାଇଛି।

# ସଙ୍କଟରେ ଭାରତୀୟ ଗଣତନ୍ତ୍ର

## କେମ୍ବ୍ରିଜ୍‌ରେ ରାହୁଲ

### ବିଦେଶ ମାଟିରେ ଦେଶର ଛବି ମଳିନ କରିଛନ୍ତି ରାହୁଲ: ଭାଜପା

**ଲଣ୍ଡନ/ନୂଆଦିଲ୍ଲୀ, ୩।୩**

ଭାରତର ପାର୍ଲାମେଣ୍ଟ, ପ୍ରେସ୍ ଓ ନ୍ୟାୟପାଳିକାକୁ ମୁକ୍ତ ଭାବେ ଚାଲିବାକୁ ଦିଆଯାଉନାହିଁ। ଗଣତନ୍ତ୍ରର ମୌଳିକ ଢାଞ୍ଚା ଉପରେ ଆକ୍ରମଣ କରାଯାଉଛି। ଏଥିଯୋଗୁ ଭାରତୀୟ ଗଣତନ୍ତ୍ର ସଙ୍କଟ ଦେଇ ଗତିକରୁଛି। ଦେଶର ଅନେକ ନେତା ସର୍ଭିଲାନ୍ସରେ ଅଛନ୍ତି ବୋଲି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ବିଦେଶରେ ପୁଣି ଟାର୍ଗେଟ କରିଛନ୍ତି। ତାଙ୍କର



ରାହୁଲ ଗାନ୍ଧୀ

ଏଭଳି ସମାଲୋଚନାକୁ ଭାଜପା ନେତାମାନେ ହଜମ କରିପାରି ନାହାନ୍ତି। ରାହୁଲ ବାରମ୍ବାର ନିର୍ବାଚନୀ ଝଟ୍‌କା ଖାଇବା ☞ପୃଷ୍ଠା–୪






# ଚତୁର୍ଥୀ ଦିନ ସ୍ୱାମୀଙ୍କ ଜୀବନ ଗଲା



ଅଜୟ କୁମାର ଭଞ୍ଜ

**ବାହାନଗା, ୩।୩(ଡି.ଏନ.ଏ.)**

୧ ତାରିଖରେ ହାତଗଣ୍ଠି ପଡ଼ିଥିଲା। ଶୁକ୍ରବାର ଥିଲା ଚତୁର୍ଥୀ। ଏହାପରେ ଏକ ନୂଆ ଜୀବନ ଆରମ୍ଭ କରିଥାନ୍ତେ ନବଦମ୍ପତି। ହେଲେ ସବୁ କିଛି ଓଲଟପାଲଟ ହୋଇଗଲା। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଡେପୁଟେଶନ ଦୌଡ଼**

# ଡିଜେ ଶବ୍ଦ ନେଲା ବର ଜୀବନ

**ପାଟନା, ୩।୩**

ବିହାର ସମସ୍ତିପୁର ଜିଲାରେ ଏକ ବିବାହ ଉତ୍ସବ ଶୋକାକୁଳ ପରିବେଶରେ ପରିଣତ ହୋଇଛି। ଗତ ବୁଧବାର ବିବାହ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ବରକନ୍ୟା ପରସ୍ପରକୁ ବରଣମାଳା ପିନ୍ଧାଇ ସାରିଥିଲେ। କିଛି ସମୟ ପରେ କନ୍ୟା ବିଦା ପର୍ବ ଆରମ୍ଭ ହୋଇଥାନ୍ତା। ଏହା ପୂର୍ବରୁ ସେଠାରେ ଘଟିଲା ଅଘଟଣ। ବିବାହ ଉତ୍ସବରେ ବାଜୁଥିବା ଡିଜେ ବର ସୁରେନ୍ଦ୍ର କୁମାରଙ୍କ ପାଇଁ କାଳ ହେଲା। ଏହାର ଉଚ୍ଚ ଶବ୍ଦରେ ସୁରେନ୍ଦ୍ର କୁମାର ଅସୁସ୍ଥ ଅନୁଭବ କରିବା ସହ ଷ୍ଟେଜ୍ ଉପରେ ଟଳିପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ହସ୍ପିଟାଲ ଓ ପରେ ସୀତାମାଢ଼ିକୁ ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଡିଜେ ଶବ୍ଦରେ ଅସୁସ୍ଥ ଅନୁଭବ କରୁଥିବା ନେଇ ସୁରେନ୍ଦ୍ର ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣି ନ ଥିଲେ।



**ବରଣମାଳା ପରେ ଷ୍ଟେଜ୍‌ରେ ଟଳିପଡ଼ିଲେ**

ଡିଜେ ବଜାଇବା ଉପରେ କଟକଣା ରହିଥିଲେ ମଧ୍ୟ ଏହାକୁ କଡ଼ାକଡ଼ି ପାଳନ କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ଅପ୍ରୀତିକର ସ୍ଥିତି ଉପୁଜୁଛି। ଡିଜେ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ସାମାଜିକ କର୍ମୀ ଡ. ରାଜୀବ କୁମାର ମିଶ୍ରା ପ୍ରଶାସନ ନିକଟରେ ଦାବି କରିଛନ୍ତି।



ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଜାମିନ ପାଇଁ ଶୁକ୍ରବାର ସ୍ଥାନୀୟ ଏକ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସ୍ୱତନ୍ତ୍ର ବିଚାରପତି ଏମ୍.କେ. ନାଗପାଲଙ୍କ କୋର୍ଟରେ ଶନିବାର ଜାମିନ ଆବେଦନର ବିଚାର ହୋଇପାରେ। ଶନିବାର ସିସୋଡିଆଙ୍କ ସିବିଆଇ ରିମାଣ୍ଡ ଅବଧି ଶେଷ ହେଉଥିବାରୁ ତାଙ୍କୁ କୋର୍ଟରେ ହାଜର କରାଯିବ। ଅବକାରୀ ଦୁର୍ନୀତି ମାମଲାରେ ଗତ ରବିବାର ସିବିଆଇ ସିସୋଡିଆଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ହିଜାବ ମାମଲା: ୩ ଜଣିଆ ଖଣ୍ଡପୀଠରେ ହେବ ଶୁଣାଣି

**ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୩।୩(ପି.ଟି.):** କର୍ଣ୍ଣାଟକରେ ଦ୍ୱିତୀୟ ପିୟୁସି (ଦ୍ୱାଦଶ ଶ୍ରେଣୀ) ପରୀକ୍ଷା ଆସନ୍ତା ୯ରୁ ଆରମ୍ଭ ହେବାକୁ ଥିବାବେଳେ ଛାତ୍ରୀମାନେ ହିଜାବ ପିନ୍ଧି ପରୀକ୍ଷା ହଲ୍‌ରେ ପ୍ରବେଶ କରିପାରିବେ ନାହିଁ ବୋଲି ଶୁକ୍ରବାର ରାଜ୍ୟ ଶିକ୍ଷାମନ୍ତ୍ରୀ ବି.ସି. ନଗେଶ ସ୍ପଷ୍ଟ କରିଦେଇଛନ୍ତି। ସରକାରୀ ସ୍କୁଲଗୁଡ଼ିକରେ ଛାତ୍ରୀମାନଙ୍କୁ ହିଜାବ ପିନ୍ଧି ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ ନିମନ୍ତେ କେତେଜଣ ମୁସଲମାନ ଛାତ୍ରୀ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହାର ଶୁଣାଣି ପାଇଁ ୩ ଜଣିଆ ଖଣ୍ଡପୀଠ ଗଠନ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ଶୁକ୍ରବାର କହିଛନ୍ତି। ୫ ଦିନ ପରେ ପରୀକ୍ଷା। ହିଜାବ ପିନ୍ଧିବାକୁ ଅନୁମତି ନ ମିଳିଲେ ପରୀକ୍ଷା ଦେଇ ନ ପାରି ମୁସଲମାନ ଛାତ୍ରୀମାନେ ଆଉ ଏକ ଶିକ୍ଷାବର୍ଷ ହରାଇବେ। ତେଣୁ ପିଟିଶନର ଶୀଘ୍ର ଶୁଣାଣି ପାଇଁ ମହିଳା ଆଇନଜୀବୀ ଅଦାଲତଙ୍କୁ ଅନୁରୋଧ କରିଥିଲେ। ହୋଲି ଛୁଟି ପରେ ଶୁଣାଣି ହେବ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

### ହସ୍ପିଟାଲରେ ସୋନିଆ

**ନୂଆଦିଲ୍ଲୀ, ୩।୩:** କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଜ୍ୱର ହୋଇଥିବାରୁ ସେ ଗୁରୁବାର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ହସ୍ପିଟାଲ ପକ୍ଷରୁ ଶୁକ୍ରବାର ଜାରି ବୁଲେଟିନ୍‌ରେ କୁହାଯାଇଛି। ଚେଷ୍ଟ ମେଡିସିନ୍ ବିଭାଗର ବରିଷ୍ଠ କନ୍‌ସଲ୍ଟାଣ୍ଟ ଅରୂପ ବସୁଙ୍କ ତତ୍ତ୍ୱାବଧାନରେ ତାଙ୍କ ଟିମ୍ ସୋନିଆଙ୍କ ଚିକିତ୍ସା କରୁଛନ୍ତି।

### ନାବାଳିକା ପାଟିରେ ଜଳନ୍ତା କାଠ ପୂରାଇଲେ

**ମହାସମୁନ୍ଦ, ୩।୩:** ଛତିଶଗଡ଼ର ମହାସମୁନ୍ଦ ଜିଲାରେ ଥିବା ଏକ ଆଶ୍ରମରେ ୧୩ ବର୍ଷର ବାଳିକାଙ୍କୁ ମାଡ଼ ମାରିବା ସହ ତାଙ୍କ ପାଟିରେ ଜଳନ୍ତା କାଠ ଭର୍ତ୍ତି କରିଦିଆଯାଇଥିଲା। ଗତ ମାସ ୨୪ରେ ପଟେରପାଲି ଗ୍ରାମରେ ଥିବା ଜୟ ଗୁରୁଦେବ ମାନସ ଆଶ୍ରମରେ ଏଭଳି ଘଟଣା ଘଟିଥିଲା। ପୀଡ଼ିତାଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଆଶ୍ରମ ପରିଚାଳକ ତଥା ମୁଖ୍ୟ ଗୁରୁଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ମାନସିକ ରୋଗାକ୍ରାନ୍ତ ରାୟପୁର ଜିଲା ଅଭାନପୁର ଅଞ୍ଚଳର ନାବାଳିକାଙ୍କୁ ଝଡ଼ାଫୁଙ୍କା ଜରିଆରେ ଭଲ କରିଦେବା ପାଇଁ ଆଶ୍ରମକୁ ଅଣାଯାଇଥିଲା। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ପ୍ରଥମେ ବାଗବହରା ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ରାୟପୁରର ଅରଙ୍ଗସ୍ଥିତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

**ଉଜ୍‌ବେକିସ୍ତାନ ଶିଶୁ ମୃତ୍ୟୁ ଘଟଣା**

### ନୋଏଡା ସିରପ୍ କମ୍ପାନୀର ୩ କର୍ମଚାରୀ ଗିରଫ

**ନୋଏଡ଼ା, ୩।୩:** ଗତବର୍ଷ ଡିସେମ୍ବରରେ ଉଜ୍‌ବେକିସ୍ତାନରେ କଫ୍ ସିରପ୍ ଡୋକ୍-୧ ଖାଇ ୧୮ ଶିଶୁଙ୍କ ମୃତ୍ୟୁ ଘଟଣାରେ ନୋଏଡ଼ା ପୋଲିସ ଶୁକ୍ରବାର ସିରପ୍ ପ୍ରସ୍ତୁତକାରୀ ମାରିଅନ୍ ବାୟୋଟେକ୍ କମ୍ପାନୀର ୩ କର୍ମଚାରୀଙ୍କୁ ଗିରଫ କରିଛି। କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ)ର ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଅଭିଯୋଗକ୍ରମେ ଗୁରୁବାର ରାତିରେ କମ୍ପାନୀର ୨ ନିର୍ଦ୍ଦେଶକଙ୍କ ସମେତ ୫ ଜଣଙ୍କ ବିରୋଧରେ ଏତଲା ଦାଏର କରାଯାଇଥିଲା। କେନ୍ଦ୍ର ଏବଂ ଉତ୍ତରପ୍ରଦେଶ ରାଜ୍ୟ ଔଷଧ କର୍ତ୍ତୃପକ୍ଷ ମାରିଅନ୍ ବାୟୋଟେକ୍‌ର ଔଷଧ ନମୁନା ଯାଞ୍ଚ କରିବା ପରେ ୨୨ଟିର ମାନ ସନ୍ତୋଷଜନକ ନୁହେଁ ବୋଲି ରିପୋର୍ଟ ଦେଇଥିଲେ। ଔଷଧରେ ଭେଜାଲ ହେଉଥିବା ଅଭିଯୋଗ ହୋଇଥିଲା। ମୁଖ୍ୟ ଅପରେଟର ତୁହିନ୍ ଭଟ୍ଟାଚାର୍ଯ୍ୟ, ମ୍ୟାନୁଫାକ୍ଚରିଂ କେମିଷ୍ଟ ଅତୁଲ ରାୱତ ଏବଂ ଆନାଲିଟିକାଲ କେମିଷ୍ଟ ମୁଲ୍ ସିଂଙ୍କୁ ଗିରଫ କରାଯାଇଥିବାବେଳେ ୨ ନିର୍ଦ୍ଦେଶକ ଫେରାର ହୋଇଯାଇଛନ୍ତି।

### ସ୍ତ୍ରୀ, ପୁଅଙ୍କୁ ହତ୍ୟା ମାମଲାରେ ଆମେରିକା ଆଇନଜୀବୀ ଦୋଷୀ

**ୱାଶିଂଟନ, ୩।୩:** ସ୍ତ୍ରୀ ଓ ପୁଅଙ୍କୁ ହତ୍ୟା କରିବା ମାମଲାରେ ଆମେରିକାର ଆଇନଜୀବୀ ଆଲେକ୍ସ ମୁର୍ଡାଉଗ୍ ଦୋଷୀସାବ୍ୟସ୍ତ ହୋଇଛନ୍ତି। ସାଉଥ୍ କାରୋଲିନାର ଏକ ଖ୍ୟାତନାମା ବିଚାରପତି ଓ ଆଟର୍ନି ପରିବାରର ଦାୟାଦ ମୁର୍ଡାଉଗ୍(୫୪) ୨୦୨୧ ଜୁନ୍ ୭ରେ ତାଙ୍କ ପୁଅ ପାଉଲ୍‌ଙ୍କୁ ଶଟ୍‌ଗନ୍‌ରେ ଏବଂ ସ୍ତ୍ରୀ ମାଗିଙ୍କୁ ରାଇଫଲରେ ଗୁଳିକରି ହତ୍ୟା କରିଥିଲେ। ତାଙ୍କୁ ସର୍ବନିମ୍ନ ୩୦ ବର୍ଷ କିମ୍ବା ସର୍ବାଧିକ ଆଜୀବନ ଜେଲ ହୋଇପାରେ ବୋଲି କୁହାଯାଇଛି।



ରାଜସ୍ଥାନର ଜୟପୁରସ୍ଥିତ ଗୋବିନ୍ଦ ଦେବଜୀ ମନ୍ଦିରରେ ହୋଲି ପାଇଁ ରାଧା ଓ କୃଷ୍ଣ ଭୂମିକାରେ ଦୁଇ କଳାକର।

# ଅତୃପ୍ତ ସମ୍ପତ୍ତି ଲୋଭ ଯୋଗୁ କ୍ୟାନ୍‌ସର ଭଳି ବଢୁଛି ଦୁର୍ନୀତି

**ନୂଆଦିଲ୍ଲୀ, ୩।୩(ପି.ଟି.)**

ସମ୍ପତ୍ତି ହାସଲ କରିବାର ଅତୃପ୍ତ ଲୋଭ ଯୋଗୁ ସମାଜରେ ଦୁର୍ନୀତି କ୍ୟାନ୍‌ସର ଭଳି ମାଡ଼ିଚାଲିଛି। ଦୁର୍ନୀତିକୁ ଆଦୌ ବରଦାସ୍ତ ନ କରିବା ଏବଂ ଏଭଳି ଅପରାଧ ମାମଲାର ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସାମ୍ବିଧାନିକ ଅଦାଲତଗୁଡ଼ିକର କର୍ତ୍ତବ୍ୟ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସମ୍ପତ୍ତିର ସୁଷମ ବଣ୍ଟନ ଲକ୍ଷ୍ୟ ହାସଲର ପ୍ରୟାସ ଦ୍ୱାରା ଭାରତର ଜନସାଧାରଣଙ୍କୁ ସାମାଜିକ ନ୍ୟାୟ ସୁନିଶ୍ଚିତ କରାଇବା ସମ୍ବିଧାନର ପ୍ରସ୍ତାବନାରେ ପ୍ରତିଶ୍ରୁତି ଦିଆଯାଇଛି। ତେବେ ଏହାକୁ ହାସଲ କରିବାରେ ଦୁର୍ନୀତି ସବୁଠୁ ବଡ଼ ପ୍ରତିବନ୍ଧକ ସାଜିଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ଛତିଶଗଡ଼ ହାଇକୋର୍ଟଙ୍କ ଏକ ରାୟକୁ ଖାରଜ କରିବା ଅବସରରେ ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।



ଛତିଶଗଡ଼ର ପୂର୍ବତନ ପ୍ରମୁଖ ସଚିବ ଅମନ ସିଂ ଓ ତାଙ୍କ ସ୍ତ୍ରୀ ବିପୁଳ ପରିମାଣରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଏକ ଏତଲାକୁ ହାଇକୋର୍ଟ ଖାରଜ କରିଦେଇଥିବାରୁ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦୁର୍ନୀତି ଏକ ବ୍ୟାଧିରେ ପରିଣତ ହୋଇଛି। ସବୁ ବର୍ଗର ଲୋକ ଏହାର ଉପସ୍ଥିତି ଅନୁଭବ କରୁଛନ୍ତି। ଏହା କେବଳ ଶାସନ କାର୍ଯ୍ୟ ପରିସରରେ ସୀମିତ ହୋଇ ରହିନାହିଁ, ଜଣକ ଜୀବନର ମାଧ୍ୟମ ପାଲଟିଗଲାଣି ବୋଲି ଦାୟିତ୍ୱବାନ୍ ନାଗରିକ କହୁଥିବା ଖଣ୍ଡପୀଠ ମତ ଦେଇଛନ୍ତି।

# ଇରାନ ସ୍କୁଲ ଛାତ୍ରୀଙ୍କୁ ବିଷ

## ଅନ୍ତର୍ଜାତୀୟ ସ୍ତରରେ ତଦନ୍ତ ଦାବି ଜୋର୍ ଧରିଲା

**ତେହରାନ/ବର୍ଲିନ/ଜେନେଭା,୩।୩**



ଗତ ଡିସେମ୍ବର ୧୬ରେ ମୋରାଲଟି ପୋଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନରେ କୁର୍ଦ୍ଦିଶ୍ ଯୁବତୀ ମହସା ଅମିନୀଙ୍କ ଜୀବନ ଯିବା ପରେ ଇରାନ୍‌ରେ ହିଜାବ ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏହି ଆନ୍ଦୋଳନର ନିଆଁ ନ ଲିଭୁଣୁ ସ୍କୁଲଗୁଡ଼ିକରେ ଛାତ୍ରୀମାନଙ୍କୁ ବିଷ ଦିଆଯାଉଥିବା ଖବର ପ୍ରଘଟ ହେବା ପରେ ରୂଢ଼ିବାଦୀ ସରକାର ହରଡ଼ଘଣାରେ ପଡ଼ିଛନ୍ତି। ଏ ନେଇ ଅନ୍ତର୍ଜାତୀୟ ସ୍ତରରେ ତଦନ୍ତ ଦାବି ଜୋର୍ ଧରିଥିବାବେଳେ ଘଟଣା ପାଇଁ ରାଷ୍ଟ୍ରପତି ଇବ୍ରାହିମ୍ ରଇସି ଦେଶର ଶତ୍ରୁମାନଙ୍କୁ ଦାୟୀ କରିଛନ୍ତି। ଅଦ୍ୟାବଧି ୪ ସହରରେ ଥିବା ୩୦ରୁ ଊର୍ଦ୍ଧ୍ୱ ସ୍କୁଲର ଶତାଧିକ ଛାତ୍ରୀଙ୍କୁ ବିଷ ଦିଆଯାଇଛି। ଏହି ଜଘନ୍ୟକାଣ୍ଡ ସାମ୍ନାକୁ ଆସିବା ପରେ ଛାତ୍ରୀଙ୍କ ମାତାପିତା ସେମାନଙ୍କୁ ସ୍କୁଲରେ ପାଠ ନ ପଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ନାରୀ ଶିକ୍ଷାକୁ ବିରୋଧ କରୁଥିବା ଧର୍ମାନ୍ଧ ଗୋଷ୍ଠୀ ଏପରି କରିଥିବା କେତେଜଣ ନେତା କହିଛନ୍ତି। ରାଷ୍ଟ୍ରପତି ରଇସି ଶୁକ୍ରବାର କହିଛନ୍ତି, ଦେଶରେ ଅରାଜକତା ସୃଷ୍ଟି ଲାଗି ତେହରାନ୍‌ର ଶତ୍ରୁମାନେ ଏପରି କରିଛନ୍ତି। ଛାତ୍ରୀ ଓ ଅଭିଭାବକଙ୍କ ମନରେ ଆତଙ୍କ ଭରିଦେବା ହେଉଛି ସେମାନଙ୍କ ଉଦ୍ଦେଶ୍ୟ। ତେବେ ସବୁ କଥାରେ ଆମେରିକାକୁ ଦୋଷ ଦେଉଥିବା ରଇସି ଏଥର କାହାର ନାମ ଧରି ନାହାନ୍ତି। ଅନ୍ୟପକ୍ଷେ ଜେନେଭାସ୍ଥିତ ଜାତିସଂଘ ମାନବ ଅଧିକାର ଅଫିସରେ ଏହାର ତଦନ୍ତ ଦାବି ଉଠିଛି। ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତ ରବିନା ଶମ୍‌ଦାସନୀ କହିଛନ୍ତି, ଛାତ୍ରୀମାନଙ୍କୁ ଟାର୍ଗେଟ କରି ବିଷ ଦିଆଯିବା ଚିନ୍ତାର ବିଷୟ। ଏହି ଆକ୍ରମଣର ନିରପେକ୍ଷ ତଦନ୍ତ କରାଯାଉ। ସରକାରୀ ତଦନ୍ତର ତଥ୍ୟ ସାର୍ବଜନୀନ କରାଯିବା ଏବଂ ଦୋଷୀଙ୍କୁ ଦଣ୍ଡିତ କରିବା ଜରୁରୀ। ଜର୍ମାନୀ ବହିର୍ବ୍ୟାପାର ମନ୍ତ୍ରୀ ଆନ୍ନାଲେନା ବାଏରବୋକ୍ କହିଛନ୍ତି, ବିଭିନ୍ନ ସ୍କୁଲର ଶତାଧିକ ଇରାନୀୟ ଛାତ୍ରୀଙ୍କୁ କିଛିମାସ ହେଲା ସ୍ଲୋ ପୋଇଜନ୍ ଦିଆଯାଇଛି। ଛାତ୍ରୀମାନେ ନିର୍ଭୟରେ ସ୍କୁଲ ଯିବା ପାଇଁ ସକ୍ଷମ ହେବା ଜରୁରୀ। ଏହା ସେମାନଙ୍କ ମାନବାଧିକାରଠାରୁ କିଛି କମ୍ ନୁହେଁ। ସବୁ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ନିହାତି ଆବଶ୍ୟକ ବୋଲି ଜର୍ମାନୀ ମନ୍ତ୍ରୀ ଆନ୍ନାଲେନା ଟୁଇଟ୍ କରିଛନ୍ତି। ପ୍ରକାଶ ଯେ, ଏହି ବିଚଳିତ କରିଦେବା ଭଳି ଅଭିଯୋଗର ତଦନ୍ତ ପାଇଁ ବୁଧବାର ଆମେରିକା ପରରାଷ୍ଟ୍ର ବିଭାଗ ମଧ୍ୟ ଦାବି କରିଥିଲା।

- ଶିଆ ବହୁଳ ସହର କୋମ୍‌ର ସ୍କୁଲଗୁଡ଼ିକରେ ଛାତ୍ରୀମାନଙ୍କୁ ପାଠପଢ଼ାରୁ ବଞ୍ଚିତ କରିବା ପାଇଁ କେତେଜଣ ବ୍ୟକ୍ତି ବିଷ ଦେଇଥିବା ବିଷୟ ନିକଟରେ ସ୍ୱାସ୍ଥ୍ୟ ବିଭାଗର ଉପମନ୍ତ୍ରୀ ୟୋଉନେସ୍ ପନାହି ଗଣମାଧ୍ୟମକୁ କହିଥିଲେ।
- ଗତ ନଭେମ୍ବରରେ ଛାତ୍ରୀଙ୍କ ଶ୍ୱାସକ୍ରିୟାରେ ଅସୁବିଧା ହେବାରୁ ସେମାନଙ୍କ ଶରୀରରେ ରାସାୟନିକ ପଦାର୍ଥ ପ୍ରୟୋଗ କରାଯାଇଥିବା ଜଣାପଡ଼ିଥିଲା।
- ଫେବୃୟାରୀ ୧୪ରେ ଗଭର୍ନର ହାଉସ୍ ସମ୍ମୁଖରେ ଅସୁସ୍ଥ ଛାତ୍ରୀମାନଙ୍କ ମାତାପିତା ବିକ୍ଷୋଭ କରିବା ସହ ଏନେଇ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ।
- ଏହାର ଦିନକ ପରେ ସରକାରୀ ମୁଖପାତ୍ର ଅଲୀ ବାହାଦୋରି ଜାହରୋମି କହିଥିଲେ, ଗୋଇନ୍ଦା ମନ୍ତ୍ରୀ ଓ ଶିକ୍ଷା ମନ୍ତ୍ରୀ ବିଷକ୍ରିୟାର କାରଣ ଖୋଜୁଛନ୍ତି।
- ଗତ ସପ୍ତାହରେ ପ୍ରୋସିକ୍ୟୁଟର ଜେନେରାଲ ମହମ୍ମଦ ଜାଫର ମୋଣ୍ଟାଜେରି ଏହାର ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

## ବିଜୟ ମାଲ୍ୟାଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ



**ନୂଆଦିଲ୍ଲୀ, ୩।୩**

ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପଳାତକ ଆର୍ଥିକ ଅପରାଧୀ ଘୋଷଣା କରି ତାଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବା ଲାଗି ମୁମ୍ବାଇ କୋର୍ଟରେ ମକଦ୍ଦମା ଚାଲିଛି। ଏହାକୁ ଚ୍ୟାଲେଞ୍ଜ କରି ମାଲ୍ୟା ଦାଏର କରିଥିବା ପିଟିଶନ ଶୁକ୍ରବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ତେବେ ମାଲ୍ୟାଙ୍କଠାରୁ ତାଙ୍କ ଓକିଲଙ୍କୁ ଏହି ମାମଲାରେ କୌଣସି ନିର୍ଦ୍ଦେଶ ମିଳି ନ ଥିବା ସେ ଅଦାଲତଙ୍କୁ ଜଣାଇବା ପରେ ଜଷ୍ଟିସ୍ ଅଭୟ ଏସ୍.ଓକା ଏବଂ ରାଜେଶ ବିନ୍ଦଲଙ୍କ ଖଣ୍ଡପୀଠ ପିଟିଶନକୁ ଖାରଜ କରିଦେଇଥିଲେ।

# ନୋବେଲ ବିଜେତାଙ୍କୁ ୧୦ ବର୍ଷ ଜେଲ

**ମସ୍କୋ,୩।୩**

ବେଲାରୁଷର ଏକ କୋର୍ଟ ନୋବେଲ ଶାନ୍ତି ପୁରସ୍କାର ବିଜେତା ତଥା ମାନବାଧିକାର କର୍ମୀ ଆଲେସ୍ ବିଆଲିଆଟ୍‌ସ୍କିଙ୍କୁ ଶୁକ୍ରବାର ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ବିକ୍ଷୋଭ ପାଇଁ ପାଣ୍ଠି ଯୋଗାଣ ସମେତ ଅନ୍ୟ କେତେକ ଆପରାଧିକ ମାମଲାରେ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ତେବେ ଅଧିକାର ଗୋଷ୍ଠୀଗୁଡ଼ିକ ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ରାୟ ଦର୍ଶାଇ ନିନ୍ଦା କରିଛନ୍ତି।

୬୦ ବର୍ଷୀୟ ଆଲେସ୍ ହେଉଛନ୍ତି ମାନବ ଅଧିକାର ଗୋଷ୍ଠୀ 'ଭିଆସ୍‌ନା'ର ସହପ୍ରତିଷ୍ଠାତା। ମାନବାଧିକାର ଓ ଗଣତନ୍ତ୍ର ପ୍ରତି ଆଲେସ୍‌ଙ୍କ ଅବଦାନକୁ ନେଇ ଗତବର୍ଷ ଅକ୍ଟୋବରରେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ରୁଷୀୟ ମାନବାଧିକାର ଗୋଷ୍ଠୀ 'ମେମୋରିଆଲ୍' ଏବଂ ୟୁକ୍ରେନ୍‌ର 'ସେଣ୍ଟର ଫର୍ ସିଭିଲ ଲିବର୍ଟିଜ୍' ସହ



ଆଲେସ୍ ବିଆଲିଆଟ୍‌ସ୍କି

ଆଲେସ୍ ମିଳିତ ଭାବେ ଏହାକୁ ଗ୍ରହଣ କରିଥିଲେ। ୨୦୨୦ରେ ଆଲେକ୍‌ଜାଣ୍ଡାର ଲୋକୋଶେଙ୍କୁ ବେଲାରୁଷ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ବର୍ଷାଧିକ କାଳ ଧରି ଚାଲିଥିବା ସରକାର ବିରୋଧୀ ବିକ୍ଷୋଭର ସେ ଜଣେ ପ୍ରମୁଖ ଚେହେରା। ଜେଲରେ ଥିବା ଆନ୍ଦୋଳନକାରୀମାନଙ୍କୁ ତାଙ୍କ ସଂସ୍ଥା ଆଇନଗତ ଓ ଆର୍ଥିକ ସହାୟତା

**ବିକ୍ଷୋଭ ପାଇଁ ପାଣ୍ଠି ଯୋଗାଣ ସମେତ ବିଭିନ୍ନ ଆପରାଧିକ ମାମଲାରେ ଦୋଷୀ**

ଦେଇଥିଲା। ଆଲେସ୍ ଓ ତାଙ୍କ ଦୁଇଜଣ ସହଯୋଗୀଙ୍କୁ ୨୦୨୧ରେ ଗିରଫ କରାଯାଇଥିଲା। ଅଭିଯୋଜନକାରୀ ପକ୍ଷମାନେ ଆଲେସ୍‌ଙ୍କୁ ୧୨ ବର୍ଷ ଜେଲଦଣ୍ଡ ଦିଆଯାଉ ବୋଲି ମିନ୍‌ସ୍କ କୋର୍ଟଙ୍କୁ ନିବେଦନ କରିଥିଲେ। ନିର୍ବାସିତ ବେଲାରୁଷୀୟ ବିରୋଧୀ ନେତା ସିଆଟଲାନା ତିଖାନୋଉସକାୟା ଟୁଇଟର୍‌ରେ କହିଛନ୍ତି, ଆଲେସ୍ ଏବଂ ଅନ୍ୟ ଆକ୍ଟିଭିଷ୍ଟମାନଙ୍କୁ ଉପଯୁକ୍ତ ଶୁଣାଣି ନ କରି ଦଣ୍ଡିତ କରାଯାଇଛି। ଏହାକୁ ଉପର କୋର୍ଟରେ ଚ୍ୟାଲେଞ୍ଜ କରାଯିବା ଉଚିତ। ଏହି ଲଜ୍ଜାକର ଅନ୍ୟାୟ ବିରୋଧରେ ଆମେ ଲଢ଼େଇ କରି ସେମାନଙ୍କୁ ମୁକ୍ତ କରିବୁ।

# ମୋ ପଛରେ 'ପେଗାସସ୍' ଲଗାଇଥିଲା କେନ୍ଦ୍ର: ରାହୁଲ

**ଲଣ୍ଡନ, ୩।୩**

ଇସ୍ରାଏଲ୍‌ର ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ବିକଶିତ ପେଗାସସ୍ ସ୍ପାଏୱେରକୁ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ସମେତ ଅନେକ ନେତାଙ୍କ ଫୋନ୍‌ରେ ଗୁପ୍ତଚରଗିରି ଉଦ୍ଦେଶ୍ୟରେ ଇନ୍‌ଷ୍ଟଲ୍ କରାଯାଇଥିଲା। ସେହି ସମୟରେ ଗୋଇନ୍ଦା ଅଧିକାରୀମାନେ ରାହୁଲଙ୍କୁ କହିଥିଲେ, ଫୋନ୍‌ରେ କଥା ହେବାବେଳେ ଦୟାକରି ସତର୍କ ରୁହନ୍ତୁ। କାରଣ ଆପଣଙ୍କ ଫୋନ୍ ବାର୍ତ୍ତାଳାପକୁ ଆମେ ରେକର୍ଡିଂ କରୁଛୁ। କେମ୍ବ୍ରିଜ୍ ୟୁନିଭର୍ସିଟିର ଜଜ୍ ବିଜ୍‌ନେସ୍ ସ୍କୁଲରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଇଥିବା ଭାଷଣର ଏହି ୟୁଟ୍ୟୁବ୍ ଭିଡିଓକୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପ୍ରାକ୍ତନ ପରାମର୍ଶଦାତା ସାମ୍ ପିଟ୍ରୋଡା ଟୁଇଟର୍‌ରେ ପୋଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟଙ୍କ ସମେତ ବିଶ୍ୱର ୫୦,୦୦୦ ଜଣଙ୍କୁ ପେଗାସସ୍ ଜରିଆରେ ଟାର୍ଗେଟ କରାଯାଇଥିବା ବିଷୟ ୨୦୨୧ ଜୁଲାଇରେ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ଏକ ଅନ୍ତର୍ଜାତୀୟ ଗୋଷ୍ଠୀ ଅନୁସନ୍ଧାନରୁ ଜାଣିବା ପରେ ପ୍ରଘଟ କରିଥିଲା। ସେହି ବର୍ଷ ଅଗଷ୍ଟରେ କେନ୍ଦ୍ର ସରକାର ଭାରତୀୟଙ୍କ ପଛରେ ପେଗାସସ୍‌କୁ ଲଗାଇଥିବା ଅଭିଯୋଗକୁ ମାନି ନ ଥିଲେ କି ଖଣ୍ଡନ ମଧ୍ୟ କରି ନ ଥିଲେ। ଏହା ଉପରେ ପ୍ରଘଟ ହେଲେ ଜାତୀୟ ସ୍ୱାର୍ଥ ଉପରେ ଆଞ୍ଚ ଆସିବ ବୋଲି ଆଇନଜୀବୀ, ରାଜନେତା, ଖବରଦାତା ଓ ସିଭିଲ୍ ରାଇଟ୍ସ ଆକ୍ଟିଭିଷ୍ଟମାନଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଦାଏର ଏକ ପିଟିଶନ ଉପରେ ସରକାର ମତ ରଖିଥିଲେ। ତେବେ ସରକାରଙ୍କ ଦ୍ୱାରା ପେଗାସସ୍ ଗୁପ୍ତଚରଗିରିର ତଦନ୍ତ ପାଇଁ ଗତବର୍ଷ ଅଗଷ୍ଟରେ ସୁପ୍ରିମକୋର୍ଟ ନିଯୁକ୍ତ ବୈଷୟିକ କମିଟି ସ୍ପାଏୱେର୍ ୨୯ ମୋବାଇଲ୍ ଯାଞ୍ଚ କରି ସେଗୁଡ଼ିକରେ ସ୍ପାଏୱେର ମିଳି ନ ଥିବା କହିଥିଲା। କିନ୍ତୁ ତହିଁରୁ ୫ ମୋବାଇଲ୍ ଫୋନ୍‌ରେ ମାଲ୍‌ୱେର ଠାବ ହୋଇଥିବା କମିଟି ସଦସ୍ୟମାନେ କହିଥିଲେ। କମିଟି ରିପୋର୍ଟ ପଢ଼ିବା ପରେ ଖଣ୍ଡପୀଠ କହିଥିଲେ, ଫୋନ୍‌ଗୁଡ଼ିକରେ ଥିବା ମାଲ୍‌ୱେର ପେଗାସସ୍ ନୁହେଁ ବୋଲି ଟେକ୍ନିକାଲ କମିଟି ନିଜ ରିପୋର୍ଟରେ ଦର୍ଶାଇବା ଚିନ୍ତାର ବିଷୟ।

## ପୱନ ଖେରାଙ୍କ ଜାମିନ ମିଆଦ ୧୭ ଯାଏ ବଢ଼ିଲା

**ନୂଆଦିଲ୍ଲୀ, ୩।୩(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ମାମଲାରେ କଂଗ୍ରେସ ନେତା ପୱନ ଖେରାଙ୍କ ଜାମିନ ମିଆଦକୁ ସୁପ୍ରିମକୋର୍ଟ ଶୁକ୍ରବାର ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣିକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ପି.ଏସ୍.. ନରସିଂହ ଏବଂ ଜେ.ବି. ପର୍ଦ୍ଦିୱାଲାଙ୍କ ଖଣ୍ଡପୀଠ ମାର୍ଚ୍ଚ ୧୭କୁ ଧାର୍ଯ୍ୟ କରିଛନ୍ତି। ଆସାମ ଓ ଉତ୍ତରପ୍ରଦେଶର ଜବାବ ରେକର୍ଡ ହୋଇ ନ ଥିବାରୁ ହୋଲି ଛୁଟି ପରେ ଆବେଦନର ଶୁଣାଣି କରାଯିବ। ସୂଚନାଯୋଗ୍ୟ, ଗତ ମାସ ଫେବୃୟାରୀରେ ମୁମ୍ବାଇରେ ଏକ ଖବରଦାତା ସମ୍ମିଳନୀରେ ଖେରା ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ରାୟପୁର ଯିବା ଲାଗି ଖେରା ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିବାବେଳେ ଆସାମ ପୋଲିସ ତାଙ୍କୁ ଗିରଫ କରିଥିଲା।

**ଆତଙ୍କବାଦ ମୁକାବିଲା**

# କ୍ୱାଡ୍ କାର୍ଯ୍ୟକାରୀ ଗୋଷ୍ଠୀ ଗଢ଼ାହେବ

**ନୂଆଦିଲ୍ଲୀ, ୩।୩(ପି.ଟି.)**

ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆକୁ ନେଇ ଗଠିତ କ୍ୱାଡ୍ ରାଷ୍ଟ୍ରଗୋଷ୍ଠୀର ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ବୈଠକ ଶୁକ୍ରବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ମୁକ୍ତ ଓ ଅବାଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଏହି ଗୋଷ୍ଠୀର ପ୍ରତିଶ୍ରୁତିକୁ ବୈଠକରେ ପୁନର୍ବାର ଦୋହରାଯିବା ସହ ଆଇନର ଶାସନ, ସାର୍ବଭୌମତ୍ୱ, ଆଞ୍ଚଳିକ ସଂହତିକୁ ସମ୍ମାନ ଦେଇ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନକୁ ବହିର୍ବ୍ୟାପାର ମନ୍ତ୍ରୀମାନେ ଦୃଢ଼ ସମର୍ଥନ ଜଣାଇଥିଲେ। ଏହା ପରୋକ୍ଷରେ ଚାଇନାକୁ ଏକ ବାର୍ତ୍ତା ବୋଲି କୁହାଯାଉଛି। ଆତଙ୍କବାଦର

**କ୍ୱାଡ୍ ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ଘୋଷଣା**



କ୍ୱାଡ୍ ବୈଠକ ପୂର୍ବରୁ ପେନି ଓଙ୍ଗ୍,ଏସ୍ ଜୟଶଙ୍କର, ଆଣ୍ଟୋନି ବ୍ଲିଙ୍କେନ୍, ୟୋଶିମାସା ହାୟାଶି।

ମୁକାବିଲା ଲାଗି କ୍ୱାଡ୍ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରାଯିବ ବୋଲି ଏହି ଅବସରରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ତାଙ୍କ ଆମେରିକା ପ୍ରତିପକ୍ଷ ଆଣ୍ଟୋନି ବ୍ଲିଙ୍କେନ୍, ଜାପାନ ପ୍ରତିପକ୍ଷ ୟୋଶିମାସା ହାୟାଶି ଏବଂ ଅଷ୍ଟ୍ରେଲିଆର ପେନି ଓଙ୍ଗ୍ ଘୋଷଣା କରିଥିଲେ। ଚଳିତ ବର୍ଷ ଜାପାନ ଜି୭ର ଅଧ୍ୟକ୍ଷତା କରୁଥିବାବେଳେ ଭାରତ ଜି୨୦ ଏବଂ ଆମେରିକା ଏପେକ୍ (ଏସିଆ-ପାସିଫିକ୍ ଇକୋନୋମିକ୍ କର୍ପୋରେଶନ)ର ଆୟୋଜନ କରୁଛି। ଏହି ଅବସରରେ କ୍ୱାଡ୍ ଏଜେଣ୍ଡା କାର୍ଯ୍ୟକାରୀ କରିବା ଦିଗରେ ଏକାଠି କାମ କରିବାକୁ ମନ୍ତ୍ରୀମାନେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଏହି ବୈଠକ ପରେ ୪ ବହିର୍ବ୍ୟାପାର ମନ୍ତ୍ରୀ ରାଇସିନା ଡାଇଲଗ୍‌ରେ ଭାଗନେବା ସହ କ୍ୱାଡ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସ୍ୱାର୍ଥର ମିଳିତ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବ୍ଲିଙ୍କେନ୍ ଏବଂ ୱଙ୍ଗ୍ ଜି୨୦ ବହିର୍ବ୍ୟାପାର ମନ୍ତ୍ରୀ ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଆସିଥିବାବେଳେ ହାୟାଶୀ କ୍ୱାଡ୍ ବୈଠକରେ ଯୋଗଦେବାକୁ ନୂଆଦିଲ୍ଲୀ ଆସିଛନ୍ତି।

# ଦିଲ୍ଲୀରେ ଅଟୋରେ ବୁଲିଲେ ବ୍ଲିଙ୍କେନ୍

ଜି-୨୦ ସମ୍ମିଳନୀରେ ଯୋଗଦେବାକୁ ଭାରତ ଆସିଥିବା ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ନୂଆଦିଲ୍ଲୀରେ ଏକ ଅଟୋରିକ୍ସାରେ ବୁଲୁଥିବା ଦେଖାଯାଇଛି। ଶୁକ୍ରବାର ସେ କ୍ୱାଡ୍ ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ବୈଠକରେ ସାମିଲ ହୋଇଥିଲେ। ସେ ଏକାଧିକ ଫଟୋ ଟୁଇଟ୍ କରିବା ସହ ଭାରତ-ଆମେରିକା ରଣନୀତି ସହଯୋଗିତା ବଢ଼ାଇବାରେ ସହଯୋଗ କରିଥିବା ମୁମ୍ବାଇ, ହାଇଦ୍ରାବାଦ ସମେତ ବିଭିନ୍ନ ରାଜ୍ୟର ଆମେରିକା କନ୍‌ସୁଲେଟ୍‌ର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।






# ଓଡ଼ିଶାର ମା'ମାନେ ଏବେ ରୂପାନ୍ତରର ସାରଥି: ମୁଖ୍ୟମନ୍ତ୍ରୀ

## ଅନ୍ତର୍ଜାତୀୟ ମହିଳା ଦିବସର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩।୩(ବ୍ୟୁରୋ)

ମହିଳା ସଶକ୍ତୀକରଣ ଏବେ କେବଳ ସ୍ଲୋଗାନ ନୁହେଁ ଏହା ବର୍ତ୍ତମାନ ଏକ ବାସ୍ତବତା। ଓଡ଼ିଶାର ମା'ମାନେ ଏବେ ରୂପାନ୍ତରର ସାରଥି ହୋଇଛନ୍ତି। ୭୦ ଲକ୍ଷ ମା'ଙ୍କ ବିଶାଳ ସଙ୍ଗଠନ ଆଜି ଏସ୍ଏଚ୍ଜିରୁ ଏସ୍ଏମ୍ଇ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଲୋକସେବା ଭବନସ୍ଥିତ କନ୍‌ଭେନସନ ସେଣ୍ଟର ଠାରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଶୁକ୍ରବାର ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ସପ୍ତାହବ୍ୟାପୀ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳାମାନେ ଉଦ୍ୟୋଗୀ ହେବାକୁ ଯାତ୍ରା ଆରମ୍ଭ କରିସାରିଛନ୍ତି। ସେମାନେ ନିଜ ପ୍ରତିଭା ଓ ଦକ୍ଷତା ଦ୍ୱାରା ସମାଜରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ସେମାନେ ପ୍ରମାଣିତ କରିପାରିଛନ୍ତି ଝିଅ ଆଜି ପରିବାର ପାଇଁ ବୋଝ ନୁହେଁ ବରଂ ମଣି।

ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସ ପାଇଁ 'ନବ ପରିବର୍ତ୍ତନ ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ଲିଙ୍ଗଗତ ସମାନତା ହାସଲ' ସମ୍ପର୍କିତ ବିଷୟବସ୍ତୁ ସମ୍ପର୍କରେ ମତ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଯୁକ୍ତି ବିଦ୍ୟା ଆମକୁ ସମାଜରେ ଲିଙ୍ଗଗତ ବିଭେଦ ଦୂରକରିବା ପାଇଁ ଏକ ଅନନ୍ୟ ସୁଯୋଗ ଦେଇଛି। ଇନୋଭେସନ ଓ ଟେକ୍ନୋଲୋଜିର ପ୍ରୟୋଗରେ ଶିକ୍ଷା, ନିଯୁକ୍ତି, କର୍ମକ୍ଷେତ୍ର ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ବିଭେଦ ଦୂରକରାଯାଇ ନାରୀମାନଙ୍କ ଅଧିକାରର ସୁରକ୍ଷା କରାଯାଇପାରୁଛି। ଇନୋଭେସନ ଏବଂ ଟେକ୍ନୋଲୋଜିର ଅଧିକ ପ୍ରୟୋଗକରି ମହିଳାଙ୍କୁ ସବୁ କ୍ଷେତ୍ରରେ ସମାନ ଅଧିକାର ପ୍ରଦାନ ସହିତ ଏକ ନ୍ୟାୟପୂର୍ଣ୍ଣ ସମାଜ ଗଠନରେ କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ରାଜ୍ୟସ୍ତରୀୟ ଉତ୍ସବରେ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ମହିଳା ଓ ଶିଶୁବିକାଶ ବିଭାଗ ମହିଳାଙ୍କ ସଶକ୍ତୀକରଣ ଓ ଅଧିକାରର ସୁରକ୍ଷା ପାଇଁ ଅନେକ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ କରୁଛି ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁବିକାଶ ବିଭାଗର ଯୁବ ମାସ୍କଟ 'କୁନି'ର ଶୁଭାରମ୍ଭ କରିଛନ୍ତି। ଏହି ମାସ୍କଟ କିଶୋରୀକିଶୋରମାନଙ୍କୁ ଶିକ୍ଷା, ଅଧିକାର ଓ ଅନ୍ୟାନ୍ୟ କ୍ଷେତ୍ରରେ ସଚେତନ କରିବା ପାଇଁ କାର୍ଯ୍ୟ କରିବ। ଏହାସହ ରାଜ୍ୟର ନୂଆ ଶିଶୁନୀତି 'ପ୍ରାରମ୍ଭ' ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହାସହିତ ଆଶୀର୍ବାଦ ଯୋଜନାର ଏମ୍ ଆଇଏସ୍ ପୋର୍ଟାଲ ଏବଂ ୱାନ୍ ଷ୍ଟପ୍ ସେଣ୍ଟର ଓ ମହିଳା ହେଲ୍‌ପଲାଇନରେ ସଫଳ ମହିଳାଙ୍କ କାହାଣୀ ଉପରେ ଏକ କେସ୍ ଷ୍ଟଡି ବୁକ୍‌ଲେଟ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବିଜୟଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ଜାନକୀ ବିଶ୍ୱାଳ ଏବଂ ବିଏମ୍‌ସି ଅଙ୍ଗନୱାଡି କର୍ମୀ ଆରତୀ ସାହୁ ପ୍ରମୁଖ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୩ ଜଣ ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ, ଶ୍ରେଷ୍ଠ ଜିଲା ସମାଜ କଲ୍ୟାଣ ଅଧିକାରୀ ଏବଂ ଶ୍ରେଷ୍ଠ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି।

# ଭିଜିଲାନ୍ସ ଜାଲରେ ବାବୁ

## ଠୁଳ କରିଛନ୍ତି ୯୧୫.୨୭ କୋଟି ବେଆଇନ ସମ୍ପତ୍ତି

ଭୁବନେଶ୍ୱର,୩।୩(ବ୍ୟୁରୋ)

ସରକାରୀ ବାବୁ ସରକାରୀ ସମ୍ପତ୍ତିର ସୁରକ୍ଷା ଦେବା ପରିବର୍ତ୍ତେ ଦୁର୍ନୀତିରେ ବୁଡ଼ି ରହୁଛନ୍ତି। ନିଜ ଆୟଠାରୁ ବହୁ ଅଧିକ ସମ୍ପତ୍ତି ଅସତ୍ ଉପାୟରେ ଠୁଳ କରୁଛନ୍ତି। କେବଳ ତଳିଆ କିମ୍ବା ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ନୁହନ୍ତି, ବଡ଼ବାବୁମାନେ ମଧ୍ୟ ଦୁର୍ନୀତିରେ ବୁଡ଼ି ରହୁଛନ୍ତି। କେତେକ ସରକାରୀ ଅଧିକାରୀ ଓ କର୍ମଚାରୀ ଭିଜିଲାନ୍ସ ଦ୍ୱାରା ଧରାହେଉଥିବା ବେଳେ ଆଉ କେତେକ ଖସିଯାଉଛନ୍ତି। ଭିଜିଲାନ୍ସ ଦ୍ୱାରା ଦିଆଯାଇଥିବା ତଥ୍ୟରେ ଅଧିକାରୀ ଓ କର୍ମଚାରୀଙ୍କ କଳାକାରନାମାର ପର୍ଦ୍ଦାଫାଶ କରାଯାଇଛି। ଭିଜିଲାନ୍ସ ଦେଇଥିବା ତଥ୍ୟ ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ୫ ହଜାର ୫୫ ଜଣ ସରକାରୀ ଅଧିକାରୀ ଓ କର୍ମଚାରୀ ଦୁର୍ନୀତି ଅଭିଯୋଗରେ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ୯୧୫ କୋଟି ୨୭ ଲକ୍ଷ ୯୮ ହଜାର ୫୬୨ ଟଙ୍କା ମୂଲ୍ୟର ଆୟ ବହିର୍ଭୂତ ସମ୍ପତ୍ତି ଜବତ କରାଯାଇଛି। ଭିଜିଲାନ୍ସ ଦ୍ୱାରା ଧରାହୋଇଥିବା ଅଧିକାରୀମାନଙ୍କ ମଧ୍ୟରୁ ୬୮୪ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଥିବାବେଳେ ୫୫୯ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ, ୩୨୪୮ ଜଣ ତୃତୀୟ ଶ୍ରେଣୀ କର୍ମଚାରୀ, ୯୩ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏବଂ ୪୭୧ ଜନପ୍ରତିନିଧି ଅଛନ୍ତି। ସେମାନଙ୍କ ମଧ୍ୟରେ ୨୨୭ ଜଣ ପୋଲିସ କର୍ମଚାରୀ ମଧ୍ୟ ଅଛନ୍ତି।

### ୧୨୨ ଦୋଷୀସାବ୍ୟସ୍ତ

ତେବେ ଧରାଯାଉଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ନେଇ ପ୍ରକ୍ରିୟା ବିଳମ୍ବ ହେଉଛି। ଦୀର୍ଘ ବର୍ଷ ପରେ ମଧ୍ୟ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ପାରୁନାହିଁ। ଫଳରେ ଦୁର୍ନୀତିରେ ବୁଡ଼ିରହିଥିବା ସରକାରୀ କର୍ମଚାରୀ ଅଭିଯୁକ୍ତଙ୍କ ମଧ୍ୟରୁ ମାତ୍ର ୧୨୨ ଜଣ ଦୋଷୀସାବ୍ୟସ୍ତ ହୋଇଛନ୍ତି। ୩ ଜଣଙ୍କର ପେନ୍‌ସନ ବନ୍ଦ କରାଯାଇଥିବା ବେଳେ ୧୪୦ ଜଣ ପ୍ରମାଣ ଅଭାବରୁ ଖସି ଯାଇଛନ୍ତି। ୨୧୧୫ ଜଣଙ୍କ ବିରୋଧରେ ୧୭୦୦ ମାମଲା ଏବେ ବି ବିଚାରାଧୀନ ରହିଛି। ୪ଟି ମାମଲା ଖାରଜ ହୋଇଯାଇଛି।

ଭାଜପା ସଭ୍ୟ ମୋହନ ଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।

## କ୍ଷୁଦ୍ର ଜଳସେଚନ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ଘରେ ଚଢ଼ାଉ

ଭବାନୀପାଟଣା, ୩।୩(ସ୍ୱ.ପ୍ର.)


କନ୍ଦର୍ପ ପ୍ରଧାନ

ଭିଜିଲାନ୍ସ ଜାଲରେ କେବିକେ ୧-ଭବାନୀପାଟଣାର କ୍ଷୁଦ୍ର ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ କନ୍ଦର୍ପ ପ୍ରଧାନ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ଜାରି ଆଦେଶ ବଳରେ ୪ଜଣ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀଙ୍କ ନେତୃତ୍ୱରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଅନୁଗୋଳ, ଖୋର୍ଦ୍ଧା ଓ କଳାହାଣ୍ଡି ଜିଲାର ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ଭୁବନେଶ୍ୱରର ବିଭିନ୍ନ ସ୍ଥାନ ସମେତ ଅନୁଗୋଳ ଜିଲା ଡୁରଙ୍ଗରେ ଥିବା ଏକ ଦୁଇମହଲା ଘର, ଖିଲାରରେ ଏକ ପ୍ଲଟ ଓ ପେତୃକ ଗ୍ରାମ ବନ୍ତଳରେ ଥିବା ଘର, ଭବାନୀପାଟଣା ସରକାରୀ କ୍ୱାର୍ଟର ଓ କାର୍ଯ୍ୟାଳୟରେ ବର୍ତ୍ତମାନ ବି ଚଢ଼ାଉ ଜାରି ରହିଥିବା ଜଣାପଡ଼ିଛି।

# ଖଣି ଅଧିକାରୀଙ୍କ ଘରୁ କୋଟିଏ ଟଙ୍କା, ଅଧା କେଜି ସୁନା ମିଳିଲା

ଭୁବନେଶ୍ୱର,୩।୩(ବ୍ୟୁରୋ)


ଘରୁ ଠାବ ହୋଇଥିବା ପ୍ରାୟ ୧ କୋଟି ନଗଦ ଟଙ୍କା

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱରସ୍ଥିତ ଖଣି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନାଙ୍କ ବାସଭବନ ସମେତ ୧୩ ସ୍ଥାନରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ସ୍ଥାନଗୁଡ଼ିକ ମଧ୍ୟରେ ଭୁବନେଶ୍ୱରରେ ୫ଟି ସ୍ଥାନ ରହିଥିବାବେଳେ କେନ୍ଦୁଝର ଜିଲାର ଶିରିଶିପାଳସ୍ଥିତ ପୈତୃକ ଘର, ଘସିପୁରା ଥାନା ଅଞ୍ଚଳରେ ଥିବା ସମ୍ପର୍କୀୟଙ୍କ ଘର, ଗହ୍ମାରିଆରେ ଥିବା କୋଠା ସମେତ ଜିଲାର ଅନ୍ୟ ୫ଟି ସ୍ଥାନ ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଯାଞ୍ଚ ୱାରେଣ୍ଟ ବଳରେ ଚାଲିଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୧୦ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ତେବେ ଉମେଶଙ୍କ ଘରେ ଚଢ଼ାଉ ଜାରି ରହିଥିବା ବେଳେ ସନ୍ଧ୍ୟାସୁଦ୍ଧା ଠାବ ହୋଇଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ନେଇ ଭିଜିଲାନ୍ସ ପକ୍ଷରୁ ରିପୋର୍ଟ ଦିଆଯାଇଛି। ଭୁବନେଶ୍ୱରରେ ଗୋଟିଏ ବହୁମହଲାବିଶିଷ୍ଟ କୋଠା, କେନ୍ଦୁଝରରେ ୩ଟି କୋଠା ଏବଂ ୫ଟି ପ୍ଲଟ ଠାବ ହୋଇଛି। ଏଥିସହ ତାଙ୍କ ଘରୁ ପ୍ରାୟ ନଗଦ ୧ କୋଟି ଟଙ୍କା, ୬୫୦ ଗ୍ରାମର ସୁନା ଅଳଙ୍କାର, ଦୁଇଟି ବାଇକ, ଗୋଟିଏ କାର୍ ମଧ୍ୟ ଠାବ କରାଯାଇଛି। ତେବେ ବ୍ୟାଙ୍କ, ଜୀବନ ବୀମା ଓ ଅନ୍ୟ ଜମା ଏବଂ ନିବେଶ ସଂକ୍ରାନ୍ତରେ ଯାଞ୍ଚ କରାଯାଉଥିବା ରିପୋର୍ଟରେ କୁହାଯାଇଛି। ତେବେ ଏତେ ପରିମାଣର ସମ୍ପତ୍ତି ଠାବ ହେବାକୁ ନେଇ ଚାରିଆଡ଼େ ଚର୍ଚ୍ଚା ସୃଷ୍ଟି ହୋଇଥିବାବେଳେ ଉମେଶଙ୍କ ପରିବାର ପକ୍ଷରୁ ଏ ସଂକ୍ରାନ୍ତରେ ଭିଜିଲାନ୍ସକୁ ସଫେଇ ଦିଆଯାଇଛି। ଉମେଶଙ୍କ ଦରମା, ସ୍ତ୍ରୀଙ୍କୁ ଇନ୍‌ସ୍ୟୁରାନ୍ସ ଏଜେନ୍ସିରୁ ମିଳୁଥିବା କମିଶନ ଓ ପୁଅର ୭ଟି ଫାର୍ମ ବ୍ୟବସାୟରୁ ଆସୁଥିବା ଟଙ୍କାରେ ଏସବୁ ସମ୍ପତ୍ତି କରାଯାଇଥିବା ଭିଜିଲାନ୍ସ ନିକଟରେ ଦାବି କରାଯାଇଛି। ତେଣୁ ଉମେଶଙ୍କ ପରିବାର ପକ୍ଷରୁ ହୋଇଥିବା ଏହି ଦାବି ସଂକ୍ରାନ୍ତରେ ଯାଞ୍ଚ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

■ ଭୁବନେଶ୍ୱର ଓ କେନ୍ଦୁଝରରେ ୧୩ ସ୍ଥାନରେ ଚଢ଼ାଉ


ଉମେଶ ଚନ୍ଦ୍ର ଜେନା

ଉମେଶ ପୂର୍ବରୁ ଖଣି ନିର୍ଦ୍ଦେଶାଳୟର ବିଭିନ୍ନ ଜିଲା ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏହାବ୍ୟତୀତ ସେ ଜଣେ ସାହିତ୍ୟିକ ଓ ଗୀତିକାର ଭାବେ ପରିଚିତ। ଉମେଶ ଏକାଧିକ ପୁସ୍ତକ ମଧ୍ୟ ରଚନା କରିଛନ୍ତି। ଏଥିପାଇଁ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନ ଓ ସମ୍ବର୍ଦ୍ଧନା ପାଇଥିବା ସୂଚନା ମିଳିଛି।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଭିଆଡୀ ସୂତା କାଟିଲେ ରାଣ୍ଡେ,**
**ଅଭିଆଣ କଥା ଦେଖ ଲୋ ଦାଣ୍ଡେ ।**

ମଙ୍ଗଳସୂତ୍ର ସଧବା ସ୍ତ୍ରୀ କାଟିବା ବିଧି ଏବଂ ବିଧବା କାଟିବା ଶାସ୍ତ୍ରବିରୋଧୀ । ତେଣୁ ଯିଏ ଯେଉଁ କାମ କରିବା ନ୍ୟାୟସଙ୍ଗତ ନୁହେଁ, ସେହି କାମକୁ ସେ କରି ବସିବା ଭୁଲ ଏବଂ ଅନ୍ୟାୟ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଅଇଲା ରାବଣ ହରିଲା ସୀତା**
**ଏଥିପାଇଁ କିଆଁ ପୋଥି ସାତୁଟା ।**

ସୀତା ମାତାଙ୍କୁ ଲଙ୍କାର ରାବଣ ଛଦ୍ମବେଶରେ ଆସି ହରଣ କରି ନେଇଯାଇଥିବା ପୁରାଣ ପୃଷ୍ଠାରୁ ଜଣାଯାଏ, ଯାହାକି ରାମାୟଣର ସାତଟି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । ପରୋକ୍ଷରେ କୌଣସି କଥା ବା ଘଟଣାକୁ ଅଧିକ ଲମ୍ବେଇ କିମ୍ବା ବିସ୍ତୃତ ଭାବେ ବର୍ଣ୍ଣନା କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୩୧ ଚୋରା ମୂର୍ତ୍ତି ଉଦ୍ଧାର, ୪ ଗିରଫ

**ଯାଜପୁର ଅଫିସ/ ଧର୍ମଶାଳା(ଡି.ଏନ୍.ଏ.),୩।୩**

ଯାଜପୁର ଜିଲାର ବିଭିନ୍ନ ମନ୍ଦିରରୁ ଚୋରି ହୋଇଥିବା ୩୧ଟି ମୂର୍ତ୍ତି ଉଦ୍ଧାର ହୋଇଛି । ଏହି ଚୋରି କାରବାରରେ ସମ୍ପୃକ୍ତ ୪ ଜଣଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । ସେମାନେ ହେଲେ ଉତ୍ତରପ୍ରଦେଶର ଅରବିନ୍ଦ କୁମାର ସିଂ(୪୩), ବାବର ଓରଫ୍ ଜାଭେଦ(୪୦), ବିଜୟ କୁମାର ଶୁକ୍ଲା(୫୧) ଏବଂ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ଶଶିଧର ନାଏକ(୪୯) ବୋଲି ଯାଜପୁର ଏସ୍‌ପି ଭିନିତ୍ କୁମାର ଅଗ୍ରୱାଲ ସୂଚନା ଦେଇଛନ୍ତି । ଗତ ୨ ଦଶନ୍ଧି ହେଲା ଜିଲାରେ ମୂର୍ତ୍ତି ଚୋରି କାରବାର ସକ୍ରିୟ ଥିବାବେଳେ ଏହାର ଚେର ଉତ୍ତରପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଥିବା ସ୍ପଷ୍ଟ ହୋଇଛି । ନୀଳଗିରି ଅଞ୍ଚଳର ଶଶିଧର ଇନ୍‌ଫର୍ମର ଭାବେ କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି । ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ପିସ୍ତଲ ଓ ନମ୍ବର ବିହୀନ ବାଇକ ଜବତ ହୋଇଛି । ଅନ୍ୟପକ୍ଷରେ ମୂର୍ତ୍ତି ଚୋରି କାରବାରରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହା ଏଯାଏ ଜଣାପଡ଼ିନାହିଁ । ଏଠାରୁ ଚୋରି ହେଉଥିବା ମୂର୍ତ୍ତିଗୁଡ଼ିକୁ ଦେଶ ବାହାରକୁ ଚାଲାଣ ହେଉଥିବା ସନ୍ଦେହ କରାଯାଉଛି । ମୂର୍ତ୍ତି ଚୋରି କାରବାରର ମାଷ୍ଟରମାଇଣ୍ଡଙ୍କୁ ଧରାଗଲେ ଏନେଇ ଅଧିକ ତଥ୍ୟ ଜଣାପଡ଼ିବ ବୋଲି କୁହାଯାଉଛି ।

ଏସ୍‌ପି ଅଗ୍ରୱାଲଙ୍କ ସୂଚନାକ୍ରମେ ଗତ ଫେବୃୟାରୀ ୨୦ ଓ ୨୧ ରାତିରେ ଜେନାପୁର ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ମନ୍ଦିରରୁ ୪ଟି ମୂର୍ତ୍ତି ଚୋରି ହୋଇଥିଲା । ଏନେଇ ଜେନାପୁର ଥାନାରେ ଆଇପିସି ଦଫା ୪୫୭, ୩୮୦ ଅନୁଯାୟୀ ମାମଲା (୪୮/୨୩) ରୁଜୁ ହୋଇଥିଲା । ସେହିପରି ଫେବୃୟାରୀ ୨୯ ଓ ୨୦ ରାତିରେ ଯାଜପୁର ଟାଉନ ରଘୁନାଥ ଜୀଉ ମନ୍ଦିରରୁ ୧୯ଟି ମୂର୍ତ୍ତି ଚୋରି ହୋଇଥିଲା । ଏନେଇ ଯାଜପୁର ଟାଉନ ଥାନାରେ ମାମଲା (୬୦/୨୩) ରୁଜୁ ହୋଇଥିଲା । ଏହାପୂର୍ବରୁ ଗତ ନଭେମ୍ବର ୧୧ରେ ଧର୍ମଶାଳା ଥାନା ଅଧୀନ ପାଟପୁର ବଳଦେବ ଜୀଉ ମନ୍ଦିରରୁ ବହୁ ମୂଲ୍ୟବାନ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା । ଏହାପରେ ଯାଜପୁର ପୋଲିସ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ଚୋରି ମାମଲାଗୁଡ଼ିକର ଅନୁଧ୍ୟାନ କରିଥିଲା । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଟିମ୍ ଚଢ଼ାଉକରି ମୂର୍ତ୍ତି ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଛି । ତେବେ ତଦନ୍ତରେ ବାଧା ଉପୁଜିବା ସନ୍ଦେହ କରି କେଉଁଠି ଚଢ଼ାଉ ହୋଇଥିଲା ତାହା ଗୁପ୍ତ ରଖାଯାଇଛି । ଜବତ ମୂର୍ତ୍ତିଗୁଡ଼ିକ ମଧ୍ୟରେ କୃଷ୍ଣଚନ୍ଦ୍ରପୁର ମନ୍ଦିର ଏବଂ ରଘୁନାଥ ଜୀଉ ମନ୍ଦିରର ମୂର୍ତ୍ତି ରହିଛି । ଧର୍ମଶାଳା ଥାନା ବଳଦେବଜୀଉ ମନ୍ଦିର ଚୋରି ଘଟଣାରେ ମଧ୍ୟ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ରହିଛି । ଅନ୍ୟ ଜିଲାଗୁଡିକରେ ହୋଇଥିବା ଚୋରି ଘଟଣାରେ ସେମାନଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି । ଏହାର ତଦନ୍ତ ଚାଲିଛି ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଛି ବୋଲି ଏସ୍‌ପି ଅଗ୍ରୱାଲ କହିଛନ୍ତି ।



**■ ଅଭିଯୁକ୍ତମାନଙ୍କ ମଧ୍ୟରୁ ଉତ୍ତରପ୍ରଦେଶର ୩**
**■ ମାଷ୍ଟରମାଇଣ୍ଡକୁ ଧରିବାକୁ ତନାଘନା**
**■ ବିଦେଶକୁ ଚାଲାଣ ହେଉଥିବା ସନ୍ଦେହ**

ଯାଜପୁର ଜିଲାର ଧାର୍ମିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ କ୍ଷେତ୍ର ଅନନ୍ୟ । ଏଠାରେ ଦେବୀ ବିରଜା, ଶ୍ରୀବରାହ, ଦଶାଶ୍ୱମେଧଘାଟ, ଓଳାଶୁଣୀ, ବିଶ୍ୱପ୍ରସିଦ୍ଧ ବୌଦ୍ଧବିଭବ ରତ୍ନଗିରି ଓ ଉଦୟଗିରି ଭଳି କୀର୍ତ୍ତିରାଜି ରହିଛି । ଏଠାରେ ଶତାଧିକ ବହୁ ମୂଲ୍ୟବାନ ଓ ପ୍ରାଚୀନ ମୂର୍ତ୍ତି ବିଭିନ୍ନ ମନ୍ଦିରରେ ପୂଜା ପାଉଛନ୍ତି । ଏବେ ବି ବହୁ ପୌରାଣିକ ତଥା ଐତିହାସିକ କିମ୍ବଦନ୍ତୀ ଥିବା ମୂର୍ତ୍ତି ମାଟି ତଳୁ ଓ ନଦୀ ଗର୍ଭରୁ ସନ୍ଧାନ ମିଳୁଛି । ତେଣୁ ମୂର୍ତ୍ତି ଚୋର ର୍‍ୟାକେଟ୍‌ରେ ଜିଲାର ଆଧ୍ୟାତ୍ମିକ କ୍ଷେତ୍ରଗୁଡ଼ିକ ରହିଛି । ଏପରି କି ଏକାଧିକ ମନ୍ଦିରରୁ ବହୁ ମୂର୍ତ୍ତି ଚୋରି ହୋଇଛି । ଏ ସଂକ୍ରାନ୍ତରେ ଗତ ନଭେମ୍ବର ୧୩ରେ ଧରିତ୍ରୀ ପ୍ରଥମ ପୃଷ୍ଠାରେ 'ବଳ ପାଉନି ନା ଧରୁନି' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପୋଲିସର ତତ୍ପରତା ଆରମ୍ଭ ହୋଇଛି । ଏଭଳି ଘଟଣାରେ ପୋଲିସ ଆଗକୁ କେତେଦୂର ସଫଳ ହେଉଛି ତାହା ସମୟ କହିବ ବୋଲି ମତପ୍ରକାଶ ପାଇଛି । ଅନ୍ୟପକ୍ଷେ ଏସ୍‌ପି ଅଗ୍ରୱାଲ ମୂର୍ତ୍ତି ଚୋରିର ମାଷ୍ଟରମାଇଣ୍ଡ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ଗୃହ ବିଭାଗ ଯୁଗ୍ମ ସଚିବଙ୍କ ପୁଅ ବୋଲି ଅନୁକମ୍ପା: ଜୟନାରାୟଣ

**ସମ୍ବଲପୁର, ୩।୩(ବ୍ୟୁରୋ)**

ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ମୃତ୍ୟୁ ଘଟଣା ଏବଂ ରାଜ୍ୟରେ ସୃଷ୍ଟି ହୋଇଥିବା ଆଇନଶୃଙ୍ଖଳା ସ୍ଥିତିକୁ ନେଇ ପୋଲିସ ପ୍ରଶାସନ ଉପରେ ବର୍ଷିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର । ଚିନ୍ମୟୀ ମୃତ୍ୟୁ ଘଟଣାରେ ପୋଲିସ ତଦନ୍ତ ବାଟବଣା ହୋଇଛି । ଏହି ଘଟଣାରେ ଅଭିଯୁକ୍ତ ପ୍ରତିମାନ ଦେଙ୍କ ବାପା ରାଜ୍ୟ ଗୃହ ବିଭାଗର ଯୁଗ୍ମ ସଚିବ ପାହ୍ୟାରେ କାର୍ଯ୍ୟରତ । ତେଣୁ ପୋଲିସ ଅନୁକମ୍ପା ଦେଖାଉଛି ବୋଲି ଜୟନାରାୟଣ ଅଭିଯୋଗ କରିଛନ୍ତି ।

ସମ୍ବଲପୁର କଚେରିରୋଡ୍‌ସ୍ଥିତ ଭାଜପା କାର୍ଯ୍ୟାଳୟରେ ପୋଲିସ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରି ବିରୋଧୀ ଦଳ ନେତା ମିଶ୍ର କହିଲେ, ରାଜ୍ୟର ପୋଲିସ ପ୍ରଶାସନ ଶାସକ ଦଳ ଦ୍ୱାରା ପରିଚାଳିତ ହେଉଛି । ବିଭିନ୍ନ ସମ୍ବେଦନଶୀଳ ଘଟଣାରେ ପୋଲିସ କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ଯଦି ପୋଲିସ ଉପରୁ ଭରସା ତୁଟିଯିବ, ତା'ହେଲେ ରାଜ୍ୟ ଅନ୍ଧକାର ଆଡ଼କୁ ଠେଲି ହୋଇଯିବ । ବିଶ୍ୱସନୀୟତା ବଜାୟ ରଖିବା ପାଇଁ ପୋଲିସକୁ ପଦକ୍ଷେପ ନେବାକୁ ପଡ଼ିବ । ଓଡ଼ିଶା ପୋଲିସ ପ୍ରଥମେ ନିଜର ଛବି ପରିବର୍ତ୍ତନ କରୁ ବୋଲି ସେ କହିଛନ୍ତି ।

**ଭିସୁଟ୍ ପୁରାତନ ଛାତ୍ରୀ ମୃତ୍ୟୁ ଘଟଣା**



ଚିନ୍ମୟୀ ମୃତ୍ୟୁ ମାମଲା ଉଠାଇ ସେ କହିଲେ, ଏହା ନୂଆ କଥା ନୁହେଁ, ରାଜ୍ୟରେ ଏଭଳି ଅନେକ ଉଦାହରଣ ରହିଛି । ଏହି କଥା ବିଧାନସଭାରେ ଉଠାଯିବ । ନ୍ୟାୟ ପାଇବା ଓ ତଦନ୍ତ ନେଇ ମୃତକ ପରିବାର ମନରେ ସନ୍ଦେହ ରହୁଛି । ତେଣୁ ପୋଲିସକୁ ତଥ୍ୟ ପ୍ରମାଣ ସହିତ ପରିବାରର ସନ୍ଦେହ ଦୂର କରିବାକୁ ପଡିବ । ପୋଲିସ ହତ୍ୟା ଭଳି ସଙ୍ଗିନ ମାମଲା ରୁଜୁକରି ପ୍ରତିମାନଙ୍କୁ ଅଟକ ରଖିଥିଲା । ହେଲେ ଘଟଣାର ୪୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ତାଙ୍କୁ କୋର୍ଟ ଚାଲାଣ କରାଯାଇ ନାହିଁ । ଯଦି ଅଧିକ ତଦନ୍ତ କରିବାର ଆବଶ୍ୟକ ରହିଥିଲା ତା'ହେଲେ ପୋଲିସ କୋର୍ଟ ଚାଲାଣ କରି କାହିଁକି ରିମାଣ୍ଡରେ ନେଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରି ରିମାଣ୍ଡରେ ନେଇ ତଦନ୍ତ କଲେ ନିଶ୍ଚିତ ଭାବେ ସତ୍ୟାସତ୍ୟ ସାମ୍ନାକୁ ଆସିବା ସମ୍ଭାବନା ରହିଛି ବୋଲି ମିଶ୍ର କହିଥିଲେ ।

ସୂଚନାଯୋଗ୍ୟ, ସମ୍ବଲପୁର ବୁର୍ଲା ଥାନା ପିସି ବ୍ରିଜ୍ ପାୱାର ଚ୍ୟାନେଲରୁ ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀଙ୍କ ମୃତଦେହ ବୁଧବାର ସକାଳେ ଜବତ ହୋଇଥିଲା । ଗୁରୁବାର ବ୍ୟବଚ୍ଛେଦ ରିପୋର୍ଟ ପୋଲିସ ହସ୍ତଗତ କରିଛି । ପାଣିରେ ବୁଡି ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଅଧିକ ତଦନ୍ତ ପାଇଁ ୨ଟି ଟିମ୍ ଗଠନ କରାଯାଇଛି । ହେଲେ ପରିବାର ସଦସ୍ୟଙ୍କ ଅଭିଯୋଗ ଆଧାରରେ ପୋଲିସ ହତ୍ୟା ମାମଲା ରୁଜୁ କରିଛି । ଯୁଗ୍ମ ସଚିବଙ୍କ ପୁଅ ପ୍ରତିମାନ ଓ ତାଙ୍କ ସାଙ୍ଗକୁ ପୋଲିସ ଅଟକ ରଖି ଜେରା କରୁଛି ।

# ଖୁବ୍‌ଶୀଘ୍ର ରଙ୍ଗେଇଲୁଣ୍ଡାରୁ ଉଡ଼ିବ ବିମାନ

## ଏୟାରଷ୍ଟ୍ରିପ୍ ଭିତ୍ତିଭୂମି ଯାଞ୍ଚକଲେ ସଚିବ ଉଷା ପାଢ଼ୀ



ଅସ୍ଥାୟୀ ଟର୍ମିନାଲରେ ବରିଷ୍ଠ ଅଧିକାରୀଙ୍କ ସହ ପ୍ରମୁଖ ସଚିବଙ୍କ ଆଲୋଚନା ।

**ବ୍ରହ୍ମପୁର/ଗୋପାଳପୁର,୩।୩(ଡି.ଏନ୍.ଏ.)**

ଖୁବ୍‌ଶୀଘ୍ର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରୁ ବିମାନ ଉଡ଼ାଣ ଆରମ୍ଭ ହେବ । ଏନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ବୈଷୟିକ ଶିକ୍ଷା ବିକାଶ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସୂଚନା ଦେଇଛନ୍ତି । 'ଉଡାନ୍' ଯୋଜନାର ଅନ୍ତର୍ଭୁକ୍ତ ହୋଇଥିବା ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରୁ କ୍ଷୁଦ୍ର ବିମାନ ପ୍ରାଥମିକ ପର୍ଯ୍ୟାୟରେ ଉଡ଼ାଣ ହେବ । ଏଠାରୁ ୯ରୁ ୧୦ ସିଟ୍ ବିଶିଷ୍ଟ କ୍ଷୁଦ୍ର ନନ୍‌ସିଡ୍ୟୁଲ୍ଡ ବିମାନ ଚଳାଚଳ ହେବ । ଏହାସହ ସପ୍ତାହକୁ ଦୁଇଥର ରଙ୍ଗେଇଲୁଣ୍ଡାରୁ ଭୁବନେଶ୍ୱର ଅଭିମୁଖେ ବିମାନ ଉଡ଼ାଣ ହେବ । ଶୁକ୍ରବାର ସଚିବ ପାଢ଼ୀ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ ପଡ଼ିଆର ସମ୍ପ୍ରସାରଣ ଓ ଭିତ୍ତିଭୂମି ତଦାରଖ କରି ଫେରିଛନ୍ତି । ପୂର୍ବାହ୍ନରେ ବିମାନ ବନ୍ଦର ପରିଦର୍ଶନ କରିବା ସହ ନିକଟରେ ଥିବା କ୍ରିଉଶେଡ୍‌ରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତିଭାସନ, ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣ ବିବେକ୍ ଏମ୍, ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି । ବର୍ତ୍ତମାନ କେତେ କାମ ହୋଇଛି, କେଉଁ କେଉଁ କାମ ରହିଛି ସେ ନେଇ ଆଲୋଚନା କରିଛନ୍ତି ।

ସଚିବ ଆହୁରି କହିଛନ୍ତି, ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ଏୟାରଷ୍ଟ୍ରିପ୍‌କୁ ସମ୍ପ୍ରସାରଣ କରାଯିବା ସହ ଧୀରେ ଧୀରେ ରଙ୍ଗେଇଲୁଣ୍ଡାରୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନକୁ ଆକାଶ ମାର୍ଗରେ ସଂଯୋଗ କରାଯିବ । ସୂଚନାଯୋଗ୍ୟ, ବର୍ତ୍ତମାନ ଏୟାରଷ୍ଟ୍ରିପ୍‌ର ଲମ୍ବ ୭୫୦ ମିଟର ରହିଥିବା ବେଳେ ଓସାର ୧୫ ମିଟର ରହିଛି । ଆଗାମୀ ଦିନରେ ଏହାକୁ ୮୫୦ ମିଟର କରାଯିବା ସହ ଓସାର ୩୦ ମିଟର କରାଯିବ ବୋଲି ସୂଚନା ମିଳିଛି । ଏଠାରୁ ବିମାନ ଚଳାଚଳ ନିମନ୍ତେ ଇଣ୍ଡିଆ ୱାନ୍ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି । ଗଞ୍ଜାମ ରାସ୍ତା ଓ କୋଠାବାଡ଼ି ବିଭାଜନ-୨ ତରଫରୁ ଅସ୍ଥାୟୀ ରୂପେ ପିଚୁ କାମ, ପାଚେରି ରଙ୍ଗଦିଆ, ଟିକେଟ କାଉଣ୍ଟର ଓ ଅସ୍ଥାୟୀ ଟର୍ମିନାଲ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆଗାମୀ ଦିନରେ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ପର୍ଯ୍ୟାୟ କ୍ରମେ ବିମାନ ସେବା ବୃଦ୍ଧି କରାଯିବ ବୋଲି କୀର୍ତ୍ତିଭାସନ କହିଛନ୍ତି । ଏହି ଅବସରରେ କନିଷ୍ଠ ତହସିଲଦାର ପ୍ରଳୟାନନ୍ଦ ଶତପଥୀ, ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ ରାୟ ଓ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପଞ୍ଚଭୂତରେ ବିଲୀନ ପିଣ୍ଟୁଙ୍କ ପାର୍ଥିବ ଶରୀର



ବଡ଼ପୁଅ ଶ୍ରେୟାଂଶ ନନ୍ଦ ମୁଖାଗ୍ନି ଦେଉଛନ୍ତି ।

**ପୁରୀ ଅଫିସ, ୩।୩**

ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତା ପିଣ୍ଟୁ ନନ୍ଦଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଛି । ଶୁକ୍ରବାର ବହୁ କଳାକାର, କଳାପ୍ରେମୀ, ଶୁଭେଚ୍ଛୁ ଓ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତିରେ ପୁରୀ ସ୍ୱର୍ଗଦ୍ୱାରରେ ପିଣ୍ଟୁଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ତାଙ୍କ ବଡ଼ପୁଅ ଶ୍ରେୟାଂଶ (ସାଇ) ମୁଖାଗ୍ନି ଦେଇଥିଲେ । ଏହି ସମୟରେ ପିଣ୍ଟୁ ନନ୍ଦ ଅମର ରହେ ଧ୍ୱନିରେ ସମ୍ପୃକ୍ତ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିବାବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

ସୂଚନାଯୋଗ୍ୟ, ପିଣ୍ଟୁ ଲିଭର ସିରୋସିସ୍ ରୋଗରେ ଆକ୍ରାନ୍ତ ହୋଇ ୨୦ରୁ ଊର୍ଦ୍ଧ୍ୱ ଦିନ ଧରି ଦିଲ୍ଲୀ ଓ ପରେ ହାଇଦ୍ରାବାଦରେ ଚିକିତ୍ସାଧୀନ ଥିଲେ । ବୁଧବାର ରାତି ୧୧ଟା ୨୫ରେ ତାଙ୍କର ପରଲୋକ ଘଟିଥିଲା । ଗୁରୁବାର ରାତି ପ୍ରାୟ ୮ଟା ୫୦ରେ ହାଇଦ୍ରାବାଦରୁ ତାଙ୍କ ମରଶରୀରକୁ ବିମାନ ଯୋଗେ ଭୁବନେଶ୍ୱର ପଟିଆସ୍ଥିତ ବାସଭବନକୁ ଅଣାଯିବା ପରେ ଶୁକ୍ରବାର ଏକ ଆମ୍ବୁଲାନ୍ସ ଯୋଗେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା । ଅପରାହ୍ନ ପ୍ରାୟ ୧ଟା ୪୦ରେ ସ୍ୱର୍ଗଦ୍ୱାରରେ ତାଙ୍କ ପାର୍ଥିବ ଶରୀର ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲା । ସେଠାରେ କଳାକାର, କଳାପ୍ରେମୀ ଓ ଶୁଭେଚ୍ଛୁମାନେ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ତାଙ୍କର ସଂସ୍କାର କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ସ୍ୱର୍ଗଦ୍ୱାରରେ ପିଣ୍ଟୁଙ୍କ ଭାଇ ଅଭିରାମ ନନ୍ଦଙ୍କ ସମେତ ଅଭିନେତା ବବି ମିଶ୍ର, ଗୁଡ୍ଡୁ, ମିଟୁ ମିଥୁନ, ସମୀର ଶତପଥୀ, ଅଭିନେତ୍ରୀ ରାନୀ ପ୍ରିୟଦର୍ଶିନୀ, ନିର୍ଦ୍ଦେଶକ ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।


**ପ୍ରଥମ ପୃଷ୍ଠାରୁ...**


## ସଙ୍କଟରେ ଭାରତୀୟ ...

ପରେ ବିଦେଶ ମାଟିରେ ଭାରତର ଛବିକୁ ମଳିନ କରିବାକୁ ଉଦ୍ୟମ ଚଳାଇଥିବା କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି । ବ୍ରିଟେନ ଗସ୍ତରେ ଥିବା ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ କେମ୍ବ୍ରିଜ୍ ୟୁନିଭର୍ସିଟିର ଜଜ୍ ବିଜ୍‌ନେସ୍ ସ୍କୁଲରେ ମଙ୍ଗଳବାର ରାତିରେ ଆୟୋଜିତ 'ଲର୍ନିଂ ଟୁ ଲିଶେନ୍ ଇନ୍ ଦି ଟ୍ୱେଣ୍ଟିଫାଷ୍ଟ ସେଞ୍ଚୁରି' ବକ୍ତୃତା କାର୍ଯ୍ୟକ୍ରମରେ ସମ୍ବୋଧନ କରିଥିଲେ । ୫୨ ବର୍ଷୀୟ ରାହୁଲ ଭାରତରେ ବିରୋଧୀ ନେତାମାନଙ୍କ ପ୍ରତି ସରକାରଙ୍କ ଆଚରଣ ଉପରେ ଏମ୍‌ବିଏ ଛାତ୍ରୀଛାତ୍ରଙ୍କୁ କହିଥିଲେ, ଆମ ଉପରେ ଲଗାତର ଭାବେ ଏପରି ଚାପ ପକାଯାଉଛି । ମୋ ବିରୋଧରେ ଅନେକ ଆପରାଧିକ ମାମଲା ରୁଜୁ କରାଯାଇଛି । ଆମେ ଏସବୁର ବିରୋଧ କରୁଛୁ । ଭାରତୀୟ ଗଣତନ୍ତ୍ର ଉପରେ ଚାପ ପଡୁଥିବାରୁ ଏହା ସଙ୍କଟରେ ରହିଛି । ମୁଁ ଭାରତର ଜଣେ ବିରୋଧୀ ନେତା । ଆମେ ବିରୋଧୀ ଭୂମିକା ନେଉଛୁ । କେତେକ ପ୍ରସଙ୍ଗରେ ଆଲୋଚନା ଦାବି କରି ପାର୍ଲାମେଣ୍ଟ ସମ୍ମୁଖରେ ଛିଡ଼ା ହୋଇଥିବାବେଳେ ବିରୋଧୀ ନେତାମାନଙ୍କୁ ୩-୪ ଥର ଗିରଫ କରାଯାଇଥିବା ଦର୍ଶାଇ ରାହୁଲ ଏହାର ଏକ ଫଟୋ ଶେୟାର କରିଛନ୍ତି । ସଂଖ୍ୟାଲଘୁ ଓ ଗଣମାଧ୍ୟମ ଉପରେ କିପରି ଆକ୍ରମଣ ହେଉଛି ତାହା ଆପଣମାନେ ମଧ୍ୟ ଶୁଣିଥିବେ । ସେସବୁକୁ ଅନୁଧ୍ୟାନ କଲେ ଭାରତରେ କ'ଣ ଚାଲିଛି ତାହା ଜାଣିପାରିବେ ବୋଲି ରାହୁଲ କହିଛନ୍ତି । ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଶ୍ୱସ୍ତରରେ ଭାରତ ପ୍ରତି ସମ୍ମାନ ବଢ଼ିଛି । କିନ୍ତୁ ରାହୁଲ ବିଦେଶ ମାଟିରେ ଭାରତକୁ ବଦନାମ କରିବା ପାଇଁ ଉଦ୍ୟମ କରୁଛନ୍ତି । ଏଥିରୁ କଂଗ୍ରେସର ଏଜେଣ୍ଡା ବାରି ହୋଇଯାଉଛି ।

## ଚତୁର୍ଥୀ ଦିନ ସ୍ୱାମୀଙ୍କ ...

ସକାଳେ ପୋଖରୀକୁ ଶୌଚ ହେବାକୁ ଯାଇ ପାଣିରେ ବୁଡ଼ିଯାଇଥିଲେ ସ୍ୱାମୀ । ବହୁ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପୋଖରୀରେ ମୃତଦେହ ଭାସୁଥିବା ଦେଖିଥିଲେ । ତାଙ୍କୁ ତୁରନ୍ତ ଉଦ୍ଧାର କରି ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏଭଳି ଏକ ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ତୁଣ୍ଡୁରା ପଞ୍ଚାୟତ ଖଡୁପାହି ଗ୍ରାମରେ । ବିବାହ ଲାଗି ହସଖୁସିରେ ପୂରି ଉଠୁଥିବା ପରିବେଶ ହଠାତ୍ ପାଲଟିଯାଇଥିଲା ଶୋକାକୁଳ । ମୃତ ଯୁବକ ହେଲେ ଅଜୟ କୁମାର ଭଞ୍ଜ । ଅନ୍ୟପକ୍ଷେ ଜ୍ୱାଇଁର ମୃତ୍ୟୁ ଖବର ଶୁଣି ବାପଘର ଲୋକେ ପହଞ୍ଚି ଝିଅକୁ ଘରକୁ ନେଇ ପଳାଇଥିଲେ । ଖନ୍ତାପଡା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ପୋଖରୀରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଥିବା ଆଲୋଚନା ହେଉଛି । ତେବେ ପୋଲିସ ତଦନ୍ତ ପରେ ସତ ଜଣାପଡିବ ବୋଲି ଗ୍ରାମବାସୀ କହିଛନ୍ତି ।

## ଲାଞ୍ଚ ନେଇ ଧରାପଡ଼ିଲେ ...

କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ କହିଛନ୍ତି । ଦୁର୍ନୀତି ରୋକିବା ପାଇଁ ତାଙ୍କ ସରକାର ଲୋକାୟୁକ୍ତ ପୁନଃ ପ୍ରତିଷ୍ଠା କରିଥିଲେ । କଂଗ୍ରେସ ଶାସନ କାଳରେ ଲୋକାୟୁକ୍ତ ନ ଥିବାରୁ ଦୁର୍ନୀତି ଶୀର୍ଷରେ ପହଞ୍ଚିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ଆଜି ସ୍ୱଗୃହୀ ଚନ୍ଦ୍ର ପ୍ରଭାବରେ ଏକାଧାରରେ ଅର୍ଥଲାଭ ସାଙ୍ଗକୁ ବନ୍ଧୁସମ୍ପର୍କରୁ ଖୁସି ରହିବେ । ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବିବାଦ ଦେଖାଦେଇପାରେ । ଅନିଦ୍ରାଜନିତ କ୍ଲେଶ ଭୋଗିବାକୁ ପଡ଼ିବାର ସମ୍ଭାବନା ରହିଛି । ବନ୍ଧୁଙ୍କ ଅନୁରୋଧ କ୍ରମେ ଆକସ୍ମିକ ଦୂରଯାତ୍ରା କରିବାକୁ ପଡ଼ିପାରେ ।

**ବୃଷ**
ଉଚ୍ଚସ୍ଥ ଶୁକ୍ରଙ୍କ ଶୁଭଦୃଷ୍ଟିରୁ ଭାଙ୍ଗିପଡ଼ିଥିବା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ । କଳା, ସାହିତ୍ୟ ତଥା ରଚନାତ୍ମକ କାର୍ଯ୍ୟରେ ସଫଳତା ପାଇବେ । ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ।

**ମିଥୁନ**
ରାଶିରେ ଚନ୍ଦ୍ର ରହିଥିବାରୁ ବିଭିନ୍ନ ବିଷୟକୁ ଚିନ୍ତାକରି ଅନ୍ୟମନସ୍କ ରହିପାରନ୍ତି । ତଥାପି କର୍ମକ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ । ହୃଦୟରେ ଦୁଃଖ ଭରି ରହିଥିଲେ ମଧ୍ୟ ମନକଥା ପ୍ରକାଶ କରିପାରିବେ ନାହିଁ । ପରିବାରରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ସୂଚନା ରହିଛି ।

**କର୍କଟ**
ଅନ୍ୟମାନଙ୍କ କାନକୁହା କଥା ପ୍ରଭାବରେ କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ । ପାରିବାରିକ ଶୃଙ୍ଖଳା ରକ୍ଷା କରିବା କ୍ଷେତ୍ରରେ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଆଶା କରିପାରନ୍ତି । ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ ।

**ସିଂହ**
ଆଲୋଚନା କାଳରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ । ସହକର୍ମୀଙ୍କ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ । ସାହିତ୍ୟ,କଳା ଓ ରଚନାତ୍ମକ କାମରେ ଉଚ୍ଚପ୍ରଶଂସା ପାଇବେ ।

**କନ୍ୟା**
ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡ଼ିପାରନ୍ତି । ଆତ୍ମୀୟମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ । ବୁଝାମଣା ଅଭାବରୁ ପରିବାରରେ ମାନମନାନ୍ତର ଦେଖା ଦେଇପାରେ । ପଡ଼ୋଶୀଙ୍କ ପରାମର୍ଶରେ ଟେନସନ୍ ଦୂର ହେବା ସାଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି ।

**ତୁଳା**
କୋଣସ୍ଥାନରେ ଏକାଧିକଗ୍ରହ ଅବସ୍ଥାନ କରୁଥିବାରୁ ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା ହାସଲ କରିବେ । ବନ୍ଧୁମାନଙ୍କ ସହଯୋଗରେ ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ । କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି । ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବେ ।

**ବିଛା**
କର୍ମାଧିପ କେନ୍ଦ୍ରସ୍ଥ ଓ ଭାଗ୍ୟସ୍ଥାନରେ ଚନ୍ଦ୍ରଙ୍କ ଯୋଗୁ ପ୍ରତ୍ୟେକ କାମରେ ସଫଳତା ହାସଲ କରିବେ । ଦୀର୍ଘ ଦିନରୁ ସ୍ଥଗିତ କାମକୁ ସମ୍ପନ୍ନ କରିବାରେ କୌଣସି ଅସୁବିଧା ରହିବନାହିଁ । ଅଫିସ୍ କାମରେ ଆକସ୍ମିକ ଭାବରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ । ବ୍ୟବସାୟିକ ସ୍ଥିତି ବିଶେଷ ଭଲ ରହିବା ହେତୁ ଖୁସି ରହିପାରନ୍ତି ।

**ଧନୁ**
ସ୍ଥଗିତ କାମ ହାସଲ କରିବା ସକାଶେ ଆଜି ବିଶେଷ ଅସୁବିଧା ହେବ ନାହିଁ । ମୂଳା ନକ୍ଷତ୍ରର ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ । ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ । ନିଜ ଲୋକମାନେ ନିଜ ନିଜର ସ୍ୱାର୍ଥ ହାସଲ କରିବା ସକାଶେ ବିଶ୍ୱାସଘାତକତା କାମ କରିପାରନ୍ତି ।

**ମକର**
ବିଭିନ୍ନ ଦିଗରୁ ନିର୍ଯାତିତ ହେଲେ ମଧ୍ୟ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ । ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି । ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । ପ୍ରତିବେଶୀଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ।

**କୁମ୍ଭ**
ବନ୍ଧୁଙ୍କ ସହାୟତାରେ କର୍ମକ୍ଷେତ୍ରର ସମସ୍ୟାକୁ ସୁଧାରି ନେବା ସକାଶେ ପ୍ରଯତ୍ନ କରିବେ । ଆଜିର ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ । ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ, କିନ୍ତୁ ଠିକ୍ ସମୟକୁ ଦୂରେଇ ରହିପାରନ୍ତି । ସାଧାରଣ କଥାକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି ।

**ମୀନ**
ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୋଇ ବହୁଲୋକ ଗହଣରେ ସମ୍ବର୍ଦ୍ଧିତ ହେବାସହ ସମ୍ମାନ ଲାଭ କରିପାରନ୍ତି । ମନ ଭଲ ରହିଥିବା କାରଣରୁ ପାରିବାରିକ କ୍ଷେତ୍ରରେ ବିରକ୍ତିଭାବ ପ୍ରକାଶ କରିବେ । ଆକସ୍ମିକଭାବରେ କୌଣସି ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି । ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ ।

ଆଜି ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ, ଶନିବାର, ଆଜି ବୈଷ୍ଣବ ସମ୍ମତ ଏକାଦଶୀ, ମାର୍ଚ୍ଚ ୪ ତାରିଖ, ରାଷ୍ଟ୍ରୀୟ ନିରାପତ୍ତା ସପ୍ତାହ ଆରମ୍ଭ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୦ ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୯।୦୩ ଗତେ ଘ. ୧୦।୩୦ ମଧ୍ୟେ ରାହୁକାଳ ।

**୭ ଡିଏସ୍‌ପିଙ୍କୁ ବଦଳି ସହ ନୂଆ ନିଯୁକ୍ତି**

**ଭୁବନେଶ୍ୱର:** ଇନ୍ସପେକ୍ଟରରୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିବା ୭ଜଣଙ୍କୁ ବଦଳି ସହ ନୂଆ ସ୍ଥାନରେ ନିଯୁକ୍ତ କରାଯାଇଛି। ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ, ବାଲୁଗାଁ ଏସ୍‌ଡିପିଓ ଭାବେ କାର୍ଯ୍ୟରତ ମାନସ ରଞ୍ଜନ ବାରିକଙ୍କୁ ତାଳଚେର ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ସେହିପରି କେନ୍ଦ୍ରାପଡ଼ାରେ କାର୍ଯ୍ୟରତ ଡିଏସ୍‌ପି ଗୌରାଙ୍ଗ ଚରଣ ସାହୁଙ୍କୁ କଣ୍ଟାବାଞ୍ଜି ଏସ୍‌ଡିପିଓ, ବାଳକୃଷ୍ଣ କହଁରଙ୍କୁ ଝାରସୁଗୁଡ଼ାରୁ ଆଠମଲ୍ଲିକ ଏସ୍‌ଡିପିଓ, ଭଞ୍ଜନଗରରୁ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କୁ ବାଲୁଗାଁ ଏସ୍‌ଡିପିଓ, ଡିଏସ୍‌ପି ବିଶ୍ୱାମିତ୍ର ହରପାଲଙ୍କୁ କନ୍ଧମାଳ ଆଇଏଏଚ୍‌ଟିୟୁ ଭଞ୍ଜନଗର ଏସ୍‌ଡିପିଓ ଓ ଡିଏସ୍‌ପି ସ୍ନେହାଶିଷ ସାହୁଙ୍କୁ କନ୍ଧମାଳ ଆଇୟୁସିଏଡବ୍ଲ୍ୟୁରୁ ନୟାଗଡ଼ ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇ ଜଗତ୍‌ସିଂହପୁରରେ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ସର୍ବେଶ୍ୱର ବେହେରାଙ୍କୁ କନ୍ଧମାଳ ଆଇଏଏଚ୍‌ଟିୟୁକୁ ବଦଳି କରାଯାଇ ନୂଆ ନିଯୁକ୍ତି ଦିଆଯାଇଛି।

# ଅଭିଜ୍ଞତାରୁ ଅଭିବୃଦ୍ଧି

**ଉଚ୍ଚଶିକ୍ଷା ଶେଷକରି ନିଜର ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟ କରିବାର ଅଭିଜ୍ଞତାକୁ ବ୍ୟବସାୟରେ ବିନିଯୋଗ କରିବା ଲକ୍ଷ୍ୟରେ କର୍ମଭୂମିରୁ ଜନ୍ମଭୂମିକୁ ଫେରିଥିଲେ। ଏପରିକି ଦୀର୍ଘ ୫ଦଶନ୍ଧିରୁ ଅଧିକ ସମୟ ହେବ ରାଉରକେଲାଠାରେ ଥିବା ପାରିବାରିକ ବ୍ୟବସାୟରେ ଯୋଗଦେବା ସହ ସମୟକ୍ରମେ ଅଳଙ୍କାର ବ୍ୟବସାୟର ଭାର ସମ୍ଭାଳିଥିଲେ। ବିଶେଷକରି ଦେଶର ପ୍ରମୁଖ ଅଳଙ୍କାର ବ୍ରାଣ୍ଡ୍ ତନିସ୍କର ଡିଲରଶିପ ଜରିଆରେ ଇନ୍ଦିରା ଜୁଏଲ୍ସର ବ୍ୟବସାୟ ଅଭିବୃଦ୍ଧି ପାଇଁ ଆବଶ୍ୟକ ଯୋଜନା କରିଥିଲେ। ପରବର୍ତ୍ତୀ ସମୟରେ ସମଗ୍ର ପଶ୍ଚିମ ଓଡ଼ିଶାରେ ବ୍ରାଣ୍ଡର ଲୋକପ୍ରିୟତା ହାସଲ କରାଇବା ସହ ସମ୍ବଲପୁର ଓ ଝାରସୁଗୁଡ଼ାଠାରେ ବ୍ୟବସାୟ ଆରମ୍ଭ କରି ଗ୍ରାହକଙ୍କ ନିକଟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେହି ସଫଳ ବ୍ୟବସାୟୀ ତଥା ଇନ୍ଦିରା ଜୁଏଲ୍ସ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ନଭପ୍ରୀତ୍ ସିଂଙ୍କ ସହ ଧରିତ୍ରୀର ବିଶେଷ ବାର୍ତ୍ତାଳାପ...**





ନଭପ୍ରୀତ୍ ସିଂ

**ପ୍ରଶ୍ନ-୧: ଅଳଙ୍କାର ଶିଳ୍ପରେ ସାମ୍ନା କରୁଥିବା ପ୍ରମୁଖ ସମସ୍ୟାଗୁଡ଼ିକ କ'ଣ?**

ଉତ୍ତର: କ୍ରମାଗତ ଭାବେ ଦେଶରେ ସୁନା ଓ ହୀରା ଅଳଙ୍କାରର ମୂଲ୍ୟ ବୃଦ୍ଧି ପାଇବା ଅଳଙ୍କାର ଶିଳ୍ପ ପାଇଁ ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ସେହିଭଳି ଗତ କିଛି ମାସ ହେବ ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁ ସାରା ବିଶ୍ୱରେ ମଧ୍ୟ ଏକ ଅନିଶ୍ଚିତତା ଦେଖାଦେଉଛି। ଫଳରେ ଅଳଙ୍କାର ଶିଳ୍ପରେ ମାନ୍ଦାବସ୍ଥା ରହିଛି। ଏପରିକି ଅର୍ଥନୀତିରେ ମଧ୍ୟ ଏହାର ପ୍ରଭାବ ଦେଖାଦେଇଛି।

**ପ୍ରଶ୍ନ-୨: ଅଳଙ୍କାର ଶିଳ୍ପରେ ଗତ ବର୍ଷ କେଉଁ ଅଳଙ୍କାର ଟ୍ରେଣ୍ଡରେ ରହିଥିଲା?**

ଉତ୍ତର: ଗତ ବର୍ଷ ଅଳଙ୍କାର ଶିଳ୍ପରେ ହାଲୁକା ଡିଜାଇନର ଅଳଙ୍କାର ବେଶ୍ ଟ୍ରେଣ୍ଡ କରିଥିଲା। ଏପରିକି ସାରା ଦେଶରେ ସୁନା ଦର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଗ୍ରାହକମାନେ ବିବାହ କିମ୍ବା କୌଣସି ଉତ୍ସବ ସମୟରେ ସ୍ୱଳ୍ପ ବଜେଟରେ କାରବାର କରୁଛନ୍ତି।

**ପ୍ରଶ୍ନ-୩: ବର୍ତ୍ତମାନ ଗ୍ରାହକଙ୍କ ମଧ୍ୟରେ କ'ଣ ପରିବର୍ତ୍ତନ ଦେଖୁଛନ୍ତି?**

ଉତ୍ତର: ଗ୍ରାହକମାନେ ସେହି ବ୍ରାଣ୍ଡର ଜିନିଷ କିଣିବାକୁ ପସନ୍ଦ କରୁଛନ୍ତି,ଯେଉଁ ବ୍ରାଣ୍ଡକୁ ସେମାନେ ବିଶ୍ୱାସ କରନ୍ତି। ସେଥିପାଇଁ ସେମାନେ କିଛି ପରିମାଣର ଟଙ୍କା ଦେଇ ଜିନିଷ କିଣିବାକୁ ପସନ୍ଦ କରିଥାଆନ୍ତି। ଏପରିକି ବ୍ରାଣ୍ଡରୁ କିଣାକିଣି କଲେ ସେମାନଙ୍କର ଅର୍ଥର ମୂଲ୍ୟ ସହ ଗୁଣାତ୍ମକ ସାମଗ୍ରୀ ପାଇପାରିବେ ବୋଲି ଗ୍ରାହକ ଅନୁଭବ କରିଥାନ୍ତି।

**ପ୍ରଶ୍ନ-୪: ସୁନା ଅଳଙ୍କାର ବିକ୍ରି ବିଶ୍ୱାସରେ ହୋଇଥାଏ, କିନ୍ତୁ ବର୍ତ୍ତମାନ ଦେଶରେ ଅନ୍‌ଲାଇନ ମାଧ୍ୟମରେ ସୁନା ଅଳଙ୍କାର ବିକ୍ରି ହେଉଛି। ତେଣୁ ଆପଣ ଭାବୁଛନ୍ତି କି ଭବିଷ୍ୟତରେ ଏହା ବିକ୍ରିରେ ପ୍ରଭାବ ପକାଇପାରିବ?**

ଉତ୍ତର: ପ୍ରକୃତରେ ଏହା ସତ୍ୟ ନୁହେଁ, ହେଲେ ବାସ୍ତବରେ ଦେଖାଗଲେ ଲୋକମାନେ ପ୍ରାୟ ଶୋ'ରୁମ୍‌ଗୁଡ଼ିକରୁ ଜିନିଷ କିଣିବାକୁ ଭଲ ପାଇଥାଆନ୍ତି। ଏପରିକି ଦେଶର ପ୍ରତ୍ୟେକ ବ୍ରାଣ୍ଡ୍ ବର୍ତ୍ତମାନ ଅନ୍‌ଲାଇନ ମାଧ୍ୟମରେ ତାଙ୍କର ଉତ୍ପାଦ ପ୍ରଦର୍ଶନ ଓ ଜିନିଷ କିଣିବାକୁ ଗ୍ରାହକମାନଙ୍କୁ ଅନେକ ପ୍ରକାର ସୁବିଧା ମଧ୍ୟ ଯୋଗାଇ ଦେଉଛନ୍ତି।

**ପ୍ର-୫: ବ୍ୟବସାୟ ଅଭିଜ୍ଞତା ସମ୍ପର୍କରେ କ'ଣ କହିବେ?**

ଉତ୍ତର- କୋଲକାତାର ସେଣ୍ଟ ଜାଭିୟର କଲେଜରୁ ମୁଁ ବି.କମ୍‌ରେ ସ୍ନାତକ କରିଛି। ଏପରିକି ଡେରାଡୁନ୍ ଡୁନ୍ ସ୍କୁଲର ଆଲୁମ୍‌ନି ଥିଲି। ବିଶେଷକରି ପ୍ରାରମ୍ଭିକ ପର୍ଯ୍ୟାୟରେ ମୁମ୍ବାଇଠାରେ ଡେଲୋଏଟ୍‌ର ଅଡିଟ୍ ଡିଭିଜନ ସହିତ ଡେଲୋଏଟ୍ ହାସକିନ୍ସର ସେଲ୍‌ରେ ମଧ୍ୟ କାର୍ଯ୍ୟ କରିଥିଲି। ପରବର୍ତ୍ତୀ ସମୟରେ ମୋର ହୋମ୍‌ଟାଉନ ରାଉରକେଲାକୁ ଫେରି ଆସିଥିଲି। ତେବେ ଆମ ପାଖରେ ଇନ୍ଦିରା ଟେକ୍ସଟାଇଲ ନାଁରେ ପୋଷାକ ଉତ୍ପାଦନ କରୁଥିବା ବ୍ୟବସାୟ ରହିଛି। ବର୍ତ୍ତମାନ ରାଉରକେଲା, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ରେ ମାନ୍ୟବର ସଂସ୍ଥା ପାଇଁ ଆମେ ଫ୍ରାଞ୍ଚାଇଜ୍ ନେଇଛୁ। ଏହା ସହ ରାଉରକେଲାରେ ଫାବ୍‌ଇଣ୍ଡିଆ ଷ୍ଟୋର ମଧ୍ୟ ରହିଛି। ଆମେ ବର୍ତ୍ତମାନ ରାଉରକେଲା, ସମ୍ବଲପୁର ଏବଂ ଝାରସୁଗୁଡ଼ାରେ ତନିସ୍କ ବ୍ରାଣ୍ଡର ବ୍ୟବସାୟୀ ସହଯୋଗୀ ଅଟୁ।

# 'ଝିଅକୁ ହତ୍ୟା କରାଯାଇଛି'

## ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀ ମୃତ୍ୟୁ ଘଟଣା

## ଚାପରେ ସତ ଲୁଚିଯିବ: ମା'ବାପା

**ବଲାଙ୍ଗୀର ଅଫିସ, ୩।୩**


ଚିନ୍ମୟୀଙ୍କ ବାପା ଡା. ବନମାଳୀ ସାହୁ ଏବଂ ମା' ଲବଙ୍ଗ ସାହୁ

ଭିସୁଟ୍‌ର ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ହତ୍ୟା ମାମଲାରେ ଶୁକ୍ରବାର ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି ତାଙ୍କ ବାପା ଡାକ୍ତର ବନମାଳୀ ସାହୁ ଏବଂ ମା' ଲବଙ୍ଗ ସାହୁ। ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ବେକରେ ସୃଷ୍ଟି ହୋଇଥିବା ଚିହ୍ନରୁ ଏହା ସ୍ପଷ୍ଟ ଜଣାପଡୁଛି। ବେକକୁ ରଶି କିମ୍ବା କୌଣସି ମୋବାଇଲ କର୍ଡ ଭଳି ତାରରେ ଦବାଇ ହତ୍ୟାକରି କିମ୍ବା ଅର୍ଦ୍ଧଚେତନ ଅବସ୍ଥାରେ ପିସି ବ୍ରିଜ୍ ପାୱାର ଚ୍ୟାନେଲକୁ ଫିଙ୍ଗି ଦିଆଯାଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି ବୋଲି ଉଭୟେ ବଲାଙ୍ଗୀର ସହର ଟିକ୍ରାପଡ଼ାସ୍ଥିତ ବାସଭବନରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। କେବଳ ଏତିକି ନୁହେଁ, ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ପ୍ରତିମାନ୍ ଦେଙ୍କ ବାପା ଗୃହ ବିଭାଗର ଯୁଗ୍ମ ସଚିବ। ତେଣୁ ଚାପରେ ସତ ଲୁଚିଯିବ ବୋଲି ଉଭୟେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଡାକ୍ତର ବନମାଳୀ କହିଛନ୍ତି, ପାଣିରୁ ଚିନ୍ମୟୀଙ୍କ ମୃତଦେହ ଜବତ କରାଯିବା ପରେ ତାଙ୍କ ବେକରେ ଦାଗ ରହିଥିବା ଦେଖାଯାଇଥିଲା। ଏହା ହତ୍ୟାକାଣ୍ଡ ଆଡ଼କୁ ଇଙ୍ଗିତ କରୁଛି। ସେ ନିଜେ ଜଣେ ଡାକ୍ତର ହୋଇଥିବାରୁ ଏହାକୁ ଭଲଭାବେ ଅନୁମାନ କରିପାରିବା ସ୍ୱାଭାବିକ। ଚିନ୍ମୟୀ ଜଣେ ମେଧାବୀ ଛାତ୍ରୀ। ସେ ଆଇଟିରେ ବି.ଟେକ୍ କରିସାରିଥିଲେ। ଏହାପରେ ଭୁବନେଶ୍ୱରରେ ରହି ସିଡିଏସ୍, ଓପିଏସ୍‌ସି, ୟୁପିଏସ୍‌ସି ପାଇଁ ପ୍ରସ୍ତୁତି କରୁଥିଲେ। ତାଙ୍କୁ ପ୍ରତିମାନ୍ ହିଁ ହତ୍ୟା କରିଥିବା ସେ ସନ୍ଦେହ କରିଛନ୍ତି। ପ୍ରତିମାନ୍‌ଙ୍କ ବାପା ଗୃହ ବିଭାଗର ଜଣେ ଯୁଗ୍ମ ସଚିବ। ସେ ତଦନ୍ତକୁ ବାଟବଣା କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ତେଣୁ ରାଜ୍ୟ ସରକାର ତାଙ୍କୁ ନ୍ୟାୟ ଦେବା ଲାଗି ବ୍ୟବସ୍ଥା କରନ୍ତୁ ବୋଲି ସେ ନିବେଦନ କରିଛନ୍ତି।

ସେହିପରି ଚିନ୍ମୟୀଙ୍କ ମା' ଲବଙ୍ଗ କହିଛନ୍ତି, ଘଟଣା ଦିନ ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଶେଷଥର ପାଇଁ ସେ ଝିଅଙ୍କ ସହ କଥା ହୋଇଥିଲେ। ଏହାପରେ ମୋବାଇଲରେ ଚାଟିଂ କରିଥିଲେ। ରାତି ୯ଟାରେ ବସ୍‌ରେ ବସି ଫେରିବେ ବୋଲି ଚିନ୍ମୟୀ କହିଥିଲେ। ରାତି ପ୍ରାୟ ୯ଟା ୨୦ରେ ସେ ପୁନର୍ବାର ଫୋନ୍ କରିଥିଲେ। ଫୋନ୍ ଅନ୍ ଥିଲା ଏବଂ କିଛି ଶବ୍ଦ ଶୁଭିଥିଲା। କାଳେ ଅନ୍ୟ କେଉଁଠି ଲାଗିଗଲା ଭାବି ସେ ଫୋନ କାଟି ଦେଇଥିଲେ। ପ୍ରାୟ ଏକଘଣ୍ଟା ପରେ ରାତି ପ୍ରାୟ ସାଢ଼େ ୧୦ଟାରେ ଭିସୁଟ୍‌ରୁ ଜଣେ ମ୍ୟାଡାମ ତାଙ୍କୁ ଫୋନ୍ କରି ଚିନ୍ମୟୀ ପିସି ବ୍ରିଜ୍‌ରୁ ଖସିପଡ଼ିଥିବା ସୂଚନା ଦେଇଥିଲେ। ରାତି ୯ଟାରେ ବସ୍‌ରେ ଫେରିବା କଥା କହିଥିବା ଚିନ୍ମୟୀ କେଉଁ ପରିସ୍ଥିତିରେ ପିସି ବ୍ରିଜ୍‌କୁ ଗଲେ ଏବଂ ପ୍ରତିମାନ୍‌ଙ୍କଠାରୁ କେମିତି ଚିନ୍ମୟୀଙ୍କ ମୋବାଇଲ ଫୋନ୍ ବାହାରିଲା ତାହାର କୌଣସି ସନ୍ତୋଷଜନକ ଉତ୍ତର ଦିଆଯାଉନାହିଁ। ଚିନ୍ମୟୀଙ୍କ ବେକରୁ ସୁନାଚେନ୍ ଗାଏବ ହୋଇଯାଇଛି। ତେଣୁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଲବଙ୍ଗ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ରାଇରଙ୍ଗପୁର,୩।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍ ଜେଲର ଜଣେ ବିଚାରାଧୀନ ବନ୍ଦୀଙ୍କ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ ତିରିଂ ଥାନା ଅଧୀନ ଜଟା ଗ୍ରାମର ଗୋବିନ୍ଦ ବିନ୍ଧାଣୀ(୫୧)। ଏକ ଠକେଇ ମାମଲା(ନଂ.୨/୨୩)ରେ ତିରିଂ ଥାନା ପୋଲିସ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଗତ ଜାନୁୟାରୀ ୩ ତାରିଖଠାରୁ ସେ ରାଇରଙ୍ଗପୁର ସବ୍ ଜେଲରେ ବିଚାରାଧୀନ ବନ୍ଦୀଭାବେ ରହି ଆସୁଥିଲେ। ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୦ଟାରେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ଜେଲ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ଅପରାହ୍ନ ସାଢ଼େ ଗୋଟାଏ ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ରାଇରଙ୍ଗପୁର ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୩) ରୁଜୁ ହୋଇଥିବା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି।

## ହାତୀ ଆକ୍ରମଣରେ ୨ ଜୀବନ ଗଲା

**ବାରିପଦା ଅଫିସ/ଠାକୁରମୁଣ୍ଡା, ୩।୩ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲାରେ ହାତୀ ଆକ୍ରମଣରେ ୨ ଜଣଙ୍କ ପ୍ରାଣହାନି ଘଟିଛି। ମୃତକ ହେଲେ ବାରିପଦା ବନଖଣ୍ଡ ଅଧୀନ ରାସଗୋବିନ୍ଦପୁର ଥାନା କମାରଡିହା ପଞ୍ଚାୟତ ଝରିଆ ଗ୍ରାମର ଭୁଲ ରାମ ଓ କରଞ୍ଜିଆ ବନଖଣ୍ଡ ରରୁଆଁ ବ୍ଲକ ବାଟିସାହିର ରୁଟିଆ ହେମ୍ବ୍ରମ। ସୂଚନାଯୋଗ୍ୟ, ଶୁକ୍ରବାର ଭୋର ପ୍ରାୟ ୫ଟା ସମୟରେ ଭୁଲ ରାମ କବାଟ ଖୋଲିଲା ବେଳକୁ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ପାଦରେ ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବନ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ନ ପହଞ୍ଚିବାରୁ ଉତ୍ତେଜନା ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ପରେ ରାସଗୋବିନ୍ଦପୁର ପୋଲିସ ସହ ନାକିଟୁଆ ଫରେଷ୍ଟର ଉପସ୍ଥିତ ହୋଇ ବୁଝାଶୁଝା କରିବାରୁ ଲୋକେ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଥିଲେ। ସେହିପରି ଗୁରୁବାର ବିଳମ୍ବିତ ରାତିରେ ବାଟିସାହିର ରୁଟିଆ ହେମ୍ବ୍ରମ ଘର ଭିତରେ ଶୋଇଥିବା ବେଳେ ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣର ଶିକାର ହୋଇଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଉଭୟ ଗାଁର ଲୋକେ ଦାବି କରିଛନ୍ତି।

## କୋରାପୁଟ, ରାୟଗଡ଼ାରେ ମୃଦୁ ଭୂମିକମ୍ପ

### ରିକ୍ଟର ସ୍କେଲରେ ତୀବ୍ରତା ୩.୮

**କୋରାପୁଟ/ ସୁନାବେଡା/ସେମିଳିଗୁଡା, /ନାରାୟଣପାଟଣା/ରାୟଗଡା/ଟିକିରି, ୩।୩ ( ସ୍ୱ.ପ୍ର./ଡି.ଏନ.ଏ.):** କୋରାପୁଟ ଓ ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଭୋର ୫ଟାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୮ ଥିଲା ବୋଲି କୋରାପୁଟ ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। କୋରାପୁଟ ଜିଲାର ନାରାୟଣପାଟଣା, ବନ୍ଧୁଗାଁ, ଲକ୍ଷ୍ମୀପୁର, ଦଶମନ୍ତପୁର, ସୁନାବେଡ଼ା ଓ ସେମିଳିଗୁଡ଼ା ଅଞ୍ଚଳରେ ୨ରୁ ୩ ସେକେଣ୍ଡ ଧରି ଭୂକମ୍ପ ଅନୁଭୂତ ହୋଇଥିଲା। ଉପରୋକ୍ତ ଅଞ୍ଚଳରେ କେତେକ ଘରେ ସାମାନ୍ୟ ଫାଟ ସୃଷ୍ଟି ହୋଇଥିବା କୁହାଯାଉଛି। ସେହିଭଳି ରାୟଗଡ଼ା ସହର ସମେତ କାଶୀପୁର, ଟିକିରି, କୋଲନରା, କଲ୍ୟାଣସିଂହପୁର ଓ ପଡ଼ୋଶୀ ଆନ୍ଧ୍ରପ୍ରଦେଶର କେତେକ ଅଞ୍ଚଳରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା। ଟିକିରିଠାରେ ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୪.୫ ଥିଲା। ତେବେ ଭୂକମ୍ପ ଯୋଗୁ କୌଣସି ସ୍ଥାନରେ କ୍ଷୟକ୍ଷତିର ଖବର ହସ୍ତଗତ ହୋଇ ନ ଥିବା ଜଣାପଡିଛି।

# ପ୍ରଥମ ଦିନରେ ୩ ଫିଲ୍ମ ପ୍ରଦର୍ଶିତ

## ରେଭେନ୍‌ଶାରେ ଆରମ୍ଭ ହେଲା ଫିଲ୍ମ ଫେଷ୍ଟିଭାଲ

- **ସତ୍ୟଜିତ୍ ରାୟଙ୍କୁ ଜନ୍ମ ଶତବାର୍ଷିକୀ ସମ୍ମାନ**
- **ପାବଲୋ ବାର୍ଥୋଲୋମିଉ ବଖାଣିଲେ ସତ୍ୟଜିତ୍‌ଙ୍କ ସିନେମା ନିର୍ମାଣ କଳା**
- **ଗେ ଇଣ୍ଡିଆ ମାଟ୍ରିମୋନି ଓ ହଦ ଅନହଦ ପ୍ରଦର୍ଶନ ବନ୍ଦ**



**କଟକ ଅଫିସ,୩।୩**

ଭାରତୀୟ ସିନେ ଜଗତର କିମ୍ବଦନ୍ତୀ ପୁରୁଷ ସତ୍ୟଜିତ୍ ରାୟଙ୍କ ଜନ୍ମ ଶତବାର୍ଷିକୀକୁ ସାରା ଦେଶରେ ପାଳନ କରିବା ପାଇଁ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରୟାସ ଜାରି ରହିଛି। ସିନେ ନିର୍ଦ୍ଦେଶକ, ସଂଳାପ ଲେଖକ, ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାତା, ପ୍ରାବନ୍ଧିକ, ଗୀତିକାର, ପତ୍ରିକା ସମ୍ପାଦକ, ସଙ୍ଗୀତ ନିର୍ଦ୍ଦେଶକ ଭାବେ ସତ୍ୟଜିତ୍ ରାୟଙ୍କ କାର୍ଯ୍ୟାବଳୀକୁ ବର୍ତ୍ତମାନର ଯୁବପିଢ଼ି ନିକଟରେ ଉପସ୍ଥାପନ କରାଇବା ଏହାର ଉଦ୍ଦେଶ୍ୟ। ଏହି ଅବସରରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଫିଲ୍ମ ସୋସାଇଟି ପକ୍ଷରୁ ଏକ ଫିଲ୍ମ ଫେଷ୍ଟିଭାଲ ପାଇଁ ହୋଇଥିବା ଯୋଜନା ବହୁ ବାଦବିବାଦ ପରେ ଶୁକ୍ରବାର ଆରମ୍ଭ ହୋଇଛି। ତେବେ ଗୁରୁବାର ଫିଲ୍ମ ଫେଷ୍ଟିଭାଲ ଆରମ୍ଭ ହେବାକୁ ଥିବାବେଳେ ଗେ ଇଣ୍ଡିଆ ମାଟ୍ରିମୋନି ଓ ହଦ ଅନହଦ ଫିଲ୍ମକୁ ପ୍ରଦର୍ଶନ ନ କରିବା ଲାଗି ଉଠିଥିବା ବିରୋଧ ସମ୍ଭାଳିବାକୁ ଯାଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଦୁଇଟି ଫିଲ୍ମର ପ୍ରଦର୍ଶନ ଉପରେ ରୋକ୍ ଲଗାଯାଇଛି। ହେଲେ ୩ ଦିନିଆ ଫିଲ୍ମ ଫେଷ୍ଟିଭାଲ ଏବେ ୨ ଦିନରେ ଶେଷହେବ ବୋଲି ଜଣାଯାଇଛି।

ଶୁକ୍ରବାର ପ୍ରଥମ ଦିନର ଫିଲ୍ମ ପ୍ରଦର୍ଶନ ଆରମ୍ଭ ହେବା ପୂର୍ବରୁ ମଞ୍ଚରେ ଅତିଥି ଭାବେ ଦିଲ୍ଲୀରୁ ଆସିଥିବା ସିନେ ଜଗତର ବିଶିଷ୍ଟ ଫଟୋଗ୍ରାଫର ପଦ୍ମଶ୍ରୀ ପାବଲୋ ବାର୍ଥୋଲୋମିଉ ଉପସ୍ଥିତ ଥିଲେ। ସେ ସତ୍ୟଜିତ୍ ରାୟଙ୍କ ସହ କାମ କରିବାର ଅନୁଭୂତି ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ବଖାଣିଥିଲେ। ସତ୍ୟଜିତ୍‌ଙ୍କ ସିନେମା ସେଟ୍ ପ୍ରସ୍ତୁତିର ଡିଜାଇନ୍ ଅତ୍ୟନ୍ତ କଳାତ୍ମକ ରହୁଥିଲା। ସେ ସିନେମାର ଗୁଣାତ୍ମକ ଦିଗ ପ୍ରତି ବେଶ୍ ସଚେତନ ରହୁଥିଲେ। ତାଙ୍କ ଭଳି ସର୍ବଗୁଣସମ୍ପନ୍ନ ବ୍ୟକ୍ତିତ୍ୱ ଭାରତୀୟ ସିନେ ଜଗତରେ ବିରଳ ବୋଲି ସେ କହିଥିଲେ।

୨୦୨୨ରେ ନିର୍ମିତ କମଲ କେ.ଏମ୍.ଙ୍କ ନିର୍ଦ୍ଦେଶିତ ମାଲୟାଲମ ଫିଲ୍ମ ପଦ ଓ ୧୯୫୫ରେ ନିର୍ମିତ ସତ୍ୟଜିତ୍ ରାୟଙ୍କ ନିର୍ଦ୍ଦେଶିତ ବଙ୍ଗଳା ଫିଲ୍ମ ପାଥେର ପାଞ୍ଚାଲି ପ୍ରଦର୍ଶିତ ହୋଇଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍ ପ୍ରେକ୍ଷାଳୟରେ ଛାତ୍ରୀଛାତ୍ରମାନେ ଏହାକୁ ଉପଭୋଗ କରିଥିଲେ। ଏହାପରେ ମୋଇନାକ ବିଶ୍ୱାସ ମଞ୍ଚକୁ ଆସି ଦିବଂଗତ ଓଡ଼ିଆ ସିନେ ନିର୍ଦ୍ଦେଶକ ନିରଦ ମହାପାତ୍ର ସ୍ମାରକୀ ବକ୍ତୃତାରେ ସତ୍ୟଜିତ୍ ରାୟ ଆଣ୍ଡ ଦି ସେନ୍ସ ଅଫ୍ ୱଣ୍ଡର ଶୀର୍ଷକରେ ଆଲୋଚନା କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ୨୦୧୫ରେ ନିର୍ମିତ ତରୁଣ ମିଶ୍ରଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା ଦି ରେଫେରେଣ୍ଡମ ପ୍ରଦର୍ଶିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳସଚିବ କାହ୍ନୁଚରଣ ମଲ୍ଲିକ, ବିଶ୍ୱବିଦ୍ୟାଳୟ କଲ୍‌ଚରାଲ କାଉନ୍‌ସିଲ୍ ଚେୟାର ପର୍ସନ ଡ. ଉର୍ମିଶ୍ରୀ ବେଦମାତା, ବିଶ୍ୱବିଦ୍ୟାଳୟ ଷ୍ଟୁଡେଣ୍ଟସ୍ ୱେଲ୍‌ଫେୟାର ନିର୍ଦ୍ଦେଶକ ଡ. ଅଳକାନନ୍ଦା ପରିଡ଼ାଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଦର୍ଶକ ଗ୍ୟାଲେରିରେ ବସି ଫିଲ୍ମ ଦେଖିଥିଲେ। ଏହି ଅବସରରେ ସେଭେନ ପିଲାର୍ସ ଅଫ୍ ୱିଜ୍‌ଡମ୍ ପରିସରରେ ସତ୍ୟଜିତ୍‌ଙ୍କ ପାଥେର ପାଞ୍ଚାଲିର ବିଭିନ୍ନ ଦୃଶ୍ୟର ଫଟୋଚିତ୍ରଗୁଡ଼ିକୁ ନେଇ ଏକ ପ୍ରଦର୍ଶନୀ କରାଯାଇଛି। ରେଭେନ୍‌ଶା ଫିଲ୍ମ ସୋସାଇଟିର କର୍ମକର୍ତ୍ତାଙ୍କ ସମେତ ଜ୍ଞାନେଶ୍ରୁ ଜେନା, ନିବେଦିତା ବେହେରା, ଦେବାଂଶୁ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ପୋଲିସ ନିୟୋଜନ ପାଇଁ ଅନୁରୋଧ କରାଯିବା ପରେ ପ୍ରାୟ ୧୦ ଜଣ କର୍ମଚାରୀଙ୍କୁ ସେଠାରେ ନିୟୋଜିତ କରାଯାଇଥିବା ମାଲଗୋଦାମ ଥାନାଧିକାରୀ ରଜନୀକାନ୍ତ ଦାସ କହିଛନ୍ତି। ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ପ୍ରଫେସର ଧର୍ମବ୍ରତ ମହାପାତ୍ର କହିଛନ୍ତି, ଏକ ଗୋଷ୍ଠୀ ଦୁଇଟି ଚଳଚ୍ଚିତ୍ର ପ୍ରଦର୍ଶନକୁ ବିରୋଧ କରିବା ହେତୁ ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପ୍ରଥମ ଦିନ ସାମୟିକ ଭାବେ ଫିଲ୍ମ ଫେଷ୍ଟିଭାଲକୁ ବନ୍ଦ କରାଯାଇଥିଲା। ଏବେ ସବୁକିଛି ଠିକ୍ ଅଛି। ଶାନ୍ତିଶୃଙ୍ଖଳାର ସହ ଫିଲ୍ମ ଫେଷ୍ଟିଭାଲ ଆରମ୍ଭ ହୋଇଛି।

### ସେମାନେ କୁହନ୍ତି...



ବିଶ୍ୱବିଦ୍ୟାଳୟ ଇତିହାସରେ ଏଭଳି ଫିଲ୍ମ ଫେଷ୍ଟିଭାଲ ପ୍ରଥମଥର ପାଇଁ ହେଲା। ସମସ୍ତ ପ୍ରକାରର ସହଯୋଗ ଆମ ସୋସାଇଟିକୁ ମିଳିଛି। ସତ୍ୟଜିତ୍ ରାୟଙ୍କ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ଆମର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ସେଥିପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପ୍ରଶାସନ ନିକଟରେ ଆମେ କୃତଜ୍ଞ।

**- ଶୁଭ ସୁଦର୍ଶନ ନାୟକ, ସମ୍ପାଦକ, ରେଭେନ୍‌ଶା ଫିଲ୍ମ ସୋସାଇଟି**



ଫିଲ୍ମ ଫେଷ୍ଟିଭାଲ ଆୟୋଜନ ପାଇଁ ୧୦ ଦିନ ହେବ ଆମେମାନେ ପରିଶ୍ରମ କରିଛୁ। ସତ୍ୟଜିତ୍ ରାୟ ହେଉଛନ୍ତି ଜଣେ ବିଶ୍ୱବିଖ୍ୟାତ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ। ତାଙ୍କ ଚଳଚ୍ଚିତ୍ରଗୁଡ଼ିକୁ ବଡ଼ ପରଦାରେ ଦେଖିବାର ସୁଯୋଗ ମିଳିଲା। ସମସ୍ତେ ବହୁତ ଉତ୍ସାହିତ ଅଛୁ।

**- ସୋନିଆ ଚାନ୍ଦ, ସଦସ୍ୟ, ରେଭେନ୍‌ଶା ଫିଲ୍ମ ସୋସାଇଟି**

SMILE+ JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
• White Phenyle
• Black Phenyle
• Green Phenyle
• Liquid detergent
• Detergent Powder
• Packaging Materials
• Hand Wash
• Dish Wash
• Toilet Cleaner
• Glass Cleaner
• Sanitizer
• Agarbati
Free Training on all products
Other Chemicals
• Bleaching Powder • Alum
• Castic Soda • Acetic Acid
• HCL Acid • Dolomite Powder
• Sulphuric Acid • French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED SALESMAN
for Electronics Showroom in Bapujinagar. Candidate to have minimum 2-3 years experience in electronics trade/retail showroom.
Contact- 7008902929
7789005578

ସର୍ବସାଧାରଣ ସର୍ଭେ (କ୍ଷେତ୍ର କାର୍ଯ୍ୟ): 10th / +2 ପାସ୍ କିମ୍ବା ଫେଲ୍, ବୟସ: 20-28 ବର୍ଷ, ସ୍ମାର୍ଟ ଫୋନ୍ ଓ ବାଇକ୍ ଜରୁରୀ। ଦରମା- 15,000/- ମାସିକ + ପେଟ୍ରୋଲ + ଖାଇବା ଭତ୍ତା।
ଫୋନ୍/ WhatsApp :
9515249158

ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qual.: 9th, 10th, +2, +3
Salary: 10,000 to 25,000
Age: (18-35) Yrs
ଯୋଗାଯୋଗ ମୋବାଇଲ ନମ୍ବର
7325808610

Required
Required Spinning Master/Technical Manager for Spinning Mills in Orissa. Interested person may contact : 9830021565

See Career Appointment on every Wednesday & Saturday

ବାଡ଼ିବଗିଚା କାମ ପାଇଁ ମାଳି ଆବଶ୍ୟକ
ରହିବାକୁ ଘର + 12500/- ।
ଫୁଲନଖରା, କଟକ
ଯୋଗାଯୋଗ:
7809525452

LCJ SILVER-LALCHAND JEWELLERS REQUIRED
SALES STAFF: 11nos. For the Bhubaneswar Store.
Minimum Quali: +3 & 2 Years Retail Experience.
Send Resume at Mail ID: admin@lcjsilver.com
or Call: 0674-2535555, 9776456453.

PARADIP PORT AUTHORITY
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-II-21-23/2014/507 Dated, the 03rd March, 2023
Advertisement
Applications are invited from Indian Nationals for engagement of 01 (one) Manager (Trade Promotion Center) on contractual basis in Paradip Port Authority.
For further details, visit our website: www.paradipport.gov.in/career.aspx
Sd/- Sr. Dy. Secretary
Paradip Port Authority
PPA/PR/229/2022-23 Dt. 03.03.2023

MOTHER DAIRY
MOTHER DAIRY ICE CREAM DIVISION
REQUIRES
SALES EXECUTIVE TO BE PLACED UNDER SUPER STOCKIST AT BHUBANESWAR
NAME OF THE POSITION : PILOT SALES REPRESENTATIVE
QUALIFICATION :- +2 WITH HAVING EXPERIENCE OF SALES IN FMCG SECTOR
SALARY :- 10,000/- PER + TRAVEL EXPENCES @ 100 Rs PER DAY
CONTACT :- SAGEN TRADING M:-9874062623
INTERESTED CANDIDATES MAY email THEIR RESUME TO sagen.trade@gmail.com

WANTED
ଧରିତ୍ରୀ DHARITRI Oriya daily
is looking for
RECOVERY EXECUTIVES
• Minimum 4-5 years experience in recovery. Working with targets and tight deadlines will be needed.
• Tracking outstanding debts.
• Update account status and database regularly.
• Graduates with good knowledge of MS Office, TALLY and databases.
Apply immediately to :
recruitment@dharitri.com
Attractive salary commensurate with experience

"ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। -ଶ୍ରୀଅରବିନ୍ଦ

# ଡେପୁଟେଶନ ଦୌଡ଼



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପଞ୍ଜାବରେ ଅଜ୍‌ନାଳା ଘଟଣା ଭୟଙ୍କର 'ଖଲିସ୍ଥାନ' ଶବ୍ଦକୁ ପୁନର୍ବାର ସାମ୍‌ନାକୁ ଆଣିଛି। ଏହା ସହ ଆଉ ଏକ ଚରମପନ୍ଥୀ ବିଚାରଧାରାର ଉତ୍‌ଥାନ ବିସ୍ମରିତ ଅତୀତର ସ୍ମୃତିକୁ ଉଜାଗର କରିଛି। ଏହି ସ୍ଥିତିର ସ୍ଥିରତା ନାହିଁ ଓ ପରିବର୍ତ୍ତନ ହେବାର ଆଶଙ୍କା ରହିଛି। ଉକ୍ତ ପରିପ୍ରେକ୍ଷୀରେ ରାଜ୍ୟରେ ବରିଷ୍ଠ ଆଇଏଏସ୍ କିମ୍ବା ଆଇପିଏସ୍ ଅଧିକାରୀମାନେ ସାଧାରଣରେ ସକାରାତ୍ମକ କିମ୍ବା ପ୍ରେରଣାଦାୟକ ସଙ୍କେତ ପ୍ରକାଶ କରୁନାହାନ୍ତି। ସୂତ୍ରରୁ ଜଣାପଡ଼ିଛି , ପଞ୍ଜାବ ଛାଡ଼ି କେନ୍ଦ୍ର ଡେପୁଟେଶନ(କେନ୍ଦ୍ରୀୟ ପ୍ରତିନିଯୁକ୍ତି)ରେ ଯିବା ଲାଗି ବରିଷ୍ଠ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କ ମଧ୍ୟରେ ଏକ ପ୍ରକାର ଦୌଡ଼ ଆରମ୍ଭ ହୋଇଯାଇଛି। ରାଜ୍ୟରୁ ୫ରୁ ୬ ଜଣ ଅଧିକାରୀ ରାଜ୍ୟ ଛାଡ଼ି ସାରିଥିଲେ ବି ଅତି କମ୍‌ରେ ଆଉ ୭ ଆଇଏଏସ୍ ଅଧିକାରୀ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ଆବେଦନ କରିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ଉଭୟ ୨୦୦୫ ବ୍ୟାଚ୍ ଅଧିକାରୀ ଶିବିନ ସି ଏବଂ ୨୦୧୧ ବ୍ୟାଚ୍‌ର କୁମାର ସୌରଭ ଏବଂ ବି.ଶ୍ରୀନିବାସନ। ଆଇପିଏସ୍ ଅଧିକାରୀମାନଙ୍କ ମଧ୍ୟରୁ କେନ୍ଦ୍ରୀୟ ପ୍ରତିନିଯୁକ୍ତିରେ ଯାଇସାରିଥିବା ଅଧିକାରୀମାନେ ହେଲେ ଦିନ୍‌କର ଗୁପ୍ତା (ଏନ୍‌ଆଇଏ ମୁଖ୍ୟ), ସାମନ୍ତ ଗୋଏଲ ( ର ମୁଖ୍ୟ) ଏବଂ ହର୍‌ପ୍ରୀତ ସିଦ୍ଧୁ ଯିଏ କି ପୂର୍ବରୁ ଏସ୍‌ଟିଏଫ୍ ମୁଖ୍ୟ ରହିଥିଲେ। ଏମାନଙ୍କ ବ୍ୟତୀତ ପୂର୍ବତନ ଡିଜିପି ଭି.କେ.ଭାୱରଙ୍କ ସମେତ ଆଉ କେତେଜଣ ଆଇପିଏସ୍ ଅଧିକାରୀ ମଧ୍ୟ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ଆବେଦନ କରିଛନ୍ତି। ଡେପୁଟେଶନ ସମ୍ପର୍କରେ ଅଧିକ କିଛି ଜାଣି ନ ଥିବା ପ୍ରତ୍ୟେକ ଆଇଏଏସ୍ ଅଧିକାରୀଙ୍କ ପାଇଁ ଅତି କମ୍‌ରେ ୨ ବର୍ଷ କେନ୍ଦ୍ରୀୟ ଡେପୁଟେଶନରେ ଯିବା ଗୁରୁତ୍ୱପୂର୍ଣ୍ଣ, କାରଣ ଏହାଦ୍ୱାରା ଆଗକୁ ପଦୋନ୍ନତିରେ କୌଣସି ବାଧା ରହେନାହିଁ। ବହୁ ସମୟରେ ରାଜ୍ୟ ସହ ଭଲ ସମ୍ପର୍କ ନ ଥିବା ଅଧିକାରୀମାନେ ମଧ୍ୟ କେନ୍ଦ୍ରୀୟ ପ୍ରତିନିଯୁକ୍ତିକୁ ପସନ୍ଦ କରିଥାନ୍ତି। ଏହି କାରଣରୁ କ'ଣ କେନ୍ଦ୍ରୀୟ ପ୍ରତି ନିଯୁକ୍ତିରେ ଯିବା ଲାଗି ଚାଲିଥିବା ଦୌଡ଼ ପାଇଁ ଦ୍ୱାର ଖୋଲି ଦିଆଯିବ ?

### ଆକସ୍ମିକ ପରିବର୍ତ୍ତନ

ନୀତି ଆୟୋଗ ଉପାଧ୍ୟକ୍ଷ ପରମେଶ୍ୱରନ ଆୟରଙ୍କ ସ୍ଥାନରେ ପୂର୍ବତନ ବାଣିଜ୍ୟ ସଚିବ ବିଭିଆର୍ ସୁବ୍ରମଣ୍ୟମଙ୍କୁ ଅବସ୍ଥାପିତ କରାଯିବା ପାଇଁ ଘୋଷଣା କରାଯାଇଛି। ଏହି ପଦକ୍ଷେପ ଅନେକ ବାବୁ ପର୍ଯ୍ୟବେକ୍ଷକଙ୍କୁ ବିସ୍ମିତ କରିଛି। ଗତବର୍ଷ ଜୁଲାଇରେ ଆୟରଙ୍କୁ ଏହି ପଦବୀରେ ନିଯୁକ୍ତ କରାଯାଇଥିଲା। ଏଣୁ ମାତ୍ର ୮ ମାସ ପରେ ସେହି ପଦବୀରୁ ତାଙ୍କୁ ହଠାତ୍ ହଟାଇବାର ରହସ୍ୟ ବୁଝିବା କଷ୍ଟକର। କେତେଜଣ ବିଶ୍ୱାସ କରନ୍ତି ଯେ, ଅମିତାଭ କାନ୍ତଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ନୀତି ଆୟୋଗ ମଧ୍ୟରେ କିଛି ଅସ୍ଥିରତା ଥିଲା। ସେ ଯାହା ହେଉ ନା କାହିଁକି ଏହି ପଦକ୍ଷେପ ପଛରେ କିଛି ବିଶ୍ୱାସଯୋଗ୍ୟ କାରଣ ରହିଛି। ଆୟର ଏବେ ବିଶ୍ୱ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ତିନି ବର୍ଷ ପାଇଁ ୱାଶିଂଟନ ଡିସି ଯାଉଛନ୍ତି। କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ନିଜ ହରିୟାଣା କ୍ୟାଡରକୁ ପ୍ରତ୍ୟାବର୍ତ୍ତନ କରିଥିବା ରାଜେଶ ଖୁଲାରଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତ କରାଯାଇଛି। ଆୟର ଆମେରିକାରେ ପୁଣି ରହିବାକୁ ଚାହିଁଥିଲେ ବୋଲି କେତେକେ ବିଶ୍ୱାସ କରୁଥିବାବେଳେ ଆଉ କେତେଜଣ କହନ୍ତି ଯେ, ହରିୟାଣା ସରକାର ରାଜ୍ୟରେ ଖୁଲାର କାମ କରନ୍ତୁ ବୋଲି ଅତ୍ୟଧିକ ଆଗ୍ରହୀ ଥିଲେ। ଗତ ବର୍ଷ ଅବସର ନେବାକୁ ଥିବାବେଳେ ବିଭିଆର୍‌ଙ୍କୁ ଭାରତୀୟ ବାଣିଜ୍ୟ ବିକାଶ ସଂଗଠନ (ଆଇଟିପିଓ)ର ଅଧ୍ୟକ୍ଷ ପଦବୀ ଦେବାକୁ ମନା କରାଯିବା ପରେ ସେ ଆଉ ସରକାରଙ୍କ ପସନ୍ଦ ନୁହନ୍ତି ବୋଲି ଅନେକ ବାବୁ ପର୍ଯ୍ୟବେକ୍ଷକ ଭାବିଥିଲେ। କିନ୍ତୁ ଏହି ସମୟରେ ବିଭିଆର୍‌ଙ୍କ ପାଇଁ କେନ୍ଦ୍ରର ନିଷ୍ପତ୍ତି ତାଙ୍କ ପ୍ରତି ଥିବା ସମର୍ଥନର ଏକ ସଙ୍କେତ। ମୋଦି ସରକାରରେ ଜଣେ ପ୍ରିୟ ହିଁ ସରକାରଙ୍କର ସବୁବେଳେ ପ୍ରିୟ ହୋଇ ରହିବେ, ଏହି ଦୃଷ୍ଟିକୋଣକୁ ପୂରା ଅଧ୍ୟାୟ ସ୍ପଷ୍ଟ କରିଛି।

### ଯୋଜନାର ଶ୍ରେୟ

ଚଳିତ ସପ୍ତାହ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ କିଷାନ ଯୋଜନାର ତ୍ରୟୋଦଶ କିସ୍ତିରେ ୮ କୋଟିରୁ ଉର୍ଦ୍ଧ୍ୱ କୃଷକଙ୍କୁ ୧୬,୮୦୦ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଦେଶର କୃଷକମାନଙ୍କୁ ଲଗାତର ଭାବେ ସିଧାସଳଖ ସହାୟତା ଯୋଗାଇ ଦେବାରେ ଏହାକୁ ଏକ ବଡ଼ ପଦକ୍ଷେପ ଭାବେ ଦେଖାଯାଉଛି। ଡିସେମ୍ବର ୨୦୧୮ରେ ଲାଗୁ ହୋଇ ଏହି ଯୋଜନା ଫେବୃୟାରୀ ୨୦୧୯ରେ ଆରମ୍ଭ କରାଯାଇଥିଲା ଏବଂ କରୋନା ମହାମାରୀର ଭୟଙ୍କର ସମୟରେ ମଧ୍ୟ ୩ କୋଟିରୁ ଅଧିକ ହିତାଧିକାରୀଙ୍କ ଖାତାକୁ ଟଙ୍କା ଟ୍ରାନ୍ସଫର କରାଯାଇଥିଲା ବୋଲି କୃଷି ମନ୍ତ୍ରଣାଳୟ ନିଶ୍ଚିତ କରିଛି। ସୂତ୍ରରୁ ପ୍ରକାଶ ଯେ, ମନ୍ତ୍ରଣାଳୟରେ ବାବୁମାନେ ବିଶେଷ କରି କୃଷି ସଚିବ ମନୋଜ ଆହୁଜା କୃଷକମାନଙ୍କ ଆୟ ବୃଦ୍ଧି କରିବା ସହ କୃଷି ଅଭିବୃଦ୍ଧିରେ ସେମାନଙ୍କ ଯୋଗଦାନ ବଢ଼ାଇବା ଲାଗି କୃଷକମାନଙ୍କୁ ଆଖିଦୃଶିଆ ସହଯୋଗ ରାଶି ଯୋଗାଇ ଦେବାରେ ଅଧିକ ସଫଳ ହୋଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏକ କୃଷକ-କେନ୍ଦ୍ରିକ ଡିଜିଟାଲ ଭିତ୍ତିଭୂମି ସୃଷ୍ଟି କରାଯାଇଛି, ଯାହା ବିନା ମଧ୍ୟସ୍ଥରେ ଦେଶର ସବୁ ଭାଗରେ ଥିବା ସମସ୍ତ କୃଷକ ମୁଖ୍ୟତଃ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଖରେ ଯୋଜନାର ଲାଭ ପହଞ୍ଚିଥିବା ନିଶ୍ଚିତ କରିଛି। ମୋଦି ସରକାର ତାଙ୍କ ନିଜ ଯୋଜନାରେ କୃଷକମାନଙ୍କୁ ଦେଇଥିବା ସକାରାତ୍ମକ ଲାଭ ବିଷୟରେ ଗଳା ଫଟାଇ ପ୍ରଶଂସା କରୁଥିବାବେଳେ କୃଷି ମନ୍ତ୍ରଣାଳୟରେ ବାବୁମାନେ ଏହାର ସଫଳତାକୁ ନେଇ ଶ୍ରେୟ ଦାବି କରିବା ସ୍ୱାଭାବିକ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | 6 | | | | | 3 |
| 4 | 2 | | | | | | | 6 |
| | | 8 | | | | | 4 | |
| | | | | | | | 9 | 2 |
| | | | | 5 | | 7 | | |
| | | 2 | | | 7 | 3 | | |
| | | | | 7 | | | 6 | |
| 6 | | | 9 | 1 | | | | |
| 8 | | 3 | | | | 5 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 4 | 6 | 1 | 5 | 3 | 2 | 8 |
| 1 | 3 | 8 | 2 | 7 | 9 | 5 | 4 | 6 |
| 6 | 5 | 2 | 8 | 4 | 3 | 1 | 9 | 7 |
| 2 | 8 | 5 | 4 | 3 | 1 | 6 | 7 | 9 |
| 3 | 9 | 1 | 7 | 2 | 6 | 8 | 5 | 4 |
| 7 | 4 | 6 | 5 | 9 | 8 | 2 | 3 | 1 |
| 5 | 1 | 9 | 3 | 8 | 7 | 4 | 6 | 2 |
| 8 | 2 | 3 | 9 | 6 | 4 | 7 | 1 | 5 |
| 4 | 6 | 7 | 1 | 5 | 2 | 9 | 8 | 3 |

ଗତକାଲିର ଉତ୍ତର

# ଅପ୍ରିୟ ସତ୍ୟ ଓ ଉପସ୍ଥିତ ବୁଦ୍ଧି



ନାରାୟଣ ମିଶ୍ର

ସତ କହିବା ଆଉ ଶୁଣାଯାଉନାହିଁ। ଘରେ ଥାଇ ବି ମୋବାଇଲ୍‌ରେ କୁହାଯାଉଛି- ଭାଇ ଗାଡ଼ି ଚଳାଉଛି, ଟିକେ ପରେ ଫୋନ୍ କର। କୋର୍ଟ କଚେରିରେ ଗୀତା ଛୁଇଁ ଡାହା ମିଛ କହିବା ଆଇନ ଏବେ ବି ବଳବତ୍ତର ଅଛି। ତେଣୁ ସତ ପ୍ରାୟ ହଜିଗଲାଣି। ଚାରିଲିଟର ପାଣିରେ ଲିଟରଟାଏ କ୍ଷୀର ମିଶାଇ ଗୋପାଳବାବୁ ଖାଣ୍ଟି କ୍ଷୀର କହି ବିକ୍ରି କରି ଚାଲିଛନ୍ତି। ଅବସ୍ଥା ଏପରି ହେଲାଣି ଯେ ଜଣେ ସତକଥା କହୁଥିଲେ ବି ଆମକୁ ମିଛପରି ଲାଗୁଛି। ସତଟାକୁ ବ୍ୟଙ୍ଗାତ୍ମକ ସମାଲୋଚନା ଭାବି ଏହାକୁ ଆତ୍ମସମ୍ମାନ ଦୃଷ୍ଟିରୁ ଅପ୍ରିୟସତ୍ୟ ଆଖ୍ୟା ଦେଇ ଏଡାଇ ଯିବାକୁ ପଡୁଛି। ବେଳେ ବେଳେ ସତ କହିଲେ ଗୋ ହତ୍ୟା ଓ ମିଛ କହିଲେ ବ୍ରହ୍ମହତ୍ୟା ଦୋଷ ହେବ ଭାବି ମଣିଷ ତ୍ରିଶଙ୍କୁ ଅବସ୍ଥାରେ ପଡିଯାଉଛି। ଥରେ ଗୋଟିଏ ଜଳ ଜାହାଜରେ ଯାତ୍ରା କରୁଥିବା କ୍ୟାପ୍‌ଟେନ ଜାହାଜରେ ଥିବା ଅଭିଯୋଗ ଲେଖାଯାଉଥିବା ବହିରେ ଲେଖିଲେ ଯେ ନିର୍ଦ୍ଦିଷ୍ଟ ନାବିକ ପିଲାଟି ଗତ ରାତିରେ ମଦ ପିଇଛି। ଜାହାଜର ମାଲିକ ପ୍ରତି ପନ୍ଦର ଦିନରେ ଅଭିଯୋଗ ଖାତା ପଢ଼ନ୍ତି ଓ ଦୋଷ ଦେଖି ଶାରୀରିକ ବା ଅର୍ଥଦଣ୍ଡ ଦିଅନ୍ତି। ନାବିକ ପିଲାଟି ତା' ନାଁରେ ଅଭିଯୋଗ ଲେଖାଥିବା ଦେଖି କ୍ୟାପ୍‌ଟେନଙ୍କ ପାଖକୁ ଯାଇ ଅନୁରୋଧ କଲା ସେ ଅଭିଯୋଗଟି କାଟିଦେବା ପାଇଁ ଏବଂ ପୁଣି କହିଲା ଯଦି ନ କାଟିବେ, ତେବେ 'ଗତ ରାତିରେ' ପୂର୍ବରୁ 'କେବଳ' ଶବ୍ଦଟି ଯୋଡ଼ି ଦିଅନ୍ତୁ। କ୍ୟାପ୍‌ଟେନ୍ କହିଲେ ମୁଁ ସତ ହିଁ ଲେଖିଛି, ତେଣୁ ବଦଳେଇବି ନାହିଁ। ମନ ଦୁଃଖରେ ଫେରି ନାବିକ ପିଲାଟି ବହୁ ଚିନ୍ତା କରି ସେଇ ଅଭିଯୋଗ ବହିରେ ଲେଖିଦେଲା 'କ୍ୟାପ୍‌ଟେନ ଆଜି ରାତିରେ ମଦ ପିଇନାହାନ୍ତି।' କ୍ୟାପ୍‌ଟେନ ଅଭିଯୋଗ ପଢ଼ି ନାବିକ ପିଲାକୁ କହିଲେ- 'ତୁ ଯାହା ଲେଖିଛୁ ସତ, କିନ୍ତୁ ୟା'ର ଅର୍ଥ ମୁଁ ସବୁଦିନ ମଦ ପିଏ, ତେଣୁ ତୁ ରାତିରେ ଶବ୍ଦ ପରେ 'ମଧ୍ୟ' ଶବ୍ଦଟିଏ ଯୋଗ କରିଦେ, ତେଣୁ ୟା'ର ଅର୍ଥ ହୋଇଯିବ କ୍ୟାପ୍‌ଟେନ ଆଜି ରାତିରେ ମଧ୍ୟ ମଦ ପିଇନାହାନ୍ତି। କିନ୍ତୁ ନାବିକ ପିଲାଟି କ୍ୟାପ୍‌ଟେନଙ୍କ ଭାଷା ଅନୁକରଣ କରି କହିଲା- ମୁଁ ସତ ଲେଖିଛି, ତେଣୁ ବଦଳେଇବି ନାହିଁ। ତା' ପରେ ଉଭୟ ସେମାନଙ୍କ ଅଭିଯୋଗ ଦ୍ୱୟ ଅଭିଯୋଗ ବହିରୁ କାଟି ଉଡାଇଦେଲେ। ତେଣୁ ସତ୍ୟ ହେଲେ ବି ଅପ୍ରିୟ ସତ୍ୟକୁ ସମ୍ଭାଳି ହୁଏନି। ଆଉ ଏକ ଘଟଣାକ୍ରମେ ଗୋଟାଏ ଡକାୟତ ପୋଲିସମାନଙ୍କଠାରୁ ରକ୍ଷା ପାଇବାକୁ ନିକଟସ୍ଥ ଏକ ଆଶ୍ରମ ଭିତରକୁ ଯାଇ ଲୁଚିଗଲା। ଏକଥା ଆଶ୍ରମରେ ରହୁଥିବା ଋଷି ଜଣକ ଦେଖିଛନ୍ତି। ସଙ୍ଗେସଙ୍ଗେ ପୋଲିସ ଦଳ ସେଠାରେ ପହଞ୍ଚି ମୁନିଙ୍କୁ ପଚାରିଲେ- ହେ ଭଗବାନ, ଆପଣ ମିଛ କୁହନ୍ତି ନାହିଁ ବୋଲି ଆମେ ଜାଣୁ। ତେଣୁ କୁହନ୍ତୁ। ଏଇ କିଛିକ୍ଷଣ ପୂର୍ବରୁ




ଜଣେ ଡକାୟତ ଆଶ୍ରମ ଭିତରକୁ ପଶି ଆସିବାର ଆପଣ ଜାଣନ୍ତି କି ? ଋଷି କହିଲେ-ଯିଏ ଦେଖିଛି, ସିଏ କହିପାରିବ ନାହିଁ ଆଉ ଯିଏ କହିପାରିବ ତା'ର ଦୃଷ୍ଟିଶକ୍ତି ନାହିଁ। ଅର୍ଥାତ୍ ଆଖି ଦେଖିଛି କିନ୍ତୁ ଆଖିର ବାକ୍‌ଶକ୍ତି ନାହିଁ ଏବଂ ପାଟିର ବାକ୍‌ଶକ୍ତି ଅଛି କିନ୍ତୁ ଦେଖିପାରିବା କ୍ଷମତା ନାହିଁ। ଋଷିଙ୍କର କଥା ଚାତୁରି ଡକାୟତକୁ ରକ୍ଷା କରିଦେଲା ସତ, କିନ୍ତୁ ସତକୁ ଅପ୍ରିୟ ନ କରି ବୁଦ୍ଧି ପ୍ରୟୋଗ କରିବା ଦ୍ୱାରା ପୋଲିସ ଦଳ କିଛି ନ ବୁଝି ଋଷିଙ୍କୁ ବଦ୍ଧପାଗଳ ଭାବି ଫେରିଗଲେ।

ରାଜା ବିକ୍ରମାଦିତ୍ୟ ଥରେ ଖବର ପାଇଲେ ଯେ ତାଙ୍କର ଶ୍ରେଷ୍ଠ ପଣ୍ଡିତ କାଳିଦାସ ବାରମ୍ବାର ଜଣେ ସୁନ୍ଦରୀ ବେଶ୍ୟା ଘରକୁ ଯିବା ଆସିବା କରୁଛନ୍ତି। ରାଜାଙ୍କୁ ଏହା ଭଲ ଲାଗିଲା ନାହିଁ। କାଳିଦାସଙ୍କୁ ପନ୍ଦର ଦିନ ପରେ ବସିବାକୁ ଯାଉଥିବା ରାଜସଭାରେ ଅପଦସ୍ଥ କରିବାକୁ ରାଜା ଗୋଟିଏ ଉପାୟ ଚିନ୍ତା କଲେ। ବେଶ୍ୟାକୁ ଟିକେ ଅଧିକା ଟଙ୍କା ଦେଇ କହିଲେ, ତୁ ଏବେ କାଳିଦାସ ଆସିଲେ ତାଙ୍କୁ ଲଣ୍ଡା ହୋଇ ଆସିଲେ ହିଁ ମିଶିବାକୁ ଦେବି ବୋଲି କହିବୁ। ବେଶ୍ୟା ରାଜି ହୋଇ କାଳିଦାସଙ୍କୁ କହିବା ମାତ୍ରେ ସେ ରାଜି ହୋଇ ଲଣ୍ଡା ହୋଇଗଲେ। କିନ୍ତୁ ଲଣ୍ଡା ହେବା ବୁଦ୍ଧି ରାଜାଙ୍କର ବୋଲି କାଳିଦାସ ଅନୁମାନ କରିନେଲେ। କାଳିଦାସ ତା'ପରଦିନ ଗୈରିକ ବସନ ପିନ୍ଧି ସନ୍ଧ୍ୟାରେ ରାଣୀ ଉଆସକୁ ଗଲେ। ମୁହଁକୁ ଅଧା ଘୋଡାଯାଇଛି, ଗୈରିକ ବସନ ଓ ମୁଣ୍ଡରେ କେଶ ନାହିଁ- ଏସବୁ ଦେଖି ରାଣୀ ହଠାତ୍ ଚିହ୍ନିପାରିଲେ ନାହିଁ। କାଳିଦାସ କହିଲେ- ମୁଁ ଆପଣଙ୍କ ବାପଘର ଗାଁର ଜଣେ ବିଖ୍ୟାତ ଜ୍ୟୋତିଷ, ରାଜାଙ୍କର ଏକ ରିଷ୍ଟ ପଡିଛି। ତେଣୁ ପନ୍ଦରଦିନ ମଧ୍ୟରେ ତା'ର ପ୍ରତିକାର ନ କଲେ ରାଜା ମୃତ୍ୟୁମୁଖରେ ପଡିପାରନ୍ତି। ରାଣୀ ବିଚଳିତ ହୋଇ ପ୍ରତିକାର କ'ଣ ପଚାରିବାରୁ କାଳିଦାସ କହିଲେ- ଥରେ ମାତ୍ର ରାଜାଙ୍କୁ ରାତ୍ରିର ନିର୍ଜନ ପ୍ରହରରେ ଆପଣଙ୍କ ଶୟନ କକ୍ଷରେ ଘୋଡାପରି ଆଣ୍ଠେଇ ଆପଣ ତାଙ୍କ ଉପରେ ବସିବେ। ଚାରି ପାଞ୍ଚ ହାତ ଏଇଭଳି ଚାଲିବା ବେଳେ ରାଜାଙ୍କୁ କହିବେ ସେ ଘୋଡାପରି ହିଁ ହିଁ ଶବ୍ଦ କରିବେ। ବାସ୍, ଏତିକିରେ ରିଷ୍ଟ କଟିଯିବ। ରାଣୀ ରାଜି ହେଲେ ଓ ପରଦିନ ରାତିରେ ସେତକ ବି କରାଇନେଲେ।

ରାଜସଭା ବସିବା ପରେ କାଳିଦାସଙ୍କୁ ଦେଖି ରାଜା କହିଲେ- 'କେବଣ ତୀର୍ଥେ ଲଣ୍ଡିତ ମୁଣ୍ଡଂ ?' କାଳିଦାସ କହିଲେ- 'ଯେବଣ ତୀର୍ଥେ ହିଁ ହିଁ ତୁଣ୍ଡଂ।' ରାଜା ବୁଝିପାରିଲେ ନାହିଁ, କାରଣ ତାଙ୍କର ଘୋଡା ଭଳି ହୋଇ ହିଁ ହିଁ ଶବ୍ଦ କରିବା କଥା କାଳିଦାସଙ୍କର ଜାଣିବାର ବାଟ ନାହିଁ ବୋଲି ରାଜା ଭାବୁଥାନ୍ତି। ତା'ପରେ ପୁଣି ରାଜା କହିଲେ - 'କିଂ କୁର୍ବନ୍ତି ନ କୁର୍ବନ୍ତି କାମିନୀ ବଶବା ନରାଃ ! କାଳିଦାସ କହିଲେ- ଯଥା ରାତ୍ରେ ନିର୍ଜନେ ଚ ଘୋଟକ କାମିନୀ ଆୟତ୍ତେ। ଏସବୁ ସତ୍ୟ, କିନ୍ତୁ ଅପ୍ରିୟ ହେଲେ ବି ଉପସ୍ଥିତ ବୁଦ୍ଧି କାହାରିକୁ ଅପଦସ୍ଥ କରିପାରିଲା ନାହିଁ।

ସତ୍ୟକୁ ପ୍ରିୟ କରିବାକୁ ଚେଷ୍ଟା କଲେ ଆମେ ତାକୁ ତେଲମାଲିସ କହୁ। ଆମଠାରୁ ବାରମ୍ବାର ସାହାଯ୍ୟ ନେଇ ଉପକୃତ ହୋଇଥିବା ବ୍ୟକ୍ତି ଜଣକ କେବେ ବି ଚାହେଁ ନାହିଁ ଯେ ଅନ୍ୟମାନେ ଏକଥା ଜାଣନ୍ତୁ। ଯଦି ପାନ ଦୋକାନୀ ଆମେ ତା'ଠାରୁ ବାକି ଖାଉଥିବା କଥା ଅନ୍ୟ ଆଗରେ ଗପୁଛି ବୋଲି ଆମେ ଶୁଣୁ, ତତ୍‌କ୍ଷଣାତ ଆମେ ପାନଦୋକାନୀ ପାଖକୁ ଯାଇ କହୁ- ''ଭାଇ, ମୁଁ ଆଉ ତୁମ ଦୋକାନକୁ ଆସିବି ନାହିଁ। ଯେଉଁମାନଙ୍କ ଆଗରେ ମୁଁ ବାକି ନେବା କଥା ଗପୁଛ, ସେଇମାନଙ୍କଠାରୁ ମୋ ବାକି ଟଙ୍କା ଆଦାୟ କର।'' ନ ମାଗିଲେ ମନକୁ ମନ କେବେ ବି ଆମେ ବାକି ଶୁଝୁନୁ। ଆଉ ମାଗି ମାଗି ଥକିବା ପରେ ଥରେ ଅଧେ ପାଟିରୁ ବାକି କଥା ଅନ୍ୟ ଆଗରେ ବାହାରିଗଲେ ବାକି ଖାଉଥିବା ଗରାକେଶ୍ୱର ରାଗି ଅନ୍ୟଆଡେ ଚାଲି ଯାଉଛନ୍ତି- ତେବେ ଉପାୟ କ'ଣ ? ଉପାୟ ଅଛି, ଆଉ ତା' ହେଲା ବାକ୍ ସଂଯମତା- ବୁଦ୍ଧି ପ୍ରୟୋଗ କରି ସତ କହିବା, କିନ୍ତୁ ଅପ୍ରିୟ ସତ୍ୟକୁ ଅନ୍ୟକୁ ନ ବାଧିବା ଭଳି ବଦଳେଇ କହିବା-ଏତକ ନ କରିପାରିଲେ, ଚୁପ୍ ରହିବା!

ମୋ:୯୯୩୭୪୬୩୭୭

# ଜୀବନ ନେଉଛି କୀଟନାଶକ



ଡ.ଜୀବନ କୃଷ୍ଣ ମିଶ୍ର

୨୦୨୩ ମସିହାର ପ୍ରାରମ୍ଭିକ ପର୍ଯ୍ୟାୟରେ ସମଗ୍ର ପୃଥିବୀର ମୋଟ ଜନସଂଖ୍ୟା ଆନୁମାନିକ ଆଠଶହ କୋଟିରେ ପହଞ୍ଚିଛି ବୋଲି ସର୍ବେକ୍ଷଣରୁ ଜଣାପଡ଼ିଛି। ଏହି ସମୟରେ ଭାରତ ଉପମହାଦେଶର ଜନସଂଖ୍ୟା ପ୍ରାୟତଃ ୧୪୧.୭୦ କୋଟିରେ ପହଞ୍ଚି ସାରା ଜଗତରେ ସର୍ବାପେକ୍ଷା ଜନବହୁଳ ରାଷ୍ଟ୍ରରୂପେ ପରିଗଣିତ ହୋଇସାରିଲାଣି। ଏଣୁ ଆମ ଦେଶରେ ସମ୍ପ୍ରତି ଚାଇନା ଅପେକ୍ଷା ପ୍ରାୟ ୫୦ଲକ୍ଷ ଅଧିକ ଲୋକ ରହୁଛନ୍ତି। ବିପୁଳ ଜନସଂଖ୍ୟାକୁ ତାଳ ଦେଇ ଭାରତ ପ୍ରତ୍ୟେକ କ୍ଷେତ୍ରରେ ଅର୍ଥାତ ମହାକାଶ ବିଜ୍ଞାନଠାରୁ ଆରମ୍ଭ କରି କୃଷିରେ ଉନ୍ନତି କରିପାରିଛି। ବିବିଧ ଉଲ୍ଲେଖନୀୟ ଘଟଣା ଭିତରେ କିଛି କିଛି ଅଘଟଣ ଏପରି ଘଟୁଛି, ଯାହା କି ସମସ୍ତଙ୍କୁ ଚକିତ କରିଦେଇଛି। ଉତ୍ତରପ୍ରଦେଶ ମହାରାଜଗଞ୍ଜ ଜିଲାରେ ହୋଇଥିବା ୧୦ ମାସ ତଳର ଏକ ବିପର୍ଯ୍ୟୟ ସାମ୍‌ନାକୁ ଆସିଛି। ଲକ୍ଷ୍ନୌର କୁଇନ ମେରୀ ହସ୍‌ପିଟାଲର ତଥ୍ୟ ଅନୁଯାୟୀ ଗର୍ଭବତୀ ମହିଳାଙ୍କ କ୍ଷୀରରେ ପେଷ୍ଟିସାଇଡ୍‌ସ ବା କୀଟନାଶକର ତତ୍ତ୍ୱ ଥିଲା। ଫଳ ସ୍ୱରୂପ ୧୧୧ ନିଷ୍ପାପ ଶିଶୁ ସନ୍ତାନ ପ୍ରାଣ ହରାଇଥିଲେ, ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ପ୍ରଫେସର ସୁଜାତା ଦେବ, ଡକ୍ଟର ଆବାସ୍ ଅଲ୍ଲୀ ମେହେନ୍ଦି ଓ ଡକ୍ଟର ନୈନା ଦ୍ୱିବେଦୀ ଗବେଷଣା ମାଧ୍ୟମରେ ଏହି ନିରାଟ ସତ୍ୟକୁ ପ୍ରତିପାଦିତ କରିଥିଲେ। ୧୩୦ ଜଣ ଶାକାହାରୀ ଓ ଆମିଷାହାରୀ ମହିଳାଙ୍କ କ୍ଷୀରରେ ପେଷ୍ଟିସାଇଡ୍‌ସର ସୂକ୍ଷ୍ମ ତତ୍ତ୍ୱ ନିମ୍ନ ହାରରେ ଥିଲେ ମଧ୍ୟ, ଏହା ହିଁ ଶିଶୁ ମୃତ୍ୟୁର କାରଣ ବୋଲି ଗବେଷକ ଓ ଗବେଷିକାମାନେ ସ୍ପଷ୍ଟ କରିଛନ୍ତି। ସେମାନେ ମଧ୍ୟ ପ୍ରକାଶ କରିଛନ୍ତି ଯେ, ଶାକାହାରୀ ମହିଳାଙ୍କ କ୍ଷୀରରେ ପେଷ୍ଟିସାଇଡ୍‌ସର ମାତ୍ରା, ଆମିଷାହାରୀ ମହିଳାଙ୍କ କ୍ଷୀରଠାରୁ ଯଥେଷ୍ଟ କମ୍। ଆହୁରି ପାଦେ ଆଗେଇ ଯାଇ ଗବେଷକବୃନ୍ଦ ସୂଚାଇ ଦେଇଛନ୍ତି ଯେ, ଅତ୍ୟନ୍ତ ଶୁଦ୍ଧ ଓ ସରଳ ଜୀବନଯାପନ କରୁଥିବା ମହିଳାଙ୍କ କ୍ଷୀରରେ ମଧ୍ୟ ସାମାନ୍ୟ ବିଷାକ୍ତ ପେଷ୍ଟିସାଇଡ୍‌ସ ତତ୍ତ୍ୱ ରହୁଛି। ସର୍ବୋପରି ସେମାନେ ଦର୍ଶାଇଛନ୍ତି ଯେ, ଶାକାହାରୀ ମହିଳାଙ୍କ କ୍ଷୀର ଅପେକ୍ଷା, ଆମିଷାହାରୀ ମହିଳାଙ୍କ କ୍ଷୀରରେ ପେଷ୍ଟିସାଇଡ୍‌ସର ପରିମାଣ ପ୍ରାୟ ତିନିଗୁଣ ଅଧିକ । କାରଣରେ ଦର୍ଶାଯାଇଛି ଯେ, ଗୃହପାଳିତ ପଶୁ ତଥା ଛେଳି ଓ ମେଣ୍ଢାଙ୍କୁ ଦୀର୍ଘ, ସୁସ୍ଥ ଓ ବଳିଷ୍ଠ କରିବା ପ୍ରୟାସରେ ସେମାନଙ୍କୁ ବିଭିନ୍ନ ବଳକାରକ ଔଷଧ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ବହୁ ରାସାୟନିକ ଉପାଦାନର ମିଶ୍ରଣରେ ପ୍ରସ୍ତୁତ ଇଞ୍ଜେକ୍‌ସନର ସହାୟତା ନିଆଯାଉଛି। ଏତାଦୃଶ ପ୍ରକ୍ରିୟାରେ ଗୃହପାଳିତ ପଶୁଙ୍କର ମାଂସପେଶୀ ଓ ସଞ୍ଚାଳନରେ ସାମାନ୍ୟ ପରିମାଣର ପେଷ୍ଟିସାଇଡ୍‌ସ ସଂରକ୍ଷିତ ହୋଇ ରହୁଛି। ଏହି ମାଂସ ଭକ୍ଷଣ ହେତୁ



ଆମିଷାହାରୀ ମହିଳାଙ୍କ କ୍ଷୀରରେ ହାଲୁକା ବିଷାକ୍ତ ତତ୍ତ୍ୱ ରହୁଛି। ଗବେଷକମାନେ ଆଉ ଏକ ନିର୍ଦ୍ଦିଷ୍ଟ ମତାମତ ପ୍ରଦାନ କରିଛନ୍ତି; ମାତ୍ରାଧିକ ରାସାୟନିକ ସାର, (ଗ୍ରୋମୋର, ପୋଟାସ୍, ୟୁରିଆ, ସୋରିଷ ପିଡ଼ିଆ), କୀଟାଣୁ ନାଶକ ଔଷଧ (ଗାମାକ୍ସିନ, ହିଟ ସ୍ପ୍ରେ) ଏବଂ ପତ୍ରମୋଡ଼ା, ପତ୍ର ଖାଉଁଳା ଓ ଜଉ ପୋକ ଇତ୍ୟାଦିର ବିନାଶ ପାଇଁ ନିର୍ଦ୍ଧାରିତ ଥିବା ରାସାୟନିକ ଦ୍ରବ୍ୟର ପ୍ରୟୋଗ, ସିଞ୍ଚନ ଫଳରେ କୃଷିଜାତ ଫସଲ ଓ ଉଦ୍ଭିଦଜ ଉତ୍ପାଦ ବିଷାକ୍ତ ହୋଇ ଶରୀର ଏବଂ ପରିବେଶକୁ ପ୍ରଭାବିତ କରୁଛି।

ଉତ୍ତର ପ୍ରଦେଶସ୍ଥ ଲକ୍ଷ୍ନୌ ସହରରେ ଥିବା କୁଇନ୍ ମେରୀ ହସ୍‌ପିଟାଲର ଗବେଷକମାନେ ରାସାୟନିକ ପ୍ରଣାଳୀରେ ଅଧିକ ଅମଳ କରୁଥିବା ଫସଲ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଚାଷୀ ଓ କୃଷକ ଗୋଷ୍ଠୀଙ୍କୁ ତାଗିଦ୍ କରିବା ସହିତ, ବୈଜ୍ଞାନିକମାନେ ସରକାରଙ୍କୁ ମଧ୍ୟ ଏହି ଭୟାବହ ପରିସ୍ଥିତି ବିଷୟରେ ଅବଗତ କରିଛନ୍ତି। ଉପରୋକ୍ତ କାରଣରୁ ଓ ପେଷ୍ଟିସାଇଡ୍‌ସର ବ୍ୟାପକ ବ୍ୟବହାର ପାଇଁ ବିଶ୍ୱରେ ବାର୍ଷିକ ପାଖାପାଖି ୧୦,୦୦୦ (ଦଶ ହଜାର) ଜୀବନ ନଷ୍ଟ ହେଉଛି; ଏହାର ତିନି ଚତୁର୍ଥାଂଶ ବିକାଶଶୀଳ ରାଷ୍ଟ୍ର ଏବଂ ଏକ ଚତୁର୍ଥାଂଶ ବିକଶିତ ରାଷ୍ଟ୍ରମାନଙ୍କରେ ଘଟୁଛି। ମତାମତରୁ ଆହୁରି ସ୍ପଷ୍ଟ ଯେ, ଖାଦ୍ୟରେ ଅପମିଶ୍ରିତ ଓ ବିଷାକ୍ତ ପେଷ୍ଟିସାଇଡ୍‌ସର କିୟଦଂଶ ରହିଲେ, ରକ୍ତ ସଞ୍ଚାଳନରେ 'ଫଲିକ ଏସିଡ୍‌ର' ମାତ୍ରା କମିଯାଇ ସ୍ନାୟୁଗତ ସମସ୍ୟା ପରିଦୃଶ୍ୟମାନ ହୋଇଥାଏ।

ଏବେକାର ସ୍ଥିତି ପୂର୍ବରୁ, ୨୦୧୯ ମସିହାରେ ଲକ୍ଷ୍ନୌସ୍ଥ ସିନାହାଟ୍ ଅଞ୍ଚଳରେ ଗୋଟିଏ ପେଷ୍ଟିସାଇଡ୍ କାରଖାନାରୁ ନିର୍ଗତ ହେଉଥିବା ବିଷାକ୍ତ ତରଳ ପଦାର୍ଥ ବିରାଟ ଜଳାଶୟରେ ରହୁଥିଲା। ଏହି ପାଣି ପିଇ ଆନୁମାନିକ ୧୫ (ପନ୍ଦର) ଗୋରୁଙ୍କ ମୃତ୍ୟୁ ହେବା ସହିତ ୪୦ଟି ଗୋ-ଜାତୀୟ ଜନ୍ତୁ ଅଚେତ ଓ ରୋଗାକ୍ରାନ୍ତ ହୋଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି, ଇଣ୍ଡଷ୍ଟ୍ରିଆଲ ଟକ୍ସିକୋଲୋଜି ରିସର୍ଚ୍ଚ ସେଣ୍ଟରର ବୈଜ୍ଞାନିକମାନେ ଆଉ ଏକ ମନ୍ତବ୍ୟ ଦେଇଥିଲେ ଯେ, ଯେଉଁ ପେଷ୍ଟିସାଇଡ୍‌ସରେ 'ଅର୍ଗାନୋ ଫସ୍‌ଫରସ କମ୍ପାଉଣ୍ଡ' ର ମାତ୍ରା ଅଧିକ ଥାଏ, ସେଗୁଡ଼ିକ ଅବଶ୍ୟ ଭୟାବହ ପରିସ୍ଥିତି ଉପୁଜାଇଥାଏ, କଅଁଳିଆ ବାଛୁରୀ ଓ କତିପୟ କୋମଳମତି ଶିଶୁଙ୍କର ପ୍ରାଣହାନି ମଧ୍ୟ ଘଟିଥାଏ। ସମସ୍ୟା, ଲକ୍ଷ୍ନୌଭଳି ସହରରେ ବାରମ୍ବାର କାହିଁକି ଘଟୁଛି, ତାହା ବାସ୍ତବରେ ଚିନ୍ତାର କାରଣ। ତେଣୁ ଏହାର ସମାଧାନର ସୂତ୍ର ଶୀଘ୍ର ବାହାର କରିବା ଜରୁରୀ ମନେହୁଏ। ସରକାର, ଫୋରେନ୍‌ସିକ ବିଭାଗ ଓ ବୈଜ୍ଞାନିକମାନେ ପେଷ୍ଟିସାଇଡ୍‌ସଗୁଡ଼ିକର ଯଥାର୍ଥ ବିଶ୍ଳେଷଣ କରି, ତା'ର ଯଥୋଚିତ ବିନିଯୋଗର ଉପାୟ ଚାଷୀ ଓ କୃଷକଙ୍କୁ ଅବଗତ କରିବା ଆବଶ୍ୟକ।

ମୋ : ୯୯୩୮୬୫୮୭୫୬

## ଏଇ ଭାରତରେ

ନିଜେ ଓ ନିଜର ପରିବାରକୁ ବୃଦ୍ଧାବୃଦ୍ଧଙ୍କ ସେବାରେ ଯୋଡ଼ି ଏକ ଉଦାହରଣ ସୃଷ୍ଟି କରିଛନ୍ତି ଗୁଜରାଟ ଦିସାର ଆଶାବେନ ରାଜପୁରୋହିତ। ୩୦ ବର୍ଷୀୟା ଆଶା ଏବେ ୨୨ ଜଣ ବୃଦ୍ଧାବୃଦ୍ଧଙ୍କ ସେବା କରୁଛନ୍ତି। ଆଶା ଆଶ୍ରୟସ୍ଥଳୀର ନାମ ଦେଇଛନ୍ତି 'ସୁଦାମା ବୃଦ୍ଧାଶ୍ରମ'। ଏହି ବୃଦ୍ଧାଶ୍ରମ ତାଙ୍କ ପିତା କାନ୍ତିଲାଲ ରାଜପୁରୋହିତ ୧୨ ବର୍ଷ ପୂର୍ବେ ଆରମ୍ଭ କରିଥିଲେ। ଏହାକୁ କାନ୍ତିଲାଲ ୧୦ ବର୍ଷ ସଫଳତାର ସହ ଚଳାଇଥିଲେ। କାନ୍ତିଲାଲଙ୍କ ଦେହାନ୍ତ ପୂର୍ବରୁ ସେ ଆଶ୍ରମର ଦାୟିତ୍ୱ ତାଙ୍କ ଝିଅ ଆଶାଙ୍କୁ ଦେଇଥିଲେ। ସେ ତାଙ୍କ ପିତାଙ୍କୁ ଦେଇଥିବା କଥା ରଖିବା ଲାଗି ଏହି କାମ କରୁଛନ୍ତି। ବୃଦ୍ଧାବୃଦ୍ଧଙ୍କ ସେବା କରିବା ଲାଗି ସେ ଗୃହସ୍ଥ ଜୀବନ ଛାଡ଼ି ଆଶ୍ରମରେ ରହୁଛନ୍ତି। ଏପରିକି ଆଶା ତାଙ୍କ ପୁଅକୁ ବି ନିଜଠାରୁ ଦୂରରେ ରଖିଛନ୍ତି। ପ୍ରଥମେ ଏହି ଆଶ୍ରମରେ ୧୦ରୁ ୧୪ ଜଣ ବୃଦ୍ଧ ରହୁଥିଲେ। ବୃଦ୍ଧାଶ୍ରମ ଲୋକଙ୍କ ସାହାଯ୍ୟରେ ଚାଲୁଛି। ଆଶ୍ରମରେ ଅର୍ଥାଭାବ ଥିବାରୁ ଆଶା ନିଜେ ରୋଷେଇଠାରୁ ଆରମ୍ଭକରି ଘର ସଫା କରିବା ଓ ବୃଦ୍ଧାବୃଦ୍ଧମାନଙ୍କୁ ଔଷଧ ସେବନ କରାଉଛନ୍ତି। ସେ ୪ ବର୍ଷ ହେଲା ଆଶ୍ରମରେ ରହୁଛନ୍ତି। ତାଙ୍କୁ ସେହି ଜାଗା ଏତେ ଭଲ ଲାଗୁଛି ଓ ତାଙ୍କ ମା' ତାଙ୍କୁ ଏଭଳି ସେବା କରିବାକୁ ଜନ୍ମ ଦେଇଛନ୍ତି ବୋଲି କହନ୍ତି ଆଶା।

## ୨୫ ବର୍ଷ ତଳର ଧରିତ୍ରୀ

୪ ମାର୍ଚ୍ଚ ୧୯୯୮

- ପାକିସ୍ତାନରେ ପ୍ରବଳ ବର୍ଷା ଫଳରେ ବିଭିନ୍ନ ନଦୀରେ ବନ୍ୟା ଆସି ୨୫୦ ନିଖୋଜ।
- କାମ୍ବୋଡିଆରେ ଯୁଦ୍ଧବିରତିକୁ ଏକ ରାଜନୈତିକ ପ୍ରହସନ ବୋଲି ବର୍ଣ୍ଣନା କରି ବିଦ୍ରୋହୀ ଖମେର ରୁଜ ଗେରିଲା ଗୋଷ୍ଠୀଙ୍କ ପ୍ରତ୍ୟାଖ୍ୟାନ।
- ତ୍ରିପୁରା ବିଧାନସଭା ନିର୍ବାଚନରେ ସିପିଆଇ (ଏମ୍) ନେତୃତ୍ୱରେ ପରିଚାଳିତ ବାମ ସାମ୍ମୁଖ୍ୟର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ।

## ଚିରନ୍ତନୀ

ସହସା ଏ କି ଶବଦ ନବ
ଉଠିଲା କାହୁଁ ରାଜି,
କେଉଁ ଗଗନ ମୋହିତ କରି
ଆସିଲା ଖସି ଆଜି।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଙ୍ଗନୱାଡି କର୍ମୀ ଓ ସହାୟିକା ପାଉନାହାନ୍ତି ନ୍ୟାଯ୍ୟ ପ୍ରାପ୍ୟ

ମହାଶୟ,

ନିକଟରେ ରାଜ୍ୟ ସରକାରଙ୍କ ବଜେଟ ଘୋଷିତ ହୋଇଛି। ତେବେ ଅତ୍ୟନ୍ତ ପରିତାପ ଓ ଦୁଃଖର ପ୍ରସଙ୍ଗ ବିଶେଷକରି ସମାଜର ଅବହେଳିତ, ଶୋଷିତ ଓ ସର୍ବାଧିକ କାର୍ଯ୍ୟକରି କମ୍ ଦରମା ପାଉଥିବା କର୍ମୀମାନଙ୍କ ପ୍ରତି ଅବହେଳା କରାଯାଇଛି। ସରକାରଙ୍କ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ପାଠପଢ଼ାଠାରୁ ସ୍ୱାସ୍ଥ୍ୟ ସେବା, ଜନଗଣନାଠାରୁ ଆପଦକାଳୀନ ସୂଚନା ଏହିସବୁ କାର୍ଯ୍ୟ ଏହି କର୍ମୀମାନେ ହିଁ ତୁଲାଇଥାନ୍ତି। କିନ୍ତୁ ବଜେଟ ଅଙ୍ଗନୱାଡ଼ି, ଆଶାକର୍ମୀ ଏବଂ ଶ୍ରମଜୀବୀଙ୍କୁ ନିରାଶ କରିଛି। ଚଳିତ ବଜେଟରେ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ତଥା ସାଧାରଣ ଶ୍ରମିକଙ୍କ ଭତ୍ତା ବୃଦ୍ଧି, ସାମାଜିକ ନିରାପତ୍ତା ବାବଦରେ ବ୍ୟୟ ବରାଦକୁ ଗୁରୁତ୍ୱ ଦିଆଯାଇନାହିଁ। ଅଙ୍ଗନୱାଡ଼ି କର୍ମୀଙ୍କ ପାରିଶ୍ରମିକ ଅତ୍ୟନ୍ତ ନଗଣ୍ୟ। ବଜାର ଦର ହୁ ହୁ ହୋଇ ବଢ଼ି ଚାଲିଛି। ସ୍ୱଳ୍ପଭତ୍ତାରେ ପରିବାର ଚଳିବା କଷ୍ଟ ହୋଇପଡୁଛି। ଶ୍ରମ ସମ୍ମିଳନୀର ନିଷ୍ପତ୍ତି ଅନୁସାରେ ୨୬ ହଜାର ଦରମା, ୧୦ ହଜାର ପେନ୍‌ସନ, ଅବସର ବୟସ ୬୫, ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି ପ୍ରଭୃତି ମୁଖ୍ୟ ପ୍ରସଙ୍ଗକୁ ରାଜ୍ୟ ଏବଂ କେନ୍ଦ୍ର ସରକାର ଏଡ଼ାଇ ଦେଉଛନ୍ତି। ସରକାର ଭୋଟବ୍ୟାଙ୍କକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ଖର୍ଚ୍ଚ ବିଭିନ୍ନ ବିଭାଗ ପାଇଁ କରିଛନ୍ତି। କିନ୍ତୁ ଉପରୋକ୍ତ କର୍ମୀମାନଙ୍କ ଦୁଃଖ, ଦୁର୍ଦ୍ଦଶାକୁ ଦେଖି ପାରୁନାହାନ୍ତି। ସରକାର ତୁରନ୍ତ ଏ କ୍ଷେତ୍ରକୁ ଦୃଷ୍ଟି ଦେବା ସହ ଅଧିକ ପାଣ୍ଠିର ବ୍ୟବସ୍ଥା କରନ୍ତୁ।

-ଯୁଧିଷ୍ଠିର ମହାରଣା, ସିଡିଏ, କଟକ

### ଜୟପୁର ଷ୍ଟେଶନର ଆଧୁନିକୀକରଣ କରାଯାଉ

କୋରାପୁଟ ଜିଲା ଜୟପୁର ରେଳ ଷ୍ଟେଶନ ଦେଇ ପ୍ରତ୍ୟହ ଜଗଦଲପୁର-ଭୁବନେଶ୍ୱର (ହୀରାଖଣ୍ଡ), ଜଗଦଲପୁର-ହାଓ୍ୱଡା (ସମଲେଶ୍ୱରୀ), କିରନ୍ଦୁଲ- ବିଶାଖାପାଟଣା (ଏକ୍ସପ୍ରେସ୍), କିରନ୍ଦୁଲ-ବିଶାଖାପାଟଣା (ପାସେଞ୍ଜର), ଜଗଦଲପୁର-ରାଉରକେଲା ଏକ୍ସପ୍ରେସ୍ ପ୍ରତ୍ୟହ ଯାତାୟାତ କରୁଛି। ୧ ନମ୍ବର ପ୍ଲାଟ୍‌ଫର୍ମରେ ସମସ୍ତ ଟ୍ରେନ୍ ରହୁଛି। କିନ୍ତୁ କେଉଁ ବଗି/କୋଚ କେଉଁଠି ରହିବ ତାହା ଯାତ୍ରୀମାନେ ଜାଣିପାରୁ ନାହାନ୍ତି। ବିଶେଷକରି ରିଜର୍ଭେଶନ କରିଥିବା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାହାର ସୂଚନାର ଆଧୁନିକୀକରଣ ହେବା ଆବଶ୍ୟକ।

କହ୍ନେଇ ଚରଣ ନନ୍ଦୀ
ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ହଜାରେ ଅଣ୍ଡାରୁ ଗୋଟିଏକୁ ପୂର୍ଣ୍ଣ ଜୀବନ

- ଗହୀରମଥାରେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ
- ଜୀବନଚକ୍ର ଏବେବି ରହସ୍ୟମୟ ରହିଛି
- ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

**କେନ୍ଦ୍ରାପଡା ଅଫିସ, ୩।୩**

ଚଳିତ ବର୍ଷ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଗହୀରମଥା ତଟାଞ୍ଚଳରେ ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭ୍‌ରିଡ୍‌ଲେଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ପୂର୍ଣ୍ଣିମା ତିଥି ମଧ୍ୟରେ ଅନୁକୂଳ ପବନ ଆସିଲେ ଗହୀରମଥା ନିଷିଦ୍ଧାଞ୍ଚଳରେ ସାମୂହିକ ଅଣ୍ଡାଦାନ ପ୍ରକ୍ରିୟା ହେବ। ଆଇୟୁସିଏନ୍ ରେଡ ଡାଟା ଲିଷ୍ଟରେ ଥିବା ଏହି ବିରଳ ଜୀବ ଥରକେ ୮୦ରୁ ୧୨୦ ପର୍ଯ୍ୟନ୍ତ ଅଣ୍ଡାଦାନ କରିଥାନ୍ତି। ତେବେ ବିଶେଷଜ୍ଞଙ୍କ ମତ ଅନୁଯାୟୀ, ହଜାରେ ଅଣ୍ଡାରୁ ମାତ୍ର ଗୋଟିଏ ଅଲିଭ୍‌ରିଡ୍‌ଲେ ୫୦ବର୍ଷରୁ ଊର୍ଦ୍ଧ୍ୱ ବଞ୍ଚିଥାଏ। ସେହିପରି ଏହି ସାମୁଦ୍ରିକ ପ୍ରାଣୀର ଜୀବନ ଚକ୍ର ଏବେ ବି ରହସ୍ୟାବୃତ ବୋଲି ସେମାନେ ମତ ଦେଇଥାନ୍ତି। ଏହି ଜୀବର ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ବିଶେଷଜ୍ଞ ଅଧ୍ୟାପକ ଦେବୀପ୍ରସାଦ ସାହୁ, ଅଧ୍ୟାପକ କ୍ଷୀତିଶ କୁମାର ସିଂହ, ହେନ୍ତାଳ ବଣ ଓ ସାମୁଦ୍ରିକ କଇଁଛ ସୁରକ୍ଷା ସମିତି ସମ୍ପାଦକ ହେମନ୍ତ କୁମାର ରାଉତ, ପରିବେଶବିତ୍ ବିରଜା ପ୍ରସାଦ ପତି ପ୍ରମୁଖ କହିଛନ୍ତି, ଅଣ୍ଡା ନଷ୍ଟ ହେବା, ପାଣିପାଗ ପରିବର୍ତ୍ତନ, ସାମୁଦ୍ରିକ ଜୀବଜନ୍ତୁଙ୍କ ଶିକାର, ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଉନ୍ନତୀକରଣ, ମନୁଷ୍ୟକୃତ ଅନ୍ୟ ବାଧା ପାଇଁ ଏମାନଙ୍କ ସଂଖ୍ୟା କମୁଛି। ଏହା ବ୍ୟତୀତ ଅଣ୍ଡା ଓ ଶାବକଙ୍କୁ କଙ୍କଡ଼ା, ପକ୍ଷୀ, ସରୀସୃପ, କୁକୁର ଓ ବନ୍ୟଜନ୍ତୁ ଭୟ ରହିଛି। ଶାବକ ସାଧାରଣରେ ଅଣ୍ଡାରୁ ବାହାରିବା ପରେ ଆଲୋକ ଦେଖି ସମୁଦ୍ରକୁ ଯାଇଥାନ୍ତି। ତଟବର୍ତ୍ତୀ ଅଞ୍ଚଳର ଗାଡ଼ି ମୋଟର ଆଲୋକ ଏମାନଙ୍କୁ ପଥଭ୍ରଷ୍ଟ କରେ। ସମୁଦ୍ର କୂଳରେ ଥିବା ପ୍ଲାଷ୍ଟିକ ବୋତଲ, ଛିଣ୍ଡା ଜାଲ, ବ୍ୟାଗ ଆଦି ସମୁଦ୍ରକୁ ଯିବାରେ ବାଧା ସୃଷ୍ଟି କରୁଥିବା ବେଳେ ଅଣ୍ଡା ଓ ଶାବକକୁ କେତେକ ବ୍ୟବସାୟ ଉଦ୍ଦେଶ୍ୟରେ ନେଇଥାନ୍ତି। ସମୁଦ୍ର ମଧ୍ୟରେ ମଧ ଏମାନଙ୍କ ଜୀବନ ସୁରକ୍ଷିତ ନୁହେଁ। ଜାଲରେ ପଡ଼ିବା, ସମୁଦ୍ରରେ ଭାସୁଥିବା ପ୍ଲାଷ୍ଟିକ ଓ ବର୍ଜ୍ୟବସ୍ତୁକୁ ଆହାର ଭାବେ ଗ୍ରହଣ କରିବା, କେତେକ ସ୍ଥାନରେ ସମୁଦ୍ରରେ ଭାସମାନ ତୈଳରେ ନିଃଶ୍ୱାସ ନେବା, ସାମୁଦ୍ରିକ ପକ୍ଷୀ ଓ ଜୀବଙ୍କ ଦ୍ୱାରା ଶିକାର ହେବା ଦ୍ୱାରା ଏମାନଙ୍କ ବଂଶ ବିସ୍ତାରରେ ବାଧା ସୃଷ୍ଟି ହୁଏ। ଏହି ବିରଳ ଜୀବଙ୍କ ଜୀବନଚକ୍ର ସମ୍ପର୍କରେ ଜାଣିବାକୁ ପିଠିରେ ସାଟେଲାଇଟ ଟ୍ରାନ୍ସମିଟର ଏବେ କେତେକଙ୍କଠାରେ ଲଗାଯାଉଛି। ଅଦ୍ୟାବଧି ଏମାନଙ୍କ ଜୀବନଚକ୍ର ରହସ୍ୟମୟ ହୋଇ ରହିଛି। ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ନଭେମ୍ବରରୁ ମେ' ଶେଷ ଯାଏ ସାମୁଦ୍ରିକ କଟକଣା ରହୁଛି। ଏଥିସହ ସମୁଦ୍ରକୂଳରେ ବର୍ଜ୍ୟବସ୍ତୁ ନ ଫିଙ୍ଗିବା ଏକ ଉତ୍ତମ ଅଭ୍ୟାସ। ଅଣ୍ଡାଦାନ ସମୟରେ ଉଜ୍ଜ୍ୱଳ ଆଲୋକ ବ୍ୟବହାର ନ କରିବା, ଗଭୀର ସମୁଦ୍ରରେ ମାଛ ଧରୁଥିବା ମତ୍ସ୍ୟଜୀବୀମାନେ ଅଲ୍‌ଟ୍ରା ଭାଓଲେଟ୍ ଡାୟୋଡ ଲାଇଟ୍‌ଯୁକ୍ତ ଜାଲ ବ୍ୟବହାର କଲେ ଏହି ବିରଳ ପ୍ରଜାତିର ବଂଶ ବିସ୍ତାର ହୋଇପାରିବ। ଭିତରକନିକା ଗହୀରମଥା ତଟାଞ୍ଚଳ କ୍ଷୟ ଏବେ ଏମାନଙ୍କ ପ୍ରଜନନସ୍ଥଳକୁ ସଂକ୍ଷିପ୍ତ କରୁଛି। ତଟାଞ୍ଚଳର ସୁରକ୍ଷା ପାଇଁ ହେନ୍ତାଳ ବଣର ଆବଶ୍ୟକତା ଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ ରେଞ୍ଜ୍ ଅଫିସର ମାନସ କୁମାର ଦାସଙ୍କୁ ପଚାରିବାରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷାକୁ ଚଳିତ ବର୍ଷ ପ୍ରାଧାନ୍ୟ ଦିଆଯାଇଛି। ସାମୁଦ୍ରିକ କଟକଣାକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଦିବାରାତ୍ର ପାଟ୍ରୋଲିଂ ଚାଲିଛି। ଏଥିପାଇଁ ବନ ବିଭାଗ ପକ୍ଷରୁ ଅଧିକ କର୍ମଚାରୀ ନିଯୁକ୍ତ କରାଯାଇଛି ବୋଲି ସେ କହିଛନ୍ତି।


ମୃତ ଅଲିଭ୍ ରିଡ୍‌ଲେ କଇଁଛ (ଫାଇଲ୍ ଫଟୋ)

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦୀପାଞ୍ଜଳି


@ ଜ୍ଞାନରଞ୍ଜନ


@ ପ୍ରୀତି


@ ଆଦିତ୍ୟ


@ ମନୁମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜି ସଂସ୍କୃତି ଭବନ ଉଦ୍‌ଘାଟନ

## ବ୍ୟାସନଗରରେ ୧୫ ବର୍ଷ ଅପେକ୍ଷାର ଅନ୍ତ


ନୂତନ ଭାବେ ତିଆରି ହୋଇଥିବା ସଂସ୍କୃତି ଭବନ।

**ଯାଜପୁର ରୋଡ୍,୩।୩(ଡି.ଏନ୍.ଏ.)**

ଯାଜପୁର ଜିଲାର ବ୍ୟାସନଗରରେ ୧୫ ବର୍ଷର ପ୍ରତୀକ୍ଷା ପରେ ସଂସ୍କୃତି ଭବନ ଉଦ୍‌ଘାଟନ ହେବାକୁ ଯାଉଛି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶନିବାର ପୂର୍ବାହ୍ନ ସାଢେ ୯ଟାରେ କୋରେଇ ବିଧାୟକ ଅଶୋକ ବଳ ସଂସ୍କୃତି ଭବନର ଉଦ୍‌ଘାଟନ କରିବେ। ସହରର ପରିସୀମା ବୃଦ୍ଧି ପାଉଛି। ଲୋକସଂଖ୍ୟା ବେସରକାରୀ ଭାବେ ଦେଢ଼ ଲକ୍ଷ ଟପିଲାଣି। ଏଣୁ ସହରରେ କୌଣସି ବଡ଼ଧରଣର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କଷ୍ଟକର ହେଉଥିଲା। ଅତ୍ୟାଧୁନିକ ଅଡିଟୋରିୟମ ନ ଥିବାବେଳେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏ ଦିଗରେ ବାଧକ ହୋଇଥିଲା। ଟାଉନ୍ ହଲର ନବକଳେବର କାର୍ଯ୍ୟ ଚାଲିଥିବାବେଳେ ବର୍ତ୍ତମାନ ସଂସ୍କୃତି ଭବନ ଉପରେ ସମସ୍ତଙ୍କ ନଜର ରହିଥିଲା। ଏଠାରେ ବର୍ଷସାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ରହିଥାଏ। ଐତିହ୍ୟ ତଥା ସର୍ବଧର୍ମ ସମନ୍ୱୟର ପ୍ରତୀକ ଏହି ବରାହ–ବିରଜା କ୍ଷେତ୍ରକୁ ଜିଲା ତଥା ବାହାରୁ ବିଭିନ୍ନ ସମୟରେ ସଭା, ସମିତିରେ ଯୋଗଦେବାକୁ ଲୋକଙ୍କ ସୁଅ ଛୁଟିଥାଏ। ମାତ୍ର ଏଠାରେ ବଡ଼ଧରଣର ଅଡିଟୋରିୟମ କିମ୍ବା ଭବନ ନ ଥିବାରୁ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମୁକ୍ତାକାଶରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଯାଜପୁର ଜିଲାର ଷ୍ଟିଲ ସିଟି ଭାବେ ପରିଚିତ ବ୍ୟାସନଗରରେ ୨୦୦୮ ଅଗଷ୍ଟ ୮ରେ ଏକ ସଂସ୍କୃତି ଭବନର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ମାତ୍ର ରାଜନୈତିକ ଟଣାଓଟରା ଯୋଗୁ ସଂସ୍କୃତି ଭବନ କାର୍ଯ୍ୟ ଶେଷ ହୋଇ ପାରି ନ ଥିଲା। ଏନେଇ ଧରିତ୍ରୀରେ ଏକାଧିକ ଥର ଖବର ପ୍ରକାଶ ପାଇଛି। ବ୍ୟାସନଗର ପୌରପରିଷଦର ବସ୍‌ଷ୍ଟାଣ୍ଡଠାରେ ଏହି ସଂସ୍କୃତି ଭବନ ନିର୍ମାଣ କରିବାକୁ ପ୍ରଥମେ ନିଷ୍ପତ୍ତି ହୋଇଥିଲା। ଭବନକୁ ତତ୍କାଳୀନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ ନଗର ଉନ୍ନୟନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୧ କୋଟି ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ସଂସ୍କୃତି ଭବନ ୨୦୧୦ ଏପ୍ରିଲ ୨୦ରେ ସରିବ ବୋଲି ଧାର୍ଯ୍ୟ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ସହରର ସନ୍ତରା ପାଖରେ ତତ୍କାଳୀନ ବିଧାୟକ ଆକାଶ ଦାସନାୟକ ପୁଣି ସଂସ୍କୃତି ଭବନର ଶୁଭାରମ୍ଭ କରିଥିଲେ। ସେତେବେଳେ ସମୁଦାୟ ବ୍ୟୟ ଅଟକଳରୁ ୧ କୋଟି ୬ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଭିତ୍ତିଭୂମି ଅନୁସାରେ ଏହାର ବ୍ୟୟ ଅଟକଳ ବଢ଼ିଥିଲା। ତେଣୁ ୨ କୋଟି ୮୪ ଲକ୍ଷ ଟଙ୍କାର ରିଭାଇଜ ବିଲ୍ ହୋଇଥିଲା। ବର୍ତ୍ତମାନ ଏହି ଭବନର ଉଦ୍‌ଘାଟନ ହେବାକୁ ଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି।

**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ମହିନ୍ଦ୍ରା ବିଏଲ୍ଏଜେଡ୍‌ଓ୩୭ ସିଏବି ଚେସିସ୍ ଗାଡ଼ି ନଂ. ଓଡି୧୬ଇ୩୦୭୮, ନିର୍ମାଣ ବର୍ଷ - ୨୦୧୮
ସଂରକ୍ଷିତ ମୂଲ୍ୟ - ୧୨୫୧୧୮୨.୫୯

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ ''ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ'' ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 1ଓ4, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791

**ପୂର୍ବ ତଟ ରେଳପଥ**

ଭାରତ ସରକାର
ପୂର୍ବ ତଟ ରେଳପଥ
ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୧୩୪୩ — ତା.୨୩/୦୨/୨୦୨୩

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ ଜିଲ୍ଲାର ବିମଳାଗଡ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା-ଭାଲୁକି, ଥାନା-ଖମାର, ଥାନା ନମ୍ବର-୮୯ ରୁ ୦.୨୮୦ ଏକର ପରିମିତ ପ୍ରଜା ଭୂମି ଆବଶ୍ୟକ ହେଉଅଛି। ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବିବାଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମିର ଖାତା ରୟତ ଏବଂ ତଦବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

୧- ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଅନୁଗୁଳ (ରେଲୱେ ଷ୍ଟେସନ ନିକଟ) ଅନୁଗୁଳ – ୭୫୯୧୨୩

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର
ଜିଲ୍ଲା: ଅନୁଗୁଳ, ଥାନା: ଖମାର, ଥାନା ନଂ. ୮୯, ତହସିଲ: ପାଲହଡ଼ା, ମୌଜା-ଭାଲୁକି

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ପ୍ଲଟ ନାମ ବାସସ୍ଥାନ ଓ ଠିକଣା | ପ୍ଲଟ ମୋଟ ରକବା (ଏକରରେ) | ପ୍ଲଟ ପାଇଁ ଆବଶ୍ୟକ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧୨ | ୫୩୬ | ତୈଳ-II | ଦର୍ଶନି ନାଏକ ପି. ସାହେବ ନାଏକ ଜା. ଗଣ୍ଡା ବା. ନିଜଗାଁ | ୧.୨୬୦ | ୦.୨୮୦ | |
| | | | | ମୋଟ | | ୦.୨୮୦ | |

PR-176/CF/22-23 — ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022
**NOTICE INVITING TENDER**
NIT No: TPCODL/P&S/NIT/22-23/020

TP Central Odisha Distribution Limited invites open tender from eligible Bidders for the following:

| Sl No | Tender Description | Tender Enquiry No. | Tender Fee inclusive of GST (Rs.) | EMD (Rs. Lakhs) | Last date & time of payment of Tender Fee |
|---|---|---|---|---|---|
| 1 | SITC work of Air-Conditioning System at TPCODL-Technology Centre-Bhubaneshwar | TPCODL/P&S/1000000349/2022-23 | 5,000/- | 2.0 | 14/03/2023, 17.00 Hrs. |
| 2 | SITC work of Fire-Fighting System at TPCODL-Technology Centre-Bhubaneshwar | TPCODL/P&S/1000000350/2022-23 | 5,000/- | 2.0 | 14/03/2023, 17.00 Hrs. |
| 3 | Meter Data Analysis Service at TPCODL | TPCODL/P&S/1000000353/2022-23 | 5,000/- | 5.66 | 13/03/2023, 17.00 Hrs. |

For further details of Tenders, please visit Vendor Zone/Tender Section on TPCODL website https://www.tpcentralodisha.com. Future communication/corrigendum to tender documents, if any, shall be available on website.

# ଧନିଆ ପାହାଡ଼ରେ ନିଆଁ, ଜଳିଗଲା ଗଛ

**ଚଣ୍ଡିଖୋଲ/ଛତିଆ,୩।୩(ଡି.ଏନ.ଏ.):**

ଯାଜପୁର ଜିଲା ବୈରୀ ଡାଳିଯୋଡ଼ା ବନ ବିଭାଗ ରେଞ୍ଜ ଅଧୀନ ଧନିଆ ପାହାଡ଼ରେ ଶୁକ୍ରବାର ହଠାତ ନିଆଁ ଲାଗି ଅନେକ ଗଛ ଜଳିଯାଇଛି। ଖବର ପାଇ ବନ ବିଭାଗ ଓ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ୨ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ପାହାଡ଼ର ସୋଲର ପଞ୍ଚାୟତ ଅଧୀନ ଛତିଆ ଅମରାବତି ପଟରୁ ନିଆଁ ପ୍ରଥମେ ଲାଗିଥିଲା। ସ୍ଥାନୀୟ ଲୋକମାନେ ଏହାଦେଖି ସଙ୍ଗେସଙ୍ଗେ ବନ ବିଭାଗ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ମିଳିତ ଉଦ୍ୟମ ଫଳରେ ଜଙ୍ଗଲରୁ ନିଆଁକୁ ଆୟତ୍ତ କରଯାଇଥିଲା। ଏହି ପାହାଡ଼ ପାଦ ଦେଶରେ ସରକାରୀ ଭାରିଯାନ ପ୍ରଶିକ୍ଷଣ କେନ୍ଦ୍ର, ପୋଲିସ ପ୍ରଶିକ୍ଷଣ କେନ୍ଦ୍ର ଓ ସେବକ ଜରାଶ୍ରମ ଉଦାସ ଆଶ୍ରମ ଭଳି ବହୁତ ଅନୁଷ୍ଠାନ ରହିଛି। ସେଥିପାଇଁ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।


ଧନିଆ ପାହାଡ଼ରେ ନିଆଁଲାଗି ଗଛ ଜଳୁଛି।

**कार्यपालक अभियंता का कार्यालय**
**पेयजल एवं स्वच्छता प्रमंडल, मेदिनीनगर**

शुद्धि–पत्र

पेयजल एवं स्वच्छता प्रमंडल, मेदिनीनगर अन्तर्गत आमंत्रित ई–प्रोक्योरमेंट अल्पकालीन निविदा आमंत्रण सूचना संख्या–DWSD/SVS (JJM)/Med-36/2022-23 (1st Call) जो PR No. 291087 द्वारा विभिन्न समाचार पत्रों में प्रकाशित है; के वेबसाइट पर निविदा प्रकाशन की तिथि एवं अग्रधन की राशि एवं परिमाण विपत्र का मूल्य (हार्ड कॉपी) जमा करने की स्थल निम्न प्रकार संशोधित किया जाता है :–

| विवरण | पूर्व प्रकाशित तिथि | संशोधित तिथि |
|---|---|---|
| वेबसाइट पर निविदा प्रकाशन की तिथि एवं समय | 28/02/2023 / 12.30 P.M. | 03/03/2023 / 12.30 P.M. |
| विवरण | पूर्व प्रकाशित स्थल | संशोधित स्थल |
| अग्रधन की राशि एवं परिमाण विपत्र का मूल्य (हार्ड कॉपी) जमा करने का स्थल | 1. Office of the Superintending Engineer, W&S Circle, Medininagar 2. Office of the Executive Engineer, DW&S Division, Medininagar | 1. Office of the Regional Chief Engineer, D W & S Department, Ranchi Zone Ranchi. 2. Office of the Superintending Engineer, DW&S Circle, Medininagar 3. Office of the Executive Engineer, DW&S Division, Medininagar |

यह शुद्धि–पत्र परिमाण विपत्र का भाग होगा एवं शेष पूर्ववत् रहेंगे।

कार्यपालक अभियंता,
पेयजल एवं स्वच्छता प्रमंडल, मेदिनीनगर।

PR.NO. 291768 Drinking Water and Sanitation(22-23):D

**E-Procurement cell**
**Office of the Executive Officer**
**Nagar Panchayat Mahagama , Jharkhand**
**Urban Development & Housing Department**

e-procurement Notice, Very short Tender notice

NIT No. – UDD/NPM/21/2022-23, Date:-01.03.2023

| Sl. NO | E-TENDER REF NO. | NAME OF WORK | TENDER VALUE | TIME OF COMPLETION | EARNEST MONEY DEPOSIT | BID DOCUMENT FEES |
|---|---|---|---|---|---|---|
| 1 | NPM/21/ 2022-23 | REJUVENATION OF DURGA MANDIR TALAB, (WARD NO 07) Under Nagar Panchayat Mahagama | Rs. 102.20 Lakhs | 06 months | Rs. 2,10,000.00 | Rs. 10,000.00 |
| 2 | Date of Publication of tender on website | | | 06.03.2023 | | |
| 3 | Closing date and time for receipt of tender on website | | | 15.03.2023 at 02.00 PM | | |
| 4 | Date and place of receiving tender fee, EMD | | | 16.03.2023 till 03.00 PM at tenders inviting office | | |
| 5 | Opening date and time of opening of technical bid | | | 16.03.2023 at 04.00 PM | | |
| 6 | Name and address of office inviting tender | | | Office of Executive Officer, Nagar Panchayat Mahagama. | | |
| 7 | Helpline number of e-procurement cell | | | +91 9771212473 | | |

NOTE: AUTHORITY RESERVES THE RIGHT TO CANCEL TENDER WITHOUT SIGHTING ANY REASON THEREOF.
FURTHER DETAILS CAN BE SEEN ON WEBSITE http://jharkhandtenders.gov.in

Executive Officer
Nagar Panchayat Mahagama

PR 291777 District(22-23)#D

**झारखण्ड सरकार**
**कार्यपालक अभियंता का कार्यालय,**
**ग्रामीण विकास विशेष प्रमण्डल, रामगढ़**

ई–अति अल्पकालीन निविदा आमंत्रण सूचना
ई–निविदा सं० :–*RDSD/RAMGARH/08/2022-23*

1.कार्य की विस्तृत विवरणी :– DMFT मद अन्तर्गत।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड | पंचायत | आँगनबाडी केन्द्रो का नाम | प्राक्कलित राशि (लाख में) | अग्रधन की राशि (रू०) | निविदा शुल्क | कार्य पूर्ण करने की अवधि |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | RDSD/RAMGARH/ DMFT /01/2022-23 | रामगढ | नगर परिषद | सवैया गढ़ा | 720950.00 | 15000.00 | 1250.00 | 30.06.2023 तक होगी। |
| 2 | RDSD/RAMGARH/ DMFT /02/2022-23 | रामगढ | नगर परिषद | तिवारी टोला | 339700.00 | 7000.00 | 750.00 | 30.06.2023 तक होगी। |
| 3 | RDSD/RAMGARH/ DMFT /03/2022-23 | रामगढ | नगर परिषद | बरधरवा | 638650.00 | 13000.00 | 1250.00 | 30.06.2023 तक होगी। |
| 4 | RDSD/RAMGARH/ DMFT /04/2022-23 | रामगढ | नगर परिषद | चेटर | 614700.00 | 13000.00 | 1250.00 | 30.06.2023 तक होगी। |

2. वेबसाईट में निविदा प्रकाशन की तिथि :– दिनांक 10.03.2023
3. ई–निविदा प्राप्ति की अंतिम तिथि एवं समय :– दिनांक 16.03.2023 अपराह्न 5.00 बजे तक।
4. निविदा शुल्क, अग्रधन की राशि एवं शपथपत्र के मूलप्रति जमा करने की तिथि एवं समय दिनांक 17.03.2023 को अपराह्न 5.00 बजे तक, स्थान– जिला परिषद रामगढ़ के सभागार कक्ष में लिया जायेगा।
5. निविदा खोलने की तिथि एवं समय :– 18.03.2023 अपराह्न 02:00 बजे
6. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
7. ई–निविदा प्रकोष्ठ का दूरभाष सं० :– 8986791292, 8210703869
8. निविदा शुल्क राष्ट्रीयकृत बैंक द्वारा निर्गत बैंक ड्राफ्ट या बैंकर्स चेक जो कार्यपालक अभियंता, ग्रामीण विकास विशेष प्रमण्डल, रामगढ़ के पदनाम से देय हो देना होगा। जो स्टेट बैंक ऑफ इंडिया, मुख्य शाखा, रामगढ़ (Branch Code-00164) में भुगतेय होगा। प्राईवेट बैंक का D.D/ Bankas Cheque मान्य नहीं होगा।
9 **अग्रधन की राशि राष्ट्रीय बचत पत्र (NSC) 05 वर्षीय/03 वर्षीय/डाकघर सावधि जमा पत्र/03 वर्षीय/05 वर्षीय/बैंक सावधि जमा पत्र (F.D) 05 वर्षीय/03 वर्षीय, जो की कार्यपालक अभियंता के नाम से प्रतिज्ञिप्त होगा, मान्य होगा।**
10. परिमाण विपत्र की राशि घट–बढ़ सकती है। तदनुसार परिमाण विपत्र की राशि का 02 प्रतिशत राशि अग्रधन की राशि के रूप में जमा करना होगा।
11. सरकार के संयुक्त सचिव, ग्रामीण कार्य विभाग, झारखण्ड सरकार, राँची का पत्रांक– 653 दिनांक 28.02.2023 के आलोक में "The System of taking tender document in offine manner, should be sotpped w.,e.f. 01.03.2023." का अनुपालन सुनिश्चित करते हुए यह स्पष्ट किया जाता है कि केवल ई–निविदा ही मान्य होगा तथा निविदा अभिलेख का Hard Copy समर्पित नहीं किया जायेगा।
12. विशेष परिस्थिति में बिना कारण बताए निविदा रद्द करने अथवा स्थगित करने का अधिकार अद्योहस्ताक्षरी को सुरक्षित होगा।

विस्तृत जानकारी के लिए वेबसाईट ***Jharkhandtenders.gov.in*** एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमण्डल, रामगढ़।

PR 291824 (Rural Work Department) 22-23 (D)

# ଅନୁମୋଦନ ଅର୍ଥ ଖର୍ଚ୍ଚ ହୋଇପାରୁନି



ଯୋଜନା କମିଟି ବୈଠକରେ ଜନ ପ୍ରତିନିଧି ଓ ଅନ୍ୟମାନେ।

**ଜିଲା ଯୋଜନା କମିଟି ବୈଠକ**

- ଟାର୍ଗେଟ ୨୧୭୮ କୋଟିରୁ ୮୨୭ କୋଟି ବ୍ୟୟ
- ଅସନ୍ତୋଷ ବ୍ୟକ୍ତ କଲେ କମିଟି ଅଧ୍ୟକ୍ଷ
- କାର୍ଯ୍ୟରେ ପରିବର୍ତ୍ତନ ଆଣିବାକୁ ପରାମର୍ଶ
- ୨୦୨୨-୨୩ ପାଇଁ ୧୬୨୬ କୋଟି ମଞ୍ଜୁର

**ନୟାଗଡ଼ ଅଫିସ,୩।୩**

ଜିଲା ପରିଷଦର ସମ୍ମିଳନୀ କକ୍ଷ ସୃଜନରେ ନୟାଗଡ଼ ଜିଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲାପାଳ ରବୀନ୍ଦ୍ରନାଥ ସାହୁ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

୨୦୨୧-୨୨ ଆର୍ଥିକ ବର୍ଷରେ ଅନୁମୋଦନ ହୋଇଥିବା ୨୧୭୮ କୋଟି ୯୧ ଲକ୍ଷ ୯୫ ହଜାର ଟଙ୍କା ମଧ୍ୟରୁ ୮୨୭ କୋଟି ୩୦ ଲକ୍ଷ ୪୪ ହଜାର ଟଙ୍କା ମାତ୍ର ଖର୍ଚ୍ଚ ହୋଇଥିବାରୁ ଜିଲା ଯୋଜନ କମିଟିର ଅଧ୍ୟକ୍ଷ ଓ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। କେବଳ ପରିବହନ ଓ ଯୋଗାଯୋଗ ପାଇଁ ଟାର୍ଗେଟ୍‌ଠାରୁ ଅଧିକ ଖର୍ଚ୍ଚ ହୋଇଥିବାବେଳେ ଅନ୍ୟ କୌଣସି ବିଭାଗ ଅଟକଳ ଟଙ୍କା ଖର୍ଚ୍ଚ କରିବାରେ ସକ୍ଷମ ହୋଇ ପାରିନାହାନ୍ତି। ଏଣୁ କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣି ଜିଲାକୁ ୧ନଂ. କରିବାକୁ ହେବ ବୋଲି ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୧୬୨୬ କୋଟି ୯୬ ଲକ୍ଷ ୩୬ ହଜାର ଟଙ୍କା ବାର୍ଷିକ କାର୍ଯ୍ୟ ଖସଡାକୁ ଅନୁମୋଦନ କରାଯାଇଛି। ଅନ୍ୟପକ୍ଷେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଏପ୍ରିଲ ୧୫ ସୁଦ୍ଧା କମିଟିର ବୈଠକ ଅନୁଷ୍ଠିତ ହେବ । ପ୍ଲାନିଂ ବୁକ୍‌ଲେଟ କରାଯିବ । ରାଜ୍ୟ କୌଣସି ଜିଲାରେ ରାଜ୍ୟ ସରକାରଙ୍କ ବଜେଟ୍ ପୂର୍ବରୁ ବାର୍ଷିକ କାର୍ଯ୍ୟ ଖସଡା ପ୍ରସ୍ତୁତ ହେଉ ନ ଥିଲେ ମଧ୍ୟ ନୟାଗଡ଼ରୁ କରାଯିବ ବୋଲି କୁହାଯାଇଛି । ୨୦୨୧-୨୨ ଆର୍ଥିକ ବର୍ଷରେ କୃଷି ଓ ଆନୁସଙ୍ଗିକ ବିଭାଗ ପାଇଁ ୬୮ କୋଟି ୭୩ ଲକ୍ଷ ୫୨ ହଜାର ଟାର୍ଗେଟ ଥିବାବେଳେ ମାତ୍ର ୩୮ କୋଟି ୯୯ ଲକ୍ଷ ୭ ହଜାର ଖର୍ଚ୍ଚ ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗରେ ସର୍ବାଧିକ ୧୪୧୪ କୋଟି ୩୬ ଲକ୍ଷ ୩ ହଜାର ଟଙ୍କା ଦିଆ ଯାଇଥିବାବେଳେ ୨୨୫ କୋଟି ୪୬ ଲକ୍ଷ ୨୬ ହଜାର ଖର୍ଚ୍ଚ ହୋଇଛି । ଜଳସମ୍ପଦ ବିଭାଗରେ ୫୮କୋଟି ୮୬ ଲକ୍ଷ ୩୪ ହଜାର ଟଙ୍କା ଟାର୍ଗେଟ ଥିବାବେଳେ ୪୭ କୋଟି ୩ ଲକ୍ଷ ଏବଂ ଶିଳ୍ପ ଓ ଖଣିଜପଦାର୍ଥ ବିଭାଗ ପାଇଁ ୬୦ କୋଟି ୫ ଲକ୍ଷ ଟାର୍ଗେଟ ଥିବାବେଳେ ୩୭ କୋଟି ୮ ଲକ୍ଷ ୧୩ ହଜାର ଖର୍ଚ୍ଚ ହୋଇଛି । ପରିବହନ ଓ ଯୋଗାଯୋଗ ପାଇଁ ୧୬୬ କୋଟି ୨୦ ଲକ୍ଷ ୯୦ ହଜାର ଟାର୍ଗେଟ ଥିବାବେଳେ ୧୭୪ କୋଟି ୩୦ ଲକ୍ଷ ୨୦ ହଜାର ଖର୍ଚ୍ଚ ହୋଇଛି । ଅପରପକ୍ଷେ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ପରିବେଶ ପାଇଁ ୭୦ କୋଟି ୨ ଲକ୍ଷ ୧୯ ହଜାର ଟାର୍ଗେଟ ଥିବାବେଳେ ୫୦ କୋଟି ୮୧ ଲକ୍ଷ ଓ ସମାଜିକ ସେବା ପାଇଁ ୪୪୨ କୋଟି ୭୦ ଲକ୍ଷ ୯୭ ହଜାର ଟାର୍ଗେଟରୁ ୩୧୮ କୋଟି ୫୦ ଲକ୍ଷ ୯୭ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ପୁଣି ସାଧାରଣ ଅର୍ଥନୀତି ସେବା ପାଇଁ ୧୪୯ କୋଟି ୭ ଲକ୍ଷ ଟାର୍ଗେଟରୁ ୧୪୨ କୋଟି ୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।

ପ୍ରକାଶଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟ ଖସଡାରେ ଅନୁମୋଦନ ହୋଇଥିବା ୧୬୨୬ କୋଟି ୯୬ ଲକ୍ଷ ୩୬ ଟଙ୍କା ମଧ୍ୟରୁ ଗ୍ରାମ ଉନ୍ନୟନ ବିଭାଗ ପାଇଁ ସର୍ବାଧିକ ଟଙ୍କା ୬୩୫ କୋଟି ୪୭ ଲକ୍ଷ ୧୪ ହଜାର ରହିଛି । ଅନ୍ୟପକ୍ଷେ କୃଷି ଓ ଆନୁସଙ୍ଗିକ ବିଭାଗ ପାଇଁ ୮୩୯ କୋଟି ୫ ଲକ୍ଷ ୯୯ ହଜାର, ଜଳସମ୍ପଦ ଓ ବନ୍ୟା ନିୟନ୍ତ୍ରଣ ପାଇଁ ୯୯୦ କୋଟି ୧ଲକ୍ଷ ୫୬ ହଜାର, ଶିଳ୍ପ ଓ ଖଣିଜ ପଦାର୍ଥ ପାଇଁ ୫୮କୋଟି ୬ ଲକ୍ଷ ୬୩ ହଜାର, ପରିବହନ ଓ ଯୋଗାଯୋଗ ପାଇଁ ୧୭୦ କୋଟି ୯୫ ଲକ୍ଷ ୩୮ ହଜାର, ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ପରିବେଶ ପାଇଁ ୫୯ କୋଟି ୫ ଲକ୍ଷ ୩୭ ହଜାର, ସାମାଜିକ ସେବା ପାଇଁ ୬୦୬ କୋଟି ୭୭ ଲକ୍ଷ ୨୯ ହଜାର, ସାଧାରଣ ଅର୍ଥନୀତି ସେବା ପାଇଁ ୧୮୯ କୋଟି ୭ ଲକ୍ଷ ରହିଛି।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ମୃତ



ଦୁର୍ଘଟଣା ପରେ ଲୋକେ ନିଆଁ ଜାଳି ରାସ୍ତାରୋକୋ କରିଛନ୍ତି।

## ଉତ୍ତେଜନା, ରାସ୍ତାରୋକୋ

**ଗଣିଆ,୩।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ଗଣିଆ ଥାନା କିଶୋରପ୍ରସାଦ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ କଂସାବାସନ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭାପୁର ବ୍ଲକ ଧାନଚେଙ୍ଗଡା ଲକ୍ଷ୍ମୀପ୍ରସାଦ ଗ୍ରାମର ମହେଶ୍ୱର ବେହେରା (୪୫)। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଲୋକମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ରାସ୍ତାରେ ନିଆଁ ଜାଳି ଅବରୋଧ କରିଥିଲେ । ପୋଲିସ ପହଞ୍ଚିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ।

ସୂଚନା ଅନୁଯାୟୀ, ମହେଶ୍ୱର ତାଙ୍କ ଝିଅର ବିବାହ ପ୍ରସ୍ତାବ ପାଇଁ ଗଣିଆ ବ୍ଲକ କିଶୋରପ୍ରସାଦ ଗ୍ରାମକୁ ଆସିଥିଲେ । ସେଠାରୁ ଫେରି ଚାଲି ଚାଲି ରାସ୍ତା ପାର ହେଉଥିବା ସମୟରେ କଣ୍ଟିଲୋ ରାଜକିଆରି ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ (ନଂ.ଓଡି ୧୯ ଏମ୍ ୫୭୮୯) ତାଙ୍କୁ ଧକ୍କା ଦେଇଥିଲା । ଖବରପାଇ ଗଣିଆ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମହେଶ୍ୱରଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ । ଗଣିଆ ଥାନା ଏସ୍‌ଆଇ ବୀରେନ୍ଦ୍ର କୁମାର ଦେହୁରୀ, ଏଏସ୍‌ଆଇ ପ୍ରମୋଦ କୁମାର ନନ୍ଦ ଓ ଅତିରିକ୍ତ ତହସିଲଦାର ବନମାଳୀ ପରିଡ଼ା ପ୍ରମୁଖ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ ମୃତକଙ୍କ ପରିବାରକୁ ସରକାରଙ୍କ ତରଫରୁ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦୀପାଞ୍ଜଳି



@ ଜ୍ଞାନରଞ୍ଜନ



@ ପ୍ରୀତି



@ ଆଦିତ୍ୟ



@ ମନୁମୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି ବାଣିଜ୍ୟ ସମବାୟ ସମିତି ଗୃହ

**ଖଣ୍ଡପଡ଼ା,୩।୩ (ସ୍ୱ.ପ୍ର.)**

ଖାଦ୍ୟ ଶସ୍ୟ ମହଜୁଦ ରଖିବା ନିମନ୍ତେ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଖଣ୍ଡପଡ଼ା ସହରର ୧୨ ନଂ. ୱାର୍ଡରେ ନିର୍ମାଣ କରାଯାଇଥିବା ନୟାଗଡ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଗୃହ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। ଏହାର ପୁନରୁଦ୍ଧାର ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏକଦା ବ୍ୟବସାୟର ପେଣ୍ଠସ୍ଥଳୀ ଥିବା ଏହି ବାଣିଜ୍ୟ ସମବାୟ ସମିତିଟି ଖଣ୍ଡପଡା ସେବା ସମବାୟ ସମିତି କାର୍ଯ୍ୟାଳୟ ନିକଟରେ ଅବସ୍ଥିତ । ପ୍ରତିବର୍ଷ ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନକ୍ରୟ କରାଯାଇଥାଏ । ବାଇପାସ୍ ରାସ୍ତାର ଉଭୟ ପାର୍ଶ୍ୱରେ ଚାଷୀମାନେ ବହୁ କୁଇଣ୍ଟାଲ ଧାନ ମହଜୁଦ ରଖି ବିକ୍ରୀ କରିବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ବାଣିଜ୍ୟ ସମବାୟ ସମିତି ଗୃହକୁ ପୁନଃ କାର୍ଯ୍ୟକ୍ଷମ କରାଯାଇ ଖଣ୍ଡପଡା ସେବା ସମବାୟ ସମିତି କାର୍ଯ୍ୟାଳୟ ଅଧୀନକୁ ହସ୍ତାନ୍ତର କଲେ ଖଣ୍ଡପଡା ଅଞ୍ଚଳର ଶତାଧିକ ଚାଷୀ ଉପକୃତ ହୋଇ ପାରନ୍ତେ ବୋଲି ସାଧାରଣରେ ଆଲୋଚନା ହେଉଛି। ନୟାଗଡ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।




ଅବହେଳିତ ଭାବେ ପଡ଼ିଥିବା ବାଣିଜ୍ୟ ସମବାୟ ସମିତି ଗୃହ।

**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ମହିନ୍ଦ୍ରା ବିଏଲ୍‌ଏଜେଡ୍‌ଓ୩୭ ସିଏବି ଚେସିସ୍ ଗାଡ଼ି ନଂ. ଓଡି୧୬ଇ୩୦୭୮, ନିର୍ମାଣ ବର୍ଷ - ୨୦୧୮ ସଂରକ୍ଷିତ ମୂଲ୍ୟ - ୧୨୫୧୧୮୨.୫୯

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ ''ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ'' ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେସନ୍

କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ: ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791

**ପୂର୍ବ ତଟ ରେଳପଥ**

**ଭାରତ ସରକାର**
ପୂର୍ବ ତଟ ରେଳପଥ
ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୧୩୪୩ ତା.୨୩/୦୨/୨୦୨୩

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ ଜିଲ୍ଲାର ବିମଳାଗଡ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା-ଭାଲୁକି, ଥାନା-ଖମାର, ଥାନା ନମ୍ବର-୮୯ ରୁ ୦.୨୮୦ ଏକର ପରିମିତ ପ୍ରଜା ଭୂମି ଆବଶ୍ୟକ ହେଉଅଛି । ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବିବାଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମିର ଖାତା ରୟତ ଏବଂ ତଦବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ ।

୧- ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଅନୁଗୁଳ (ରେଳୱେ ଷ୍ଟେସନ ନିକଟ) ଅନୁଗୁଳ – ୭୫୯୧୨୩

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର
ଜିଲ୍ଲା: ଅନୁଗୁଳ, ଥାନା: ଖମାର, ଥାନା ନଂ. ୮୯, ତହସିଲ: ପାଲହଡ଼ା, ମୌଜା-ଭାଲୁକି

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ପ୍ଲଟ ନାମ ବାସସ୍ଥାନ ଓ ଠିକଣା | ପ୍ଲଟ ମୋଟ ରକବା (ଏକରରେ) | ପ୍ଲଟ ପାଇଁ ଆବଶ୍ୟକ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧୨ | ୫୩୬ | ଦ୍ୱୈଲା-II | ଦର୍ଶନି ନାଏକ ପି. ସାହେବ ନାଏକ ଜା. ଗଣ୍ଡା ବା. ନିଜଗାଁ | ୧.୨୬୦ | ୦.୨୮୦ | |
| | | | | ମୋଟ | | ୦.୨୮୦ | |

PR-176/CF/22-23 ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022
**NOTICE INVITING TENDER**
NIT No: TPCODL/P&S/NIT/22-23/020

TP Central Odisha Distribution Limited invites open tender from eligible Bidders for the following:

| Sl No | Tender Description | Tender Enquiry No. | Tender Fee inclusive of GST (Rs.) | EMD (Rs. Lakhs) | Last date & time of payment of Tender Fee |
|---|---|---|---|---|---|
| 1 | SITC work of Air-Conditioning System at TPCODL-Technology Centre-Bhubaneshwar | TPCODL/P&S/ 1000000349/2022-23 | 5,000/- | 2.0 | 14/03/2023, 17.00 Hrs. |
| 2 | SITC work of Fire-Fighting System at TPCODL-Technology Centre-Bhubaneshwar | TPCODL/P&S/ 1000000350/2022-23 | 5,000/- | 2.0 | 14/03/2023, 17.00 Hrs. |
| 3 | Meter Data Analysis Service at TPCODL | TPCODL/P&S/ 1000000353/2022-23 | 5,000/- | 5.66 | 13/03/2023, 17.00 Hrs. |

For further details of Tenders, please visit Vendor Zone/Tender Section on TPCODL website https://www.tpcentralodisha.com. Future communication/corrigendum to tender documents, if any, shall be available on website.

**कार्यपालक अभियंता का कार्यालय**
**पेयजल एवं स्वच्छता प्रमंडल, मेदिनीनगर**

**शुद्धि–पत्र**

पेयजल एवं स्वच्छता प्रमंडल, मेदिनीनगर अन्तर्गत आमंत्रित ई–प्रोक्योरमेंट अल्पकालीन निविदा आमंत्रण सूचना संख्या–DWSD/SVS (JJM)/Med-36/2022-23 (1st Call) जो PR No. 291087 द्वारा विभिन्न समाचार पत्रों में प्रकाशित है; के वेबसाइट पर निविदा प्रकाशन की तिथि एवं अग्रधन की राशि एवं परिमाण विपत्र का मूल्य (हार्ड कॉपी) जमा करने की स्थल निम्न प्रकार संशोधित किया जाता है :–

| विवरण | पूर्व प्रकाशित तिथि | संशोधित तिथि |
|---|---|---|
| वेबसाइट पर निविदा प्रकाशन की तिथि एवं समय | 28/02/2023 / 12.30 P.M. | 03/03/2023 / 12.30 P.M. |
| विवरण | पूर्व प्रकाशित स्थल | संशोधित स्थल |
| अग्रधन की राशि एवं परिमाण विपत्र का मूल्य (हार्ड कॉपी) जमा करने का स्थल | 1. Office of the Superintending Engineer, W&S Circle, Medininagar 2. Office of the Executive Engineer, DW&S Division, Medininagar | 1. Office of the Regional Chief Engineer, D W & S Department, Ranchi Zone Ranchi. 2. Office of the Superintending Engineer, DW&S Circle, Medininagar 3. Office of the Executive Engineer, DW&S Division, Medininagar |

यह शुद्धि–पत्र परिमाण विपत्र का भाग होगा एवं शेष पूर्ववत् रहेंगे।

कार्यपालक अभियंता,
पेयजल एवं स्वच्छता प्रमंडल, मेदिनीनगर।

PR.NO. 291768 Drinking Water and Sanitation(22-23):D

**E-Procurement cell**
**Office of the Executive Officer**
**Nagar Panchayat Mahagama , Jharkhand**
**Urban Development & Housing Department**

**e-procurement Notice, Very short Tender notice**

NIT No. – UDD/NPM/21/2022-23, Date:-01.03.2023

| Sl. NO | E-TENDER REF NO. | NAME OF WORK | TENDER VALUE | TIME OF COMPLETION | EARNEST MONEY DEPOSIT | BID DOCUMENT FEES |
|---|---|---|---|---|---|---|
| 1 | NPM/21/ 2022-23 | REJUVENATION OF DURGA MANDIR TALAB, (WARD NO 07) Under Nagar Panchayat Mahagama | Rs. 102.20 Lakhs | 06 months | Rs. 2,10,000.00 | Rs. 10,000.00 |
| 2 | Date of Publication of tender on website | | | 06.03.2023 | | |
| 3 | Closing date and time for receipt of tender on website | | | 15.03.2023 at 02.00 PM | | |
| 4 | Date and place of receiving tender fee, EMD | | | 16.03.2023 till 03.00 PM at tenders inviting office | | |
| 5 | Opening date and time of opening of technical bid | | | 16.03.2023 at 04.00 PM | | |
| 6 | Name and address of office inviting tender | | | Office of Executive Officer, Nagar Panchayat Mahagama. | | |
| 7 | Helpline number of e-procurement cell | | | +91 9771212473 | | |

NOTE: AUTHORITY RESERVES THE RIGHT TO CANCEL TENDER WITHOUT SIGHTING ANY REASON THEREOF. FURTHER DETAILS CAN BE SEEN ON WEBSITE http://jharkhandtenders.gov.in

Executive Officer
Nagar Panchayat Mahagama

PR 291777 District(22-23)#D

**झारखण्ड सरकार**
**कार्यपालक अभियंता का कार्यालय,**
**ग्रामीण विकास विशेष प्रमण्डल, रामगढ़**

**ई–अति अल्पकालीन निविदा आमंत्रण सूचना**
ई–निविदा सं० :–*RDSD/RAMGARH/08/2022-23*

1.कार्य की विस्तृत विवरणी :– DMFT मद अन्तर्गत।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड | पंचायत | आँगनबाडी केन्द्रो का नाम | प्राक्कलित राशि (लाख में) | अग्रधन की राशि (रू०) | निविदा शुल्क | कार्य पूर्ण करने की अवधि |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | RDSD/RAMGARH/ DMFT /01/2022-23 | रामगढ | नगर परिषद | सवैया गढ़ा | 720950.00 | 15000.00 | 1250.00 | 30.06.2023 तक होगी। |
| 2 | RDSD/RAMGARH/ DMFT /02/2022-23 | रामगढ | नगर परिषद | तिवारी टोला | 339700.00 | 7000.00 | 750.00 | 30.06.2023 तक होगी। |
| 3 | RDSD/RAMGARH/ DMFT /03/2022-23 | रामगढ | नगर परिषद | बरधरवा | 638650.00 | 13000.00 | 1250.00 | 30.06.2023 तक होगी। |
| 4 | RDSD/RAMGARH/ DMFT /04/2022-23 | रामगढ | नगर परिषद | चेटर | 614700.00 | 13000.00 | 1250.00 | 30.06.2023 तक होगी। |

2. वेबसाईट में निविदा प्रकाशन की तिथि :– दिनांक 10.03.2023
3. ई–निविदा प्राप्ति की अंतिम तिथि एवं समय :– दिनांक 16.03.2023 अपराह्न 5.00 बजे तक।
4. निविदा शुल्क, अग्रधन की राशि एवं शपथपत्र के मूलप्रति जमा करने की तिथि एवं समय दिनांक 17.03.2023 को अपराह्न 5.00 बजे तक, स्थान– जिला परिषद रामगढ़ के सभागार कक्ष में लिया जायेगा।
5. निविदा खोलने की तिथि एवं समय :– 18.03.2023 अपराह्न 02:00 बजे
6. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
7. ई–निविदा प्रकोष्ठ का दूरभाष सं० :– 8986791292, 8210703869
8. निविदा शुल्क राष्ट्रीयकृत बैंक द्वारा निर्गत बैंक ड्राफ्ट या बैंकर्स चेक जो कार्यपालक अभियंता, ग्रामीण विकास विशेष प्रमण्डल, रामगढ़ के पदनाम से देय हो देना होगा। जो स्टेट बैंक ऑफ इंडिया, मुख्य शाखा, रामगढ़ (Branch Code-00164) में भुगतेय होगा। प्राईवेट बैंक का D.D/ Bankas Cheque मान्य नहीं होगा।
9 **अग्रधन की राशि राष्ट्रीय बचत पत्र (NSC) 05 वर्षीय/03 वर्षीय/डाकघर सावधि जमा पत्र/03 वर्षीय/05 वर्षीय/बैंक सावधि जमा पत्र (F.D) 05 वर्षीय/03 वर्षीय, जो की कार्यपालक अभियंता के नाम से प्रतिज्ञिप्त होगा, मान्य होगा।**
10. परिमाण विपत्र की राशि घट–बढ़ सकती है। तदनुसार परिमाण विपत्र की राशि का 02 प्रतिशत राशि अग्रधन की राशि के रूप में जमा करना होगा।
11. सरकार के संयुक्त सचिव, ग्रामीण कार्य विभाग, झारखण्ड सरकार, राँची का पत्रांक– 653 दिनांक 28.02.2023 के आलोक में "The System of taking tender document in offine manner, should be sotpped w.,e.f. 01.03.2023." का अनुपालन सुनिश्चित करते हुए यह स्पष्ट किया जाता है कि केवल ई–निविदा ही मान्य होगा तथा निविदा अभिलेख का Hard Copy समर्पित नहीं किया जायेगा।
12. विशेष परिस्थिति में बिना कारण बताए निविदा रद्द करने अथवा स्थगित करने का अधिकार अद्योहस्ताक्षरी को सुरक्षित होगा।

विस्तृत जानकारी के लिए वेबसाईट *Jharkhandtenders.gov.in* एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमण्डल, रामगढ़।

PR 291824 (Rural Work Department) 22-23 (D)

## ସଂକ୍ଷେପରେ

### ଗ୍ରାମଦେବତୀ ମା'ମାହେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଯାଜପୁର ଟାଉନ,୩।୩(ଡି.ଏନ.ଏ.): ଯାଜପୁର ସହରର କିଆନାଳୀକୂଳସ୍ଥିତ ରାଉତରାପୁର ଗ୍ରାମର ଗ୍ରାମଦେବତୀ ମା' ମାହେଶ୍ୱରୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ୩ ଦିନ ବ୍ୟାପୀ ଏହି ଉତ୍ସବ ରୀତିନୀତିର ସହ ପାଳନ କରାଯାଇଛି। ଉତ୍ସବରେ ପ୍ରତିଷ୍ଠିତ କଳାକାର ସୁବାସ ଦାଶ ଓ ରବୀନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା'ଙ୍କର କଳସ ଯାତ୍ରାରେ ଆଖପାଖ ଅଞ୍ଚଳର ୨୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଭାଗ ନେଇଥିଲେ। ଦଶାଶ୍ୱମେଧ ଘାଟରୁ ଜଳ ସଂଗ୍ରହ କରାଯିବା ପରେ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ମନ୍ଦିରରେ କଳସଧାରୀ ପହଞ୍ଚିବା ପରେ ମା'ଙ୍କ ଜଳାଭିଷେକ ହୋଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ନବକିଶୋର ସାମନ୍ତ, କୁଳମଣି ପାଣିଗ୍ରାହୀ, ବିକ୍ରମ ପାଢ଼ୀ ଓ ମନୋଜ ପଣ୍ଡା ପୂଜାର୍ଚ୍ଚନା ସମାପନ କରିଥିଲେ। ଗ୍ରାମର ସୁଧାଂଶୁ ଶେଖର ସାହୁ, ଅମୂଲ୍ୟ ସାହୁ, ଅଶୋକ ବିଶ୍ୱାଳ, ରଜନୀ ସାହୁ , ଅକ୍ଷୟ କୁମାର ସାହୁ, ଯଜାତି ସାହୁ, ଦ୍ୱିଜ ସେନାପତି, ଚନ୍ଦନ ସେନାପତି, ବିଜୟ କୁମାର ସେନାପତି, କାଠିଆ ସେନାପତି ଓ ଶୁଶୀଲ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ନନ୍ଦନକାନନରେ ପଶିଲେ ୨ ଦନ୍ତା

ବାରଙ୍ଗ,୩।୩(ଡି.ଏନ୍.ଏ.)- ଗତ କିଛିଦିନର ବ୍ୟବଧାନ ପରେ ପୁଣି ନନ୍ଦନକାନନରେ ୨ ଦନ୍ତା ପଶିଛନ୍ତି। ଶୁକ୍ରବାର ସକାଳେ ନନ୍ଦନକାନନରେ ଦୁଇଟି ଦନ୍ତାହାତୀ ପଶିଥିବାର ଜଣାପଡିଥିଲା। ହାତୀ ଦୁଇଟି ଚନ୍ଦକା ଜଙ୍ଗଲରୁ ରଘୁନାଥପୁର ଗାଁମୁଣ୍ଡ ବଡ଼ବାଙ୍କ ପାଖରେ ନନ୍ଦନକାନନର ସୁରକ୍ଷା ପ୍ରାଚୀରର ଦୁଇଟି ସ୍ଥାନରେ ପ୍ରାୟ ୧୫ ଫୁଟ ଲମ୍ବର ପାଚେରି ଭାଙ୍ଗି ଭିତରକୁ ପଶିଥିଲେ। ହାତୀ ସଫାରୀର ହାତୀଶାଳକୁ ସଂଯୋଗ ଥିବା ସୁରକ୍ଷା ଗେଟ୍ ପାଖ ଓ କୁମ୍ଭୀର ଟାଙ୍କି ପଛପଟେ ଥିବା ଲନ୍‌ରେ ଜଙ୍ଗଲୀ ଦନ୍ତାହାତୀ ଝାଡ଼ା ବସିଥିବାର କର୍ମଚାରୀ ଶୁକ୍ରବାର ସକାଳେ ଦେଖିବା ପରେ ନନ୍ଦନକାନନରେ ହାତୀ ପଶିଥିବାର ଜଣାପଡିଥିଲା। ତେବେ ଏହି ଦନ୍ତା ଦ୍ୱୟ ନନ୍ଦନକାନନରେ କୌଣସି କ୍ଷୟକ୍ଷତି କରି ନ ଥିବାବେଳେ କେବଳ ଲନ ଗାର୍ଡେନରେ କିଛି ତାରଜାଲିକୁ ଭାଙ୍ଗିଥିବା ଜଣାପଡିଛି। ହାତୀ ପଶିଥିବା ଜଣାପଡିବା ପରେ ନନ୍ଦନକାନନ ଅଧିକାରୀ କର୍ମଚାରୀଙ୍କୁ ସାଙ୍ଗରେ ନେଇ ହାତୀକୁ ଖୋଜାଖୋଜି କରିଥିଲେ। ହମିରା ଟାଙ୍ଗିରେ ଦୁଇଟି ଦନ୍ତା ଥିବା ଦେଖିବାକୁ ମିଳିଥିଲା। ହମିରା ଟାଙ୍ଗିରୁ ହାତୀ ଦୁଇଟି ଯେପରି ନନ୍ଦନକାନନକୁ ନ ଆସନ୍ତି ସେଥିପ୍ରତି ସଜାଗ ରହିବାକୁ ନନ୍ଦନକାନନ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ସର୍ତକ କରାଇଥିଲେ। ଏହାସହ ଦୁଇଟି ଟିମ୍‌ରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ହାତୀ ଦୁଇଟିର ଗତିବିଧି ଉପରେ ନଜର ରଖାଯାଇଥିଲା। ସନ୍ଧ୍ୟା ହେବା ପରେ ଦନ୍ତା ଦୁଇଟିକୁ ଚନ୍ଦକା ଜଙ୍ଗଲକୁ ଫେରାଇ ନେବାକୁ କର୍ମଚାରୀ ଉଦ୍ୟମ କରିଥିଲେ।

# ପାଇପ୍ ପାଣିରୁ ୮୨% ଗ୍ରାମବାସୀ ବଞ୍ଚିତ

ଯାଜପୁର ଅଫିସ,୩।୩

ବିକାଶରେ ଯାଜପୁର ଜିଲା ବେଶ ଅଗ୍ରଣୀ ବୋଲି ନେତା ଓ ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି । ମାତ୍ର ଜିଲାର ୮୨ ପ୍ରତିଶତ ଗ୍ରାମକୁ ପାଇପ୍ ଜଳଯୋଗାଣ ଅପହଞ୍ଚ ରହିଛି ବୋଲି ସରକାରୀ ତଥ୍ୟ କହୁଛି । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ଜିଲାର ସମୁଦାୟ ୧୫୯୭ ରାଜସ୍ୱ ଗ୍ରାମ ମଧ୍ୟରୁ ୨୯୩ଟି ଗ୍ରାମ ପଞ୍ଚାୟତରେ ଆଂଶିକ ଭାବେ ସିଙ୍ଗଲ ଭିଲେଜ ସ୍କିମ ଦ୍ୱାରା ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ସମସ୍ତ ପ୍ରକଳ୍ପ ସଚଳ ଅଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ହେଲେ ବାସ୍ତବରେ ଶତାଧିକ ପ୍ରକଳ୍ପ ଗ୍ରାମବାସୀଙ୍କ ଆବଶ୍ୟକତାକୁ ଏଯାଏ ପୂରଣ କରି ପାରିନାହିଁ। ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇ ଯାଇଥିବାରୁ ସ୍ୱଚ୍ଛ ପାଣି ଟିକକ ପାଇଁ ପୁଣି ଲୋକେ ଡହଳବିକଳ ହେବା ନିଶ୍ଚିତ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ୨୫୭ ଗ୍ରାମ ପଞ୍ଚାୟତ ପାଇଁ ୭ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁଛି ବୋଲି ବିଭାଗ ପକ୍ଷରୁ କୁହାଯାଉଛି। ହେଲେ ସମସ୍ତ ମେଗା ପ୍ରକଳ୍ପ ଅଣଓଡିଆ ଠିକାସଂସ୍ଥା ଦ୍ୱାରା ନିର୍ମାଣାଧୀନ ଥିବାରୁ କେବେ ତାହା ସରିବ ତାହା ସ୍ପଷ୍ଟ ହୋଇନାହିଁ।

ଯାଜପୁର ଜିଲାର ୧୦ ବ୍ଲକରେ ୧୫୯୭ଟି ରାଜସ୍ୱ ଗ୍ରାମରେ ୩,୭୮,୬୪୫ ପରିବାର ବାସ କରୁଛନ୍ତି । ୨୦୦୬ରୁ ରାଜ୍ୟରେ ପାନୀୟ ଜଳଯୋଗାଣ ବିଭାଗ ପଞ୍ଚାୟତ ବିଭାଗ ଅଧୀନରେ ଥିଲାବେଳେ ଗତ ପ୍ରାୟ ୪ ବର୍ଷ ହେବ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନକୁ ଆସିଛି। ହେଲେ ଗ୍ରାମ୍ୟ ଜଳଯୋଗାଣ ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ଏବେ ବି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ୨୦୧୭ରୁ ଜିଲାର ଖଣି ଅଞ୍ଚଳରେ ଏନ୍‌ସିସି ଠିକାସଂସ୍ଥା ଦ୍ୱାରା ମେଗା ଜଳଯୋଗାଣ ପ୍ରକଳ୍ପ ଚାଲିଛି। ହେଲେ ଏଯାଏ ନିର୍ଦ୍ଧାରିତ ଗ୍ରାମଗୁଡିକୁ ସ୍ୱଚ୍ଛ ପାଣି ପହଞ୍ଚି ପାରି ନ ଥିବା ଅଭିଯୋଗ ହୋଇଛି। ଏହାବାଦ୍ ବଡ଼ଚଣା, ଧର୍ମଶାଳା, ରସୁଲପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ଚାଲିଛି। ସେହିପରି ବଡ଼ଚଣା ଓ ଧର୍ମଶାଳା ବ୍ଲକର ୨୪୭ ଗ୍ରାମବାସୀ ଏବଂ ଦଶରଥପୁର ବ୍ଲକର ୩୫ ପଞ୍ଚାୟତବାସୀଙ୍କ ପାଇଁ ୨ଟି ମେଗା ପ୍ରକଳ୍ପ ୨୦୧୯-୨୦ରୁ ଆରମ୍ଭ ହୋଇଛି। ଏହି ୨ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ମେଘା ଇଞ୍ଜିନିୟର ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ହେଲେ ଏହିସବୁ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ପୂର୍ବରୁ ସମ୍ପୃକ୍ତ ଅଣଓଡ଼ିଆ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ବିଭାଗୀୟ ତାଗିଦା ମଧ୍ୟ କରାଯାଇଛି। ରାଜ୍ୟରେ ଥିବା ଠିକାସଂସ୍ଥାଗୁଡିକୁ ଅଯୋଗ୍ୟ ବିବେଚନା କରି ବାହାର ରାଜ୍ୟର ଠିକାସଂସ୍ଥାକୁ କାମ ଦେବା ଲାଗି ଜାଣିଶୁଣି ଜଟିଳ ସର୍ତ୍ତ ରଖାଯାଇଥିଲା। ତେଣୁ କେହି ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ନ ଥିଲେ ବୋଲି ଜଣେ ଠିକାଦାର କହିଛନ୍ତି। ଉକ୍ତ ଟେଣ୍ଡରରେ ସର୍ତ୍ତ ଥିଲା ଯେ, ପ୍ରକଳ୍ପ ଅଟକଳ ମୂଲ୍ୟର ଶତକଡା ୮୦ ଭାଗ ମୂଲ୍ୟ ବିଶିଷ୍ଟ ସମାନ ଧରଣର ଜଳଯୋଗାଣ ପ୍ରକଳ୍ପ ସମ୍ପାଦନ କରିଥିବା ଆବଶ୍ୟକ କିମ୍ବା ପ୍ରକଳ୍ପର ଅଟକଳ ମୂଲ୍ୟର ଶତକଡା ୫୦ ଭାଗ ମୂଲ୍ୟ ବିଶିଷ୍ଟ ସମାନ ଧରଣର ୨ଟି ପ୍ରକଳ୍ପ କରିଥିବା ଆବଶ୍ୟକ। ତେବେ ରାଜ୍ୟରେ ଏଭଳି ପ୍ରକଳ୍ପ ପୂର୍ବରୁ କେବେ ହୋଇ ନ ଥିବାରୁ ସେଭଳି ଠିକାଦାର ମିଳିବା ଅସମ୍ଭବ ଥିଲା। ତେଣୁ ଏହାର ସୁଯୋଗରେ ଅଣଓଡ଼ିଆ ଠିକାସଂସ୍ଥାଗୁଡିକୁ କାର୍ଯ୍ୟଦେଶ ଦିଆଯାଇଥିଲା। ହେଲେ ଉକ୍ତ ମେଗା ଜଳଯୋଗାଣ ପ୍ରକଳ୍ପଗୁଡିକରେ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରି କୋଟି କୋଟି ଟଙ୍କା ହରିଲୁଟ କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ତେଣୁ ଚଳିତ ଖରା ମାସ ମଧ୍ୟରେ ଅନ୍ୟ କୌଣସି ମେଗା ଜଳଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଅସମ୍ଭବ ବୋଲି ମତପ୍ରକାଶ ପାଇଛି।

ଅନ୍ୟପକ୍ଷେ ସିଙ୍ଗଲ ଭିଲେଜ ସ୍କିମରେ ନିର୍ମାଣ ହୋଇଥିବା ଅଧିକାଂଶ ପ୍ରକଳ୍ପ ଦ୍ୱାରା ନିର୍ଦ୍ଧାରିତ ଲୋକ ପାଇପ୍ ଜଳ ପାଉ ନାହାନ୍ତି । ଏଠାରେ କୋରେଇ ବ୍ଲକର ଅଚଳ ଥିବା କଡମା, ଅମୃତିଆ, ଜହ୍ନା, ମକୁନ୍ଦପୁର, ମୂଳାପାଳ, ପାଣିକୋଇଲି, ଅଲତିରି, ଉପୁଲେଇ ପ୍ରକଳ୍ପକୁ ଉଦାହରଣ ଭାବେ ନିଆଯାଇପାରେ। ଗୋଟିଏ ବ୍ଲକରେ ଏତେ ସଂଖ୍ୟକ ପ୍ରକଳ୍ପ ଯଦି ଅଚଳ ହୋଇଛି ତେବେ ଅନ୍ୟ ବ୍ଲକଗୁଡ଼ିକରେ କେତେ ଅଚଳ ପ୍ରକଳ୍ପ ରହିଥିବା ତାହା ସ୍ପଷ୍ଟ ଅନୁମେୟ ବୋଲି କୁହାଯାଉଛି। ଜିଲାର ନିର୍ବାଚିତ ଜନପ୍ରତିନିଧିମାନେ ବିଧାନସଭାରେ କେତେକ ପ୍ରଶ୍ନ କରି ନୀରବି ଯାଉଥିବାରୁ ପାଇପ୍ ଜଳଯୋଗାଣ ପ୍ରକଳ୍ପର ପ୍ରକୃତ ଲକ୍ଷ୍ୟ ପରାହତ ହୋଇଥିବା ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଘଡେଇଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଗୁରୁବାର ସନ୍ଧ୍ୟାରେ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

**ଯାଜପୁର ଜିଲାର ନଗ୍ନଚିତ୍ର**

- ୧୫୯୭ ଗ୍ରାମରୁ ୨୯୩ ଗ୍ରାମକୁ ପାଇପ ପାଣି ଯୋଗାଣ
- ଗ୍ରୀଷ୍ମ ପ୍ରବାହ ବେଳେ ସ୍ୱଚ୍ଛ ପାଣି ପାଇଁ ଲୋକେ ଡହଳବିକଳ ସୁନିଶ୍ଚିତ



# ସେବା ମୋର ସଙ୍କଳ୍ପ ଦିବସ ପାଳିତ



ସଂକଳ୍ପ ଦିବସରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଚଣ୍ଡିଖୋଲ,୩।୩(ଡି.ଏନ୍.ଏ.):

ବଡ଼ଚଣା ବ୍ଲକ ଅନ୍ତର୍ଗତ ମଝିପଡ଼ାଠାରେ ମଝିପଡ଼ା ଯୁବକ ସଂଘ ତରଫରୁ ସେବା ମୋର ସଙ୍କଳ୍ପ ଦିବସ ପାଳିତ ହୋଇଯାଇଛି। ଭାଜପା ଜିଲା ସାଧାରଣ ସମ୍ପାଦିକା ଦେବଯାନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତେ ଏକ ଉନ୍ନତ ରାଷ୍ଟ୍ର ଗଢ଼ିବା ପାଇଁ ସଂକଳ୍ପ ନେବାକୁ ଶପଥ ନେବା ଉଚିତ। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ବିକଶିତ ଭାରତବର୍ଷର ସ୍ୱପ୍ନ ଦେଖିଛନ୍ତି ତାହାକୁ ସାକାର ପାଇଁ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଭାଜପା ରାଜ୍ୟ ସମ୍ପାଦକ ଅମର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବଡ଼ଚଣା ନିର୍ବାଚନମଣ୍ଡଳୀରେ ବିକାଶର ଧାରାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏଠାରେ ବିକାଶ ସମ୍ପୂର୍ଣ୍ଣ ଠପ ହୋଇଯାଇଛି ବୋଲି ସେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଭିନେତ୍ରୀ ପୁନମ ମିଶ୍ର ଯୋଗ ଦେଇଥିଲେ। ମଣ୍ଡଳ ସଭାପତି ସୀତାନାଥ ବଳସାମନ୍ତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ପ୍ରମୋଦ ଜେନା ସଂକଳ୍ପ ଦିବସର ଗାରିମା ସମ୍ପର୍କରେ ଉଲ୍ଲେଖ କରିଥିଲେ। ପରେ ପଞ୍ଚାୟତ ନିର୍ବାଚନ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ପଞ୍ଚାୟତରେ ବିଜୟ ଲାଭ କରିଥିବା ଜନ ପ୍ରତିନିଧି ସରପଞ୍ଚ ଶୋଭା ବଜ୍ରକବାଟ, ଜଗନ୍ନାଥ ଖଣ୍ଡାଇ, ବିଶ୍ୱବିଜୟୀ ବ୍ରହ୍ମ, କବିତା ରାଉତ, ନମିତା ରାଉତ, ସୁପ୍ରିୟା ଦାସ, ବେଣୁଧର ବିଶ୍ୱାଳ, ସମୀର ରାଉତ, ଲକ୍ଷ୍ମୀପ୍ରିୟା ଦାସ, ସୁରେନ୍ଦ୍ର ସେନାପତି, ସଞ୍ଜୁକ୍ତା ରାଉତ, ଲିଲି ସେଠୀ, ବିଳାଶିନୀ ଖୁଣ୍ଟିଆ, ସତ୍ୟବ୍ରତ ବିଶ୍ୱାଳ, ସୌମ୍ୟରଞ୍ଜନ ବିଶ୍ୱାଳ, ଜଗନ ହେମ୍ବ୍ରମ୍‌ଙ୍କ ସମେତ ଖବରଦାତା ମହେଶ୍ୱର ବଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଘ୍ନେଶ୍ୱର ବଳ ଧନ୍ୟବାଦ ଦେଇଥିଲେ।

### କଳାପଥର ଚୋରି ଅଭିଯୋଗରେ ୨ ଗିରଫ

ଚଣ୍ଡିଖୋଲ,୩।୩(ଡି.ଏନ.ଏ.):

ବାଲିଚନ୍ଦ୍ରପୁର-ବେଣୀପୁର ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାରଙ୍କ କଳାପଥର ଚିପ୍ସ ଚୋରି ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଦେକୁରୀ ଗ୍ରାମର ବିଶ୍ୱଜିତ ଭଞ୍ଜ ଓ ଖଡ଼ଗପୁର ଗ୍ରାମର ନିକୁଞ୍ଜ ମଲ୍ଲିକ। କଳାପଥର ଚିପ୍ସ ରାସ୍ତା କଡ଼ରେ ପଡ଼ିଥିବାବେଳେ ଚୋରି ହୋଇଥିବା ନେଇ ଗତ ମାସ ୨୩ ତାରିଖରେ ଠିକା ସଂସ୍ଥାର ସୁପରଭାଇଜର ରଞ୍ଜିତ ଦେଓ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ନଂ.୬୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ନାବାଳିକାଙ୍କୁ ଗଣବଳାତ୍କାର

କେନ୍ଦ୍ରାପଡ଼ା ଅଫିସ, ୩।୩

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଞ୍ଚଳରେ ଜଣେ ୧୨ ବର୍ଷିୟା ନାବାଳିକାଙ୍କୁ ଗୁରୁବାର ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଏହି ଘଟଣାରେ ଜଣେ ଟେଣ୍ଟ ଶ୍ରମିକଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ପୀଡ଼ିତାଙ୍କ ମା'ଙ୍କ ସୂଚନା ଅନୁଯାୟୀ, ଘର ପାଖରେ ଅଷ୍ଟମ ପ୍ରହର ନାମଯଜ୍ଞ ଲାଗି ଟେଣ୍ଟ ବନ୍ଧା ଯାଉଥିଲା। ସନ୍ଧ୍ୟାରେ ଜଣେ ଶ୍ରମିକ ପାଣି ମାଗିବା ପରେ ଝିଅ ନୋଟା ଓ ଗ୍ଲାସ୍ ନେଇ ଯାଇଥିଲା। ତେବେ ସେଠାରୁ ସେ ଆଉ ଫେରି ନ ଥିଲା। ପ୍ରାୟ ୧୫ ମିନିଟ୍ ପରେ ଖୋଜାଖୋଜି କରିବାରୁ ନିକଟସ୍ଥ ଏକ ବୁଦାମୂଳେ ଝିଅ ବେହୋସ୍ ଅବସ୍ଥାରେ ପଡ଼ିଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ଚିକିତ୍ସା ଚାଲିଛି। ଏହି ଘଟଣାରେ ଟେଣ୍ଟ ବାନ୍ଧୁଥିବା ୪ ଶ୍ରମିକ ସାମିଲ ଥିବା ପୀଡ଼ିତାଙ୍କ ମା' ଏତଲାରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଜ୍ୟୋତିରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

### ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ରଜତ ଜୟନ୍ତୀ



ଅବସର ଜ୍ୟୋତି ପତ୍ରିକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୩।୩ (ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଧର୍ମଶାଳା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ରଜତ ଜୟନ୍ତୀ ସମାରୋହ ଶୁକ୍ରବାର ପାଳିତ ହୋଇଯାଇଛି। ସଂଘ ସଭାପତି ଯୁଧିଷ୍ଠିର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମରୋକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ସରକାରଙ୍କ ପାଖରେ ଉପସ୍ଥାପନ କରାଯାଇ ସମାଧାନ କରାଯିବ ବୋଲି କହିଥିଲେ। ମୁଖ୍ୟବକ୍ତା ପୂର୍ବତନ ମୁଖ୍ୟ ଶସନ ସଚିବ ତଥା ସାହିତ୍ୟିକ ସହଦେବ ସାହୁ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିଭାବେ ରାଜ୍ୟ ମାହସଂଘ ସଭାପତି ପ୍ରତାପ ଚନ୍ଦ୍ର ଦାସ, ଜିଲା ସଂଘ ସଭାପତି ରବି ଶତପଥୀ, ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକରୀ ବିଜୟ କୁମାର ଶତପଥୀ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ଏହି ଅବସରରେ ବରିଷ୍ଠ ଖବରକାଗଜ ବିକ୍ରେତା ବସନ୍ତ ବାରିକ, ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜାରକା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ କ୍ରିଷ୍ଣାଙ୍ଗୀ ନାୟକ, ରାଇଛନ୍ଦା ଅଞ୍ଚଳର ରାଜଲକ୍ଷ୍ମୀ ସାହୁ ଓ କୃତିପ୍ରିୟା ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସଂଘ ବରିଷ୍ଠ ସଭ୍ୟ ହାଡ଼ିବନ୍ଧୁ ମହାନ୍ତି, ଗୋଲକ ବିହାରୀ ଧଳ, କାଙ୍ଗାଳିଚରଣ ସାହୁ, ସୁଦର୍ଶନ ପାଣିଗ୍ରାହୀ, ଗୋଲକ ବିହାରୀ ନାଥ, ଶଶଧର ହୋତା, ଦନେଇ ସାହୁ, ପଦ୍ମଚରଣ ପ୍ରଧାନ, ଡ. ଜଗନ୍ନାଥ ଜେନା, ବଟକୃଷ୍ଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ରମେଶ ଚନ୍ଦ୍ର ସାହୁଙ୍କୁ ମରୋଣତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ବ୍ରଜ କିଶୋର ଦାସ ମଙ୍ଗଳାଷ୍ଟକ ପାଠ କରିଥିବାବେଳେ ଡ. ପ୍ରଶାନ୍ତ ସ୍ୱାଇଁ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ 'ଅବସରଜ୍ୟୋତି' ପତ୍ରିକାକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ସମ୍ପାଦକ ବିବେକାନନ୍ଦ ନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ କରୁଣାକର ବରାଳ ସଭା ସଞ୍ଚାଳନ କରିଥିଲେ। ଭାସ୍କର ନାରାୟଣ ସେଠୀ ଧନ୍ୟବାଦ ଦେଇଥିଲେ। ପରେ ଚଣ୍ଡିଖୋଲସ୍ଥିତ ବିଣାପାଣୀ କଳାପୀଠ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଇଏମ୍‌ଆଇଏସ୍ ପୋର୍ଟାଲରେ ନାହିଁ ଛାତ୍ରୀଙ୍କ ନାମ

ରସୁଲପୁର,୩।୩(ଡି.ଏନ.ଏ.):

ବିଦ୍ୟାଳୟରେ ଅଧ୍ୟୟନରତ ବିଦ୍ୟାର୍ଥୀମାନଙ୍କ ନାମ ଏଜୁକେଶନ ମ୍ୟାନେଜମେଣ୍ଟ ଇନଫରମେଶନ ସିଷ୍ଟମ(ଇଏମ୍‌ଆଇଏସ୍) ଅର୍ଥାତ ଶିକ୍ଷା ପରିଚାଳନା ସୂଚନା ବ୍ୟବସ୍ଥା ପୋର୍ଟାଲରେ ପଞ୍ଜୀକରଣ ହୋଇଥାଏ। ହେଲେ ଏହି ପୋର୍ଟାଲରେ ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁପୁର ସରକାରୀ ରୂପାନ୍ତରିକରଣ ଉଚ୍ଚ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ରୀ ଆରାଧ୍ୟା ସାହୁଙ୍କ ନାମ ନାହିଁ। ଏନେଇ ତାଙ୍କ ମା' ଇତିଶ୍ରୀ ସାହୁ ଯାଜପୁର ଜିଲାପାଳ, ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଏଭଳି କାର୍ଯ୍ୟ ବିଦ୍ୟାଳୟ ପକ୍ଷରୁ ଉଦେଶ୍ୟମୂଳକ ଭାବେ କରାଯାଇଛି। ବିଦ୍ୟାଳୟର ନାନା ଅନିୟମିତତା ସମ୍ପର୍କରେ ତାଙ୍କ ସ୍ୱାମୀ ଦେବବ୍ରତ ସାହୁ ଆପତ୍ତି ଉଠାଇବାରୁ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକଙ୍କ ସହ ତାଙ୍କ ସମ୍ପର୍କରେ ତିକ୍ତତା ଆସିଛି। ତେଣୁ ଏହାକୁ କେନ୍ଦ୍ରକରି ବିଦ୍ୟାଳୟ ପକ୍ଷରୁ ଏଭଳି କରାଯାଇଛି।

ସୂଚନା ମୁତାବକ, ଦେବବ୍ରତଙ୍କ ଝିଅ ଆରାଧ୍ୟା ପ୍ରଥମ ଶ୍ରେଣୀରୁ ଏହି ବିଦ୍ୟାଳୟରେ ପଢୁଛନ୍ତି। ୨୦୨୨ ସେପ୍ଟେମ୍ବରରେ ସେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଥିଲେ। ତୃତୀୟ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଏବେ ୪ର୍ଥ ଶ୍ରେଣୀରେ ପାଠ ପଢୁଛନ୍ତି। ହେଲେ ଛାତ୍ରୀଙ୍କୁ ଉକ୍ତ ବିଦ୍ୟାଳୟରୁ ଟ୍ରାନ୍ସଫର କରିଦିଆଯାଇଛି। ସେ ଅନ୍ୟତ୍ର ପାଠ ପଢୁଛନ୍ତି ବୋଲି ଦର୍ଶାଯାଇ ପୋର୍ଟାଲରୁ ତଙ୍କ ନାମ କାଟି ଦିଆଯାଇଛି। ମାତ୍ର ଛାତ୍ରୀଙ୍କୁ ସ୍ଥାନାନ୍ତର ପାଇଁ ଅଭିଭାବକଙ୍କ ପକ୍ଷରୁ ଆବେଦନ କରାଯାଇ ନାହିଁ କି କୌଣସି ଶିକ୍ଷକଙ୍କ ସହ କେବେ ଆଲୋଚନା ମଧ୍ୟ ହୋଇନାହିଁ। ଏହା ସତ୍ତ୍ୱେ ଛାତ୍ରୀଙ୍କ ନାମ ପୋର୍ଟାଲରୁ କିଭଳି କଟିଗଲା ତା'କୁ ନେଇ ଅଭିଭାବକ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଛାତ୍ରୀଙ୍କ ଭବିଷ୍ୟତକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଖେଳୁଛନ୍ତି ବୋଲି କହିଛନ୍ତି।

ଏ ସମ୍ପର୍କରେ ପ୍ରଧାନଶିକ୍ଷକ କୁଶମଣି ପଣ୍ଡା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, କେଉଁ କାରଣରୁ ଛାତ୍ରୀଙ୍କ ନାମ ପୋର୍ଟାଲରୁ କଟିଯାଇଛି ତାହା ଅନୁସନ୍ଧାନସାପେକ୍ଷ। ଏ ଦିଗରେ ଅବଗତ ହେବା ପରେ ନାମ ପୋର୍ଟାଲରୁ କେମିତି ବାଦ ପଡ଼ିଲା ଓ ତା'ର ସମାଧାନର ବାଟ କ'ଣ ସେ ନେଇ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ବିଦ୍ୟାଳୟ ବହୁ ପୁରାତନ ହୋଇଥାଇ ବି ନାନା ଘଟଣାକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚାକୁ ଆସିଛି। ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପରିଚାଳନାରେ ଅନିୟମିତତା, ପରିଚାଳନା କମିଟି ଗଠନରେ ଚଞ୍ଚକତା, ବିଦ୍ୟାଳୟ ହତାରୁ ଅଫୁଟା ବୋମା ମିଳିବା, ବିନା ଅନୁମିତରେ ଗଛକାଟିବା ଓ ବିଦ୍ୟାଳୟ ପରିସରରୁ ଚୋରି ହେବା ଭଳି ଘଟଣାକୁ ନେଇ ବିଦ୍ୟାଳୟଟି ବିବାଦରେ ଥିବାବେଳେ ଏବେ ଆଉ ଏକ ବିବାଦ ଯୋଡ଼ି ହୋଇଯାଇଛି।

**ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କୁ ଅଭିଯୋଗ କଲେ ମା'**



### ଆଇନଜୀବୀ ନାରାୟଣ ଚନ୍ଦ୍ର ଧୀରଙ୍କ ପରଲୋକ

କଳିଙ୍ଗନଗର,୩।୩(ଡି.ଏନ.ଏ.):

ଦାନଗଦି ଅଞ୍ଚଳର ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ଧୀରଙ୍କ(୬୯) ବର୍ଷ ବୟସରେ ପରଲୋକ ହୋଇଛି। ତାଙ୍କ ବିୟୋଗରେ ଯାଜପୁର ଜିଲାରେ ଶୋକ ପ୍ରକାଶ ପାଇଛି। ସେ ଜଣେ ବରିଷ୍ଠ ଆଇନଜୀବୀ ଭାବେ ଦକ୍ଷତାର ସହ କାର୍ଯ୍ୟ କରି ଆସୁଥିଲେ। ଯାଜପୁର ରୋଡ୍‌ରେ କୋର୍ଟ ପ୍ରତିଷ୍ଠା ପାଇଁ ତାଙ୍କର ବହୁ ଉଦ୍ୟମ ରହିଥିଲା। ୧୯୯୭ରୁ ୨୦୦୪ ପର୍ଯ୍ୟନ୍ତ ସେ ଯାଜପୁର ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଦାନଗଦିଠାରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଯାଜପୁର ରୋଡ୍ ବାରଆସୋସିଏଶନର ସମସ୍ତ ସଦସ୍ୟ ଏବଂ ଜେଏମ୍‌ଏଫ୍‌ସିର ସମସ୍ତ କର୍ମଚାରୀ ତାଙ୍କ ଶେଷ ଦର୍ଶନ କରିଥିଲେ। ମରଶରୀରକୁ ତାଙ୍କ ନିଜ ଗାଁ ତ୍ରିଜଙ୍ଗାକୁ ନିଆ ଯାଇଥିଲା। ସେଠାରୁ ଧବଳଗିରୀ, କୋର୍ଟ ଛକକୁ ନିଆଯାଇଥିଲା। ପରେ ଯାଜପୁରର ଦଶାସମେଧ ଘାଟରେ ଅନ୍ତିମ ସତ୍କାର କରାଯାଇଥିଲା।

# ରାଜ୍ୟସ୍ତରୀୟ ଧର୍ମଶାଳା କପ୍ ଫୁଟବଲ୍ ଉଦ୍‌ଘାଟିତ

ଧର୍ମଶାଳା,୩।୩(ଡି.ଏନ.ଏ.):

ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ଅଷ୍ଟମ ଧର୍ମଶାଳା କପ୍ ଫୁଟବଲ ଟୁର୍ନାମେଣ୍ଟ ବାଣୀପୀଠ ଖେଳ ପଡ଼ିଆଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ କଟକ ୨/୧ ଗୋଲରେ ପାରାଦୀପ ପୋର୍ଟକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଉତ୍ସବରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କ ସହିତ ପରିଚିତ ହୋଇଥିଲେ। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ରାଇଜିଂ ଷ୍ଟୁଡେଣ୍ଟ କଟକର ଗୁଟୁ ସାମଲ ଓ ବବୁଲ ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିବାବେଳେ ପାରାଦୀପ ପୋର୍ଟ ପକ୍ଷରୁ ସେକ୍ ରାଜ୍ ଗୋଟିଏ ଗୋଲ ଦେଇଥିଲେ। ଫଳରେ ରାଇଜିଂ ଷ୍ଟୁଡେଣ୍ଟ ବିଜୟଲାଭ କରିଥିଲା। ମ୍ୟାଚ୍‌କୁ ବିଜୟ ମଙ୍ଗରାଜ ପରିଚାଳନା କରିଥିବାବେଳେ ଉତ୍ତମ ବାରିକ ଓ ସୁମନ ଦାସ ଲାଇନରେ ସହାୟତା କରିଥିଲେ। ଶନିବାର ସବର ସ୍ପୋର୍ଟିଂ ଖୋର୍ଦ୍ଧା ଓ ଆୟୋଜକ ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆଲୋକ କୁମାର କର ଓ ସମ୍ପାଦକ ଅୟେସକାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି।

**ରାଇଜିଂ ଷ୍ଟୁଡେଣ୍ଟ୍ ସେମିରେ**



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ସଂକ୍ଷେପରେ

### ଯୌତୁକ ଦାବିରେ ସ୍ତ୍ରୀଙ୍କୁ ନିର୍ଯାତନା

**ବାଲିକୁଦା,୩।୩(ସ୍ୱ.ପ୍ର.):** ବାଲିକୁଦା ଥାନା ଅଲିକଣ୍ଟା ପଞ୍ଚାୟତ ସନ୍ତୋ ଗ୍ରାମରେ ଯୌତୁକ ପାଇଁ ନଣଦ ଓ ସ୍ୱାମୀ ଜଣେ ମହିଳାଙ୍କୁ ମାଡ଼ମାରି ଘରୁ ବାହାର କରିଦେଇଛନ୍ତି। ସମ୍ପୃକ୍ତ ମହିଳା ଜଣକ ହେଲେ ରାଧାରାଣୀ ସାସମଲ୍। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ସ୍ୱାମୀ ସୁଶାନ୍ତ ସାସମଲ ଓ ନଣଦ ଝିଲି ବେହେରାଙ୍କ ନାମରେ ମାମଲା (ନଂ. ୯୯/୧୦୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରାଧାରାଣୀଙ୍କ ଅଭିଯୋଗ ଅନୁଯାୟୀ, ୭ ବର୍ଷ ତଳେ ସନ୍ତୋ ଗ୍ରାମର ସୁଶାନ୍ତଙ୍କ ସହ ତାଙ୍କର ବୈଦିକ ରୀତିରେ ବିବାହ ହୋଇଥିଲା। ଏହି ସମୟରେ ରାଧାରାଣୀଙ୍କ ବାପ ଘର ପକ୍ଷରୁ ଯୌତୁକ ବାବଦରେ ଦେଢ଼ ଲକ୍ଷ ଟଙ୍କା ଦିଆଯାଇଥିଲା। ଏବେ ପୁଣି ବାପ ଘରୁ ଅଧିକ ଟଙ୍କା ଆଣିବା ପାଇଁ ସ୍ୱାମୀ ଓ ନଣନ୍ଦ ତାଙ୍କ ଉପରେ ଚାପ ପକାଉଥିଲେ। ଏଥିପାଇଁ ରାଧାରାଣୀଙ୍କୁ ଶାରିରୀକ ମାନସିକ ନିର୍ଯାତନା ଦିଆଯାଉଥିଲା। ଗତ ୨୭ରେ ସ୍ୱାମୀ ତାଙ୍କୁ ମାଡ଼ମାରି ଘରୁ ବାହାର କରି ଦେଇଥିଲେ। ଏହାପରେ ବାପ ଘର ଲୋକେ ପହଞ୍ଚି ତାଙ୍କୁ ନେଇ ଆସିଥିଲେ। ମାଡ ଯୋଗୁ ରାଧାରାଣୀଙ୍କ ଦେହ ଅସୁସ୍ଥହୋଇ ଯିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଏଏସଆଇ ମଙ୍ଗୁଳି ବେହେରା ଏହି ମାମଲାର ତଦନ୍ତ କରୁଥିବା କହିଛନ୍ତି।

### ଗାଁ ଦାଣ୍ଡରେ ଭାଉଜଙ୍କୁ ଦିଅରଙ୍କ ମାଡ଼

**ବାଲିକୁଦା,୩।୩(ସ୍ୱ.ପ୍ର.):** ବାଲିକୁଦା ଥାନା ଅନ୍ତର୍ଗତ ତିହୁଡି ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସମ୍ପର୍କୀୟ ଦିଅର ମାଡ଼ ମାରିବା ସହ ଖରାପ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମଧ୍ୟାହ୍ନ ସମୟରେ ସମ୍ପୃକ୍ତ ମହିଳା ଘରେ ବସିଥିବାବେଳେ ଅଭିଯୁକ୍ତ ହେମନ୍ତ ରାଉତ ତାଙ୍କ ଘରେ ପଶି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ସମ୍ପୃକ୍ତ ମହିଳାଙ୍କ ଚୁଟି ଧରି ଦାଣ୍ଡକୁ ଘୋଷାଡି ନେଇ କପଡା ଚିରି ଦେଇଥିଲେ। ଲୋକ ସେଠାରେ ଜମା ହେବାରୁ ହେମନ୍ତ ଉକ୍ତ ସ୍ଥାନ ଛାଡି ଚାଲି ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୦୦/୨୩) ରୁଜୁ କରିଛି।

### ପୂର୍ବତନ ବ୍ଲକ ଅଧକ୍ଷାଙ୍କ ସ୍ୱାମୀ ବିୟୋଗ

**କୁଜଙ୍ଗ ୩।୩(ଡି.ଏନ୍.ଏ.):** କୁଜଙ୍ଗ ପଞ୍ଚାୟତ ସମିତିର ପୂର୍ବତନ ବ୍ଲକ ଅଧକ୍ଷା ମୋନାଲିସା ପରିଡ଼ାଙ୍କ ସ୍ୱାମୀ ତଥା ବାଗୋଇ ପଞ୍ଚାୟତ ଷଣ୍ଡପୁର ଗ୍ରାମର ଯୁବନେତା ସନ୍ତୋଷ ପରିଡା(୪୫)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ଯକୃତ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କର ଅକାଳ ବିୟୋଗ ଖବର ପ୍ରକାଶ ପାଇବାପରେ ସମଗ୍ର ପାରାଦୀପରେ ଶୋକର ଛାୟା ଖେଳି ଯାଇଛି। ଖବରପାଇ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପୂର୍ବତନ ଏମ୍ପି ଡା. କୁଳମଣି ସାମଲ, ପାରାଦୀପ ଭାଜପା ନେତା ସମ୍ପଦ ସ୍ୱାଇଁ, ସ୍ୱର୍ଣ୍ଣକାର ସଂଘର ସଭାପତି ସୁଶାନ୍ତ କୁମାର ସାହୁ, ସାମାଜିକ କର୍ମୀ ଲୋକନାଥ ଦାସ, ବାଗୋଇର ପୂର୍ବତନ ସରପଞ୍ଚ ବିଜୟ ଖଟାଇ, କୁଜଙ୍ଗ ବ୍ଲକ ଅଧକ୍ଷା ନିନାରାଣୀ ସାହୁ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଆଉ ଦେଖିବାକୁ ମିଳୁନି ମେଘଦୂତ ପୋଷ୍ଟକାର୍ଡ

**ଜଗତ୍‌ସିଂହପୁର ଅଫିସ, ୩।୩**

■ ସରକାରୀ ଆନ୍ତରିକତାର ଅଭାବ ମୁଖ୍ୟ କାରଣ

■ ବିଜ୍ଞାପନଦାତା ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି




ଡାକସେବାରେ ମେଘଦୂତ ପୋଷ୍ଟକାର୍ଡର ଭୂମିକା ଗୁରୁତ୍ୱପୂର୍ଣ୍ଣ। ୧୦ କୋଟିରୁ ଊର୍ଦ୍ଧ୍ୱ ସାଧାରଣ ଜନତା ତଥା ଗରିବଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୦୨ ସେପ୍ଟେମ୍ବର ୨ରେ ମେଘଦୂତ ପୋଷ୍ଟକାର୍ଡ ପ୍ରଚଳନ ଆରମ୍ଭ କରିଥିଲେ। ଏହି କାର୍ଡର ମୂଲ୍ୟ ଥିଲା ମାତ୍ର ୨୫ ପଇସା। ଏତେ କମ୍ ପଇସାରେ କିପରି ପୋଷ୍ଟକାର୍ଡ ଦିଆଯାଇପାରିବ ସେନେଇ ଖସଡ଼ା ପ୍ରସ୍ତୁତ ହୋଇଥିଲା। ବିଜ୍ଞାପନ ହିଁ ଆର୍ଥିକ କ୍ଷତି ଭରଣା କରିପାରିବ ବୋଲି ଚିନ୍ତା କରାଯାଇଥିଲା। ଅର୍ଥାତ୍ ସରକାରୀ, ବେସରକାରୀ ତଥା ସାମାଜିକ ସଂସ୍ଥାଗୁଡ଼ିକର ସହାୟତା ନେବାକୁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ସରକାରଙ୍କ ଏହି ଆଶା ନିରାଶାରେ ପରିଣତ ହେବାକୁ ଯାଉଛି। ବିଜ୍ଞାପନ ଅଭାବ ଥିବାରୁ ଅଟକିଯାଇଛି ମେଘଦୂତ। ଦିନେ କି ମାସେ ନୁହେଁ, ବର୍ଷାଧିକ କାଳ ହେବ ଜଗତ୍‌ସିଂହପୁର ଜିଲାର କୌଣସି ପୋଷ୍ଟ ଅଫିସରେ ଏହି କାର୍ଡ ଦେଖିବାକୁ ମିଳୁନାହିଁ। ଆଗାମୀ ଦିନରେ ମିଳିବ କି ନାହିଁ ତାହା ମଧ୍ୟ ସନ୍ଦେହ ଭିତରେ ଅଛି। ରାଜ୍ୟରେ ବଡ଼ ବଡ଼ ଶିଳ୍ପ ସଂସ୍ଥା ସାଙ୍ଗକୁ ବଦାନ୍ୟ ବ୍ୟକ୍ତି କିମ୍ବା ଅନୁଷ୍ଠାନର ଅଭାବ ନାହିଁ। କିନ୍ତୁ ମେଘଦୂତ ପାଇଁ ବିଜ୍ଞାପନ ନିମନ୍ତେ ସେମାନଙ୍କୁ ସାମିଲ କରାଯିବା ପାଇଁ ପ୍ରଚେଷ୍ଟାର ଅଭାବ ମନେହେଉଛି। ଏ ବାବଦରେ ଅର୍ଥ ବିନିଯୋଗ ପାଇଁ ଆଗ୍ରହ ପ୍ରକାଶ ନ କରିବା ଆଲୋଚନାର ବିଷୟ ହୋଇଛି।

ଡାକ ବିଭାଗର ଭୁବନେଶ୍ୱର ବରିଷ୍ଠ ଡାକ ଟିକଟ ସଂଗ୍ରାହକ କାଶୀନାଥ ସାହୁଙ୍କ କହିବା କଥା ହେଲା, ସାଧାରଣ ପୋଷ୍ଟକାର୍ଡର ଦାମ୍ ୫୦ ପଇସା ଥିବାବେଳେ ମେଘଦୂତ ଦାମ୍ କିନ୍ତୁ ୨୫ ପଇସା। ଇତିମଧ୍ୟରେ ସାରା ଦେଶରେ ୯୦୦ ପ୍ରକାର କାର୍ଡ ଛପା ସରିଲାଣି। କିନ୍ତୁ ଏବେ ଆଉ ପୂର୍ବ ସ୍ଥିତି ନାହିଁ। ଏହି କାର୍ଡ ଛପା ପାଇଁ ବିଜ୍ଞାପନ ଦରକାର। ପୋଷ୍ଟକାର୍ଡର ଗୋଟିଏ ପଟର ଅଧାସ୍ଥାନରେ ଠିକଣା ଓ ଅବଶିଷ୍ଟରେ ବିଜ୍ଞାପନ ପ୍ରକାଶ ପାଇବା ପାଇଁ ବ୍ୟବସ୍ଥା କରାଯାଇଛି। ହେଲେ ବିଜ୍ଞାପନ ପହଞ୍ଚୁ ନ ଥିବାରୁ ଛପା ବନ୍ଦ ରହିଛି। ଗୋଟିଏ ପୋଷ୍ଟ କାର୍ଡ ପିଛା ବିଜ୍ଞାପନଦାତା ୨ ଟଙ୍କା ହିସାବରେ ସର୍ବନିମ୍ନ ୧ ଲକ୍ଷ ଛାପିବାକୁ ୨ ଲକ୍ଷ ଟଙ୍କା ଦେବାକୁ ପଡ଼ିଥାଏ। ଏହି ଅନୁସାରେ ଯେତେ ଅର୍ଡର ମିଳିବ ସେଇ ଅନୁସାରେ ହାଇଦ୍ରାବାଦ୍‌ର ସିକ୍ୟୁରିଟି ପ୍ରିଣ୍ଟିଂ ପ୍ରେସ୍‌କୁ ଇଣ୍ଡେନ ଯାଇଥାଏ। ରାଜ୍ୟରେ ୩୫ଟି ମୁଖ୍ୟ ଡାକଘର, ପାଖାପାଖି ୬୮୦୦ ଶାଖା ଡାକଘର ଏବଂ ସହରଗୁଡ଼ିକରେ ୪୦୦ରୁ ଅଧିକ ଡାକଘର ରହିଛି।

ତାମିଲନାଡ଼ୁ ସର୍କଲରେ ମେଘଦୂତ କାର୍ଡ ସର୍ବାଧିକ ବିକ୍ରି ହୁଏ। ୨୦୦୨ରେ ତାମିଲ ହିରୋ ରଜନୀକାନ୍ତ ପ୍ରଥମେ ବିଜ୍ଞାପନ ଦେଇଥିଲେ। ୨୦୧୦ରେ ମଧ୍ୟ ରଜନୀକାନ୍ତ ତାଙ୍କ ସୁପରହିଟ୍ ରୋବର୍ଟ ଫିଲ୍ମର ବିଜ୍ଞାପନ ମେଘଦୂତରେ ଦେଇଥିଲେ। ୨୦୦୮ ପର୍ଯ୍ୟନ୍ତ ମେଘଦୂତ ପୋଷ୍ଟକାର୍ଡ ଭଲ ଚାଲିଥିଲା। ଏହି ସମୟ ଭିତରେ ପାଖାପାଖି ୨୦୦ରୁ ୨୫୦ ପୋଷ୍ଟକାର୍ଡ ବାହାରିଥିଲା। କିନ୍ତୁ ୨୦୦୯ରୁ ଏହା କମିବାରେ ଲାଗିଲା। ମୋଟାମୋଟି ଭାବେ ୨୦୦୨ରୁ ଏହା ଭିତରେ ଓଡ଼ିଶା ସରକାରଙ୍କ ପକ୍ଷରୁ ମାତ୍ର ୬/୭ଥର ବିଜ୍ଞାପନ ଦିଆଯାଇଛି। କୋଭିଡ୍ ସମୟରେ କୌଣସି ବିଜ୍ଞାପନ ମିଳିନାହିଁ। ଆଗକୁ ନିର୍ବାଚନ ଥିବାରୁ ବିଜ୍ଞାପନ ମିଳିବାର ଆଶା ଥିବା ସାହୁ କହିଛନ୍ତି। ରାତି ପାହିଲେ ଏହି ଡାକଘରଗୁଡ଼ିକୁ ଶହ ଶହ ଲୋକଙ୍କ ଯାତାୟାତ ହେଉଛି। ମେଘଦୂତ ନ ମିଳିବାରୁ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ଏନେଇ ସାଧାରଣ ଜନତା ଯେତିକି ଅସୁବିଧାରେ ପଡୁଛନ୍ତି ପୋଷ୍ଟାଲ କର୍ମଚାରୀମାନେ ମଧ୍ୟ ହଇରାଣ ହେଉଛନ୍ତି । ଲୋକଙ୍କୁ ବୁଝାଇବାରେ ସେମାନଙ୍କ ସମୟ ଯାଉଛି।

# ହତ୍ୟା ଅଭିଯୋଗ ପରେ ମାମଲା ରୁଜୁ

## ଅଷ୍ଟମଙ୍ଗୁଳାରେ ନବବଧୂଙ୍କ ମୃତ୍ୟୁ ଘଟଣା

**ନାଉଗାଁ, ୩।୩(ସ୍ୱ.ପ୍ର.)**

ନାଉଗାଁ ଥାନା କୋରୁଅ ପଞ୍ଚାୟତ ଅନ୍ତର୍ଗତ ଗାରୋଇ ଗ୍ରାମର ଅରୂପାନନ୍ଦ ବିଶ୍ୱାଳଙ୍କ ସ୍ତ୍ରୀ ଶୁଭସ୍ମିତାଙ୍କ ଗୁରୁବାର ମୃତ୍ୟୁ ଘଟିଥିଲା। ଅଷ୍ଟମଙ୍ଗୁଳାରେ ତାଙ୍କ ଝୁଲନ୍ତା ମୃତଦେହ ଶାଶୁଘରର ଏକ କୋଠରିରୁ ଜବତ ହୋଇଥିଲା। ଏନେଇ ଶୁଭସ୍ମିତାଙ୍କ ବାପା ଉକ୍ତ ପଞ୍ଚାୟତର ଧୂଆଁପଦାସ୍ଥିତ ବନବିହାରୀ ଜେନା ହତ୍ୟା ଅଭିଯୋଗ କରିବା ପରେ ଥାନାରେ ମାମଲା (ନଂ.୪୯/୨୩) ରୁଜୁ ହୋଇଛି। ପୋଲିସ ସ୍ୱାମୀ ଅରୂପାନନ୍ଦଙ୍କୁ ଗାରୋଇ ଫାଣ୍ଡିରେ ଅଟକ ରଖିଛି। ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ଘଟଣାର ତଦନ୍ତ କରାଯିବା ସହ ମାଜିଷ୍ଟ୍ରେଟ୍ ତଥା ତହସିଲଦାର ଜେ. କଳ୍ପନାଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବନବିହାରୀଙ୍କ ଅଭିଯୋଗ ମୁତାବକ, ଶୁଭସ୍ମିତାଙ୍କ ସହ ଅରୂପାନନ୍ଦଙ୍କ ୨୨।୨।୨୩ରେ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ଆବଶ୍ୟକ ମୁତାବକ ଯାନିଯୌତୁକ ଦିଆଯାଇଥିଲା।

ହଠାତ୍ ଝିଅ ମରିଯିବା ଖବରପାଇ ତାଙ୍କ ଶାଶୁଘରେ ପହଞ୍ଚିବା ପରେ ଶୁଭସ୍ମିତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଜଣାପଡ଼ିଛି। ଶାଶୁଘର ଲୋକେ ତାଙ୍କୁ ମାରି ଦେବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଥାନା ଅଧିକାରୀ ଅନିରୁଦ୍ଧ ନାୟକ କହିଛନ୍ତି, ଏନେଇ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ମାର୍ଚ୍ଚ ୯ ଧାରଣାରେ ଯୋଗଦେବ ବିଦ୍ୟୁତ୍ ମଜଦୁର ମହାସଂଘ

## ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଘୋଷଣା

**ତିର୍ତ୍ତୋଲ, ୩।୩(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ପଞ୍ଚାୟତ ଇନ୍ଦରପାଠାରେ ଥିବା କଲ୍ୟାଣମଣ୍ଡପ ପରିସରରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ପରିଷଦ କର୍ମଚାରୀ ସଂଘ ପକ୍ଷରୁ ଅନୁବନ୍ଧିତ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପସାଧାରଣ ସମ୍ପାଦକ ଶାନ୍ତନୁ କୁମାର ମଲ୍ଲିକଙ୍କ ମଞ୍ଚ ସଂଯୋଜନାରେ ସଂଘର ଉପଦେଷ୍ଟା ଅଶୋକ କୁମାର ଲେଙ୍କା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମଜଦୁର ସଂଘର ବରିଷ୍ଠ ଶ୍ରମିକ ନେତା ପ୍ରଭାକର ଦାସ ଯୋଗଦେଇ ବିଦ୍ୟୁତ୍ ବିଭାଗରେ ଠିକା ଶ୍ରମିକମାନେ ସର୍ବାଧିକ ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଥିଲେ। ଅତି କମ୍ ଦରମାରେ ସେମାନଙ୍କୁ ୨୪ ଘଣ୍ଟା କାର୍ଯ୍ୟ କରିବାକୁ ବାଧ କରାଯାଉଛି ବୋଲି ସେ କହିଥିଲେ। ଏହାର ପ୍ରତିବାଦ ସହ ଅନ୍ୟାନ୍ୟ ଦାବିରେ ଆସନ୍ତା ୯ ତାରିଖରେ ଭୁବନେଶ୍ୱରଠାରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଟାଟା ପାୱାର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡ଼ା କହିଛନ୍ତି। ସଂଘ କାର୍ଯ୍ୟକାରୀ ସଭାପତି ପ୍ରମୋଦ ସାମନ୍ତରାୟ ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉତ୍ସବର ସମସ୍ତ ବିଷୟ ଉପରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଗଗନ ବିହାରୀ ଲେଙ୍କା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରଶାନ୍ତ କୁମାର ମିଶ୍ର, ବିସ୍ମୟ ହୋତା, ସୁଧାଂଶୁ ସାମନ୍ତରାୟ, ଲିଙ୍ଗରାଜ ସାହୁ, ପ୍ରଭୁଦତ୍ତ ମିଶ୍ର, ବିଜୟ ନାୟକ, ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ ନାରାୟଣ ନାୟକ, ଅବସରପ୍ରାପ୍ତ ପାରାଦୀପ ପୋର୍ଟର ପ୍ରଶାସନିକ ଅଧିକାରୀ ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଠିକା ଶ୍ରମନୀତିକୁ ଉଚ୍ଛେଦ ସହ ଦରମା ବୃଦ୍ଧି ପାଇଁ ଦାବି ହୋଇଥିଲା। ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇ ସଭାପତି ଭାବେ ମନୋରଞ୍ଜନ ପାତ୍ର, କାର୍ଯ୍ୟକାରୀ ସଭାପତି ଭାବେ ପ୍ରମୋଦ ସାମନ୍ତରାୟ, ସାଧାରଣ ସମ୍ପାଦକ ଗଗନ ବିହାରୀ ଲେଙ୍କା, ଉପସାଧାରଣ ସମ୍ପାଦକ ଶାନ୍ତନୁ ମଲ୍ଲିକ, ସଙ୍ଗଠନ ସମ୍ପାଦକ ମନ୍ମଥ ଧଳ, କୋଷାଧକ୍ଷ ଆଶିଷ ସାମନ୍ତରାୟ, ପାରାଦୀପ ଡିଭିଜନ ସମ୍ପାଦକ ଭାବେ ଅଶୋକ ଜେନାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି।




ସମାରୋହରେ ଯୋଗଦେଇଥିବା ମଞ୍ଚାସୀନ ନେତୃମଣ୍ଡଳୀ।

# 'ଝିଅ ପରି ବୋହୂକୁ ଦେଖିଲେ ସାମାଜିକ ପକ୍ଷପାତିତା ଦୂରହେବ'



ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ହୋଇଥିବା ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

**ଜଗତ୍‌ସିଂହପୁର ଅଫିସ, ୩।୩**

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ**

■ ଚାର୍ଜଶିଟ୍, ସାକ୍ଷ୍ୟ ଠିକ ରହିଲେ ନ୍ୟାୟରେ ବିଳମ୍ବ ହେବନି

■ ସମାଜ ନ ବଦଳିଲେ ଆଇନ କିଛି କରିପାରିବ ନାହିଁ

ଯେଉଁଦିନ ଜଣେ ମହିଳା ତାଙ୍କ ନିଜ ଝିଅପରି ସମାନ ଭାବେ ବୋହୂକୁ ଦେଖିବ ସେଦିନ ସାମାଜିକ ପକ୍ଷପାତିତା ଦୂର ହୋଇଯିବ। ତେଣୁ ଝିଅମାନଙ୍କୁ ସଂସ୍କାରିତ କରିବା ସହ ସ୍ୱାଧୀନତା ଦେବା ଦରକାର। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉତ୍ସବରେ ପୌରୋହିତ୍ୟ କରି ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଏହା କହିଛନ୍ତି। ସେ କହିଛନ୍ତି, ଆମ ଦେଶରେ ପ୍ରଥମେ ମହିଳାମାନଙ୍କୁ ଭୋଟ୍ ଦେବାର ଅଧିକାର ପ୍ରଦାନ କରାଯାଇଥିଲା। ତେଣୁ ମହିଳା ସଶକ୍ତୀକରଣ କରିବା ଜରୁରୀ। ଅସଙ୍ଗଠିତ କ୍ଷେତ୍ରର ମହିଳାମାନଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରିବା ଆବଶ୍ୟକ। ମୁଖ୍ୟ ଅତିଥିଭାବେ ଜିଲା ଆଇନସେବା ପ୍ରାଧିକରଣ ସଚିବ ସୁନନ୍ଦା ପାଢ଼ୀ ଯୋଗଦେଇ ମହିଳାମାନଙ୍କୁ ନ୍ୟାୟ ଦେବା ପାଇଁ ଅଦାଲତର ଭୂମିକା ଉପରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ବାସ୍ତବରେ ଅଦାଲତରେ ନ୍ୟାୟ ପ୍ରକ୍ରିୟାରେ ବିଳମ୍ବ ହୁଏ ନାହିଁ। ଠିକ୍ ସମୟରେ ଚାର୍ଜଶିଟ୍ ଓ ସାକ୍ଷ୍ୟ ଦିଆ ନ ଗଲେ ବିଳମ୍ବ ହୁଏ। ନିର୍ଭୟା ମାମଲା ସାରା ଦେଶକୁ ଦୋହଲାଇ ଦେଇଥିଲା। ଏବେ ପୋକ୍‌ସୋ ମାମଲାରେ ମୃତ୍ୟୁ ଦଣ୍ଡାଦେଶ ହୋଇଛି। ଆମ ଦେଶର ଆଇନରେ ସମସ୍ତଙ୍କୁ ସମାନ ସୁଯୋଗ ଦିଆଯାଉଛି। କିନ୍ତୁ ସମାଜ ନ ବଦଳିଲେ ଆଇନ କିଛି କରିପାରିବ ନାହିଁ। ତେଣୁ ଆଇନ ବିଷୟରେ ଲୋକଙ୍କୁ ଅଧିକରୁ ଅଧିକ ସଚେତନ କରିବା ଆବଶ୍ୟକ। କର୍ମ ଅବା ପାରିବାରିକ କ୍ଷେତ୍ରରେ ମହିଳାମାନେ ଅବହେଳିତ କିମ୍ବା ହଇରାଣ ହରକତ ହେଉଥିଲେ ସେମାନେ ଜିଲା ଆଇନସେବା ପ୍ରାଧିକରଣର ସାହାଯ୍ୟ ନେଇପାରିବେ। ଏନେଇ ପ୍ରାଧିକରଣ ପକ୍ଷରୁ ଗାଁ ଗାଁରେ ସଚେତନତା ସୃଷ୍ଟି କରାଯିବା ସହ ପୀଡ଼ିତାମାନଙ୍କୁ କ୍ଷତିପୂରଣ ଦିଆଯାଉଛି ବୋଲି ପାଢ଼ୀ କହିଥିଲେ। ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ କହିଥିଲେ, ସମାଜରେ ମହିଳାମାନେ ଅଧିକ ଯନ୍ତ୍ରଣା ସହ୍ୟ କରନ୍ତି। ମା' ଗର୍ଭରେ ଶିଶୁ ଥିବାବେଳୁ ଝିଅ, ପୁଅ ଭେଦଭାବ ଅନେକ ସମସ୍ୟା ସୃଷ୍ଟି କରେ। ତେଣୁ ଦୈନନ୍ଦିନ ଜୀବନରେ ଏହାର ପରିବର୍ତ୍ତନ ହେବା ଜରୁରୀ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଜୟଶ୍ରୀ ଯୋଗମାୟା ଆନ୍ତର୍ଜାତିକ ମହିଳା ଦିବସ ପାଳନର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଦିବସରେ ଜିଲାପାଳଙ୍କ କାର୍ଯ୍ୟାଳୟର ମହିଳା ଡେପୁଟି କଲେକ୍ଟର, ସହକାରୀ ଜିଲାପାଳ ଓ ଅନ୍ୟ ମହିଳା ଅଧିକାରୀ ଓ କର୍ମଚାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର, ସହକାରୀ ଜିଲାପାଳଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୩ ହଜାରରୁ ଅଧିକ ଶ୍ରମିକଙ୍କ ମଜୁରି ବଢ଼ିଲା

## ପାରାଦୀପ ରିଫାଇନେରି

**ପାରାଦୀପ,୩।୩(ସ୍ୱ.ପ୍ର.)**

ପାରାଦୀପ ରିଫାଇନେରି ପରିସରରେ ଥିବା ଏକାଧିକ ଠିକାସଂସ୍ଥାରେ କାମ କରୁଥିବା ୩ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ବର୍ଦ୍ଧିତ ମଜୁରି ଓ ଅନ୍ୟାନ୍ୟ ଦାବିଗୁଡ଼ିକ କାର୍ଯ୍ୟକାରୀ ହୋଇଛି। ଏହି ମଜୁରୀ ପିଛିଲା ଭାବେ ୨୦୨୨ ଫେବୃୟାରୀ ୧ ରୁ ଲାଗୁ ହେବ ବୋଲି ସୂଚନା ମିଳିଛି। ଏହି ଚୁକ୍ତି ଆସନ୍ତା ୩ ବର୍ଷ ପାଇଁ ବଳବତ୍ତର ରହିବ। ଏଥିପାଇଁ ରିଫାଇନେରୀ କର୍ତ୍ତୃପକ୍ଷ ବାର୍ଷିକ ୧୩ କୋଟି ୯୭ ଲକ୍ଷ ୭୬ ହଜାର ହଜାର ଟଙ୍କା ଅଧିକ ଦେବେ। ଏହି ୩ ବର୍ଷରେ ଶ୍ରମିକମାନେ ୪୧ କୋଟି ୯୩ ଲକ୍ଷ ୨୮ ହଜାର ଟଙ୍କା ପାଇବେ ବୋଲି ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ସଭାପତି ଅରିନ୍ଦମ ସର୍ଖେଲ (ବାପି)ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଶ୍ରମିକଙ୍କ ୨୩ ଦଫା ଦାବି ନେଇ ଗତବର୍ଷ ଡିସେମ୍ବର ୬ରେ ୩ ଦିନ ଅହୋରାତ୍ର ଧାରଣା ଦିଆଯାଇଥିଲା। ପରେ ଜାନୁୟାରୀ ୧୯ରେ କେନ୍ଦ୍ରୀୟ ଶ୍ରମ କମିଶନର ଏସ୍ ସମ୍ପଥ କୁମାର, ସହକାରୀ କମିଶନର ହରମନଦୀପ ସିଂହ, ଶ୍ରମ ଅଧିକାରୀ ରଶ୍ମିତା ସାହୁ, ରିଫାଇନେରୀ ପକ୍ଷରୁ ସଏଦ ତାରିକ, ପ୍ରକାଶ କୁମାର ସାହୁ, ମାନସ ରଞ୍ଜନ ନାୟକ, ଶ୍ରମିକସଂଘ ପକ୍ଷରୁ ସର୍ଖେଲଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ତ୍ରିପାକ୍ଷିକ ଆଲୋଚନା କରି ସମାଧାନ ପନ୍ଥା ବାହାର କରିଥିଲେ। ଏହା ଗୁରୁବାରଠାରୁ କାର୍ଯ୍ୟକାରୀ ହୋଇଛି। ଏଥିପାଇଁ ରିଫାଇନେରି କର୍ତ୍ତୃପକ୍ଷ, ଶ୍ରମ କମିଶନରଙ୍କୁ ଶ୍ରମିକ ସଂଘ ପକ୍ଷରୁ ଧନ୍ୟବାଦ ଦିଆଯାଇଛି।

# ପୋଲିସ ବିରୋଧରେ ଭାଜପାର ଏତଲା



ବାଲିକୁଦା ଥାନାରେ ଭାଜପା କର୍ମୀମାନେ ଏତଲା ଦେଉଛନ୍ତି।

**ବାଲିକୁଦା/କୁଜଙ୍ଗ, ୩।୩ (ସ୍ୱ.ପ୍ର./ଡି.ଏନ୍.ଏ.)**

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରି ଭୁବନେଶ୍ୱରରେ ଗତ ୨୮ ତାରିଖରେ ରାଜ୍ୟ ଯୁବ ଭାଜପା ପକ୍ଷରୁ ବିଧାନସଭା ଘେରାଉ କରାଯାଇଥିଲା। ଏହି ସମୟରେ ପୋଲିସ ଆକ୍ରମଣରେ ବହୁ କର୍ମୀ ଆହତ ହୋଇଥିଲେ। ଏହାର ପ୍ରତିବାଦରେ ରାଜ୍ୟ ଭାଜପାର ନିଷ୍ପତ୍ତି ବିଭିନ୍ନ ଥାନାରେ ପୋଲିସ ଡିଜି, ଟୁଇନ ସିଟି କମିଶନର ଏବଂ ଭୁବନେଶ୍ୱର ଡିସିପିଙ୍କ ବିରୋଧରେ ଏତଲା ଦିଆହୋଇଛି । ବାଲିକୁଦାରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଥାନା ଅଧିକାରୀ ସଲିଳ ପ୍ରଧାନଙ୍କୁ ଶୁକ୍ରବାର ଏତଲା ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ମଧ୍ୟରେ ଭାଜପାର ବରିଷ୍ଠ ନେତା ଶିବବ୍ରତ ଦାଦ,ଜିଲା ଭାଜପା ଉପ ସଭାପତି ମୋହିତ ମହାନ୍ତି, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟା ଅମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପାରାଦୀପ ନିର୍ବାଚନ ମଣ୍ଡଳୀ ପକ୍ଷରୁ ଭାଜପା ଯୁବମୋର୍ଚ୍ଚା କୁଜଙ୍ଗ ମଣ୍ଡଳ ସଭାପତି ଦୁଷ୍ମନ୍ତ ନାଥଶର୍ମା, ଅକ୍ଷୟ ଦାସ, ବିଶ୍ୱଜିତ ବେହେରା, ଗାଙ୍ଗୁଲି ସ୍ୱାଇଁ, ଅଭିଷେକ ସ୍ୱାଇଁ ପ୍ରମୁଖ ଥାନାରେ ଏତଲା ଦେଇଛନ୍ତି।

# ଅଣୁ, କ୍ଷୁଦ୍ର ଉଦ୍ୟୋଗକୁ ଅନୁମୋଦନ ମିଳୁଛି, ଋଣ ମିଳୁନି

**ପଟ୍ଟାମୁଣ୍ଡାଇ, ୩।୩ (ସ୍ୱ.ପ୍ର.)**

**ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ**



କେନ୍ଦ୍ରାପଡ଼ା ଜିଲା ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ଉଦ୍ୟୋଗ ଭଳି କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲା ଅଗ୍ରଣୀ ହୋଇପାରିନାହିଁ। ଉଦ୍ୟୋଗ କ୍ଷେତ୍ରରେ ଜିଲାକୁ ଆଗକୁ ବଢ଼ାଇବା ପାଇଁ ଯେଉଁ ସାମଗ୍ରୀକ ଚେଷ୍ଟା ଆବଶ୍ୟକ ତାହା ଦେଖିବାକୁ ମିଳିପାରୁନାହିଁ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଆଗ୍ରହୀ ଯୁବତୀଯୁବକମାନେ ଜିଲା ଶିଳ୍ପ କେନ୍ଦ୍ରରେ ଆବେଦନ କରୁଥିଲେ ମଧ୍ୟ ସବୁ କ୍ଷେତ୍ରରେ ଆର୍ଥିକ ସହାୟତା ମିଳୁନାହିଁ। ଜିଲା ଶିଳ୍ପକେନ୍ଦ୍ର ପ୍ରତିବର୍ଷ ନିଜ ଟାର୍ଗେଟ ପୂରଣ କରୁଥିବା ଦାବି କରୁଥିଲେ ମଧ୍ୟ ଋଣ ମିଳିବାରେ ସମସ୍ୟା ହେଉଛି। ଫଳରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି)ର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ଜିଲା ୨୦୨୧-୨୨ ଆର୍ଥିକ ବର୍ଷରେ ୨୧୨ ନୂଆ ଉଦ୍ୟୋଗକୁ ଋଣ ଅନୁମୋଦନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୧୭୦ ଜଣଙ୍କୁ ଅନୁମୋଦନ ମିଳିଥିଲା। ସେହିପରି ୨୦୨୨-୨୩ ବର୍ଷରେ ୨୧୨ନୂଆ ଉଦ୍ୟୋଗକୁ ଋଣ ଅନୁମୋଦନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୨୫ ଜଣଙ୍କୁ ଅନୁମୋଦନ ମିଳିଛି ବୋଲି ଜିଲା ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ଗଣେଶ ଚନ୍ଦ୍ର ବେହେରା କହିଛନ୍ତି। ତେବେ ପ୍ରତିବର୍ଷ ଜିଲାରେ ୧୫୦ ଶହରୁ ଊର୍ଦ୍ଧ୍ୱ ନୂଆ ଅଣୁ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ହେଉଛି। କିନ୍ତୁ ଜିଲାରେ ଶିଳ୍ପର ବିକାଶ କାହିଁକି ହୋଇପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପଟ୍ଟାମୁଣ୍ଡାଇ ବ୍ଲକ ବେଲତକ ଗାଁର ଗୀତାଞ୍ଜଳି ମହାପାତ୍ର ପିଏମ୍‌ଇଜିପିରେ ଋଣ ସହାୟତା ଆଣି ଥଣ୍ଡା ପାନୀୟ ଫ୍ୟାକ୍ଟ୍ରି କରିବାକୁ ୨୦୨୨ରେ ଜିଲା ଶିଳ୍ପକେନ୍ଦ୍ରରେ ଆବେଦନ କରିଥିଲେ। ପରେ ସମ୍ପୃକ୍ତ ଋଣକୁ ଅନୁମୋଦନ ମିଳିଥିଲେ ମଧ୍ୟ ସ୍ଥାନୀୟ ବ୍ୟାଙ୍କରୁ ତାଙ୍କୁ ଋଣ ମିଳିପାରିଲା ନାହିଁ। ଏପରି ଅନେକ ବେକାରୀ ଯୁବତୀଯୁବକ ବ୍ୟାଙ୍କକୁ ଦୌଡି ଦୌଡି ନିରାଶ ହେଉଥିବା ଦେଖିବାକୁ ମିଳିଛି। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଓ ବନ୍ଧକ ରଖିବା ପାଇଁ ସ୍ଥାବର ସମ୍ପତ୍ତି ନ ଥିବାରୁ ଋଣ ମିଳିପାରୁନାହିଁ ବୋଲି ଜଣାପଡ଼ିଛି। ଯଦି ବନ୍ଧକ ନ ରଖିଲେ ଋଣ ମିଳିବ ନାହିଁ ତେବେ ପିଏମ୍‌ଇଜିପିର ଉଦ୍ଦେଶ୍ୟ କିପରି ପୂରଣ ହେବ ବୋଲି ଆବେଦନକାରୀ ଗୀତାଞ୍ଜଳି କହିଛନ୍ତି। ସେହିଭଳି କଷଣଅଣ୍ଟା ଗାଁର ରୀତାରାଣି ବାରିକ ଅଣୁ ଉଦ୍ୟୋଗପତି କହିଛନ୍ତି, ଜିଲା ଶିଳ୍ପ କେନ୍ଦ୍ରରୁ ଇଡିପି ଟ୍ରେନିଂ ନେଇ ଏକ ମସଲା ଉଦ୍ୟୋଗ କରିବାକୁ ପିଏମ୍‌ଇଜିପିରେ ୮ଲକ୍ଷ ଋଣ ଆବେଦନ କରିଥିଲି। ଏକ ରାଷ୍ଟ୍ରାୟ ବ୍ୟାଙ୍କରୁ ଅବଶ୍ୟକଠାରୁ କମ ସାଢେ ୩ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ବାକି ଅବଶ୍ୟକ ଅର୍ଥ ବ୍ୟକ୍ତିଗତ ଟଙ୍କା ଲଗାଇ ଉଦ୍ୟୋଗ ପ୍ରତିଷ୍ଠା କଲି।

କୋଭିଡ୍-୧୯ ଲକ୍ ଡାଉନ ସମୟରେ ପ୍ରତିଷ୍ଠା ଅଣୁ ଉଦ୍ୟୋଗ କ୍ଷତିଗ୍ରସ୍ତ ହୋଇ ଚାଲିଛି। ଯଦି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆବଶ୍ୟକ ଅର୍ଥ ବ୍ୟାଙ୍କ ପ୍ରଦାନ କରିଥାନ୍ତା, ତେବେ ଏହି ମସଲା ଉଦ୍ୟୋଗ ୫ରୁ ୧୦ ଜଣଙ୍କୁ ନିଯୁକ୍ତି ଦେବା ସହ ନିଜେ ଉପକୃତ ହୋଇପାରିଥାନ୍ତେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏକ ରାଷ୍ଟ୍ରାୟ ବ୍ୟାଙ୍କର ଅଧିକାରୀ କହିଛନ୍ତି, କେନ୍ଦ୍ର ସରକାର ମୁଦ୍ରା ଯୋଜନାରେ ଆମେ ଶହ ଶହ ଲୋକଙ୍କୁ ଋଣ ଦେଲୁ। ଏବେ ମୁଦ୍ରା ଯୋଜନାରେ ଅନାଦାୟ ଋଣ (ଏନ୍‌ପିଏ) ତାଲିକା ବହୁତ ଲମ୍ବା। ଏହି ଋଣ ଅସୁଲ ପାଇଁ ବିଭାଗର ଚାପ ବଢୁଥିବାବେଳେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଆମେ ଖୋଜି ପାଉନାହୁଁ। ଅଧିକାଂଶ ରାଜ୍ୟ ବାହାରେ ଥିବା ବିଭିନ୍ନ ସୂତ୍ରରୁ ଖବର ମିଳୁଛି। ଏଭଳି ସ୍ଥିତିରେ ଆମେ କାହାଠାରୁ ଋଣ ଅସୁଲ କରିବୁ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗ ମନ୍ତ୍ରଣାଳୟ ପିଏମ୍‌ଇଜିପିରେ ଦେଉଥିବା ଋଣ ପରିମାଣ ଢ଼େର ଅଧିକ। ତେଣୁ ବାଧ ହୋଇ ବିନା ବନ୍ଧକରେ ଋଣ ଦେବାକୁ ପଛଘୁଞ୍ଚା ଦେଉଛନ୍ତି ବୋଲି ସେ କହିଛନ୍ତି। ବୃଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଶିକ୍ଷିତ ବେକାରୀ ଯୁବତୀଯୁବକ ସଂଖ୍ୟା ଢେର ଅଧିକ। ଜିଲାରେ ସେମାନଙ୍କ ପାଇଁ କୌଣସି କର୍ମ ସଂସ୍ଥାନ ନାହିଁ। କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପିଏମ୍‌ଇଜିପି ମାଧ୍ୟମରେ ଶିକ୍ଷିତ ବେକାରୀ ଯୁବତୀଯୁବକ ଇଡିପି ଦକ୍ଷତା ହାସଲ କରି ଋଣ ପାଇଁ ଆବେଦନ କରୁଛନ୍ତି। ପରେ ସମ୍ପୃକ୍ତ ଋଣକୁ ଅନୁମୋଦନ ମିଳୁଥିଲେ ମଧ୍ୟ ଅନେକ ବେକାରୀ ଯୁବତୀଯୁବକ ବ୍ୟାଙ୍କକୁ ଦୌଡି ଦୌଡି ନିରାଶ ହେଉଛନ୍ତି। କେହି କେହି ବ୍ୟାଙ୍କରୁ ଆବଶ୍ୟକ ଋଣ ନ ପାଇ କମ୍ ଟଙ୍କାରେ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା କରି କ୍ଷତିଗ୍ରସ୍ତ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ପଳାଇ ଯାଉଛନ୍ତି। ଯାହାଦ୍ୱାରା ବ୍ୟାଙ୍କ ଋଣ ଅସୁଲ ହୋଇ ନ ପାରୁନାହିଁ। ତେବେ ଋଣ ଅନୁମୋଦନରେ ସମସ୍ୟା ହେଉ ନ ଥିଲେ ମଧ୍ୟ ବ୍ୟାଙ୍କଠାରୁ ଋଣ ମିଳିବାରେ ସମସ୍ୟା ହେଉଛି ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## ଗଞ୍ଜେଇ ଚାଲାଣ ଅଭିଯୁକ୍ତଙ୍କୁ ଅଢ଼େଇ ବର୍ଷ ଜେଲ

ବ୍ରହ୍ମପୁର ଅଫିସ,୩।୩-ଅତିରିକ୍ତ ଜିଲା ଜଜ୍(ଲିଭ ରିଜର୍ଭ) ରାଜକୁମାର ଦାଶ ଶୁକ୍ରବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ଅଢ଼େଇ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏହା ସହିତ ୫୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ଜିଲୁଣ୍ଡିର ଚିନ୍ମୟ ଜେନା(୨୫)। ପ୍ରକାଶ ଯେ, ରେଳଷ୍ଟେଶନ ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଅବକାରୀ ପୋଲିସକୁ ଖବର ମିଳିଥିଲା। ଅବକାରୀ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ଗୁଡ୍ସଶେଡ ରୋଡ ନିକଟରେ ପାଟ୍ରୋଲିଂ କରୁଥିଲା। ଜଣେ ଯୁବକ ଏକ ଜରି ବସ୍ତା ଧରି ଷ୍ଟେଶନ ପଟକୁ ଯାଉଥିବା ବେଳେ ଉକ୍ତ ଟିମ୍ ତାଙ୍କୁ ଅଟକାଇ ସେ ଧରିଥିବା ବସ୍ତା ଯାଞ୍ଚ କରିଥିଲା। ଉକ୍ତ ବସ୍ତାରେ ୧୨ କେଜି ଗଞ୍ଜେଇ ଥିବା ଜଣାପଡିଥିଲା। ପୋଲିସ ଉକ୍ତ ଗଞ୍ଜେଇ ଜବତ କରିଥିବା ବେଳେ ଅଭିଯୁକ୍ତ ଚିନ୍ମୟ ଜେନାଙ୍କୁ ଗିରଫ କରିଥିଲା। ମାମଲା ନମ୍ବର ୧୦୭/୨୨ରେ ଚିନ୍ମୟଙ୍କୁ କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଅବକାରୀ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଚିନ୍ମୟଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ କୋର୍ଟରେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶୁକ୍ରବାର ଉକ୍ତ ମାମଲାର ଶୁଣାଣି ବେଳେ ଚିନ୍ମୟଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଏଡିଜେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ରଜତ କୁମାର ଦାଶ ଓ ମୁଦୁଲାଙ୍କ ପକ୍ଷରୁ ରବୀନ୍ଦ୍ର କୁମାର ଦେଓ ମକଦ୍ଦମା ପରିଚାଳନା କରିଥିଲେ।

## ସୁନା ଅଳଙ୍କାର ଠକେଇ ମାମଲାରେ ୨ ଗିରଫ

ଆସିକା,୩।୩ (ଡି.ଏନ.ଏ.)- ଆସିକା ବିନାୟକ ବଜାରଠାରେ ଥିବା ଏକ ଦୋକାନର ମାଲିକଙ୍କଠାରୁ ବିକ୍ରି କରିବା ଲାଗି କହି ଅଳଙ୍କାର ନେଇ ଫେରାର ହୋଇଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାଜୁ ରେଡ୍ଡୀ ଓରଫ ବାଲରାଜୁ ରେଡ୍ଡୀ ଏବଂ ପୁରୁଷୋତ୍ତମପୁରର ଦୀପୁ ଆଚାରୀ। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ନଗଦ ୨ ଲକ୍ଷ ଟଙ୍କା ଓ ୨୮୦ ଗ୍ରାମ ସୁନା ଅଳଙ୍କାର ଜବତ କରିଛି। ପ୍ରକାଶ ଯେ, ଏକ ଛୋଟ ଦୋକାନ କରି ସୁନା ରୂପା କାରବାର କରୁଥିବା ବାଲରାଜୁ ବିନାୟକ ବଜାରଠାରେ ଥିବା ସୁନା ଦୋକାନରୁ ଜାନୁଆରୀ ୯ ତାରିଖରେ ତାଙ୍କ ଦୋକାନରେ ଆସିଥିବା ଗ୍ରାହକଙ୍କୁ ସୁନା ରୂପା ବିକିବା କହି ୩୫୦ ଗ୍ରାମ ଓଜନର ବିଭିନ୍ନ ସୁନା ଅଳଙ୍କାର ନେଇଥିଲେ। ତେବେ ଦୀର୍ଘଦିନ ଧରି ସୁନା ଅଳଙ୍କାର ଫେରାଇ ନଥିବା କିମ୍ବା ଏହାର ମୂଲ୍ୟ ଦୋକାନୀ ମାଲିକଙ୍କୁ ନଦେବାରୁ ଦୋକାନ ମାଲିକ ସୁଧାକର ପାତ୍ର ଗତ ୨୩ରେ ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଏହି ଅଭିଯୋଗକୁ ଭିତ୍ତି କରି ଆସିକା ଥାନାରେ ନଂ.୧୩୬/୨୩ରେ ଏକ ମାମଲା ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ସୁନା ଅଳଙ୍କାର କିଣିଥିବା ସହଯୋଗୀଙ୍କୁ ମଧ୍ୟ ଗିରଫ କରିଛି।

## ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ମହିଳା ସପ୍ତାହ

ଗୋପାଳପୁର,୩।୩(ଡି.ଏନ.ଏ.)-ବ୍ଲକ ସ୍ତରୀୟ ଅନ୍ତର୍ଜାତୀୟ ମହିଳା ସପ୍ତାହ ସମାରୋହ ଶୁକ୍ରବାର ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ସଦଭାବନା କକ୍ଷରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ଉପସଭାନେତ୍ରୀ ଏସ.ରାଜେଶ୍ୱରୀ ଦୋରା, ବିଡିଓ ବିଶ୍ୱଜିତ ରାୟ, ବ୍ଲକ ଉପାଧ୍ୟକ୍ଷ ଅନୀତା ମହାଙ୍କୁଡ଼, ଗୋପାଳପୁର ଏନ୍ଏସି ଅଧ୍ୟକ୍ଷ ଏ.ଜାନକୀ ରାମ, ଅତିରିକ୍ତ ବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ ଯୋଗଦେଇଥିଲେ। ବିପିସି ଶ୍ରୀରାମ ପଣ୍ଡା ପରିଚାଳନା କରିଥିଲେ। ଏଥିରେ ରାଜ୍ୟ ସରକାର ମିଶନ ଶକ୍ତି ମା' ମାନଙ୍କୁ ପ୍ରଦାନ କରିଥିବା ଋଣକୁ ସତପଥରେ ଉପଯୋଗ କରିବା ନିମନ୍ତେ କୁହାଯାଇଥିଲା। ଏହି ଅବସରରେ ଅଙ୍ଗନୱାଡି ସୁପରଭାଇଜର ରଚନା ପ୍ରଧାନ, ଶୈଳବାଳା ଦାସ, ବି.ମଣିମାଳା, ବବିତା ନାୟକ, ସୌଦାମିନୀ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଚାଷୀ, ଏସ୍‌ଏଚ୍‌ଜିଙ୍କୁ ୩ ଲକ୍ଷ ଋଣ ବ୍ୟବସ୍ଥା

## ବିସିସି ବ୍ୟାଙ୍କର ଗ୍ରାହକ ସେବା ଋଣ କର୍ମଶାଳା

■ ବିନା ସୁଧରେ ଦିଆଯିବ ୧ ଲକ୍ଷ

ବ୍ରହ୍ମପୁର ଅଫିସ,୩।୩

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କର ସେବା ଓ ଋଣ କର୍ମଶାଳା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚାଷୀ ଏବଂ ମିଶନ ଶକ୍ତିର ଏସ୍ଏଚ୍‌ଜିଙ୍କ ପାଇଁ ସମବାୟ ଦ୍ୱାରା ଋଣ ଲଗାଣରେ ଯେଉଁ ଯୁଗାନ୍ତକାରୀ ଘୋଷଣା ହୋଇଛି ସେ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଲାଗି ଏହି କର୍ମଶାଳା କରାଯାଇଥିଲା। ହିଲପାଟଣାସ୍ଥିତ ସଂସ୍କୃତି ଭବନରେ ହୋଇଥିବା କର୍ମଶାଳାରେ ବ୍ୟାଙ୍କ ସଭାପତି ଶିବରାମ ପାତ୍ର ଅଧ୍ୟକ୍ଷତା କରିଥିଲେ। ବ୍ୟାଙ୍କ ଅଧିନ ଶତାଧିକ ସୋସାଇଟି କର୍ମକର୍ତ୍ତା ଏସଏଚଜି ସଭ୍ୟା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

କର୍ମଶାଳାରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଏମସି ମେୟର ସଂଘମିତ୍ରା ଦଳେଇ, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ସମବାୟ ବିଭାଗର ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ନାବାର୍ଡ ଅଧିକାରୀ ସଞ୍ଜିତ କୁମାର ମିଶ୍ର, ସମବାୟ ବିଭାଗର ଉପ ନିବନ୍ଧକ ବିଶ୍ୱ ରଞ୍ଜନ ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବ୍ୟାଙ୍କର ନିର୍ବାଚିତ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକ ଏବଂ ବିଭିନ୍ନ ବ୍ରାଞ୍ଚ ମ୍ୟାନେଜର ଯୋଗ ଦେଇଥିଲେ। ସଭାପତି ତାଙ୍କ ଭାଷଣ ପ୍ରସଙ୍ଗରେ ବ୍ୟାଙ୍କ ସେବା ଏବଂ ସମବାୟ ଋଣ ଲଗାଣ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେ କହିଥିଲେ ଚାଷୀଙ୍କୁ କୃଷି ଋଣ ଏବଂ ଏସ୍ଏଚ୍‌ଜିକୁ ବିନା ସୁଧରେ ୧ ଲକ୍ଷ ଟଙ୍କା ଲେଖାଏଁ ଋଣ ଦିଆଯିବାର ସରକାରଙ୍କ ନିର୍ଦ୍ଦେଶ ରହିଛି। ସମସ୍ତଙ୍କୁ ସର୍ବାଧିକ ୩ ଲକ୍ଷ ଟଙ୍କା ଋଣ ଲଗାଣ ହେବ। ତେବେ ଅବଶିଷ୍ଟ ୨ ଲକ୍ଷ ଟଙ୍କା ଲାଗି ବାର୍ଷିକ ୨% ସୁଧ ଦେବାକୁ ପଡ଼ିବ। କୃଷିର ବିକାଶ ଏବଂ ମିଶନ ଶକ୍ତି ମହିଳାଙ୍କୁ ସ୍ୱାବଲମ୍ବୀ କରାଇବାକୁ ମୁଖ୍ୟମନ୍ତ୍ରୀ ସର୍ବାଧିକ ଗୁରୁତ୍ୱ ଦେଇଥିବାରୁ ବ୍ୟାଙ୍କ ଏହି ପଦକ୍ଷେପ ନେଇଛି। ଚାଷୀ ଓ ଏସ୍ଏଚ୍‌ଜି ଏହାର ଭରପୁର ସୁଯୋଗ ନେବାକୁ ଏମପି, ବିଧାୟକ ଓ ଅନ୍ୟମାନେ ପରାମର୍ଶ ଦେଇଥିଲେ। କର୍ମଶାଳା ପରିଚାଳନାରେ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।



ଋଣ ମେଳାରେ ମଞ୍ଚାସୀନ ଅତିଥି, ବ୍ୟାଙ୍କ ଓ ଅନ୍ୟ ଅଧିକାରୀ ।

## ୫ରେ ଉଦ୍ୟୋଗ ପ୍ରଦର୍ଶନୀ, ଖୋଲିବ ୬୦ ଷ୍ଟଲ୍

ନୟାଗଡ଼ ଅଫିସ,୩।୩

ଜିଲାପାଳଙ୍କ ସଦ୍‌ଭାବନା ସଭାକକ୍ଷରେ ଶୁକ୍ରବାର ଉଦ୍ୟୋଗୀ ପ୍ରଦର୍ଶନ ଉପରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ପ୍ରଣବ କୁମାର ନାୟକ ଓ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର ସାହୁ ଯୋଗ ଦେଇ ଉଦ୍ୟୋଗୀ ପ୍ରଦର୍ଶନରେ ୬୦ଟି ଷ୍ଟଲ ଖୋଲିବ ବୋଲି କହିଥିଲେ । ଏହି ଷ୍ଟଲ ଖୋଲିବା ପାଇଁ କୌଣସି ଦେୟ ଦେବାକୁ ପଡିବ ନାହିଁ । ନୟାଗଡ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଚଳିତ ମାସ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମ୍ବନ୍ଧୀୟ ପ୍ରଦର୍ଶନୀ ଦକ୍ଷିଣ କାଳୀ ପଡିଆରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ସରକାରଙ୍କ ବିଭିନ୍ନ ଶିଳ୍ପନୀତି ଉପରେ ଆଲୋଚନା କରାଯିବ। ୬ ତାରିଖରେ ମହାବିଦ୍ୟାଳୟ, ଯାନ୍ତ୍ରିକ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଔଦ୍ୟୋଗିକତା ଉପରେ ସଚେତନତା କରାଯିବ । ୭ ଓ ୮ ତାରିଖରେ ଦୋଳ ପୂର୍ଣ୍ଣିମା ଓ ହୋଲି ପାଇଁ କାର୍ଯ୍ୟକ୍ରମ ବନ୍ଦ ରହିବ । ୯ ତାରିଖରେ ମହିଳାମାନଙ୍କ ପାଇଁ ଉଦ୍ୟୋଗର ସୁଯୋଗ ତଥା ମହିଳା ସଶକ୍ତୀକରଣ ସମ୍ବର୍ଦ୍ଧରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବ ବୋଲି ପ୍ରଶାସନିକ ଅଧିକାରୀମାନେ ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ।

# ଲାଲସିଂ ସ୍କୁଲକୁ ଜିଲାର ଶ୍ରେଷ୍ଠ ସ୍ମାର୍ଟସ୍କୁଲ କରିବା ଯୋଜନା

## ୬ ସ୍ମାର୍ଟସ୍କୁଲ କାର୍ଯ୍ୟ ସମୀକ୍ଷା

ଭଞ୍ଜନଗର,୩।୩(ଡି.ଏନ୍.ଏ)

ଭଞ୍ଜନଗର ବ୍ଲକର ସମସ୍ତ ହାଇସ୍କୁଲକୁ ସ୍ମାର୍ଟ ସ୍କୁଲରେ ପରିଣତ କରାଯିବ। ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଉଦ୍ୟମ କ୍ରମେ ଅଧିକାଂଶ ହାଇସ୍କୁଲ ସ୍ମାର୍ଟ ସ୍କୁଲରେ ପରିଣତ ହେଉଛି । ବର୍ତ୍ତମାନ ଆଉ ୬ଟି ସ୍ମାର୍ଟସ୍କୁଲ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ସେଗୁଡ଼ିକ ହେଲା ଲାଲସିଂ, ବଦାଙ୍ଗି, ରାଇପଲ୍ଲୀ, ବୁଦୁଲି, ଇନ୍ଦାଗଡ଼ ଏବଂ ଭଞ୍ଜନଗର ଶ୍ରୀବସ୍ତ ହାଇସ୍କୁଲ। ସ୍ମାର୍ଟସ୍କୁଲର ଉନ୍ନତିକରଣ ପାଇଁ ସରକାର ୪୫ଲକ୍ଷ ଟଙ୍କା ଦେଉଛନ୍ତି । କିନ୍ତୁ ବିଭିନ୍ନ ଦରଦାମ ବୃଦ୍ଧି ଯୋଗୁ ଉକ୍ତ ଅର୍ଥରେ ସମସ୍ତ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବା ସମ୍ଭବପର ହୋଇପାରୁନାହିଁ। ତେଣୁ ବ୍ଲକର ବିଭିନ୍ନ ଫଣ୍ଡରୁ ପରବର୍ତ୍ତି ପର୍ଯ୍ୟାୟରେ ଆବଶ୍ୟକତା ଅନୁଯାୟୀ ଅର୍ଥ ବ୍ୟବସ୍ଥା କରାଯାଉଛି। ମାର୍ଚ୍ଚ ୫ ତାରିଖ ବିଜୁ ଜୟନ୍ତୀରେ ଉକ୍ତ ସମସ୍ତ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନଲାଇନ ମାଧ୍ୟମରେ ଉଦ୍‌ଘାଟନ କରିବା ଯୋଜନା ଥିଲା। କିନ୍ତୁ କାମ ପୂର୍ଣ୍ଣାଙ୍ଗ ହୋଇପାରି ନ ଥିବା ଯୋଗୁ ତାହାକୁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି। ଅପରପକ୍ଷେ କାମଗୁଡ଼ିକ କିଭଳି ତ୍ୱରାନ୍ୱିତ ହୋଇପାରିବ ସେଥିପାଇଁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ବାରମ୍ବାର ବିଭାଗୀୟ ଅଧିକାରୀମାନଙ୍କୁ ଡ଼ାକି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରୁଛନ୍ତି। ଗୁରୁବାର ବିଡ଼ିଓ ଶଶିଭୂଷଣ ମହାପାତ୍ର ଲାଲସିଂ କାହ୍ନୁ ରାଉତ ହାଇସ୍କୁଲ, ବୁଦୁଲି, ରାଇପଲ୍ଲୀ ସମେତ ବିଭିନ୍ନ ହାଇସ୍କୁଲ ପରିଦର୍ଶନ କରି କାର୍ଯ୍ୟ ତଦାରଖ କରିଛନ୍ତି । ବିଡ଼ିଓଙ୍କ ଗସ୍ତ ସମୟରେ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ଲାଲସିଂ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ଗଡ଼ନାୟକ,ସାମାଜିକ କର୍ମୀ ବିଷ୍ଣୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ବିଡ଼ିଓ ଲାଲସିଂ ସ୍କୁଲ କାର୍ଯ୍ୟ ସମୀକ୍ଷା କରୁଛନ୍ତି ।

## ଶିଶୁ ଅଧିକାର ସମ୍ବନ୍ଧୀୟ ସଚେତନତା ସଭା

ଦିଗପହଣ୍ଡି,୩।୩(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ବମକୋଇ ପଞ୍ଚାୟତ ମଦନମୋହନ ପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଶିଶୁ ଅଧିକାର ସମ୍ବନ୍ଧିତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭାତ୍ରା ଅତିଥିଭାବେ ଯୋଗଦେଇ ସୁସ୍ଥ ଶିଶୁ ଗଠନ ହେଲେ ସୁସ୍ଥ ସମାଜ ଗଠନ ହେବ ବୋଲି ମତ ପ୍ରକାଶ କରିବା ସହ ବାଲ୍ୟ ବିବାହ, ଶିଶୁ ଯୌନ ଓ ଶାରୀରିକ ନିର୍ଯାତନା ବିରୋଧରେ ରହିଥିବା ବିଭିନ୍ନ ଆଇନ ସମ୍ପର୍କରେ ସଚେତନ କରାଇଥିଲେ। ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡ .କିରଣ କୁମାର ପଣ୍ଡିତ କିଭଳି ଭାବେ ଶିଶୁ ନିଜେ ନିରାପଦ ରହି ସମାଜ ଗଠନରେ ସହାୟକ ହେବ ସେ ନେଇ ବୁଝାଇଥିଲେ। ସେହିପରି ଦିଗପହଣ୍ଡି ଏବିଇଓ ରସାନନ୍ଦ ଘଡେଇ ଶିଶୁ ମାନଙ୍କ ଶିକ୍ଷା ଅଧିକାର ସମ୍ବନ୍ଧରେ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ସଭାରେ ତେଜେଶ୍ୱର ପ୍ରଧାନ, ମୁରଲୀଧର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶ୍ୟାମଘନ ପ୍ରଧାନ, ସଙ୍ଗୀତା ବେହେରା, ଶିଳ୍ପା ପ୍ରଧାନ, ପ୍ରତିମା ପ୍ରଧାନ, ନମିତା ପ୍ରଧାନ, ସନ୍ତୋଷୀ ପ୍ରଧାନ, ଲିଲି ପ୍ରଧାନ, ସବିତା ପ୍ରଧାନ, ରଶ୍ମିତା ବେହେରା, ନାଚି ପାତ୍ର ସରସ୍ୱତୀ ପ୍ରଧାନ ଉପସ୍ଥିତ ଥିଲେ।

### ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ

## ପୀତବାସ ପଣ୍ଡାଙ୍କ ପ୍ରାର୍ଥୀପତ୍ର ଦାଖଲ

ବ୍ରହ୍ମପୁର ଅଫିସ,୩।୩

ଏପ୍ରିଲ ୧୫ ତାରିଖରେ ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ୨୫ ଜଣ ସଭ୍ୟ ନିର୍ବାଚିତ ହେବେ। ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ଶୁକ୍ରବାର କଟକ ସ୍ଥିତ ରାଜ୍ୟ ଆଇନଜୀବୀ ପରିଷଦ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବ୍ରହ୍ମପୁର ସହର ତଥା ଗଞ୍ଜାମ ଜିଲାର ବିଭିନ୍ନ ସମସ୍ୟା ନେଇ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରୁଥିବା ପୀତବାସ ଜଣେ ଆଇନଜୀବୀ ସହ ଶ୍ରମିକ ନେତା ମଧ୍ୟ ଅଟନ୍ତି। ଶୁକ୍ରବାର ସେ ତାଙ୍କ ସମର୍ଥକ ଗହଣରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଆଇନଜୀବୀ ରଘୁନାଥ ପାଣିଗ୍ରାହୀ, ସଞ୍ଜୟ ମିଶ୍ର, ଅଶୋକ ଶୁକ୍ଳ, ବରୁଣ ଗୌଡ଼, ବିରଞ୍ଚି ମହାପାତ୍ର, ବସନ୍ତ ସାବତ, ପୂର୍ଣ୍ଣଚନ୍ଦ୍ର ହୋତା, ସମ୍ପୂର୍ଣ୍ଣ ପାତ୍ର, ଝସକେତନ ପାଢ଼ୀ, ଜେ. ନିମା, ଅଶୋକ ସାହୁ, ବିଶ୍ୱଜିତ ସେଠୀ, ତାରିଣୀ ମାଝି, ଲଡୁ କିଶୋର ବାରିକ, ରାଜେଶ ରାଉଳ, ସୁଦର୍ଶନ ସେଠୀ, ସନ୍ତୋଷ ପାତ୍ର, ଚିନ୍ମୟ ହୋତା, ରାମହରି ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।


ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି ଆଇନଜୀବୀ ।

# ରାସ୍ତାରେ ଧାରଣାରେ ବସିଲେ ଦୀପିକା

ବ୍ରହ୍ମପୁର ଅଫିସ,୩।୩

ଦୀର୍ଘଦିନ ପରେ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି କେ. ଦୀପିକା। ଶୁକ୍ରବାର ଟ୍ରାଫିକ ଥାନା ପଛପଟ ଗଳିରେ ଏକାଧିକ ବ୍ୟକ୍ତିଙ୍କ ସହ ଗଣ୍ଡଗୋଳ ଓ ମାରପିଟ କରି ସେ ଚର୍ଚ୍ଚାକୁ ଆସିଛନ୍ତି। ଟ୍ରାଫିକ ଥାନା ପଛପାଖ ୱାନ-ୱେ ରୋଡରେ ରାତି ସାଢେ ୯ଟା ବେଳେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି। ଦୀପିକା ସେହି ଗଳିରେ ଧାରଣା ମଧ୍ୟ ଜାରି ରଖିଛନ୍ତି । ପ୍ରକାଶ ଯେ, ରାତି ସାଢେ ୯ଟା ବେଳେ ଗାନ୍ଧୀନଗରର କେ. ଦୀପିକା ନିଜ ଦୋକାନ ବନ୍ଦ କରି ଘରକୁ ଯିବାକୁ ବାହାରୁଥିବା ବେଳେ ଜଣେ ବ୍ୟକ୍ତି ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିଥିଲା। ଦୀପିକା ବାରଣ କରିଥିଲେ। ପରେ ଯୁକ୍ତିତର୍କ ହେବାରୁ ଦୀପିକା ସଂପୃକ୍ତ ବ୍ୟକ୍ତିଙ୍କୁ ନେଇ ନିଜ ଦୋକାନ ଭିତରେ ଅଟକ ରଖିଥିଲେ । ତାଙ୍କ ପ୍ରେମିକ ଦିନେଶଙ୍କ ପରିବାର ଲୋକେ ଲୋକ ପଠାଇ ଏଭଳି କରୁଥିବା ସେ ଅଭିଯୋଗ କରିବା ସହ ପୋଲିସ ଆସିଲେ ତାଙ୍କୁ ଛାଡିବି ବୋଲି କହିଥିଲେ। ପରେ ଦୀପିକା ସଂପୃକ୍ତ ବ୍ୟକ୍ତିଙ୍କୁ ରାସ୍ତା ଉପରକୁ ଆଣି ମାଡ଼ ମାରିଥିଲେ। କିଛି ସମୟ ଭିତରେ ସଂପୃକ୍ତ ବ୍ୟକ୍ତିଙ୍କ ଏକାଧିକ ସହଯୋଗୀ ସେଠାରେ ପହଞ୍ଚି ପ୍ରତିବାଦ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଠେଲାପେଲା ଓ ଧସ୍ତାଧସ୍ତି ହୋଇଥିଲା । ତେବେ ନ୍ୟାୟ ନ ମିଳିଲେ ରାସ୍ତା ଉପରେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇ ଧାରଣାରେ ବସିଥିଲେ। ପୋଲିସ ପହଞ୍ଚି ସମାଧାନ କରିବାକୁ ଚେଷ୍ଟା କରିଛି।

## ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳିତ

ଗଞ୍ଜାମ,୩।୩(ଡି.ଏନ.ଏ.)

ଗଞ୍ଜାମ ସହର ସ୍ଥିତ ଭାରତୀବିଦ୍ୟା ପୀଠ ସଭାଗୃହରେ ସମନିତ୍ୱ ମହିଳା ଶିଶୁ ସୁରକ୍ଷା ବିଭାଗ ତରଫରୁ ବ୍ଲକ ସ୍ତରୀୟ ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳିତ ହୋଇଯାଇଛି। ସିଡିପିଓ ସଲୀଳା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ମୁଖ୍ୟ ବକ୍ତାଭାବେ ଏନ୍ଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, ଡିପିସି ଦେବବ୍ରତ ମାହନ୍ତ, ଜିଲା ଶିଶୁ ସୁରକ୍ଷା ପ୍ରକଳ୍ପ ପ୍ରୋଗ୍ରାମ କୋଡିନେଟର କାମେଶ୍ୱର ପରିଡା, ସିଓ ସ୍ୱପ୍ନାରାଣୀ ମହାପାତ୍ର, ସିଏମ୍ଏମ୍ ଭାଗ୍ୟଶ୍ରୀ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୁପରଭାଇଜର ଭାରତୀ ବ୍ରହ୍ମା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣ: ସବୁ ଥାନାରେ ଏତଲା

ବ୍ରହ୍ମପୁର ଅଫିସ/ ପାରଳାଖେମୁଣ୍ଡି/ ଆସିକା/ଧରାକୋଟ/ ବେଗୁନିଆପଡ଼ା, ୩।୩

ଗଞ୍ଜାମ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର କମିଶନରେଟ୍ ପୋଲିସ ବିରୋଧରେ ବ୍ରହ୍ମପୁରର ସବୁ ଥାନାରେ ଶୁକ୍ରବାର ଏତଲା ଦାଖଲ କରାଯାଇଛି। ଗତ ୨୮ ତାରିଖରେ ରାଜଧାନୀରେ ଭାଜପା ଯୁବମୋର୍ଚ୍ଚାର ଆନ୍ଦୋଳନ ବେଳେ ପୋଲିସ୍‌ର ଅତର୍କିତ ନିଷ୍ଠୁର ଆଚରଣ ପ୍ରତିବାଦରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜିଲା ଯୁବମୋର୍ଚ୍ଚା ସଭାପତି ଶିବଶଙ୍କର ନାୟକଙ୍କ ନେତୃତ୍ୱରେ କମାପଲ୍ଲୀ ଛକରୁ ଶୋଭାଯାତ୍ରା ବାହାରିଥିଲା। ଗୋଷାଣି ନୂଆଗାଁ, ବୈଦ୍ୟନାଥପୁର ସମେତ ମହାନଗରର ଅନ୍ୟ ଥାନାରେ ଦିଆଯାଇଥିବା ଏତଲାରେ ପୋଲିସ ଡିଜି, କମିଶନର ଓ ଭୁବନେଶ୍ୱର ଡିସିପିଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଏତଲା ଦାଖଲ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ କାହ୍ନୁଚରଣ ପତିଙ୍କ ସମେତ ଭାଜପା ଓ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ରାମକୁମାର ପାତ୍ର, ସୁନୀଲ ସାହୁ, ପ୍ରଭାତ ଷଡ଼ଙ୍ଗୀ, ସୁବାସ ସାହୁ, ସୋମନାଥ ପାତ୍ର, ମାତା ପ୍ରସାଦ ନାୟକ, ତୁତୁନ ପାତ୍ର, ଏଲ. ମୋହନ ଦାସ, କୃଷ୍ଣଚନ୍ଦ୍ର ଚୌଧୁରୀ, ବିଧୁସ୍ମିତା ପାଳ ପ୍ରମୁଖ ସାମିଲ ହୋଇଥିଲେ। ବିଏମ୍‌ସି କର୍ପୋରେଟର କରୁଣା କର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶନିବାର ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ବୋଲି ଯୁବମୋର୍ଚ୍ଚା ପକ୍ଷରୁ ଘୋଷଣା କରାଯାଇଛି।

ସେହିପରିଗଜପତି ଭାଜପା ପକ୍ଷରୁ ପୋଲିସ ଡିଜି ସୁନୀଲ ବଂଶଲ, ଭୁବନେଶ୍ୱର-କଟକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନାମରେ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଗଜପତି ଭାଜପା ସଭାପତି କେ. ନାରାୟଣ ରାଓଙ୍କ ନିର୍ଦ୍ଦେଶରେ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ବାଳକୃଷ୍ଣ ପାତ୍ରଙ୍କ ନେତୃତ୍ୱରେ ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅରୁଣିମା ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧେଶ୍ୱର ମିଶ୍ର, ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର ପ୍ରମୁଖ ଭାଜପା କର୍ମୀମାନେ ପାରଳାଖେମୁଣ୍ଡି ଥାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ପହଞ୍ଚି ଥାନା ଅଧିକାରୀ ବାବୁଲି ନାୟକଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ସେହିପରି ଆସିକା ବିଧାନସଭା ନିର୍ବାଚନ ମଣ୍ଡଳି ଭାଜପା ପକ୍ଷରୁ ଥାନାରେ ଏକ ଅଭିଯୋଗ କରାଯାଇଥିଲା। ପୂର୍ବତନ ବିଧାୟକ ଦେବରାଜ ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ଦୁର୍ଗାଚରଣ ପଟ୍ଟନାୟକ, ରବିନ୍ଦ୍ର କୁମାର ପୋଲାଇ, ସରୋଜ ଭ, ଶ୍ରୀନିବାସ ଭ, ରାଘବ ସିଂଅ ପ୍ରମୁଖ ସାମିଲ ଥିଲେ।

ସୋରଡା ବିଧାନସଭା ନିର୍ବାଚନ ମଣ୍ଡଳି ଭାଜପା ପକ୍ଷରୁ ଗାଙ୍ଗପୁର ଥାନାରେ ମଧ୍ୟ ଅନୁରୂପ ଭାବେ ଏକ ଅଭିଯୋଗ ଦାଖଲ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିଳମଣି ବିଷୋୟୀଙ୍କ ନେତୃତ୍ୱରେ ଅନିତା ଶୁଭଦର୍ଶିନୀ, ଅରୁଣ କୁମାର ପଣ୍ଡା, ରଞ୍ଜନ ପୋଲାଇ, ଗୋକୁଳାନନ୍ଦ ମଲିକ, ନାରାୟଣ ବେହେରା ପ୍ରମୁଖ ସାମିଲ ଥିଲେ।

ସେହିପରି ଧରାକୋଟ ନିର୍ବାଚନ ମଣ୍ଡଳୀ ଭାଜପା ନେତା ଇଂ ପ୍ରଦୀପ କୁମାର ପତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ଭାଜପା ଦଳର ନିଷ୍ପତ୍ତି ପ୍ରକାରେ ସ୍ଥାନୀୟ ଥାନା ଅଧିକାରୀ ମମତା ସାମନ୍ତରାୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ଦଳର କାର୍ଯ୍ୟକର୍ତ୍ତା ଓ ଦୃଢ ସମର୍ଥକ ଅଶୋକ କୁମାର ପାତ୍ର, ନିରୋଜ କୁମାର ପାଢ଼ୀ, ତ୍ରିନାଥ ଗୌଡ, ଅନ୍ତରା ଗୌଡ଼, ବିଚିତ୍ରାନନ୍ଦ ପାଣିଗ୍ରାହୀ,ହର ପ୍ରସାଦ ମହାନ୍ତି, ଉପସ୍ଥିତ ଥିଲେ। ସେହିପରି ଗଞ୍ଜାମ ଜିଲା ବେଗୁନିଆପଡ଼ା ଓ କୋଦଳା ଥାନାରେ ଥାନାଧିକାରୀଙ୍କୁ ଭାଜପା ପକ୍ଷରୁ ଏତଲା ଦିଆଯାଇଛି। କୋଦଳା ଏନଏସି ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ନାୟକ, ମଣ୍ଡଳ ସଭାପତି ତଥା ଏନଏସି ୱାର୍ଡ ସଭ୍ୟ ମଧୁସୂଦନ ଜେନା, ୱାର୍ଡ ସଭ୍ୟା ଗୀତାଞ୍ଜଳି ମିଶ୍ର, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଆଲୋକ ଶତପଥୀ, ଜିଲା ପରିଷଦ ପ୍ରାର୍ଥୀ ସଞ୍ଜୟ କୁମାର ଘୋଷ ପ୍ରମୁଖ ଉପସ୍ଥିତ ରହି ଏତଲା ଦେଇଛନ୍ତି।



ବ୍ରହ୍ମପୁରରେ ଥାନା ଆଗରେ ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ।

## ମ୍ୟାଲେରିଆ ନିରାକରଣ ତାଲିମ

ଫୁଲବାଣୀ ଅଫିସ, ୩।୩

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ବାଲନ୍ଦାପଡା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଗୁରୁବାର ସ୍ୱାତୀ ପକ୍ଷରୁ ମ୍ୟାଲେରିଆ ନିରାକରଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ହରିଶଙ୍କର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ୍ କାର୍ଯ୍ୟକ୍ରମରେ କୁମୁଦଚନ୍ଦ୍ର ସାହୁ, ସନତ କୁମାର ମହାପାତ୍ର ଯୋଗଦେଇ ତାଲିମ୍ ପ୍ରଦାନ କରିଥିଲେ । ମ୍ୟାଲେରିଆ ରୋଗୀ ସଂପୂର୍ଣ୍ଣ ମାତ୍ରାର ଔଷଧ ସେବନ, ଗର୍ଭବତୀ ଓ ପ୍ରସୁତି ମା'ମାନେ କିପରି ମଶାରୀ ବ୍ୟବହାର କରିବେ ଓ ଅଧିକ ମାତ୍ରାରେ ସ୍କ୍ରିନିଂ କରି ରୋଗୀ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିବ ତାହା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଅନୁଷ୍ଠାନର ସଂଯୋଜକ ବିଶ୍ୱରଞ୍ଜନ କର ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଆଲୋକ ସାମନ୍ତରାୟ, ସୌରଭ ପଣ୍ଡା, ସୀତା ରଣା, ପ୍ରଭାତ ନାୟକ, ଗରୁଡ ଦିଗାଲ, ବିନ୍ଧ୍ୟାରାଣୀ ପ୍ରଧାନ, ସାମନ୍ତି ଦିଗାଲ, ଅନୁପମା କହଁର, ଆନିଶି, ମାନସ ପ୍ରଧାନ, ପ୍ରଦୀପ କୁମାର, ଗରୁଣ ଦିଗାଲ ଓ ମାନିନୀ ସ୍ୱେଚ୍ଛାସେବୀ ଭାବେ ଯୋଗଦେଇ ତାଲିମ୍ ଗ୍ରହଣ କରିଥିଲେ । ଶେଷରେ ସେମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୪ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ୨ ବଖରା ଭସ୍ମୀଭୂତ, ୫୦ ହଜାର ଟଙ୍କା ଜଳିଗଲା



ବଡ଼ଚଣା,୩।୩(ଡି.ଏନ୍.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ କାଇମାଟିଆ ପଞ୍ଚାୟତର ନଳୀଦା-କଣ୍ଟେଇଝର ଆଦିବାସୀ ସାହିରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ସାହିର ଗଣେଶ ପୂର୍ତ୍ତି, ଚନ୍ଦରା ପୂର୍ତ୍ତିଙ୍କ ୨ ବଖରା ଘର ଜଳିଯାଇଛି। ଗ୍ରାମବାସୀ ନିଆଁକୁ ଆୟତ ପାଇଁ ଚେଷ୍ଟା କରିବା ସହ ଚଣ୍ଡଖୋଲ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇ ଯାଇଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଆସବାବପତ୍ର, ମହିଳା ସଂଘ ଗ୍ରୁପ୍‌ରୁ ନେଇଥିବା ୩୦ ହଜାର ଲୋନ୍ ଟଙ୍କା, ଧାନ ବିକ୍ରି କରି ରଖିଥିବା ୨୦ ହଜାର ଟଙ୍କା ଓ ସମସ୍ତ ଦରକାରୀ କାଗଜପତ୍ର ପୋଡ଼ି ପାଉଁଶ ହୋଇ ଯାଇଥିଲା। ବିପନ୍ନ ପରିବାକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପଞ୍ଚାୟତର ନେତୃତ୍ୱମାନେ ଦାବି କରିଛନ୍ତି।

# ଖରସ୍ରୋତା ନଦୀରୁ ବେଆଇନ ବାଲି ଚାଲାଣ

- ରାତିରେ ନଦୀରୁ ବାଲି ଉଠି ପଠାରେ ହେଉଛି ଠୁଳ, ଦିନରେ ଚାଲାଣ
- ବ୍ରାହ୍ମଣୀରୁ ନିୟମ ଉଲ୍ଲଂଘନ କରି ବାଲି ଉତ୍ତୋଳନ

ରସୁଲପୁର,୩।୩(ଡି.ଏନ.ଏ.):



ଠୁଳ ହୋଇଥିବା ବାଲି।

ରସୁଲପୁର ତହସିଲ ଅଧୀନ ପହଁଗା ରାଜସ୍ୱ ସର୍କଲର ଖରସ୍ରୋତା ନଦୀରୁ ବାଲି ଚୋରାଚାଲାଣ ହେଉଛି। ମାଫିଆମାନେ ଏକ ଭିନ୍ନ ଉପାୟରେ ଏହି କାର୍ଯ୍ୟ କରୁଛନ୍ତି। ସେମାନେ ରାତି ଅଧିଆ ନଦୀଗର୍ଭରୁ ବାଲି ଉଠାଇ ଆଣି ପଠାରେ ଠୁଳ କରି ରଖୁଛନ୍ତି। ଦିନରେ ବିଭିନ୍ନ ସ୍ଥାନକୁ ପରିବହନ କରି ମାଲାମାଲ ହେଉଛନ୍ତି। ଏହିଭଳି ଘଟଣା ରାଜସ୍ୱ ସର୍କଲଠାରୁ ମାତ୍ର ୫୦୦ ମିଟର ଦୂରରେ ଘଟୁଛି। ତାହା ପୁଣି ଯାଜପୁରରୋଡ-କୁଆଖିଆ ଯାତାୟାତ ରାସ୍ତା ପାର୍ଶ୍ୱରେ ଖୋଲାମେଲାରେ। ମାତ୍ର ଏହାକୁ ପ୍ରଶାସନିକ ଅଧିକାରୀ ଦେଖି ନ ଦେଖିଲା ଭଳି ଆଚରଣ କରିବା ମାଫିଆଙ୍କୁ ବାଲି ଚୋରାଚାଲାଣ କରିବାକୁ ପ୍ରୋତ୍ସାହିତ କରୁଛି ବୋଲି ଅଭିଯୋଗ ହୋଇଛି। ମାଫିଆ ମେଶିନ ସହାୟତାରେ ଶହଶହ ଟ୍ରିପ ବାଲି ନଦୀରୁ ଉଠାଇ ଗଦା କରି ରଖୁଛନ୍ତି। ବିନା ପ୍ରଶାସନ ଅନୁମତିରେ ଅନାବଶ୍ୟକ ଭାବରେ ବାଲି ଠୁଳ କରି ରଖିବା ଲଘୁ ଖଣିଜଜାତ ଦ୍ରବ୍ୟ ଲୁଟ୍ ଆଇନ ପରିସରଭୁକ୍ତ। ତେବେ କିଏ ଓ କେଉଁ କାରଣରୁ ଏତେ ବାଲି ଗଚ୍ଛିତ କରି ରଖିଛନ୍ତି, ତାହାକୁ ଯାଞ୍ଚ କରିବା ପ୍ରଶାସନିକ ଅଧିକାରୀଙ୍କ କ୍ଷମତା ପରିସରଭୁକ୍ତ। ମାତ୍ର ଅଧିକାରୀଙ୍କ ଢିଲାପଣ ଯୋଗୁ ତହସିଲ ଅଧୀନରେ ନିଇତି ହଜାରହଜାର ଟ୍ରିପ ବାଲି ଚୋରାଚାଲାଣ ହେଉଛି।

ସେହିପରି ଏହି ସ୍ଥାନ ଛଡ଼ା ତହସିଲ ଅଧୀନ ଏକାଧିକ ନିଲାମ ଘାଟରୁ ବେଆଇନ ବାଲି ଚାଲାଣ ମଧ୍ୟ ହେଉଛି। ଅନ୍ୟୁନ ୬ରୁ ଊର୍ଦ୍ଧ୍ୱ ଘାଟରୁ ନିଲାମଧାରୀ ବାଲି ଉଠାଇବା ନିୟମ ଉଲ୍ଲଂଘନ କରୁଛନ୍ତି। ସେମାନେ ଶ୍ରମିକ ବଦଳରେ ମେଶିନ ସହାୟତାରେ ବାଲି ଲୋଡିଂ କରୁଛନ୍ତି। ସେହିପରି ଟ୍ରାକ୍ଟର ବଦଳରେ ହାଇୱାରେ ବାଲି ପରିବହନ ହେଉଛି। ନିର୍ଦ୍ଧାରିତ ସୀମା ଓ ପରିମାଣଠାରୁ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏଭଳି ସ୍ଥିତି ବ୍ରାହ୍ମଣୀ ନଦୀର କରଜଙ୍ଗା ଘାଟରେ ଦେଖାଯାଉଛି। ଯାହାକୁ ତହସିଲ ପ୍ରଶାସନ ରୋକିବାରେ ବିଫଳ ହେଉଛି। ଅନ୍ୟପକ୍ଷରେ ଦୈନିକ ଶତାଧିକ ଭାରିଯାନ ବାଲି ବୋଝେଇ ହାଇୱା ଯାତାୟାତ କରୁଥିବାରୁ ଗ୍ରାମାଞ୍ଚଳ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଛି। ତେଣୁ ଏ ଦିଗରେ ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟିଦେବାକୁ ଦାବି ହୋଇଛି। ଘଟଣା ସମ୍ପର୍କରେ ପହଁଗା ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ବେଆଇନ ବାଲି ଗଚ୍ଛିତ ହେବା ଘଟଣା ସମ୍ପର୍କରେ ସେ ଅବଗତ ନାହାନ୍ତି। ତେଣୁ ଆଗକୁ ତଦନ୍ତ କରିବା ସହ ତହସିଲଦାରଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ।

## ଡାକ୍ତରାଣୀଙ୍କଠାରୁ ସୁନାଚେନ୍ ଲୁଟ୍

ବଡ଼ଚଣା, ୩।୩(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ସମିଆଁ ପଞ୍ଚାୟତର ଦେହୁରୀଗଡ଼ାଗାଁରେ ଡାକ୍ତରାଣୀ ଶକୁନ୍ତଳା ବେହେରାଙ୍କ ବେକରୁ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକ ସୁନାଚେନ୍ ଛଡ଼ାଇ ନେଇଥିବା ବୈରୀ ଥାନାରେ ଅଭିଯୋଗ ହୋଇଛି। ଡାକ୍ତରାଣୀଙ୍କ କହିବା ମୁତାବକ, ଜଣେ ଯୁବକ ଏକ ଧଳା ପଲସର ବାଇକ୍‌ରେ ଆସି ଗେଟ୍ ପାଖରେ ଛିଡ଼ା ହୋଇ ଦାଦା ଅଛନ୍ତି କି ବୋଲି ପଚାରିଥିଲେ। ସେ ଗେଟ୍ ପାଖକୁ ଆସି ଦାଦା ନଥିବା କହିଥିଲେ। ମାତ୍ର ଯୁବକ ଜଣକ କିଛିବାଟ ଆଗକୁ ଯାଇ ପୁଣି ଫେରିଆସି ତାଙ୍କୁ ଡାକିଥିଲେ। ଏହାପରେ ତାଙ୍କ ସୁନାଚେନ୍ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି।

## ଭିସା ଷ୍ଟିଲ୍‌ର ୩ କର୍ମଚାରୀଙ୍କ ସଫଳତା



ସଫଳତା ପାଇଥିବା କର୍ମଚାରୀମାନେ।

କଳିଙ୍ଗନଗର,୩।୩(ଡି.ଏନ୍.ଏ.)

### ୫ମ କଳିଙ୍ଗ ରନର୍ସ ମାରାଥନ

କଳିଙ୍ଗନଗର ଭିସା ଷ୍ଟିଲ କାରଖାନାର ୩ କର୍ମଚାରୀ ଭୁବନେଶ୍ୱରରେ ଅନୁଷ୍ଠିତ ୫ମ କଳିଙ୍ଗ ରନର୍ସ ମାରାଥନରେ ୨୧.୧ କିମି ଦୂରତା ଅତିକ୍ରମ କରି ସଫଳତା ଅର୍ଜନ କରିଛନ୍ତି। ଏଥିରେ ଅନୁରାଗ ତିୱାରି ୨ ଘଣ୍ଟା ୧୨ ମିନିଟ୍ ୩୫ ସେକେଣ୍ଡ, ଅଜିତ ସିଂହ ୨ ଘଣ୍ଟା ୧୬ ମିନିଟ୍ ୩୫ ସେକେଣ୍ଡ ଏବଂ ଟିଙ୍କୁ ଦୁବେ ୨ ଘଣ୍ଟା ୧୯ ମିନିଟ୍ ୦୯ ସେକେଣ୍ଡ ସମୟ ନେଇଥିଲେ। ଏହି ପ୍ରତିଯୋଗିତାର ୩ଟି ପର୍ଯ୍ୟାୟ ଯଥା ୫ କିମି, ୧୦ କିମି ଏବଂ ୨୧.୧ କିମି(ହାଫ୍ ମାରାଥନ)ରେ ୩୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ଏହାକୁ ସକାଳ ସାଢ଼େ ୫ଟାରେ ଓଡ଼ିଶା ପୋଲିସର ଏଡିଜି ଲଳିତ ଦାସ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଶିଖରଚଣ୍ଡୀଠାରୁ ପଥରଗୋଡ଼ି ରାସ୍ତା ପର୍ଯ୍ୟନ୍ତ ମାରାଥନ ଦୌଡ଼ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମେଡାଲ ଦିଆଯାଇଥିଲା।

## ରେଳ ଷ୍ଟେଶନ ନାମ ସଂଶୋଧନ ପାଇଁ ବିଧାୟକଙ୍କ ପ୍ରସ୍ତାବ

ଚଣ୍ଡିଖୋଲ,୩।୩(ଡି.ଏନ.ଏ.):

ହରିଦାସପୁର-ପାରାଦୀପ ରେଳପଥର ୩ନଂ. ଷ୍ଟେଶନ ନାମ ରତ୍ନଗିରି ରୋଡ୍ ରହିଛି। ଏହି ଷ୍ଟେଶନଟି ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଣ୍ଡୁକା ପଞ୍ଚାୟତ ଅଧୀନ ପଦ୍ମନାଭପୁର ଗ୍ରାମରେ ଅବସ୍ଥିତ। ଷ୍ଟେଶନ ନିକଟରୁ ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ଓ ରତ୍ନଗିରିକୁ ସଂଯୋଗ କରଯାଇଛି। ଯଦି ରେଲୱେ କର୍ତ୍ତୃପକ୍ଷ ଷ୍ଟେଶନର ନାମକରଣ ଐତିହ୍ୟ ସ୍ଥଳୀକୁ ନେଇ କରୁଛନ୍ତି ତେବେ ଏହି ଷ୍ଟେସନର ନାମ ସଂଶୋଧନ କରାଯାଇ ଉଦୟଗିରି-ରତ୍ନଗିରି ରୋଡ୍ ରଖାଯାଉ। ନଚେତ ଉଦୟଗିରି ନାମ ବାଦ ପଡ଼ିଯିବ ବୋଲି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଚଳିତ ବିଧାନସଭା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇ ଏହି ପ୍ରସ୍ତାବ ଦେଇଛନ୍ତି। ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି, ଏ ସମ୍ପର୍କରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ସ୍ଥାନୀୟ ଲୋକମାନେ ମଧ୍ୟ ଗଣଧାରଣା ଦେଇଛନ୍ତି। ତଥାପି କେନ୍ଦ୍ର ସରକାର ଶୁଣୁନାହାନ୍ତି। ତେଣୁ ବାଚସ୍ପତି ଏକ ନିର୍ଦ୍ଦେଶ ଦିଅନ୍ତୁ ଯେ, ରାଜ୍ୟରେ ଆମେ ରେଳପଥର ବିସ୍ତାର ଚାହୁଁଛୁ। ଯେଉଁ ବିସ୍ତାର ହେବ ସେଥିରେ ସ୍ଥାନୀୟ ଲୋକଙ୍କ ସହଯୋଗ ଅଛି ଓ ରହିବ ମଧ୍ୟ। ତେଣୁ ଜନସାଧାରଣଙ୍କ ଅଭିଯୋଗକୁ ବିଚାରକୁ ନେଇ ଷ୍ଟେଶନର ନାମ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଲେ ଏହା ହୋଇପାରିବ ବୋଲି ଶତପଥୀ ବାଚସ୍ପତିଙ୍କୁ ନିବେଦନ କରିଛନ୍ତି।

## ରନ୍ଧନ ଗ୍ୟାସ୍ ମୂଲ୍ୟ ବୃଦ୍ଧି ବିରୋଧରେ ଆନ୍ଦୋଳନ





ଏସ୍‌ୟୁସିଆଇ(ସି) ପକ୍ଷରୁ ଆନ୍ଦୋଳନ କରାଯାଉଛି।

ଯାଜପୁର ଟାଉନ,୩।୩(ଡି.ଏନ.ଏ.):

ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୫୦ ଟଙ୍କା ମୂଲ୍ୟ ବୃଦ୍ଧିକୁ ନେଇ ଏସ୍‌ୟୁସିଆଇ(ସି) ପକ୍ଷରୁ ଆନ୍ଦୋଳନ କରାଯାଇଛି। ସଂଗଠନ ପକ୍ଷରୁ ଶୁକ୍ରବାର ଯାଜପୁର ବଡ଼ ଡାକ୍ତରଖାନା ଓ ଗାନ୍ଧୀ ଛକ ପ୍ରଭୃତି ସ୍ଥାନରେ ପ୍ରତିବାଦ ସଭାମାନ କରାଯାଇ କେନ୍ଦ୍ର ସରକାରଙ୍କୁ ତୀବ୍ର ନିନ୍ଦା କରାଯାଇଛି। ପ୍ରକାଶଥାଉକି, ଗତ ଗୁରୁବାର ଘରୋଇ ଗ୍ୟାସ୍ ସିଲିଣ୍ଡର ପିଛା ୫୦ ଟଙ୍କା ଓ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ପିଛା ୩୫୦ ଟଙ୍କା ଲେଖାଏ ବୃଦ୍ଧି ହୋଇଛି। ଫଳରେ ଘରୋଇ ରନ୍ଧନ ଗ୍ୟାସ ୧୦୮୦ ଟଙ୍କରୁ ୧୧୩୦ ଟଙ୍କା ହୋଇଥିବାବେଳେ ବ୍ୟବସାୟିକ ରନ୍ଧନ ଗ୍ୟାସ୍ ୧୭୬୯ ଟଙ୍କାରୁ ୨୧୨୦ ଟଙ୍କା ହୋଇଛି। ଚଳିତ ବର୍ଷ ଏହି ଦୁଇ ମାସ ଭିତରେ ଘରୋଇ ରନ୍ଧନ ଗ୍ୟାସ ୭୫ ଟଙ୍କା ବଢ଼ିଛି। କର୍ପୋରେଟ୍ ସ୍ୱାର୍ଥରେ ଜାଳେଣି ଗ୍ୟାସ ମୂଲ୍ୟ ବୃଦ୍ଧି ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ପ୍ରତିବାଦକାରୀମାନେ ଦର୍ଶାଇଛନ୍ତି। ଏଥିରେ ଜିଲା କମିଟି ସଭ୍ୟ କମ୍ରେଡ ସୁଲୋଚନା ପ୍ରଧାନ, ଜଗବନ୍ଧୁ ମଲ୍ଲିକ, ମମତା ସେଠୀ, ସସ୍ମିତା ଯେନା, ମଧୁସ୍ମିତା ସିଂ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ଏତାଦୃଶ ପଦକ୍ଷେପ ପାଇଁ ଦୃଢ଼ ନିନ୍ଦା କରିଛନ୍ତି। ମୋଦି ସରକାରଙ୍କ ଏହି ଜନବିରୋଧୀ ନୀତି ବିରୋଧରେ ଐକ୍ୟବଦ୍ଧ ଗଣ ଆନ୍ଦୋଳନ ପାଇଁ ଜନସାଧାରଣ ଆଗେଇ ଆସିବାକୁ ଏସ୍‌ୟୁସିଆଇ(ସି) ପକ୍ଷରୁ ଆହ୍ୱାନ କରାଯାଇଛି।

## ଇମ୍ଫା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର





ସ୍ୱାସ୍ଥ୍ୟ ଶିବିରରେ ଅଧିକାରୀ ଓ ଅନ୍ୟମାନେ।

କାଳିଆପାଣି,୩।୩(ଡି.ଏନ୍.ଏ.)

ଇମ୍ଫା କମ୍ପାନୀର ଇଲ୍ଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ କଅଁସ ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ସ୍ୱାସ୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଇମ୍ଫା ଖଣି ଉପସଭାପତି ସନ୍ଦୀପ ବାପୁରାଓଜୀ ନାରାଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୩୭ ନଂ. ଜିଲା ପରିଷଦ ସଭ୍ୟା ଜମା ଟାଖି, ସରପଞ୍ଚ ରାଜା ରାଣୀ ଦେହୁରୀ, ସମିତି ସଭ୍ୟା ନିତିମା ମୁଣ୍ଡା, ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଙ୍ଘର ସହ ସମ୍ପାଦକ ଭାରତ ମହାନ, ଲୋକସମ୍ପର୍କ ପରିଚାଳକ ପ୍ରଭାତ ସିଂ ଯୋଗଦେଇଥିଲେ। ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ରାଜେଶ କୁମାର ମହାନ୍ତି, କୁହିକା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶାନ୍ତନୁ କୁମାର ମିଶ୍ର, ଆୟୁର୍ବେଦ ବିଭାଗ ଡା. ମଦନ ଗୋପାଳ ସାହୁ ସ୍ଥାନୀୟ ଅଞ୍ଚଳର ୨୧୫ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କମ୍ପାନୀ ପକ୍ଷରୁ ମାଗଣା ଔଷଧ ଦିଆଯାଇଥିଲା। ଲୋକସମ୍ପର୍କ ବରିଷ୍ଠ ଅଧିକାରୀ ମିଳନ ରଞ୍ଜନ କର, ଇଲ୍ଲା ପଣ୍ଡା ଫାଉଣ୍ଡେଶନ ଅଧିକାରୀ ପ୍ରିୟବ୍ରତ ପରିଡ଼ା, ଶମ୍ଭୁନାଥ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ମେଧାବୃତ୍ତି: କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଶିକ୍ଷକଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା କୃତୀ ଛାତ୍ରୀଛାତ୍ର।

ବରୀ,୩।୩(ଡି.ଏନ୍.ଏ.)

ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ବରୀ ଶିକ୍ଷା ମଣ୍ଡଳ ଅଧୀନରେ ୮ ଜଣ ବିଦ୍ୟାର୍ଥୀ କୃତିତ୍ୱ ହାସଲ କରିଛନ୍ତି। ସେଥିମଧ୍ୟରୁ ରାମପୁର ଉଚ୍ଚ ବିଦ୍ୟାଳୟର ୫ ଛାତ୍ରୀ ଶ୍ରୁତି ସଞ୍ଜୋଲିକା ଗିରି, ଅର୍ପିତା ନାୟକ, ଗାୟତ୍ରୀ ସାହୁ, ସ୍ନେହାଂଶୁ ରାଉତ ରହିଛନ୍ତି। ସେମାନଙ୍କୁ ଶୁକ୍ରବାର ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନକୁଳ ଚନ୍ଦ୍ର ଦାସ, କେଦାର ସାମଲ, ଷ୍ଟାଲିନ ଜେନା ଓ ଶିକ୍ଷୟିତ୍ରୀଶିକ୍ଷକ ସମ୍ବର୍ଦ୍ଧିତ କରିଥିଲେ।

## ଖଣି ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସମୀକ୍ଷା

କାଳିଆପାଣି,୩।୩ (ଡି.ଏନ୍.ଏ.)

ଯାଜପୁର ଜିଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ୩୭ ନଂ. ଜୋନ ଜିଲା ପରିଷଦସ୍ତରୀୟ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାଳିଆପାଣି ଖଣି ନିଗମ କଲୋନି କାଟେପୁର୍ତ୍ତି ଅଡିଟୋରିୟମରେ ଆୟୋଜିତ ବୈଠକରେ ଓଡ଼ିଶା ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ବୈଷୟିକ ଶିକ୍ଷା, ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ ଯୋଗଦେଇଥିଲେ। ଗାଁରେ ଚାଲିଥିବା ବିଭିନ୍ନ ବିକାଶମୂଳକ ଯୋଜନାର ଅଗ୍ରଗତି ଓ ତା'ର ସଫଳତା, କାର୍ଯ୍ୟର ମାନ, ଅର୍ଦ୍ଧନିର୍ମାଣ କାର୍ଯ୍ୟକୁ ତୁରନ୍ତ ଶେଷ କରିବା ଏବଂ ଲୋକଙ୍କ ସହ ଯୋଡ଼ି ହୋଇ ରହିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଜିଲା ପରିଷଦ ସଭ୍ୟା ଜେମା ଟାଖି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ସରପଞ୍ଚ ବିକାଶ ପାତ୍ର, ସମିତି ସଭ୍ୟାସଭ୍ୟ ଓ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ଜେ. ଏନ୍. ଟାଟାଙ୍କ ଜନ୍ମବାର୍ଷିକୀ

କାଳିଆପାଣି,୩।୩(ଡି.ଏନ୍.ଏ)

ଟାଟା ଷ୍ଟିଲ ମାଇନିଂ କମ୍ପାନୀ ପକ୍ଷରୁ ସୁକିନ୍ଦା, କମର୍ଦ୍ଦା, ସାରୁଆବିଲ ଖଣିରେ କମ୍ପାନୀର ପ୍ରତିଷ୍ଠାତା ଜେ. ଏନ୍. ଟାଟାଙ୍କ ଜନ୍ମବାର୍ଷିକ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସୁକିନ୍ଦା ଖଣି ପ୍ରଶାସନିକ କାର୍ଯ୍ୟାଳୟ ଓ କମର୍ଦ୍ଦା ଖଣି କାର୍ଯ୍ୟାଳୟରେ ଥିବା ଜେ. ଏନ୍. ଟାଟାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ କମ୍ପାନୀର କର୍ମଚାରୀ, ମାଙ୍କେଡ଼ିଆ ବସ୍ତିର ବାଳିକା ଫୁଟବଲ ଖେଳାଳି, ଷ୍ଟିୱାର୍ଟ ସ୍କୁଲ ଛାତ୍ରୀଛାତ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର, କଲୋନି ଅନ୍ତେବାସୀ । ପରେ କମ୍ପାନୀ ଜିଏମ୍ ସୁଶାନ୍ତ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ସାଇକେଲ ରାଲି ସୁକିନ୍ଦା ଖଣି ଗେଟ୍ ସମ୍ମୁଖରୁ ବାହାରି ବିଭିନ୍ନ ଗାଁ ଦେଇ କମର୍ଦ୍ଦା ଖଣିରେ ପହଞ୍ଚିଥିଲା। ନିଜେ ସୁସ୍ଥ ରହିବା ସହ ସମାଜ ସୁସ୍ଥ ରଖିବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା।





ଜେ. ଏନ୍. ଟାଟାଙ୍କ ଜନ୍ମବାର୍ଷିକୀରେ ଯୋଗଦେଇଥିବା ଅଧିକାରୀ ଓ କର୍ମଚାରୀ।

## 'ବରିଷ୍ଠ ନାଗରିକ ସମାଜର ଆଇନା'

### ଯାଜପୁର ସଦର ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ଯାଜପୁର ସଦର,୩।୩(ଡି.ଏନ୍.ଏ.):





ଯାଜପୁର ସଦର ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଜୀବନ କାଳ ମଧ୍ୟରେ ଅଭିଜ୍ଞତା, ଅନୁଭୂତି ଓ ଜ୍ଞାନ ସାଉଣ୍ଟି ବୟସର ଅପରାହ୍ନରେ ପହଞ୍ଚିବା ପରେ ବରିଷ୍ଠ ନାଗରିକମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥାନ୍ତି। ସେମାନଙ୍କ ଦିଶା ନିର୍ଦ୍ଦେଶକୁ ପାଳନ କଲେ ଭଲ ସମାଜ ଗଢିଉଠିବ। ସେମାନେ ପୂଜ୍ୟ, ସମ୍ମାନ ଯୋଗ୍ୟ। ସେମାନଙ୍କ ସୁରକ୍ଷା ଆମ୍ଭମାନଙ୍କ ଦାୟିତ୍ୱ ବୋଲି ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ ଯାଜପୁର ସଦର ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏକଥା କହିଛନ୍ତି।

ଯାଜପୁର ବ୍ଲକ ବରୁଆଁ ପଞ୍ଚାୟତ କୁସୁନପୁରସ୍ଥିତ ମା'ତାରାଦେବୀ ପୀଠ କଲ୍ୟାଣୀ ମଣ୍ଡପରେ ଗଦାଧର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଉପଦେଶ, ଆଦେଶ, ନିର୍ଦ୍ଦେଶ ସମାଜକୁ ସୁଦୃଢ଼ ପାଇଁ ଏକାନ୍ତ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଜିଲା ଉପଆରକ୍ଷୀ ଅଧୀକ୍ଷକ ସରୋଜ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଯାଜପୁର ସଦର ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକ ସମାଜର ଆଇନା ବୋଲି କହିଥିଲେ। ଏଥିସହିତ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରାଯିବ ବୋଲି ମତପ୍ରକାଶ କରିଥିଲେ। ଜିଲା ପରିଷଦ ସଭ୍ୟା ସୁନୀତା ରାଉତ, ଜିଲା ପରିଷଦ ସଭ୍ୟ ବିନୋଦ ମାଝି, ମହେଶ୍ୱରପୁର ସରପଞ୍ଚ ସୁଜିତ ରାୟ, ବରୁଆଁ ସରପଞ୍ଚଙ୍କ ପ୍ରତିନିଧି ସେକ୍ ଗୋଲାମ ଅଲ୍ଲି, ଜମଧର ସରପଞ୍ଚ ବାଦଲ କୁମାର ଖୁଣ୍ଟିଆ, ସାହାସପୁର ସରପଞ୍ଚ କଳ୍ପନା ଭୂୟାଁ, ଛତିଶଦେବିଲ ସରପଞ୍ଚଙ୍କ ପ୍ରତିନିଧି ବିଶ୍ୱକଲ୍ୟାଣ ଜେନା ଓ ମହେଶ୍ୱରପୁର ସମିତିସଭ୍ୟା ସ୍ମୃତିରେଖା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ମା'ବିରଜାଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଓଝା ବାର୍ଷିକ ବିବରଣୀ ପାଠକରିଥିବାବେଳେ ସାମ୍ବାଦିକ ସମର ବିଜୟସରଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅପରାହ୍ନରେ ଅନୁଷ୍ଠାନର ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ୨୨ ସଦସ୍ୟଙ୍କ ପରଲୋକ ହୋଇଥିବାରୁ ସେମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଚିତ୍ତରଞ୍ଜନ ଦାସ, ଗୁରୁଚରଣ ସାହୁ, ଗଜେନ୍ଦ୍ର ମହାନ୍ତି, ବିରଜାକିଙ୍କର ନାୟକ, ଲକ୍ଷ୍ମୀପ୍ରିୟା ସାହୁ, ବଟକୃଷ୍ଣ ବିଶ୍ୱାଳ, ବିଶ୍ୱନାଥ ରାଉତ, ମାୟାଧର ଲେଙ୍କା ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ କୀର୍ତ୍ତନ ବେହେରା ଧନ୍ୟବାଦ ଦେଇଥିଲେ।

# ନଦୀବନ୍ଧରୁ ୫ ଫୁଟ ମାଟି ନେଇ ରାସ୍ତା ନିର୍ମାଣ

■ ପଟ୍ଟାମୁଣ୍ଡାଇ-ମଦନପୁର ଉତିକଣ ବନ୍ୟାବନ୍ଧ ପୁରୁଣା ରାସ୍ତା
■ ୨ ବର୍ଷ ତଳେ ନିର୍ମାଣ କରାଯାଇଥିଲା

**ପଟ୍ଟାମୁଣ୍ଡାଇ,୩।୩(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବାଇପାସ ପାଖରୁ ବାହାରିଥିବା ପଟ୍ଟାମୁଣ୍ଡାଇ-ରାଜନଗର ଉତିକଣ ଘେରି ବନ୍ଧ ପୁରୁଣା ରାସ୍ତା ଅଞ୍ଚଳବାସୀଙ୍କ ପାଇଁ ଗୁରୁତ୍ୱ ବହନ କରେ। ରାସ୍ତା ନିର୍ମାଣ ଶେଷ ହୋଇ ନ ଥିବା ବେଳେ ପିଚୁ ଉଠି ଯାଉଛି। କୋଟି କୋଟି ଟଙ୍କାର ରାସ୍ତା ନିର୍ମାଣ କାର୍ଯ୍ୟରେ ଜାଲିଆତିର ଗନ୍ଧ ବାରି ହୋଇପଡ଼ିଛି। କାମ ଆରମ୍ଭରୁ ବିଭ୍ରାଟ ଦେଖାଦେଇଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇ ଆସୁଛି। ଏବେ ନଦୀବନ୍ଧରୁ ୫ ଫୁଟ ମାଟି କାଟି ନେଇ ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଏହି ବନ୍ଧ କାର୍ଯ୍ୟ ୨ ବର୍ଷ ତଳେ କରାଯାଇଥିଲା। ଏ ନେଇ କାମ ବନ୍ଦ ଆନ୍ଦୋଳନ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଆଦି ଅନୁଷ୍ଠିତ ହୋଇସାରିଛି। ତେବେ ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ କାର୍ଯ୍ୟ ଠିକ୍ ଭାବେ କରାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ବାରମ୍ବାର ପ୍ରତିଶ୍ରୁତି ଦେଇ ଆସୁଥିଲେ ହେଁ ତାହା ପାଳନ କରାଯାଉନାହିଁ।

ଉତିକଣ ସଂଗ୍ରାମ ପରିଷଦର ଆବାହକ ପ୍ରଶାନ୍ତ ମହାନ୍ତି, ବିଚିତ୍ର ସେନାପତି, ଅର୍ଜ୍ଜୁନ ସାହୁ, ରଞ୍ଜିତ ସେନାପତି, ରମାକାନ୍ତ ଦାସ, ବୁଟୁନା ପଣ୍ଡା, ପ୍ରଦୀପ ପଣ୍ଡା, ନିରଞ୍ଜନ


ଜେସିବି ଦ୍ୱାରା ନଦୀବନ୍ଧରୁ ୫ ଫୁଟ ମାଟି ଖୋଳା ଯାଉଛି।


ନିର୍ମାଣ କରାଯାଇଥିବା ରାସ୍ତା ଉପରୁ ପିଚୁ ଉଠି ଯାଉଛି।

ଦାସ, ବୃନ୍ଦାବନ ପରିଡା, ସର୍ବେଶ୍ୱର ସେଠୀ, ପ୍ରଶାନ୍ତ ସାହୁ ପ୍ରମୁଖ କୁହନ୍ତି, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ସବ୍‌ଡିଭିଜନ ପକ୍ଷରୁ ପଟ୍ଟାମୁଣ୍ଡାଇଠାରୁ ମଦନପୁର ପର୍ଯ୍ୟନ୍ତ ୧୫ କିମି ରାସ୍ତା ୨୧,୧୭, ୭୯,୪୨୩ ଟଙ୍କାରେ କାର୍ଯ୍ୟ କରାଯାଇଛି। ତେବେ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ଆଣି ଉତିକଣ ସଂଗ୍ରାମ ପରିଷଦ ପକ୍ଷରୁ ବର୍ଷେ ହେବ ଆନ୍ଦୋଳନ ଚାଲିଛି। ନିର୍ମାଣାଧୀନ ରାସ୍ତା କାର୍ଯ୍ୟ ଶେଷ ହେବା ପୂର୍ବରୁ ପିଚୁ ଉଠିଯାଇଛି। କେନ୍ଦ୍ରାପଡ଼ାର ଏକ ଠିକା ସଂସ୍ଥା ଏହାର ନିର୍ମାଣ ଦାୟିତ୍ୱ ନେବା ପରେ କାର୍ଯ୍ୟ କରିଥିଲା। ସମ୍ପୃକ୍ତ ଠିକା ସଂସ୍ଥା ପୁରୁଣା ରାସ୍ତା ଉପରେ ପିଚୁ ମିଶା ବଜୁରି ପକାଇ ରୋଲିଂ କରି ଛାଡି ଦେଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ବିଭିନ୍ନ ସ୍ଥାନରୁ ପିଚୁ ଉଠିଯିବାରୁ ସଂଗ୍ରାମ ପରିଷଦ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏ ସମ୍ପର୍କରେ ପଦକ୍ଷେପ ନିଆ ନ ଗଲେ ରାଜରାସ୍ତାକୁ ଓହ୍ଲାଇବାକୁ ଉତିକଣ ସଂଗ୍ରାମ ପରିଷଦ ଓ ଜନସାଧାରଣ ଚେତାବନୀ ଦେଇଛନ୍ତି। ରାସ୍ତା ଦାଢରେ ଥିବା ବହୁ ମୂଲ୍ୟବାନ ଗଛକୁ କଟା ଯାଇଥିବା ବେଳେ ବନ ବିଭାଗ ପକ୍ଷରୁ କୌଣସି ସୂଚନା ରହିନାହିଁ। ଏପଟେ ସରକାରଙ୍କ ବନୀକରଣ ଚାଲିଥିବା ବେଳେ ସେପଟେ କଞ୍ଚାଗଛ ଧ୍ୱଂସ ପାଉଛି। ନିମପୁରଠାରୁ ମଦନପୁର ପର୍ଯ୍ୟନ୍ତ କୌଣସିଠାରେ ଖରାଦିନେ ଆଶ୍ରୟ ନେବାକୁ ଗଛ ରହିନାହିଁ। ଏହି କାର୍ଯ୍ୟକୁ ଠିକ୍ ଭାବେ କରିବାକୁ ନିକଟରେ ରାଜନଗର ବିଧାୟକ ଧ୍ରୁବ ସାହୁ ସ୍ଥାନୀୟ ଅଞ୍ଚଳର ସରପଞ୍ଚ ଓ ଖବରଦାତାମାନଙ୍କୁ ଡାକି ଏକ ତଦାରଖ କମିଟି ଗଠନ କରାଇଥିଲେ। ଏହାସତ୍ତ୍ୱେ ବି ନିମ୍ନମାନର କାର୍ଯ୍ୟ ଚାଲିଛି। ଏହି କାମ ପାଇଁ ଗାର୍ଡୱାଲ ଭୁଶୁଡ଼ି ପଡ଼ିବ। ରାସ୍ତା ମଧ୍ୟ ପିଚୁରେ ଗାଡି ଦବିଯିବା, ଫୁଟ୍‌ପାଥ ନିର୍ମାଣ ନ କରିବା, ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଅପସାରଣ କରା ନ ଯିବା ଆଦି ଅଭିଯୋଗ ହୋଇଥିଲା। ଏବେ ଏହାସହ ଆଉ ଏକ ଫର୍ଦ୍ଦ ଯୋଡି ହୋଇଯାଇଛି। ୨୦୧୮ ମସିହାରେ ନାବାଡ଼ ଅନୁଦାନରେ ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ପକ୍ଷରୁ ଅଳଭାଠାରୁ ମଦନପୁର ପର୍ଯ୍ୟନ୍ତ ପ୍ରାୟ ୧୪ କୋଟି ଟଙ୍କା ବ୍ୟୟରେ ଉତିକଣ ବନ୍ୟା ବନ୍ଧ ବାମପାର୍ଶ୍ୱକୁ ଉଚ୍ଚା କରାଯାଇଥିଲା। ଏହି ବନ୍ଧର ଉନ୍ନତୀକରଣ କାର୍ଯ୍ୟ ହୋଇଥିଲା। ବର୍ତ୍ତମାନ ବ୍ରାହ୍ମଣୀ ବନ୍ୟା ବନ୍ଧ ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ କାର୍ଯ୍ୟ କରୁଥିବା ଠିକାଦାର ୨ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ଉତିକଣ ବନ୍ୟା ବନ୍ଧ ପାର୍ଶ୍ୱରୁ ୫ ଫୁଟ ଓସାରରେ ଜେସିବି ଲଗାଇ ମାଟି ତାଡ଼ି ନିଆଯାଉଛି। ସେହିପରି ଜଳସମ୍ପଦ ବିଭାଗ ଅଧୀନରେ ଥିବା ଅଳଭା କେନାଲ ବନ୍ଧରୁ ମଧ୍ୟ ଠିକାଦାର ଜେସିବି ଲଗାଇ ମାଟି ତାଡ଼ି ନେଇଥିବା ଅଭଯୋଗ କରାଯାଇଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ କନିଷ୍ଠଯନ୍ତ୍ରୀ ମନୋରଞ୍ଜନ ସାହୁଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗକୁ ଚିଠି କରାଯାଇଛି, ହେଲେ ଏ ପର୍ଯ୍ୟନ୍ତ କୌଣସି ଉତ୍ତର ଆସିନାହିଁ। ଏହି ବନ୍ଧର ଦକ୍ଷିଣ ପାର୍ଶ୍ୱରେ ଫୁଟପାଥ ପାଇଁ ପ୍ରଶସ୍ତୀକରଣ କାମ ଚାଲିଛି। ଏହାର ଦାୟିତ୍ୱରେ ଥିବା ଠିକାଦାର ବାହାରୁ ମାଟି ଆଣି ରାସ୍ତାପାର୍ଶ୍ୱରେ ନ ପକାଇ ବନ୍ୟା ବନ୍ଧକୁ ତାଡ଼ି ନେଉଛନ୍ତି। ଫଳରେ ନଦୀବନ୍ଧ ଦୁର୍ବଳ ହୋଇପଡୁଥିବାରୁ ଉତିକଣ ଅଞ୍ଚଳର ଲୋକ ଭୟଭୀତ ହୋଇପଡ଼ିଛନ୍ତି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅଶୋକ ଜେନାଙ୍କୁ ପଚାରିବାରୁ ବିଆର୍‌ଏଫ୍‌ଇ ରାସ୍ତା କାମ ଚାଲିଛି। ଯେଉଁଠି ଖରାପ ହୋଇଥିବା ଅଭିଯୋଗ ହେଉଛି ତାହାକୁ ପୁଣି କରାଯାଉଛି।

## ସଂକ୍ଷେପରେ

### ନିଖୋଜ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଠାବ

କୁଜଙ୍ଗ,୩।୩(ଡି.ଏନ୍.ଏ) :ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପ ୪ ନଂ. ଫାଟକ ସମ୍ମୁଖ ଏକ ଜଙ୍ଗଲିଆ ଜାଗାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ଅଭୟଚାନ୍ଦପୁର ଥାନା ପୋଲିସ ଠାବ କରିଛି। ଖବରପାଇ ଜଗତ୍‌ସିଂହପୁର ଏସ୍‌ପି ରାହୁଲ ପି.ଆର୍. ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ଭିଡିଓ ଗ୍ରାଫି କରି ଫେରିଛନ୍ତି। ମୃତକ ହେଲେ ଏହି ଥାନା ଗଡ଼କୁଜଙ୍ଗ ଗ୍ରାମ ଜଗତପଡ଼ାର ନିରଜ କୁମାର ବେହେରା (୪୫)। ସେ ଗତ ବୁଧବାର ତୈଳ ବିଶୋଧନାଗାର ପ୍ରକଳ୍ପ ଅଞ୍ଚଳକୁ ଏକ ଜରୁରୀ କାମରେ ଆସି ଆଉ ଘରକୁ ଫେରି ନ ଥିଲେ। ପରିବାର ସଦସ୍ୟ ଖୋଜାଖୋଜି କରି ଗୁରୁବାର ସକାଳୁ ନିକଟସ୍ଥ ଡାଳିମ୍ବପୁର ଗ୍ରାମ ରାସ୍ତାର ଏକ ଦୋକାନ ନିକଟରୁ ନିରଜଙ୍କ ବାଇକ୍ ଓ ହେଲମେଟ ପାଇଥିଲେ। ଏ ସମ୍ପର୍କରେ ନିକଟସ୍ଥ ଦୋକାନୀଙ୍କୁ ପଚାରିବାରୁ ଜଣେ ବ୍ୟକ୍ତି ଏଠାରେ ଉକ୍ତ ମୋଟର ସାଇକେଲ ରଖି ସାଙ୍ଗେ ସାଙ୍ଗେ ଆସୁଛି କହି ତୈଳ ବିଶୋଧନାଗାର ସମ୍ମୁଖ ରାସ୍ତା ଆଡ଼କୁ ଚାଲିଯାଇଥିଲେ ବୋଲି କହିଥିଲେ। ଏ ନେଇ ଅଭୟଚାନ୍ଦପୁର ଥାନାରେ ପରିବାର ପକ୍ଷରୁ ନିଖୋଜ ସମ୍ପର୍କିତ ଏତଲା ଦିଆଯାଇଥିଲା। ପୋଲିସ ଓ ଗ୍ରାମବାସୀ ଖୋଜାଖୋଜି କରି ଶୁକ୍ରବାର ସନ୍ଧ୍ୟା ୫ଟାବେଳେ ଡାଳିମ୍ବପୁର ରାସ୍ତାର ଏକ ଜଙ୍ଗଲ ମଧ୍ୟରୁ ନିରଜଙ୍କ ଝୁଲନ୍ତା ମୃତଦେହ ପାଇଥିଲେ। ତାଙ୍କ ମୁହଁରେ କ୍ଷତ ହେବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିବା ଜଣାପଡ଼ିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି, ତଦନ୍ତ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ପରେ ଏହା ହତ୍ୟାକି ଆତ୍ମହତ୍ୟା ସ୍ପଷ୍ଟ ହେବ।

### ଅଭିରାମ ପରମହଂସ ଦେବଙ୍କ ଆଶ୍ରମରେ ଯଜ୍ଞ

ଡେରାବିଶ, ୩।୩(ସ୍ୱ.ପ୍ର.) : ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ପାଣିଓଳାସ୍ଥିତ ଠାକୁର ଶ୍ରୀଅଭିରାମ ପରମହଂସ ଦେବଙ୍କ ଆଶ୍ରମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବ୍ରହ୍ମ ସନାତନ ଯଜ୍ଞ ଓ ଭକ୍ତ ସମ୍ମିଳନୀ ଶୁକ୍ରବାର ଶେଷ ହୋଇଛି। ଏହି ଅବସରରେ ବିଭିନ୍ନ ଦିବସରେ ଅନୁଷ୍ଠିତ ଭକ୍ତ ସମ୍ମିଳନୀରେ ପୁରୀ ଜିଲା କରମଳା ଶାନ୍ତି ଆନନ୍ଦାଶ୍ରମର ସନ୍ନ୍ୟାସୀ ଅନ୍ତର୍ଯ୍ୟାମୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଧର୍ମସଭାରେ କରମଳାର ସନ୍ନ୍ୟାସୀ ହରେକୃଷ୍ଣ ଦାସ, ନୀଳମଣି ଦାସ, ଜନ୍ମେଜୟ ଦାସ ଓ ଆତ୍ମାରାମ ଦାସଙ୍କ ସମେତ ବହୁ ସନ୍ନ୍ୟାସୀ ଯୋଗ ଦେଇଥିଲେ। ତେବେ ଠାକୁରଙ୍କ ଲିଖିତ ସନାତନ ଧର୍ମାର୍ଥ ଗୀତା ଉପରେ ଆଲୋଚନା କରି ମାନବବାଦ ପ୍ରତିଷ୍ଠା ପାଇଁ ଅଭିରାମଙ୍କ ମାର୍ଗଦର୍ଶନ ଉପରେ ଆଲୋକପାତ କରିଥିଲେ। ଏଥିସହ ପ୍ରତ୍ୟେକ ମଣିଷ ଆଧ୍ୟାତ୍ମିକ ଭାବନା ମଧ୍ୟରେ ସମାଜରେ ଜାତି ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିବା ଉପରେ ସନ୍ନ୍ୟାସୀମାନେ ଗୁରୁତ୍ୱାରୋପ କରିଥିଲେ। ଆଞ୍ଚଳିକ ଭକ୍ତ ସମିତି ଦ୍ୱାରା ଏହା ଆୟୋଜିତ ହୋଇଥିଲା। ବୁଧବାରଠାରୁ ଆରମ୍ଭ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞ ଶୁକ୍ରବାର ଶେଷ ହେବା ପରେ ନଗର ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ପରେ ଯଜ୍ଞ ଶେଷ ହୋଇଥିଲା।

# ନାବାଳିକାଙ୍କୁ ଗଣବଳାତ୍କାର, ଥାନାରେ ଜଣେ ଅଟକ

**କେନ୍ଦ୍ରାପଡ଼ା ଅଫିସ, ୩।୩ :**

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଞ୍ଚଳରେ ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ଗୁରୁବାର ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଏହି ଘଟଣାରେ ଜଣେ ଟେଣ୍ଟ ଶ୍ରମିକଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ପୀଡ଼ିତାଙ୍କ ମା'ଙ୍କ ସୂଚନା ଅନୁଯାୟୀ, ଘର ପାଖରେ ଅଷ୍ଟମ ପ୍ରହର ନାମଯଜ୍ଞ ଲାଗି ଟେଣ୍ଟ ବନ୍ଧା ଯାଉଥିଲା। ସନ୍ଧ୍ୟାରେ ଜଣେ ଶ୍ରମିକ ପାଣି ମାଗିବା ପରେ ଝିଅ ନୋଟା ଓ ଗ୍ଲାସ୍ ନେଇ ଯାଇଥିଲା। ତେବେ ସେଠାରୁ ସେ ଆଉ ଫେରି ନ ଥିଲା। ପ୍ରାୟ ୧୫ ମିନିଟ୍ ପରେ ଖୋଜାଖୋଜି କରିବାରୁ ନିକଟସ୍ଥ ଏକ ବୁଦାମୂଳେ ଝିଅ ବେହୋସ୍ ଅବସ୍ଥାରେ ପଡ଼ିଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ଚିକିତ୍ସା ଚାଲିଛି। ଏହି ଘଟଣାରେ ଟେଣ୍ଟ ବାନ୍ଧୁଥିବା ୪ ଶ୍ରମିକ ସାମିଲ ଥିବା ପୀଡ଼ିତାଙ୍କ ମା' ଏତଲାରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଜ୍ୟୋତିରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

# ଆରମ୍ଭ ହେଲା କନିକା ପ୍ରସିଦ୍ଧ ରାଜମେଳଣ


କାଳିକାପୁର ମେଳଣ ପଡିଆରେ ଠାକୁରଙ୍କ ଦୋଳ ବିମାନଙ୍କୁ ଶ୍ରଦ୍ଧାଳୁ ଦେଖୁଛନ୍ତି।

**ରାଜକନିକା, ୩।୩(ଡି.ଏନ୍.ଏ.)**

ରାଜକନିକାର ୬ ଶହ ବର୍ଷ ପୁରୁଣା କନିକା ପ୍ରସିଦ୍ଧ ରାଜମେଳଣ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କନିକାର ମଠ ମନ୍ଦିର ଉତ୍ସବମୁଖର ହୋଇଉଠିଛି। ବିଭିନ୍ନ ମଠ ଓ ମନ୍ଦିରରେ ଭିନ୍ନ ଭିନ୍ନ ନାମରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସୁସଜ୍ଜିତ ବିମାନରେ ମେଳଣ ଉତ୍ସବକୁ ଆସିଥିଲେ। ପରମ୍ପରା ଅନୁଯାୟୀ ବସନ୍ତ ପଞ୍ଚମୀଠାରୁ ବାହାରିଥିବା ଶ୍ରୀଜୀଉମାନେ ଫଗୁଦଶମୀରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ହେବାକୁ ଥିବା ୫ ଦିନିଆ ମେଳଣ ଉତ୍ସବ ଶୁକ୍ରବାର କାଳିକାପୁର ମେଳଣ ପଡ଼ିଆରେ ଏକାଠି ହୋଇଥିଲେ। କାଳିକାପୁର ମେଳଣ କମିଟି ଦ୍ୱାରା ଭୋଗ ଲାଗି କରାଯାଇଥିଲା। ଏହି ଦୋଳ ମେଳଣ ଉତ୍ସବରେ ଗୋପାଳ ଜୀଉ, ବଡ଼ାଗର ଗାଁର ଗୋପୀନାଥ ଜୀଉ, ଗଞ୍ଜାର ନୃସିଂହନାଥ ଜୀଉ, ଗିରିଆର ରାଧାକାନ୍ତ ଜୀଉ, ଆୟତନର କୋଟି ବ୍ରହ୍ମାଣ୍ଡନାଥ, ବାଦରଜାର ଲଚ୍ଛମନ ଜୀଉ, ଜରିସାହି ରଘୁନାଥ ଜୀଉ, ଚେରଣ୍ଟପଡ଼ାର ଦଧିବାମନ ଜୀଉ, କାଳିକାପୁର ବୃନ୍ଦାବନ ଜୀଉ, ମହାଦେଇଆଡ଼ିଆର ରାଜଗୁରୁଙ୍କ ସମେତ ପ୍ରାୟ ୫୦ଟି ବିମାନ ଉତ୍ସବରେ ଶୋଭାବର୍ଦ୍ଧନ କରିଥିଲେ। ଶ୍ରୀଜୀଉମାନେ ସୁସଜ୍ଜିତ ବିମାନରେ ଥାଟ ପଟାଳି ସହ ବାଣ ରୋଶଣି କରି ମେଳଣ ପଡ଼ିଆକୁ ଆସିଥିଲେ। ଏହି ପ୍ରସିଦ୍ଧ କନିକା ମେଳଣରେ କାଳିକାପୁର ମେଳଣ କମିଟି ଅନୁରୋଧରେ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

# ଫାଇନାଲରେ ମା' ଜାଗୁଳାଈ ଟିମ୍ ଯାଜପୁର

## ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି କ୍ରିକେଟ ଟୁର୍ନାମେଣ୍ଟ

**ରାଜନଗର,୩।୩(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଫିରିକିଦାଣ୍ଡି ଖେଳପଡ଼ିଆଠାରେ ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଗୋଲ୍‌ଡେନ କ୍ରିକେଟ ଟିମ୍‌କୁ ହରାଇ ମା' ଜାଗୁଳାଈ କ୍ରିକେଟ ଟିମ୍ ଯାଜପୁର ଫାଇନାଲରେ ପ୍ରବେଶ କରିଛି। ଗୋଲ୍‌ଡେନ କ୍ରିକେଟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ୍ ସଂଗ୍ରହ କରିଥିଲା। ଦଳର ସତ୍ୟରଞ୍ଜନ ସର୍ବାଧିକ ୫୩ ରନ୍ କରିଥିଲେ। ଜବାବରେ ମା' ଜାଗୁଳାଈ କ୍ରିକେଟ ଟିମ୍ ୧୮.୨ ଓଭରରେ ୬ ଉଇକେଟ ହରାଇ ୧୪୫ ରନ୍ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ପ୍ରୀତମ୍ ୩୦ ରନ୍ ଓ ଗୋଟିଏ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟକୁ ସଚ୍ଚିଦାନନ୍ଦ ପାତ୍ର, ପ୍ରଦୀପ ନାୟକ, ଗୁରୁଚରଣ ବରାଳ, ତନୁଜ ସାହୁ, ଅଞ୍ଜନ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ମନ୍ମଥ ମଲ୍ଲିକ, ସହଦେବ ସାହୁ, ସୌଭାଗ୍ୟ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ରବିବାର ବାଲାବାବା କ୍ରିକେଟ ଟିମ୍ କେନ୍ଦ୍ରାପଡ଼ା ସହିତ ମା' ଜାଗୁଳାଈ କ୍ରିକେଟ ଟିମ୍ ଯାଜପୁର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟର କର୍ମକର୍ତ୍ତାମାନେ କହିଛନ୍ତି।

# ଭାଜପା ପକ୍ଷରୁ ଥାନାରେ ଏତଲା



ଭାଜପା ନେତା ତେଜେଶ୍ୱର ପରିଡ଼ା କୁଦାନଗରୀ ଥାନାରେ ଏତଲା ଦେଉଛନ୍ତି।

**ପାଟକୁରା/ରାଜନଗର/ପଟ୍ଟାମୁଣ୍ଡାଇ, ୩।୩ (ଡି.ଏନ୍.ଏ./ସ୍ୱ.ପ୍ର.)**

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଓ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁ ରହସ୍ୟ ଲୋକଲୋଚନକୁ ଆଣିବା ଲାଗି ଫେବୃୟାରୀ ୨୮ରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିଧାନସଭା ଘେରାଉ କରାଯାଇଥିଲା। ହେଲେ ପୂର୍ବ ପ୍ରାୟୋଜିତ କେତେଜଣ ସାଧା ପୋଷାକଧାରୀ ପୋଲିସ କର୍ମୀ ଓ ଶାସକ ଦଳର ଗୁଣ୍ଡାମାନେ ଯୁବ ମୋର୍ଚ୍ଚା କାର୍ମକର୍ତ୍ତାଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନଷ୍ଠାନ ଗ୍ରହଣ କରିଥିଲେ। ଭାଜପା ଯୁବମୋର୍ଚ୍ଚାର କର୍ମକର୍ତ୍ତାଙ୍କୁ ମରଣାନ୍ତକ ଆକ୍ରମଣ ଓ ବେଆଇନ ଭାବେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହା ବିରୋଧରେ ପୋଲିସ ଡିଜିପି ସୁନୀଲ ବଂଶଲ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପ୍ରତୀକ ସିଂଙ୍କ ନାମରେ ଶୁକ୍ରବାର ଭାଜପା ପକ୍ଷରୁ ପାଟକୁରା ଓ କୁଦାନଗରୀ ଥାନାରେ ଏତଲା ଦିଆଯାଇଛି। ଏହି ଅବସରରେ ପାଟକୁରା ଭାଜପା ନେତା ତଥା ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡାଙ୍କ ନେତୃତ୍ୱରେ ଭାଜପା ବରିଷ୍ଠ ନେତା ପ୍ରସନ୍ନ ପଣ୍ଡା, ପୂର୍ବତନ ସରପଞ୍ଚ ବିଭୂତି ପରିଡ଼ା, ପୂର୍ବତନ ସମିତିସଭ୍ୟ ଚିତ୍ତରଞ୍ଜନ ଚୌଧୁରୀ, ଭାଜପା କର୍ମୀ ବିଜୟ ନାୟକ, ମିହିର ସାମଲ, ଲକ୍ଷ୍ମୀପ୍ରିୟା ପତି, ଅମିୟ ସାହୁ, ଗୁରୁଚରଣ ଜେନାଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

ସେହିପରି ରାଜନଗର ଥାନାରେ ଡିଜିପି, କମିଶନର ଓ ଡିସିପିଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜନଗର ଭାଜପା ପକ୍ଷରୁ ଅଜୟ ବେହେରା, ପ୍ରଦୀପ ଦାସ, ଶ୍ରୀଧର ପ୍ରଧାନ, ଶ୍ରୀନିବାସ ମହାରଣା, ପବିତ୍ର ପଡିଆରୀ, ଗଜେନ୍ଦ୍ର ରାୟଙ୍କ ସମେତ କର୍ମକର୍ତ୍ତା ଏତଲା ଦେଇଛନ୍ତି।

ପଟ୍ଟାମୁଣ୍ଡାଇ ଭାଜପା ପକ୍ଷରୁ ରାଜନଗର ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁନାକର ପ୍ରଧାନଙ୍କ ନେତୃତ୍ୱରେ କର୍ମକର୍ତ୍ତା ବିଜୟ କୁମାର ରାଉତ, ପ୍ରମୋଦ କୁମାର ସାହୁ, କାଉନସିଲର ବିଦ୍ୟାଧର ସେଠୀ, କାଉନସିଲର ପ୍ରତିନିଧି ଦୀପକ କୁମାର ମଲିକ, ପଟ୍ଟାମୁଣ୍ଡାଇ ନଗର ସମ୍ପାଦକ ରବୀନ୍ଦ୍ର ବିଶ୍ୱାଳ, ପୂର୍ବତନ ନଗର ସଭାପତି ଉପେନ୍ଦ୍ର ନାୟକ ପ୍ରମୁଖ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ତପନ କୁମାର ରାଉତଙ୍କୁ ଲିଖିତ ଏତଲା ଦେଇଥିଲେ।

# ସୁସ୍ଥ ସମାଜ ପାଇଁ ମହିଳାଙ୍କ ଦାନ ଅତୁଳନୀୟ


ଉତ୍ସବରେ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ବକ୍ତବ୍ୟ ରଖୁଛନ୍ତି।

**କେନ୍ଦ୍ରାପଡ଼ା ଅଫିସ, ୩।୩**

ଏକ ସୁସ୍ଥ ସମାଜ ଗଠନରେ ନାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନାରୀମାନେ ଶୃଙ୍ଖଳିତ ହେଲେ ସୁସ୍ଥ ସମାଜ ଗଠନ ସହଜ ହେବା ସହ ଦାନ ଅତୁଳନୀୟ ବୋଲି କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଚାରିଗାଁ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଉଦ୍‌ଘାଟନ କରି ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଶୁକ୍ରବାର କହିଛନ୍ତି। ପ୍ରାତଃକାଳରୁ ଶଯ୍ୟା ତ୍ୟାଗ କରି ସ୍ନାନାଦି କର୍ମ ସାରି ଗୀତା, ଭାଗବତ ପାଠ ପୂର୍ବକ ତୁଳସୀ ବୃକ୍ଷ ମୂଳରେ ଜଳ ଲାଗି କରିବା ଉଚିତ। ପିତାମାତାଙ୍କ ସେବା କରିବା ସହ ପରିବାରକୁ ସକ୍ଷମ କରାଇବା ମହିଳାଙ୍କ ଦାୟିତ୍ୱ ହୋଇଛି। ଏଥିସହ ନାରୀମାନେ ଉପାର୍ଜନ କ୍ଷମ ହୋଇ ନିଜ ପରିବାର ସହ ଗ୍ରାମ, ପଞ୍ଚାୟତ, ଜିଲା ଓ ଦେଶ ଗଠନରେ ସହାୟକ ହେଉଛନ୍ତି ବୋଲି ଶ୍ରୀମା କହିଥିଲେ। ଏକ ନିଶାମୁକ୍ତ ରାଜ୍ୟ ଗଠନରେ ନିଜକୁ ସାମିଲ କରି ଏକ ସୁସ୍ଥ ସମାଜ ଓ ସୁସ୍ଥ ଭାରତ ଗଠନ କରିବାକୁ ସେ ଏଠାରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରୋଜିନୀ କବି, ଧ୍ରୁବ ଚରଣ ପାତ୍ର, ଶରତ ଚନ୍ଦ୍ର ପାତ୍ର, ଅରକ୍ଷିତ ପରିଡା, ମାନସ କୁମାର ପରିଡା, ଶ୍ରୀଧର ରାଉତ, ହେମନ୍ତ ପ୍ରଧାନଙ୍କ ସମେତ ଶ୍ରଦ୍ଧାଳୁ ଓ ଭକ୍ତମାନେ ଉପସ୍ଥିତ ଥିଲେ।

# ବିପଦରେ ଧଳତଙ୍ଗଗଡ଼ ଜଙ୍ଗଲୀ ହରିଣଙ୍କ ଜୀବନ

■ ଖାଦ୍ୟ ଅନ୍ୱେଷଣରେ ଆସି ମରୁଛନ୍ତି
■ ଢିଲା ସୁରକ୍ଷା ବ୍ୟବସ୍ଥାକୁ ଦାୟୀ
■ ସ୍ଥାୟୀ ପ୍ରାଚୀର ନିର୍ମାଣ ପାଇଁ ଦାବି

**ରଘୁନାଥପୁର, ୩।୩(ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଗୋପାଳପୁର ଗାଁ ସହ ୭ଟି ପଞ୍ଚାୟତ ପରିସୀମାକୁ ଲାଗି ଧଳତଙ୍ଗଗଡ ଜଙ୍ଗଲ ରହିଛି। ଏହା ମଧ୍ୟରେ ଥିବା ହରିଣଙ୍କ ଜୀବନ ବିପଦପୂର୍ଣ୍ଣ ହୋଇଛି। ଜଙ୍ଗଲ ଚତୁଃପାର୍ଶ୍ୱରେ ପ୍ରାଚୀର ନ ଥିବାରୁ ରାତିରେ ହରିଣ ପଲ ଖାଦ୍ୟ ଅନ୍ୱେଷଣରେ ବାହାରକୁ ଚାଲି ଆସି ବୁଲା କୁକୁରଙ୍କ ଆକ୍ରମଣ, ରେଳ ଲାଇନ୍‌ରେ କଟି ଜୀବନ ହରାଉଛନ୍ତି। ବିଗତ କେତେବର୍ଷ ମଧ୍ୟରେ ଏଭଳି ଭାବେ ଅନେକ ହରିଣଙ୍କ ମୃତ୍ୟୁ ହୋଇଛି। ଅନେକ ହରିଣକୁ ଲୋକେ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିବା ନଜିର ରହିଛି। ଗତ ମଙ୍ଗଳବାର ସକାଳୁ ସ୍ଥାନୀୟ ତଅଁରା ପଞ୍ଚାୟତ ଶାଳିଜଙ୍ଗା ସ୍କୁଲ ପଛ ପାର୍ଶ୍ୱରୁ ଏକ ହରିଣ ମୃତଦେହ ଲୋକେ ଠାବ କରିଥିଲେ। ବୁଲା କୁକୁର ଆକ୍ରମଣ କରି ତାର ମାଂସ ଖାଇ ଯାଇଥିଲେ। ବନ ବିଭାଗ ହରିଣ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରାଇ ଥିଲେ। ପରେ ଗୋବିନ୍ଦାପୋଖରୀସ୍ଥିତ ରେଞ୍ଜ ଅଫିସ ପାଖରେ ମୃତଦେହକୁ ପୋତି ଦିଆଯାଇଥିବା ରେଞ୍ଜର କହିଛନ୍ତି।

ୱାଇଲ୍ଡ ଲାଇଫ୍ ଆନିମଲ୍‌ଙ୍କ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଥିବାବେଳେ ଉକ୍ତ ଜଙ୍ଗଲରେ ହରିଣ ପଲ ସୁରକ୍ଷିତ ନୁହନ୍ତି ବୋଲି ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନର ସମ୍ପାଦକ ଇଂ. ବାବାଜୀ ଚରଣ ଜେନା ପ୍ରକାଶ କରିଛନ୍ତି। ସେହିପରି ପ୍ରତିବର୍ଷ ଜଙ୍ଗଲକୁ ବହୁ ସଂଖ୍ୟକ ଲୋକ ପିକ୍‌ନିକ୍‌ରେ ଆସି ବଣଭୋଜି କରିଥାନ୍ତି। ସେମାନେ ଜଙ୍ଗଲୀ ପରିବେଶର ମଜା ନେବା ସହ ବେଳେବେଳେ ଏହା ଭିତରେ ଥିବା ହରିଣଙ୍କୁ ଦେଖି ଖୁସି ଅନୁଭବ କରିଥାନ୍ତି। ବହୁବର୍ଷ ଧରି ଜଙ୍ଗଲ ଚତୁଃପାର୍ଶ୍ୱରେ ସ୍ଥାୟୀ ପ୍ରାଚୀର ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ସୁଦ୍ଧା ବିରଳ ତୃଣଭୋଜି ପ୍ରାଣୀଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ହେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ରାତିରେ ହରିଣ ପଲଙ୍କ ଗତିବିଧି ଉପରେ ନଜର ରଖିବାକୁ ବନ ବିଭାଗ ପକ୍ଷରୁ କର୍ମଚାରୀ ନିୟୋଜିତ ହୋଇଥିଲେ ସୁଦ୍ଧା ଏମାନଙ୍କ କର୍ମ ତତ୍ପରତାର ଅଭାବ ଯୋଗୁ ହରିଣମାନେ ମୃତ୍ୟୁ ମୁଖରେ ପଡୁଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ହରିଣପଲ ପାର୍ଶ୍ୱବର୍ତ୍ତୀ ଗାଁର ଚାଷଜମିରେ ପଶି ହୋଇଥିବା ଧାନ, ମୁଗ, ବିରି ଓ ପନିପରିବା ଜାତୀୟ ଫସଲ ଉଜାଡି ଦେଉଛନ୍ତି। ବନ ବିଭାଗ ଏହାର କ୍ଷତିପୂରଣ ବାବଦରେ ବାର୍ଷିକ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। ଯଦି ଚତୁଃପାର୍ଶ୍ୱରେ ହରିଣଙ୍କ ସୁରକ୍ଷା ପାଇଁ ସ୍ଥାୟୀ ପ୍ରାଚୀର ଓ ଜଙ୍ଗଲ ପରିସରରେ ବିଭିନ୍ନ ସ୍ଥାନରେ ଘାସ ଚାଷ କରାଯାନ୍ତ ତାହା ହେଲେ କ୍ଷତିପୂରଣ ପ୍ରଦାନରୁ ବନ ବିଭାଗ କ୍ଷାନ୍ତ ରହିବା ସହ ତୃଣଭୋଜି ପ୍ରାଣୀ ମୃତ୍ୟୁମୁଖରେ ପଡ଼ନ୍ତେ ନାହିଁ ବୋଲି ବୁଦ୍ଧିଜୀବୀ ଦିଲୀପ କୁମାର ରଥ, ସରପଞ୍ଚ ବଟକୃଷ୍ଣ ନାୟକ, ପରିବେଶବିତ୍ ପାର୍ଥଶାଖା ପାଲଟାସିଂ ପ୍ରକାଶ କରିଛନ୍ତି। ସରକାର ଯଦି ଏଥିପ୍ରତି ସଚେତନ ନ ହୁଅନ୍ତି ଆଗାମୀଦିନରେ ଅନେକ ହିରଣଙ୍କ ଜୀବନ ବଳି ପଡିଯିବ। ଏ ସମ୍ପର୍କରେ ରବି ନାରାୟଣ ମହାନ୍ତିଙ୍କୁ ପଚାରିବାରେ ରାତିରେ ୭ରୁ ୮ ଜଣ କର୍ମଚାରୀଙ୍କୁ ହରିଣଙ୍କ ସୁରକ୍ଷା ପାଇଁ ନିୟୋଜିତ କରାଯାଇଛି। ସେ ନିଜେ ଏହାକୁ ତଦାରଖ କରୁଛନ୍ତି। ପ୍ରାଚିର କରିବା ସରକାରଙ୍କ ପାଖରେ ବିଚାରଧୀନ ରହିଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ଦଶପଲ୍ଲା,୩।୩ (ଡି.ଏନ୍.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଶିମିଳିସାହି ପଞ୍ଚାୟତ ଜଗାପୁର ଗ୍ରାମର ଜିତୁ ପ୍ରଧାନ (୩୨) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଜିତୁ ୨ ବର୍ଷ ତଳେ ତେଣ୍ଡାବାଡି ଗ୍ରାମରେ ବିବାହ କରିଥିଲେ। ତାଙ୍କର ୨ ବର୍ଷର ପୁଅ ଅଛନ୍ତି। ଶୁକ୍ରବାର ସକାଳୁ ସେ ଶଶୁର ଘରକୁ ଯାଇ ପୁଅ ଓ ସ୍ତ୍ରୀଙ୍କ ଆଧାରକାର୍ଡ ଆଣି ଘରକୁ ଫେରିଥିଲେ। ଏହାପରେ ସେ କୀଟନାଶକ ପିଇ ଆତ୍ମହତ୍ୟା କରିଥିଲେ। ତେବେ ସେ କେଉଁ କାରଣରୁ ଏପରି ପଦକ୍ଷେପ ଗ୍ରହଣ କଲେ ଜଣାପଡିନାହିଁ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଗଞ୍ଜେଇ ଚାଲାଣକାରୀଙ୍କୁ ୧୦ ବର୍ଷ କାରାଦଣ୍ଡ

**ନୟାଗଡ଼ ଅଫିସ,୩।୩:** ନୟାଗଡ଼ ଜିଲା ଜଜ ରୂପଶ୍ରୀ ଚୌଧୁରୀଙ୍କ କୋର୍ଟରେ ଶୁକ୍ରବାର ଗଞ୍ଜେଇ ଚାଲାଣକାରୀ ତଥା ଫତେଗଡ଼ ଥାନା ପିଠାଖାଇ ଗାଁର ସନ୍ତୋଷ ଲେଙ୍କାଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୧ ଲକ୍ଷ ଜରିମାନା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବେ ବୋଲି କୋର୍ଟ କହିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଜାନୁୟାରୀ ୧୩ରେ ସନ୍ତୋଶ ୯୬ କେଜି ଗଞ୍ଜେଇ ନେଇ ସ୍ଥାନୀୟ ଛକରେ ଠିଆ ହୋଇଥିଲେ। ଏହି ସମୟରେ କଟକ ସ୍ପେଶାଲ ସ୍କ୍ୱାର୍ଡ ତାଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୬୨/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହାକୁ ସରକାରୀ ଓକିଲ ପ୍ରମୋଦ କୁମାର ବିଶ୍ୱାଳ ପରିଚାଳନା କରୁଥିଲେ।

### ଝାଡ଼ାବାନ୍ତିରେ ୧୧ ଛାତ୍ରୀ ଆକ୍ରାନ୍ତ

**ଆର.ଉଦୟଗିରି,୩।୩(ଡି.ଏନ୍.ଏ.):** ଗଜପତି ଜିଲା ମୋହନା ବ୍ଲକ ଅନ୍ତରବା କନ୍ୟା ଆଶ୍ରମରେ ୧୧ ଜଣ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୬ଜଣ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ସୁସ୍ଥହୋଇ ବିଦ୍ୟାଳୟକୁ ଫେରିଛନ୍ତି। ଗୁରୁବାର ସକାଳେ ଅନ୍ତରବା କନ୍ୟା ଆଶ୍ରମର ଛାତ୍ରୀମାନେ ଆଶ୍ରମରେ ରୋଷେଇ ହୋଇଥିବା ଖାଦ୍ୟ ଖାଇବା ପରେ ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟକୁ ଯାଇଥିଲେ। ପାଠପଢ଼ା ହେବାର କିଛି ସମୟ ପରେ ଛାତ୍ରୀମାନେ ଅସୁସ୍ଥ ଅନୁଭବ କରିଥିଲେ। ପରେ ସେମାନଙ୍କୁ ଝାଡ଼ାବାନ୍ତି ଆରମ୍ଭ ହୋଇଯାଇଥିଲା। କନ୍ୟାଶ୍ରମର ସ୍ୱାସ୍ଥ୍ୟକର୍ମୀ ସେମାନଙ୍କୁ କିଛି ଔଷଧ ଦେଇଥିଲେ ମଧ ଝାଡ଼ାବାନ୍ତି ବନ୍ଦ ହୋଇନଥିଲା। ୧୧ ଜଣଙ୍କ ମଧ୍ୟରୁ ୬ ଜଣ ଗୁରୁତର ଥିଲେ। ସଙ୍ଗେ ସଙ୍ଗେ ବିଦ୍ୟାଳୟର ଶିକ୍ଷକମାନେ ୬ ଛାତ୍ରୀଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଚିକିତ୍ସା ପରେ ଶୁକ୍ରବାର ସମସ୍ତ ଛାତ୍ରୀ ସୁସ୍ଥହୋଇ ବିଦ୍ୟାଳୟକୁ ଫେରିଥିଲେ ବୋଲି ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ଡ଼ାକ୍ତରଙ୍କ ତରଫରୁ ସୂଚନା ମିଳିଛି। ପୁଣି ଅପରାହ୍ନରେ ୬ଜଣ ଆକ୍ରାନ୍ତ ହୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

# ନିଷ୍ପତ୍ତି କାର୍ଯ୍ୟକାରୀ ହେଉ ନ ଥିବାରୁ ଉଦ୍‌ବେଗ

## ମୋ ସ୍କୁଲ ଅଭିଯାନ କମିଟି ବୈଠକ

**ଖଣ୍ଡପଡ଼ା,୩।୩ (ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠରେ ମୋ ସ୍କୁଲ ଅଭିଯାନ ଓ ବିଦ୍ୟାଳୟ ପରିଚାଳନା କମିଟିର ଏକ ମିଳିତ ବୈଠକ ଗୁରୁବାର ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଡ. ଅର୍ଜୁନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଭାପତି ନୀଳମାଧବ ଜୀଉଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଧାନ ଶିକ୍ଷକ ତଥା ମୋ ସ୍କୁଲ ଅଭିଯାନ କମିଟିର ସମ୍ପାଦକ ମନୋଜ କୁମାର ନାୟକଙ୍କ ପରାମର୍ଶ କ୍ରମେ ସହକାରୀ ଶିକ୍ଷକ ବିଶ୍ୱନାଥ ମହାରଣା ବିବରଣୀ ପାଠ କରିଥିଲେ । ୬ମାସ ପୂର୍ବରୁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା କୌଣସି ଗୋଟିଏ ପ୍ରସ୍ତାବ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା ।

ବିଦ୍ୟାଳୟରେ ଦୀର୍ଘବର୍ଷରୁ ପଡି ରହିଥିବା ଆସବାବପତ୍ର, ପୁରୁଣା ଟିଣ ସହିତ ଅବ୍ୟବହୃତ କାଠ ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀଗୁଡିକ ବିଦ୍ୟାଳୟର ଏକ କୋଠରୀରେ ମହଜୁଦ ରହି ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି । ସରୀସୃପଙ୍କ ଯୋଗୁ ବିପଦର ଆଶଙ୍କା ରହିଛି । ତା'ଛଡା କାଠ ସାମଗ୍ରୀଗୁଡିକ ଉଇଖାଇ ନଷ୍ଟ ହୋଇ ଯାଉଥିବାରୁ ସେଗୁଡିକ ତୁରନ୍ତ ନିଲାମ କରି ସେହି ଅର୍ଥକୁ ମୋ ସ୍କୁଲ ଆକାଉଣ୍ଟରେ ଜମା କରାଯିବାକୁ ନିଷ୍ପତ୍ତି କରାଯାଇଥିଲା । ମାତ୍ର ସମ୍ପାଦକ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ମହାରଣା, ଅଖିଳ କୁମାର ମହାରଣା, ସରୋଜ କୁମାର ମିଶ୍ର, ପ୍ରଭାକର ଶିରୋମଣୀ କ୍ଷୋଭ ପ୍ରକାଶ କରିଥିଲେ ।

ସେହିପରି ୫-ଟି ରୂପାନ୍ତରୀକରଣ ଯୋଜନାରେ ବିଦ୍ୟାଳୟ ପ୍ରବେଶ ପଥ ଗଡ଼ାରେ ଲଗା ଯାଇଥିବା ଖସଡ଼ା ଟାଇଲ ଯୋଗୁ ବର୍ଷା ସମୟରେ ଗୋଡ଼ଖସି ପିଲାମାନେ ପଡୁଛନ୍ତି । ସେହି ଟାଇଲଗୁଡ଼ିକୁ ତୁରନ୍ତ ବାହାର କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରାଯିବାକୁ ନିଷ୍ପତ୍ତି କରାଯାଇଥିଲେ ମଧ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲ୍ଲୀପ କୁମାର ସାହୁ ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ପ୍ରସ୍ତାବ ରଖିଥିଲେ । ବିଦ୍ୟାଳୟର ଆୟବ୍ୟୟ ସଂକ୍ରାନ୍ତରେ ପଠନ କରାଯାଇଥିଲା। ତେବେ ବିଦ୍ୟାଳୟ ଅର୍ଥରେ କମ୍ପ୍ୟୁଟର, ପେନଡ୍ରାଇଭ, ୟୁପିସି ଇତ୍ୟାଦି ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ କ୍ରୟ କରାଯାଉଥିଲେ ମଧ ସେଗୁଡ଼ିକର ଉଚିତ ମୂଲ୍ୟ କେତେ ତାହା ସ୍ପଷ୍ଟ ହେଉ ବୋଲି ସଦସ୍ୟମାନେ କହିଥିଲେ । ଶେଷରେ ସହକାରୀ ଶିକ୍ଷୟତ୍ରୀ ମାମୀ ଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


ମୋ ସ୍କୁଲ ଅଭିଯାନ କମିଟି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ।

# ଦଶପଲ୍ଲା ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ କାମ ଆରମ୍ଭ ହେବ

**ଦଶପଲ୍ଲା,୩।୩(ଡି.ଏନ.ଏ.)**

ବହୁ ପ୍ରତୀକ୍ଷିତ ଦଶପଲ୍ଲା ଅଞ୍ଚଳର ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ କାମ ଆରମ୍ଭ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହିପ୍ରକଳ୍ପକୁ ଅଗ୍ରାଧିକାର ଭିତ୍ତିରେ ପ୍ରାଧାନ୍ୟ ଦିଆଯାଇ ୫ ବର୍ଷ ମଧରେ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଛି । ୫-ଟି ପରିସର ଭୁକ୍ତ ରାଜ୍ୟର ୬ ଜଳ ସେଚନ ପ୍ରକଳ୍ପ ମଧ୍ୟରେ ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳର ବୃତ୍ତଙ୍ଗ ପ୍ରକଳ୍ପ ଅନ୍ୟତମ। ଅନ୍ୟ ପ୍ରକଳ୍ପଗୁଡ଼ିକ ହେଲା ନବରଙ୍ଗପୁର ଜିଲାର ନବରଙ୍ଗପୁର ବାମ ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ଜିଲାର ଅମରନାଥ ପ୍ରକଳ୍ପ, ଅନୁଗୋଳ ଜିଲାର ସମାକୋଇ ପ୍ରକଳ୍ପ, ଗଞ୍ଜାମ ଜିଲାର ପିପଲିପଙ୍କା ପ୍ରକଳ୍ପ ଓ ମୟୂରଭଞ୍ଜ ଜିଲାର ଖଇରିବନ୍ଧ ପ୍ରକଳ୍ପ । ବୃତ୍ତଙ୍ଗ ଜଳ ସେଚନ ପ୍ରକଳ୍ପ ପେଜ-୧ ପାଇଁ ଅନୁମତି ମିଳିସାରିଥିବା ବେଳେ ଷ୍ଟେଜ-୨ ଅନୁମତି ପାଇଁ ବିଳମ୍ବ ଘଟିଛି । ରାଜ୍ୟ ସରକାର ୫-ଟି ଯୋଜନାରେ ଏହି ପ୍ରକଳ୍ପକୁ ସାମିଲ କରିଥିବାରୁ ନୟାଗଡ଼ ଜିଲା ଓ ଦଶପଲ୍ଲା ଅଞ୍ଚଳବାସୀଙ୍କ ମଧ୍ୟରେ ଉକ୍ତ ପ୍ରକଳ୍ପର ଅଗ୍ରଗତି ନେଇ ଆଶା ସଞ୍ଚାର ହୋଇଛି। ଏ ସମ୍ପର୍କରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା କହିଛନ୍ତି, ଅଳ୍ପ ଦିନ ମଧ୍ୟରେ ପ୍ରକଳ୍ପ କାମ ଆରମ୍ଭ କରାଯିବ । ଏଥିପାଇଁ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି ।

# ଜେଲ ଗଲେ ମଦ ବ୍ୟବସାୟୀ

**ନୟାଗଡ଼ ଅଫିସ,୩।୩**

ନୟାଗଡ଼ ସଦର ଥାନା ପୋଲିସ ବୋଦାପଡାର ମଦ ବ୍ୟବସାୟୀ ଜଗବନ୍ଧୁ ଷଣ୍ଢ(୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୩୮/୨୩) ରୁଜୁ କରିଥିଲା । ଜଗବନ୍ଧୁ ବହୁ ଦିନ ହେବ ମଦ ବ୍ୟବସାୟ କରି ଆସୁଥିଲେ ବୋଲି ଅଭିଯୋଗ ହୋଇ ଆସୁଥିଲା । ଗୁରୁବାର ପୋଲିସ ତାଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ କରିଥିଲା ।

# ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ଲୋକାର୍ପିତ

- ବିଚାରପତି,କର୍ମଚାରୀଙ୍କ କ୍ୱାର୍ଟର୍ସ ଶିଳାନ୍ୟାସ
- ରଘୁନାଥଜୀଉଙ୍କ ଦର୍ଶନ କଲେ ବିଚାରପତି

**ଓଡ଼ଗାଁ,୩।୩ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ କୋର୍ଟ କମ୍ପଲେକ୍ସରେ ଶୁକ୍ରବାର ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟ ଉଦଘାଟନ ହୋଇଛି । ହାଇକୋର୍ଟ ବିଚାରପତି ତଥା ନୟାଗଡ଼ ଜିଲା ପ୍ରଶାସନିକ ବିଚାରପତି ଭି.ନରସିଂହ ଜେ ଓ ହାଇକୋର୍ଟର ବରିଷ୍ଠ ବିଚାରପତି ତଥା ବିଲ୍ଡିଂ କମିଟି ଅଧ୍ୟକ୍ଷ ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଏହି କୋର୍ଟକୁ ମିଳିତ ଭାବେ ଉଦଘାଟନ କରିଥିଲେ । ଏହା ସହିତ ଅତିରିକ୍ତ ଜିଲା ଦୌରାଜଜଙ୍କ ନିମନ୍ତେ ବି/୧ ଟାଇପ, ବରିଷ୍ଠ ସିଭିଲ ଜଜଙ୍କ ପାଇଁ ସି ଟାଇପ ବାସଭବନ ଏବଂ ଅନ୍ୟ କର୍ମଚାରୀଙ୍କ ପାଇଁ ୮ଟି ଏଏଫ୍ ଟାଇପ୍ ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ ପାଇଁ ସିଭିଲ କୋର୍ଟ ପରିସରରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପରିପ୍ରେକ୍ଷୀରେ ଓଡ଼ଗାଁ ବାର ଆସୋସିଏଶନ ସଭାପତି ଇନ୍ଦୁଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ସଭାରେ ଉଭୟ ବିଚାରପତିଙ୍କ ସହିତ ହାଇକୋର୍ଟ ରେଜିଷ୍ଟ୍ରାର (ପ୍ରଶାସନିକ) ଅନୀଲ ପଣ୍ଡିମକବାଟ, ଜିଲା ଜଜ୍ ରୂପଶ୍ରୀ ଚୌଧୁରୀ, ଜିଲାପାଳ ରବିନ୍ଦ୍ର ନାଥ ସାହୁ, ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହିଙ୍କ ସହିତ ଜିଲାର ବିଭିନ୍ନ ବାର ଆସୋସିଏଶନ କର୍ମକର୍ତ୍ତା ଉପସ୍ଥିତ ଥିଲେ । ବିଚାରପତି ଜଷ୍ଟିସ ଷଡ଼ଙ୍ଗୀଙ୍କ ଆଦର୍ଶ କୋର୍ଟ ପରିକଳ୍ପନାକୁ ପୂର୍ବତନ ହାଇକୋର୍ଟ ବିଚାରପତି ବିନିତ ଶରଣ ମଞ୍ଜୁରୀ କରିଥିବା ବେଳେ ଏହାକୁ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ କରାଯାଇଛି । ଏଥିମଧ୍ୟରୁ ଦେଶରେ ସର୍ବପ୍ରଥମେ ଓଡ଼ଗାଁ କୋର୍ଟ ବାସ୍ତବ ରୂପନେଉଥିବା ବେଳେ ଏହା ଅନ୍ୟ ରାଜ୍ୟ ପାଇଁ ଏହା ଉଦାହରଣ ସୃଷ୍ଟି କରିଛି। ବରିଷ୍ଠ ଓକିଲମାନେ କନିଷ୍ଠଙ୍କୁ ଉଚିତ ମାର୍ଗ ଦର୍ଶନ ଦେବା, ସବୁସ୍ତରର କର୍ମଚାରୀ ସୁରକ୍ଷିତ ରହିବା ତଥା ସାଧାରଣ ଲୋକଙ୍କ ନ୍ୟାୟପାଳିକା ଉପରେ ଭରସା ରହିଲେ ଲୋକେ ସମୟୋଜିତ ନ୍ୟାୟ ପାଇ ପାରିବେ ବୋଲି ବିଚାରପତି ନରସିଂହ ଓ ଷଡ଼ଙ୍ଗୀ କହିଥିଲେ । ଏହି କାର୍ଯ୍ୟକ୍ରମ ପରେ ବିଚାରପତିଙ୍କ ସହିତ ସମସ୍ତ ଅତିଥି ଶ୍ରୀରଘୁନାଥମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ ।


ରଘୁନାଥଜୀଉ ମନ୍ଦିରରେ ବିଚାରପତି ଓ ବିଭାଗୀୟ ଅଧିକାରୀ ।

# ବିଚାର ବିଭାଗୀୟ ଅଦାଲତ ନୂତନ ଗୃହର ଭୂମି ପୂଜା



ଭୂମିପୂଜନ ଉତ୍ସବରେ ଯୋଗଦେଇଥିବା ବିଚାରପତି ଓ ଅନ୍ୟମାନେ ।

**ଖଣ୍ଡପଡ଼ା,୩।୩ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବାଇପାସ ରାସ୍ତାପାର୍ଶ୍ୱରେ ବହୁ ପ୍ରତୀକ୍ଷିତ ବିଚାର ବିଭାଗୀୟ ନୂତନ ଅଦାଲତ ଗୃହ ନିର୍ମାଣ ପାଇଁ ଶୁକ୍ରବାର ଅପରାହ୍ନରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଉଚ୍ଚ ନ୍ୟାୟାଳୟର ମୁଖ୍ୟ ପ୍ରଶାସନିକ ଅଧିକାରୀ ଜଷ୍ଟିସ ଭି. ନରସିଂହ, ଜଷ୍ଟିସ ବି. ଆର. ଷଡଙ୍ଗୀ ଅତିଥି ରୂପେ ଯୋଗ ଦେଇଥିଲେ ।

ଖଣ୍ଡପଡ଼ା ବାର ଆସୋସିଏଶନ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲାଜଜ୍ ରୂପଶ୍ରୀ ଚୌଧୁରୀଙ୍କ ସମେତ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବି ଲକ୍ଷ୍ମୀଧର ଷଡ଼ଙ୍ଗୀଙ୍କ ସମେତ ନୟାଗଡ଼ ଜିଲାପାଳ ରବିନ୍ଦ୍ର ନାଥ ସାହୁ, ଏସ୍‌ପି ଅଲେଖ କୁମାର ପହି, ଖଣ୍ଡପଡ଼ାର ବରିଷ୍ଠ ଦେୱାନୀ ଜଜ୍ ବିଭୂତି ଭୂଷଣ ନାୟକ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତସଲିମା ଦାସ, ତହସିଲଦାର ଲିପ୍ସା ରାୟ, ବିଡିଓ ଅରୁଣୀମା ସାହୁ, ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଆଇଆଇସି ରମେଶ କୁମାର ଦେବତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବି ଯୋଗଦେଇଥିଲେ । ବାର ଆସୋସିଏଶନ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା । ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂତନ ଅଦାଲତ କୋଠା ନିର୍ମାଣ କରାଯିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି । ଆସନ୍ତା ୧ ବର୍ଷ ମଧ୍ୟରେ ଏହି କୋଠା ନିର୍ମାଣ ଶେଷ ହେବ ବୋଲି ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବାର ଆସୋସିଏଶନର ସଭାପତି ସଂଗ୍ରାମ କେଶରୀ ମିଶ୍ର, ସମ୍ପାଦକ ବିକ୍ରମ କେଶରୀ ଦେଓଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

**ନୟାଗଡ଼ ଅଫିସ,୩।୩**

ଖଣ୍ଡପଡା ଥାନା ବୁଢ଼ିଝରୀ ଗାଁର ବାଦଲ ପ୍ରଧାନ ଶୁକ୍ରବାର ଅପରାହ୍ନରେ ଗାଁ ପୋଖରୀରେ ଗାଧୋଉଥିବାବେଳେ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି । ଗାଁଲୋକ ଦେଖିବା ପରେ ତାଙ୍କୁ ପାଣିରୁ ଉଦ୍ଧାର କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଖଣ୍ଡପଡ଼ା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୩।୩ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତ ଅଧୀନ ବାସୁଦେବପୁର ଏମଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ପତିଙ୍କୁ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅନୁଷ୍ଠାନର ପ୍ରଧାନଶିକ୍ଷକ ସତ୍ୟ ନାରାୟଣ ମହାନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ମାନୀତ ଅତିଥି ରୂପେ ଗଦାଧର ତ୍ରିପାଠୀ, ବିକାଶ ଚନ୍ଦ୍ର ସେଠୀ, ସୋମନାଥ ସାହୁ, ଗ୍ରାମର ସଭାପତି ବିଶେଶ୍ୱର ସାହୁ, ସମ୍ପାଦକ ସୁଶାନ୍ତ କୁମାର ବରାଡ, ଉପଦେଷ୍ଟା ପ୍ରମୋଦ କୁମାର ଦାସ ଯୋଗ ଦେଇଥିଲେ । ମନୋଜ କୁମାର ତ୍ରିପାଠୀ ସଂଯୋଜନା କରିଥିଲେ। ଏହି ଅବସରରେ ପତିଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ,ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଶ୍ରୀନୀଳମାଧବ ପୂଜକ ସମାଜ କର୍ମକର୍ତ୍ତା


ପୂଜକ ସମାଜ କର୍ମକର୍ତ୍ତା ମୁଖ୍ୟ ଶାସନ ସଚିବଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି ।

**ଖଣ୍ଡପଡ଼ା,୩।୩ (ସ୍ୱ.ପ୍ର.)**

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପୂଜକସମାଜର ଏକ ପ୍ରତିନିଧି ଦଳ ଗୁରୁବାର ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଭୁବନେଶ୍ୱରସ୍ଥିତ ସଚିବାଳୟଠାରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ପ୍ରତିନିଧି ଦଳ ଜେନାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସରକାରଙ୍କ ଦ୍ୱାରା ନୀଳମାଧବ ମନ୍ଦିର ବିକାଶ ପ୍ରକଳ୍ପର କାର୍ଯ୍ୟ ସମ୍ପର୍କରେ ଅବଗତ କରାଇବା ସହ ଶ୍ରୀଜୀଉଙ୍କ ଦର୍ଶନରେ ଆସିବାକୁ ଅନୁରୋଧ କରିଥିଲେ । ପୂଜକ ସମାଜର କର୍ମକର୍ତ୍ତାଙ୍କ ସହ ମୁଖ୍ୟ ଶାସନ ସଚିବ ଜେନା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ଶ୍ରୀଜୀଉଙ୍କ ଦର୍ଶନରେ ଆସିବେ ବୋଲି କହିଥିଲେ । ଏହି ପ୍ରତିନିଧି ଦଳରେ ପୂଜକ ସମାଜର ସଭାପତି ସଚ୍ଚିଦାନନ୍ଦ ମିଶ୍ର, ଉପସଭାପତି ସରୋଜ କୁମାର ମିଶ୍ର, ସମ୍ପାଦକ ନୀଳମାଧବ ମିଶ୍ର ଓ ରାକେଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଉପସ୍ଥିତ ରହି ନୀଳମାଧବ ପର୍ଯ୍ୟଟନ କେନ୍ଦ୍ରର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ।

# ବଢୁଛି ସରକାରୀ ଅଧିକାରୀଙ୍କ ଔଦ୍ଧତ୍ୟ

- ବୈଠକରେ ମିଥ୍ୟା ସୂଚନା ଦେଇ ଲୁଚାଉଛନ୍ତି ତଥ୍ୟ
- ଲୋକପ୍ରତିନିଧିଙ୍କ ଅଭିଯୋଗ ଶୁଣୁ ନାହାନ୍ତି
- ବୈଠକକୁ ଆସୁ ନାହାନ୍ତି ଜିଲାସ୍ତରୀୟ ଅଧିକାରୀ
- ଜିଲା ଯୋଜନା କମିଟି ବୈଠକରେ ସଭ୍ୟଙ୍କ ଉଦ୍‌ବେଗ
- ଲଗାମ ଦେବା ପାଇଁ ସରକାରଙ୍କୁ କରାଯିବ ଅବଗତ

**ନୟାଗଡ଼ ଅଫିସ,୩।୩**

ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଶୁକ୍ରବାର ଅନୁଷ୍ଠିତ ଜିଲା ଯୋଜନା କମିଟି ବୈଠକରେ ଜିଲାସ୍ତରୀୟ ଅଧିକାରୀଙ୍କ ଔଦ୍ଧତ୍ୟକୁ ନେଇ ଜିଲା ପରିଷଦ ସଭ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜିଲା ପରିଷଦ ବୈଠକ, ଜିଲା ପରିଷଦର ଷ୍ଟାଣ୍ଡିଂ କମିଟି ବୈଠକ ଓ ଜିଲା ଯୋଜନା କମିଟି ପରି ଅନେକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସରକାରୀ ବାବୁମାନେ ମିଥ୍ୟା ତଥ୍ୟ ଦେଉଛନ୍ତି । ପୁଣି ଜିଲାସ୍ତରୀୟ ବୈଠକକୁ ଅନେକ ଜିଲାସ୍ତରୀୟ ଅଧିକାରୀ ଅଣଦେଖା କରି ଆସୁ ନାହାନ୍ତି । ଆଉ କେହି ନିଜର ଜଣେ କର୍ମଚାରୀଙ୍କୁ ପଠାଇ କାମ ଚଳାଇ ନେଉଛନ୍ତି । ଜିଲାସ୍ତରୀୟ ଅଧିକାରୀଙ୍କୁ ଲଗାମ ଦେବା ପାଇଁ ବୈଠକରେ କ୍ଷୋଭ ପ୍ରକାଶ ପାଇବା ପରେ କମିଟିର ଅଧ୍ୟକ୍ଷ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ସରକାରୀ ବାବୁମାନଙ୍କୁ ତାଗିଦା କରିଛନ୍ତି । ଏପରିକି ପରାମର୍ଶ ଦେଇଛନ୍ତି ଲୋକ ପ୍ରତିନିଧିଙ୍କୁ ସରକାରଙ୍କର ସବୁ କାର୍ଯ୍ୟକ୍ରମରେ ସାମିଲ କରାନ୍ତୁ । ନ ହେଲେ ଘଟଣା ସମ୍ପର୍କରେ ରାଜ୍ୟ ସରକାରଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଅବଗତ କରାଯିବ।

ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ଓ ସୁବାସ ଚନ୍ଦ୍ର କଅଁର ଗୃହରେ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ ସରକାରୀ ବାବୁମାନେ ଲୋକଙ୍କ ଅଭିଯୋଗ ଶୁଣୁ ନାହାନ୍ତି । ଲୋକଙ୍କର ଅଭିଯୋଗ ନେଇ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ସରକାରୀ ଅଫିସରମାନେ ଅସହଯୋଗ କରୁଛନ୍ତି । ଏପରି କି ବସିବା ପାଇଁ ଚୌକିଟିଏ ମଧ ଦେଉ ନାହାନ୍ତି । ବାରମ୍ବାର ଅଭିଯୋଗ ପରେ ମଧ ସରକାରୀ ବାବୁମାନଙ୍କ ଆଚରଣ ,ଉଚ୍ଚାରଣରେ ପରିବର୍ତ୍ତନ ଆସୁ ନ ଥିବାରୁ ଲୋକ ପ୍ରତିନିଧିମାନେ ଲୋକଙ୍କ ପାଇଁ କିଛି କରି ପାରୁ ନାହାନ୍ତି । ଫଳରେ ଲୋକ ପ୍ରତିନିଧିମାନେ ନିଜ ନିର୍ବାଚନ ମଣ୍ଡଳୀ, ଜୋନ, ୱାର୍ଡରେ ଲୋକଙ୍କ ପାଖରେ ମିଛୁଆ ହେବାକୁ ପଡୁଛି । ଗଣତନ୍ତ୍ର ଶାସନରେ ଲୋକପ୍ରତିନିଧିଙ୍କ ଅଧିକାରୀକୁ ହାଇଜାକ କରାଯିବା ଶୁଭଙ୍କର ନୁହଁ ବୋଲି ପ୍ରକାଶ କରିଥିଲେ ।

ଶୁକ୍ରବାର ଜିଲା ଯୋଜନା କମିଟି ବୈଠକରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଜିଲା ଶ୍ରମ ଅଧିକାରୀ ଅନୁପସ୍ଥିତ ଥିଲେ। ସେହିଭଳି ଟେକ୍ସଟାଇଲ୍ ପରି ବହୁ ଜିଲାସ୍ତରୀୟ ଅଧିକାରୀ ଅନୁପସ୍ଥିତ ଥିଲେ । ଡିଏଫ୍‌ଓ, ସିଡିଏମ୍‌ଓ, ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକଙ୍କ ପରି କିଛି ଅଧିକାରୀ ଜଣେ କର୍ମଚାରୀଙ୍କୁ ପଠାଇ କାମଚଳାଇ ନେଇଥିବା ଆଲୋଚନା ହୋଇଥିଲା । ଯେଉଁମାନେ କି ଗୃହରେ ସଭ୍ୟମାନଙ୍କ ପ୍ରଶ୍ନର ଉତ୍ତର ଦେଇ ନ ପାରି ହଟହଟା ହୋଇଥିଲେ । ଅନ୍ୟପକ୍ଷେ ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟକୁ ନ ଆସିବା ଓ ଶ୍ରମ କାର୍ଯ୍ୟାଳୟରେ ଅବ୍ୟବସ୍ଥା ସମ୍ପର୍କରେ ଧରିତ୍ରୀରେ ପ୍ରକାଶିତ ଖବରକୁ ନେଇ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଥିଲେ । ପୁଣି ରଣପୁର ବ୍ଲକ କାର୍ଯ୍ୟାଳୟକୁ କର୍ମଚାରୀ ଡେରିରେ ଆସିବା ଉପରେ ଧରିତ୍ରୀ ଖବର ଉପରେ ଚର୍ଚ୍ଚା ହୋଇଥିଲା ।

## ଉତ୍ତର ଦେଇ ନ ପାରି ଅପଦସ୍ଥ

ଜିଲା ପରିଷଦ ସଭ୍ୟ, ବିଧାୟକଙ୍କ ପ୍ରଶ୍ନର ଉତ୍ତର ଦେଇ ନ ପାରି କେତେଜଣ ଅଧିକାରୀ ମିଥ୍ୟା ସୂଚନା ଦେଇ ହଟହଟା ହୋଇଥିବା ବୈଠକରେ ଦେଖିବାକୁ ମିଳିଥିଲା। ଭୂମି ପଞ୍ଚାୟତ କମିଟିର ସଦସ୍ୟଙ୍କ କାର୍ଯ୍ୟକାଳକୁ ନେଇ ତ୍ରୁଟିପୂର୍ଣ୍ଣ ତଥ୍ୟ ସହ ପ୍ରଧାନମନ୍ତ୍ରୀ ସିଞ୍ଚାଇ ଯୋଜନାରେ କେବଳ ଓଡ଼ଗାଁ ଓ ନୟାଗଡ଼ ବ୍ଲକରେ କିଛି ପ୍ରକଳ୍ପ କରାଯାଇଥିବାବେଳେ ଅନ୍ୟ ବ୍ଲକକୁ କାହିଁକି ଅଣଦେଖା କରାଗଲା ବୋଲି ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ସୁଧାକର ଶତପଥୀ ସଠିକ କାରଣ କହି ପାରି ନ ଥିଲେ। ଏପରିକି ପୂର୍ବ ଅଫିସରଙ୍କ ନାଁ କହି ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କରାଯାଇଥିବା କହି ଖସି ଯାଉଥିବାବେଳେ ସଭ୍ୟଙ୍କ ପ୍ରଶ୍ନବାଣରେ ଘାଇଲା ହୋଇ ଅପଦସ୍ତ ହୋଇଥିଲେ। ସେହିଭଳି ଭ୍ରାମ୍ୟମାଣ ପ୍ରାଣୀ ସେବା. ଗୋସୁଗମ ଯୋଜନା ଉପରେ ସଠିକ୍ ତଥ୍ୟ ଦେଇ ନ ପାରି ସହକାରୀ ପ୍ରାଣୀ ଚିକିତ୍ସକ ଅନୁରୂପ ଭାବେ ହଟହଟା ହୋଇଥିଲେ । ପ୍ରାଣୀଙ୍କ ପାଇଁ କ'ଣ ସେବା ରହିଛି ପ୍ରତି ପଞ୍ଚାୟତରେ ସୂଚନା ଫଳକ ଲଗାଇବାକୁ ପ୍ରାଣୀ ବିଭାଗକୁ କୁହାଯାଇଛି । ଜିଲା ପରିଷଦର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ସୁବାସ ଚନ୍ଦ୍ର କଅଁରକୁ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଚିହ୍ନି ନ ପାରିବା, ବସିବାକୁ କାର୍ଯ୍ୟାଳୟରେ ଚୌକି ନ ଦେବା ଘଟଣା ଗୃହରେ ଜିଲା ପରିଷଦ ଅଧ୍ୟକ୍ଷ ଓ ସୁବାସ ଚନ୍ଦ୍ର କଅଁର ଉପସ୍ଥାପନ କରିଥିଲେ । ଏନେଇ ଜିଲା ଯୋଜନା କମିଟି ସଭାପତି ସତ୍ୟ ନାରାୟଣ ପ୍ରଧାନ କୁହନ୍ତି, ଲୋକ ପ୍ରତିନିଧିଙ୍କୁ ସମ୍ମାନ ଦେବା ପାଇଁ ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ଆଣିବାକୁ ଅଫିସରଙ୍କୁ ତାଗିଦ୍ କରାଯାଇଛି । ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ କୁହନ୍ତି, ଅଫିସର ଲୋକ ପ୍ରତିନିଧିଙ୍କୁ ଅସମ୍ମାନ କରିବା ଠିକ୍ ନୁହେଁ । ଯାହାକି ଭବିଷତ୍ୟରେ ବହୁ ଅସୁବିଧା ସୃଷ୍ଟି କରିପାରେ କହି କ୍ଷୋଭ ପ୍ରକାଶ କରିଥିଲେ ।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** ଦିନକ ପରେ ପୁଣିଥରେ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ (ଶୁକ୍ରବାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ଫଳରେ ଶୁକ୍ରବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୯୦୦(୮୯୯.୬୨) ପଏଣ୍ଟ ବୃଦ୍ଧି ଘଟି ୫୯,୮୦୯(୫୯,୮୦୮.୯୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ ୨୭୨ (୨୭୨.୪୫) ପଏଣ୍ଟ ବଢ଼ି ୧୭,୫୯୪ (୧୭,୫୯୪.୩୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଆନ୍ଧ୍ରପ୍ରଦେଶରେ ନିବେଶ କରିବ ରିଲାଏନ୍ସ

■ ୧୦ଗିଗାୱାଟ୍ ସୋଲାର ପାୱାର ପ୍ଲାଣ୍ଟ
■ ୫୦,୦୦୦ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି

**ନୂଆଦିଲ୍ଲୀ,୩।୩**


'ଆନ୍ଧ୍ରପ୍ରଦେଶ ଗ୍ଲୋବାଲ ନିବେଶକ ସମ୍ମିଳନୀ-୨୦୨୩'ର ଏକ ବିଶେଷ ମୁହୂର୍ତ୍ତରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଙ୍କ ସହ ମୁକେଶ ଅମ୍ବାନୀ।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆନ୍ଧ୍ରପ୍ରଦେଶରେ ୧୦ଗିଗାୱାଟ୍ ସୋଲାର ପାୱାର ପ୍ଲାଣ୍ଟରେ ପୁଞ୍ଜିନିବେଶ କରିବ। ଆନ୍ଧ୍ରପ୍ରଦେଶର ଉତ୍ପାଦଗୁଡ଼ିକୁ ସାରା ଦେଶରେ ପହଞ୍ଚାଇବା ଲାଗି ରିଲାଏନ୍ସ ରିଟେଲ ଏହାର କୃଷି ଆଧାରିତ ଉତ୍ପାଦ ଓ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ଅଧିକରୁ ଅଧିକ ମାତ୍ରାରେ କିଣିବ। ରିଲାଏନ୍ସର ଏହି ପଦକ୍ଷେପ ଯୋଗୁ ଆନ୍ଧ୍ରପ୍ରଦେଶରେ ୫୦ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି 'ଆନ୍ଧ୍ରପ୍ରଦେଶ ଗ୍ଲୋବାଲ ନିବେଶକ ସମ୍ମିଳନୀ-୨୦୨୩'ରେ ଯୋଗଦେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ କହିଛନ୍ତି। ଏପରିକି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡିଙ୍କ ଉପସ୍ଥିତିରେ ରିଟେଲ କ୍ଷେତ୍ର ସମ୍ପର୍କରେ ଉପସ୍ଥାପନା କରି ମୁକେଶ କହିଛନ୍ତି, ଆନ୍ଧ୍ରପ୍ରଦେଶର ୬ହଜାର ଗ୍ରାମର ୧ଲକ୍ଷ ୨୦ହଜାରରୁ ଅଧିକ କିରାନା ବ୍ୟବସାୟୀଙ୍କ ସହ ରିଲାଏନ୍ସ ରିଟେଲ ସହଯୋଗିତା ସ୍ଥାପନ କରିଛି। ବିଶେଷକରି ଡିଜିଟାଲ ଯୁଗରେ ଛୋଟ ବ୍ୟବସାୟୀମାନେ ଯେଭଳି ସମୃଦ୍ଧ ହୋଇପାରିବେ ସେଥିପାଇଁ ସେମାନଙ୍କ ଲାଗି ଆବଶ୍ୟକ ଉପକରଣ ଉପଲବ୍ଧ କରାଯାଇଛି। ସେହିଭଳି ରିଲାଏନ୍ସ ରିଟେଲ୍ ଆନ୍ଧ୍ରପ୍ରଦେଶରେ ୨୦,୦୦୦ରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ବହୁ ସଂଖ୍ୟାରେ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିପାରିଛି।

ଅପରପକ୍ଷରେ ରିଲାଏନ୍ସ ଜିଓ ବିଷୟରେ ପ୍ରକାଶକରି ମୁକେଶ କହିଛନ୍ତି ,ଆନ୍ଧ୍ରପ୍ରଦେଶ ସମେତ ସାରା ଦେଶରେ ୨୦୨୩ ଶେଷ ସୁଦ୍ଧା ଜିଓ ଟ୍ରୁ-୫ଜିର ଶୁଭାରମ୍ଭ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ। ଏପରିକି ୪୦ହଜାର କୋଟି ଟଙ୍କାରୁ ଅଧିକ ନିବେଶକରି ଜିଓ ଆନ୍ଧ୍ରପ୍ରଦେଶରେ ସବୁଠୁ ବଡ଼ ଏବଂ ଉନ୍ନତ ଡିଜିଟାଲ ନେଟ୍‌ୱର୍କ ପ୍ରସ୍ତୁତ କରିଛି, ଯାହା ରାଜ୍ୟର ୯୮% ଲୋକମାନଙ୍କ ପାଖରେ ପହଞ୍ଚିପାରିଛି। ଜିଓ ଟ୍ରୁ-୫ଜି ଜରିଆରେ ଅର୍ଥନୀତିକୁ ନୂଆ ଗତି ମିଳିବ ଏବଂ ବଡ଼ ଧରଣର ବ୍ୟବସାୟ ଓ ରୋଜଗାର ସୁଯୋଗ ସୃଷ୍ଟି ହେବ। ଆନ୍ଧ୍ରପ୍ରଦେଶର ବିଶାଳ ଆର୍ଥିକ ସ୍ଥିତି ଉପରେ ପ୍ରଥମେ ବିଶ୍ୱାସ ପ୍ରକଟ କରିଥିବା କିଛି ହାତଗଣତି ଭାରତୀୟ କମ୍ପାନୀଙ୍କ ମଧ୍ୟରୁ ରିଲାଏନ୍ସ ଅନ୍ୟତମ। ରାଜ୍ୟର କେଜି-ଡି୬ ବେସିନ୍ ଓ ତାହାର ପାଇପ୍‌ଲାଇନରେ ଆମେ ୧,୫୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରିଛୁ। ଦେଶର ମୋଟ ଗ୍ୟାସ୍ ଉତ୍ପାଦନରେ କେଜି-ଡି୬ର ପ୍ରାୟ ୩୦% ଯୋଗଦାନ ରହିଛି। ସେହିପରି ଆନ୍ଧ୍ରପ୍ରଦେଶରରେ ଫାର୍ମା ଓ ଭିତ୍ତିଭୂମି କ୍ଷେତ୍ରରେ ଉଦ୍ୟୋଗ ଓ ଉଦ୍ୟୋଗପତିମାନଙ୍କ ଲମ୍ବା ଧାଡ଼ି ରହିଛି ଏବଂ ସବୁଠୁ ବଡ଼ କଥା ହେଉଛି ଆନ୍ଧ୍ରପ୍ରଦେଶ ପାଖରେ ବିଶାଳ ସମୁଦ୍ର ଉପକୂଳ ରହିଛି, ଯାହା ତାହାକୁ ବ୍ଲୁ ଅର୍ଥନୀତିରେ ପରିଣତ କରିବାର କ୍ଷମତା ରଖୁଛି। ନୂଆ ଭାରତର ବିକାଶ କାହାଣୀରେ ଆନ୍ଧ୍ରପ୍ରଦେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆସ୍ଥା ପ୍ରକଟ କରିଛନ୍ତି।

# ଫେବୃୟାରୀରେ ହୋଣ୍ଡାର ୬୦୮୬ କାର ବିକ୍ରି

**ନୂଆଦିଲ୍ଲୀ, ୩।୩**

ଦେଶର ପ୍ରମୁଖ ଅଟୋମୋବାଇଲ୍ କମ୍ପାନୀ ହୋଣ୍ଡା କାରସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ)ଚଳିତ ବର୍ଷ ଫେବୃୟାରୀରେ ମୋଟ ୬୦୮୬ କାର ଘରୋଇ ବଜାରରେ ବିକ୍ରି କରିଛି। ଅପରପକ୍ଷରେ କମ୍ପାନୀ ୨୦୨୩ ଫେବୃୟାରୀରେ ମୋଟ ୯୭୩ ୟୁନିଟ୍ କାର ରପ୍ତାନୀ କରିଥିବା ଜଣାପଡିଛି। ଏ ସମ୍ପର୍କରେ ଏଚ୍‌ସିଆଇଏଲର ବିକ୍ରୟ ତଥା ବିପଣନ ବିଭାଗ ନିର୍ଦ୍ଦେଶକ ୟୁଇଚି ମୁରାତା କହିଛନ୍ତି, ନୂଆ ନିର୍ଗମନ ନୀତିର ଅନୁପାଳନ ସହିତ ଆମର ବ୍ୟବସାୟୀକ ଯୋଜନା ମୁତାବକ ଆମେ ବଜାର ଅଂଶ ଲାଭ କରିଛୁ ବୋଲି ମୁରାତା ମତପ୍ରକାଶ କରିଛନ୍ତି । ସେହିପରି ବିଶେଷ ପ୍ରଯୁକ୍ତି ସଂଯୋଜିତ ହୋଣ୍ଡା ସିଟିର ସଦ୍ୟତମ ସଂସ୍କରଣର ବଜାର ପ୍ରବେଶ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ ଗତବର୍ଷ ଫେବୃଆରୀରେ କମ୍ପାନୀ ଘରୋଇ ବଜାରରେ ୭୧୮୭ କାର ବିକ୍ରି କରିଥିବାବେଳେ ୨୩୩୭ କାର ରପ୍ତାନୀ କରିଥିଲେ ।

# ଖୁବ୍‌ଶୀଘ୍ର ସରିବ 'ଡିଏନ୍ ଫେରିଟେଲ୍'

**ଭୁବନେଶ୍ୱର,୩।୩**




ରାଜ୍ୟର ପ୍ରମୁଖ ରିଅଲ ଇଷ୍ଟେଟ ସଂସ୍ଥା 'ଡିଏନ୍ ହୋମସ'ର ବହୁ ଚର୍ଚ୍ଚିତ ବାସଗୃହ ପ୍ରକଳ୍ପ 'ଡିଏନ ଫେରିଟେଲ'ର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଡିଏନ୍ ହୋମସ ପକ୍ଷରୁ ଗୁରୁବାର ସ୍ଥାନୀୟ ପାତ୍ରପଡାଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରିଥିଲା। ଏହି ଅବସରରେ ଡିଏନ୍ ହୋମ୍‌ସର କାର୍ଯ୍ୟନିର୍ବାହୀ ଭାଇସ ପ୍ରେସିଡେଣ୍ଟ ଶ୍ୟାମସୁନ୍ଦର ପାଢ଼ୀ ଉକ୍ତ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଆଲୋକପାତ କରି କହିଥିଲେ, ୨୦୧୯ରେ ଉକ୍ତ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ଏପରିକି ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆମେ ସମ୍ପୂର୍ଣ୍ଣ କରିବାକୁ ଯାଉଛୁ ବୋଲି ପାଢ଼ୀ ମତବ୍ୟକ୍ତ କରିଛନ୍ତି। ସେହିଭଳି ଡିଏନ୍ ହୋମ୍‌ସ ସବୁବେଳେ ଗ୍ରାହକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇଥାଏ। ଏପରିକି ଗ୍ରାହକଙ୍କର ବିଶ୍ୱାସ ଓ ଭରସାକୁ ପୁଞ୍ଜିକରି ସଂସ୍ଥା ଆଗକୁ ବଢ଼ିଥାଏ ବୋଲି ସେ କହିଛନ୍ତି। ସେହିପରି କମ୍ପାନୀର ଭାଇସ୍ ପ୍ରେସିଡେଣ୍ଟ ସେଲ୍‌ସ ନିଖିଲ ବାଜପେୟୀ କହିଥିଲେ, ଉକ୍ତ ପ୍ରକଳ୍ପ ଉଭୟ ଶିଶୁ ଓ ବୟସ୍କମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରକଳ୍ପର ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଛି। ବିଶେଷକରି ଏହାର ଗ୍ରାହକମାନଙ୍କ ପାଇଁ ଜଗିଂ ଟ୍ରାକ୍, ଶୀତତାପ ନିୟନ୍ତ୍ରିତ ଜିମ୍, ସୁଇମିଂ ପୁଲ୍, କିଡ୍‌ସ ପୁଲ୍, ଫିସ୍ ପଣ୍ଡ, ଶପିଂ ସେଣ୍ଟର, ଟେନିସ କୋର୍ଟ, କ୍ରିକେଟ ନେଟ୍ ପ୍ରାକ୍ଟିସ, ଆମ୍ଫି ଥଏଟର, ରେଷ୍ଟୁରାଣ୍ଟ, କାଫେଟେରିଆ, ତିନିଥାକିଆ ସିକ୍ୟୁରିଟି ବ୍ୟବସ୍ଥା ସହ ଅନ୍ୟାନ୍ୟ ବହୁ ସୁବିଧା ସୁଯୋଗ ରହିଛି । ଅପରପକ୍ଷରେ ଈଶ୍ୱରଙ୍କ ଆଶୀର୍ବାଦ ଓ ଗ୍ରାହକମାନଙ୍କ ସହଯୋଗରୁ ୭୦୮ଫ୍ଲାଟ ବିଶିଷ୍ଟ ଉକ୍ତ ପ୍ରକଳ୍ପର କାମ ଖୁବଶୀଘ୍ର ସମ୍ପୂର୍ଣ୍ଣ ହେବାକୁ ଯାଉଛି ବୋଲି ବାଜପେୟୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଉକ୍ତ ପ୍ରକଳ୍ପ ଯୋଗୁ ସମଗ୍ର ମଦନପୁର ଓ ଦୁର୍ଗାପୁର ଅଞ୍ଚଳର ସାମାଜିକ ଭିତ୍ତିଭୂମିର ବିକାଶ ସହ ସ୍ଥାନୀୟ ବାସିନ୍ଦାମାନଙ୍କର ଆର୍ଥିକ ମାନଦଣ୍ଡରେ ଅଭିବୃଦ୍ଧି ଘଟିବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି।

# ବିଓଆଇର ଏମ୍‌ଇୟୁସି- କଟକ ଉଦ୍‌ଘାଟିତ

**କଟକ,୩।୩**

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ପକ୍ଷରୁ କଟକ ରାଣୀହାଟଠାରେ ଏମ୍ଏସ୍ଏମ୍‌ଇ ଋଣ ସେବା କେନ୍ଦ୍ର 'ଏମ୍‌ଇୟୁସ-କଟକ'ର ଶୁଭାରମ୍ଭ କରାଯାଇଛି। ଏପରିକି ବିଓଆଇର ରାଣୀହାଟ ଶାଖା ପରିସରରେ ଏହା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏନ୍‌ବିଜି ଓଡ଼ିଶା ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଆଇର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଏସ୍.ମଳୟ ଦାସ ଏବଂ ଉପ-ଆଞ୍ଚଳିକ ମୁଖ୍ୟ ଅଶୋକ କୁମାର ଜେନାଙ୍କ ସମେତ ଚିନ୍ମୟ ପାଣିଗ୍ରାହୀ (ମୁଖ୍ୟ ପ୍ରବନ୍ଧକ ଏମ୍‌ଇୟୁସି), ହର ଜେନା (ମୁଖ୍ୟ ପ୍ରବନ୍ଧକ, ରାଣୀହାଟ ଶାଖା), ଏନ୍‌ବିଜି କର୍ମଚାରୀ, ଆଞ୍ଚଳିକ କାର୍ଯ୍ୟାଳୟ କର୍ମଚାରୀଗଣ ଏବଂ ବିଭିନ୍ନ ଶାଖାର ଶାଖା ମୁଖ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକର ବିଶେଷ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆର୍ଥିକ ସମାଧାନ ପ୍ରଦାନ କରିବା ଲକ୍ଷ୍ୟରେ ଏହା ଆରମ୍ଭ ହୋଇଛି। ସେହିଭଳି ଅଭିଜ୍ଞ କର୍ମଚାରୀଙ୍କ ଟିମ୍‌କୁ ନେଇ ଏମ୍‌ଇୟୁସ ପକ୍ଷରୁ କଟକ,କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ୩୮ଟି ଶାଖାକୁ ବିତ୍ତୀୟ ଉତ୍ପାଦ ସହ ପୁଞ୍ଜି ଋଣ, ମିଆଦୀ ଋଣ, ଇକ୍ୟୁପମେଣ୍ଟ ଫାଇନାନ୍ସ ଏବଂ ଟ୍ରେଡ୍ ଫାଇନାନ୍ସ ଆଦି ସେବା ପ୍ରଦାନ କରାଯିବ।



ଟାଟା ଷ୍ଟିଲ୍ ପକ୍ଷରୁ ଶୁକ୍ରବାର ଜାମଶେଦପୁରଠାରେ ଟାଟା ଗ୍ରୁପ୍‌ର ପ୍ରତିଷ୍ଠାତା ଜେ.ଏନ୍. ଟାଟାଙ୍କ ୧୮୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟାଟା ଗ୍ରୁପ୍ ତଥା ଟାଟା ଷ୍ଟିଲ୍‌ର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଅଛନ୍ତି।

# ସିୟୁଟିଏମ୍ ସହ ମାରୁତି ସୁଜୁକିର ସହଭାଗିତା

**ଭୁବନେଶ୍ୱର,୩।୩**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟ(ସିୟୁଟିଏମ୍) ଭୁବନେଶ୍ୱର କ୍ୟାମ୍ପସ ଏବଂ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍ଏସ୍ଆଇଏଲ୍)ଙ୍କ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର ହୋଇଯାଇଛି। ବିଶେଷକରି ଦକ୍ଷତା ବିକାଶ ଅଭିଯାନକୁ ସମ୍ପ୍ରସାରିତ କରିବା ସହ ସିୟୁଟିଏମ୍ ଦ୍ୱାରା ଯୁବପିଢ଼ିଙ୍କ ପାଇଁ ଏକ ୩ ବର୍ଷିଆ ଶିଳ୍ପ ଆଧାରିତ ପାଠ୍ୟକ୍ରମ ବିବିଏ ଇନ୍ ରିଟେଲ୍ ମ୍ୟାନେଜମେଣ୍ଟ ପ୍ରଦାନ କରାଯିବ। ଉକ୍ତ ପାଠ୍ୟକ୍ରମକୁ ମିଳିତ ଭାବେ ମାରୁତି ସୁଜୁକି ଓ ସିୟୁଟିଏମ୍ ଦ୍ୱାରା ୟୁଜିସି ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ଏପରିକି ଅଟୋମୋବାଇଲ ଇଣ୍ଡଷ୍ଟ୍ରିର ଆବଶ୍ୟକତା ପୂରଣ କରିବା ପାଇଁ ଏହାର ଆରମ୍ଭ କରାଯାଇଛି। ସେହିଭଳି ଛାତ୍ରୀଛାତ୍ରମାନେ ଯେପରି ଅଟୋମୋବାଇଲ ରିଟେଲ ବିଷୟବସ୍ତୁକୁ ଭଲ ଭାବେ ବୁଝିପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଉକ୍ତ ପାଠ୍ୟକ୍ରମକୁ ୧ ବର୍ଷର କ୍ଲାସ୍‌ରୁମ୍ ଟ୍ରେନିଂ ଓ ମାରୁତି ସୁଜୁକି ଡିଲରଶିପ୍‌ରେ ୨ବର୍ଷର 'ଅନ୍-ଦ-ଜବ୍ ଟ୍ରେନିଂ' (ଓଜେଟି)ରେ ବିଭକ୍ତ କରାଯାଇଛି। ଉପରୋକ୍ତ ୨ବର୍ଷର ଓଜେଟି ଛାତ୍ରୀଛାତ୍ରମାନଙ୍କୁ ବାସ୍ତବ କାର୍ଯ୍ୟ ସ୍ଥିତିରେ ସେମାନଙ୍କର ଦକ୍ଷତାକୁ ବୁଝିବା ଓ ମଜଭୁତ କରିବା ପାଇଁ ସକ୍ଷମ କରିବ ଯାହା ସେମାନଙ୍କୁ ଚାକିରି ପାଇଁ ପ୍ରସ୍ତୁତ କରିବ।

## ଫୁର୍‌ସତ୍

# ଆମାଜନ ଜଙ୍ଗଲରେ ମାସେ ବିତାଇ ୧୭ କେଜି ଓଜନ ହ୍ରାସ

**ବ୍ରାସିଲିଆ**



ଜଣେ ବ୍ୟକ୍ତି ବ୍ରାଜିଲର ଆମାଜନ ଜଙ୍ଗଲରେ ହଜିଯାଇଥିଲେ। ସେ ହଜିବାର ୩୧ ଦିନ ପରେ ତାଙ୍କୁ ଉଦ୍ଧାର କରାଯାଇଛି। ସେତେବେଳେ ସେ ଆମାଜନ ଜଙ୍ଗଲରେ ବଞ୍ଚିବାକୁ କିପରି ସଂଘର୍ଷ କରିଥିଲେ ସେ ବିଷୟରେ କହିଛନ୍ତି। ୩୦ ବର୍ଷୀୟ ଝୋନାଟାନ ଏକୋଷ୍ଟା ଆମାଜନର ବର୍ଷା ଜଙ୍ଗଲକୁ ୪ଜଣ ସାଙ୍ଗଙ୍କ ସହିତ ଶିକାର ଯାତ୍ରାରେ ଯାଇଥିଲେ। କିନ୍ତୁ ସେ ଜାନୁୟାରୀ ୨୫ ପରଠାରୁ ତାଙ୍କ ସାଥୀଙ୍କଠାରୁ ଅଲଗା ହୋଇଯାଇଥିଲେ। ସେହି ଜଙ୍ଗଲରେ ବଞ୍ଚିବା ପାଇଁ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା। ସେ କହିଛନ୍ତି, ତାଙ୍କୁ ବଞ୍ଚିବାକୁ ଜଙ୍ଗଲରେ ଥିବା କୀଟପତଙ୍ଗ ଖାଇବାକୁ ପଡିଥିଲା। ସେଠାରେ ସେହି ସମୟରେ ଅଧା ବର୍ଷା ହୋଇଥିବାବେଳେ ସେ ତାଙ୍କ ବୁଟ୍‌ରେ ପାଣି ସଂଗ୍ରହ କରିଥିଲେ। ହେଲେ ପରେ ଅଧିକ ପାଣିର ଆବଶ୍ୟକ ହେତୁ ତାଙ୍କୁ ନିଜ ପରିସ୍ରା ପିଇବାକୁ ପଡିଥିଲା। ସେ ଜଙ୍ଗଲରେ ହଜିଯାଇଥିବା ନେଇ ଜାନୁୟାରୀ ଶେଷ ବେଳକୁ ତାଙ୍କ ପରିବାର ଜାଣିବାକୁ ପାଇଥିଲେ। ସେ ହଜିବାର ଠିକ୍ ମାସେ ଅର୍ଥାତ୍ ଗତ ଶନିବାର ଉଦ୍ଧାରକାରୀ ଦଳ ତାଙ୍କୁ ଉଦ୍ଧାର କରିଛନ୍ତି। ସେତେବେଳକୁ ତାଙ୍କ ଓଜନ ୧୭ କିଲୋ ହ୍ରାସ ହୋଇଯାଇଥିବା ଜଣାପଡିଛି। ଏଥିସହ ସେ ଜଙ୍ଗଲରେ ଜଙ୍ଗଲୀ ପ୍ରାଣୀଙ୍କଠାରୁ ବଞ୍ଚିବାକୁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା ବୋଲି କହିଛନ୍ତି।

# ୯୫ତମ ଏକାଡେମୀ ଆୱାର୍ଡରେ ଦୀପିକା ଉପସ୍ଥାପିକା ସାଜିବେ



**ମୁମ୍ବାଇ:** ବଲିଉଡ୍‌ରେ ନଂ. ୱାନ୍ ଅଭିନେତ୍ରୀଙ୍କ ମଧ୍ୟରୁ ଦୀପିକା ପାଦୁକୋନ ହେଉଛନ୍ତି ଜଣେ। ବଲିଉଡ୍‌ରୁ ଆରମ୍ଭ କରି ହଲିଉଡ୍ ପର୍ଯ୍ୟନ୍ତ ସେ ନିଜ ଅଭିନୟର ଯାଦୁ ଦେଖାଇସାରିଛନ୍ତି। ପୂର୍ବରୁ ଦୀପିକା ଏକମାତ୍ର ଅଭିନେତ୍ରୀ ଭାବେ କାତାରରେ ଆୟୋଜିତ ହୋଇଥିବା ଫୁଟ୍‌ବଲ ମ୍ୟାଚର ଟ୍ରଫି ଉନ୍ମୋଚନ କରି ଭାରତର ନାମ ରଖିଥିଲେ। ଏବେ ପୁଣି ଭାରତୀୟଙ୍କ ପାଇଁ ଏକ ଖୁସି ଖବର ଆସିଛି। ଦୀପିକାଙ୍କୁ ଏକ ବଡ଼ ଦାୟିତ୍ୱ ମିଳିଛି। ଆସନ୍ତା ମାର୍ଚ୍ଚ ୧୨ ତାରିଖରେ ଲସ୍ ଏଞ୍ଜେଲ୍ସର 'ଡଲି ଥିଏଟର'ରେ ୯୫ତମ ଏକାଡେମୀ ଆୱାର୍ଡ ତଥା ଓସ୍କାର ପୁରସ୍କାର ଆୟୋଜିତ ହେବାକୁ ଯାଉଛି। ସେଥିରେ ଦୀପିକା ଭାରତରୁ ସେଲିବ୍ରିଟି ଉପସ୍ଥାପିକା ଭାବେ ଯୋଗ ଦେବେ। ଓସ୍କାର ପ୍ରେଜେଣ୍ଟର ଭାବେ କିଛି ଜଣଙ୍କ ନାମ ଲିଷ୍ଟରେ ଆସିଛି। ସେଥିରେ ଦୀପିକାଙ୍କ ନାମ ମଧ୍ୟ ରହିଛି। ଦୀପିକା ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଲିଷ୍ଟ ଶେୟାର କରି ଗୁରୁବାର ରାତିରେ ଏହି ସୂଚନା ଦେଇଛନ୍ତି। ଲିଷ୍ଟରେ ରିଜ୍ ଅହମଦ, ଡ୍ୱେନ୍ ଜନ୍‌ସନ୍, ଜେନିଫର କୋନେଲି, ଏରିଆନା ଡିବୋସ, ଏମିଲି ବ୍ଲଣ୍ଟ, ଗ୍ଲେନ୍ କ୍ଲୋଜ୍‌ଙ୍କ ସମେତ ଅନେକ ନାମ ରହିଛି। ତେବେ ଏଥର ଓସ୍କାର ପୁରସ୍କାର ପାଇଁ ଭାରତରୁ ୩ଟି ଫିଲ୍ମ ମନୋନୀତ ହୋଇଛି। ଚଳିତ ବର୍ଷ ଗୋଲ୍ଡେନ ଆୱାର୍ଡ ପାଇଥିବା ଏସ୍ଏସ୍ ରାଜାମୌଲିଙ୍କ ଫିଲ୍ମ 'ଆର୍‌ଆର୍‌ଆର୍'ର 'ନାଟୁ ନାଟୁ' ଗୀତ ଶ୍ରେଷ୍ଠ ମୂଳ ଗୀତ ଭାବେ ଓସ୍କାର ପାଇଁ ମନୋନୀତ ହୋଇଛି। ସେହିପରି ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଫିଲ୍ମ ଭାବେ 'ଅଲ୍ ଦ୍ୟାଟ୍ ବ୍ରେଥ୍' ମନୋନୀତ ହୋଇଛି। ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ସର୍ଟ ଫିଲ୍ମ ଭାବେ 'ଗୁନିଟ୍ ମଙ୍ଗାସ୍ ଦି ଏଲିଫ୍ୟାଣ୍ଟ ହୁଇସ୍‌ପର୍ସ' ମନୋନୀତ ହୋଇଛି।

# ମୋଟା ଲୋକଙ୍କୁ ଭରିବାକୁ ପଡ଼େ ଜରିମାନା

**ଟୋକିଓ**

ଅନେକ ଲୋକ ଖାଇବାକୁ ନେଇ ଏତେ ଚିନ୍ତାରେ ନ ଥାନ୍ତି। ସେଥିପାଇଁ ଖାଦ୍ୟ ଖାଇବା ସହିତ ତାଙ୍କ ଓଜନ ବଢ଼ିବାକୁ ଲାଗିଥାଏ। ହେଲେ ଜାପାନରେ ମୋଟା ହେଲେ ଜରିମାନା ଭରିବାକୁ ପଡ଼ିଥାଏ। ଏପରି କି ଅଧିକ ମୋଟା ହେଲେ ଚାକିରିରୁ ମଧ୍ୟ ବିଦା ହେବାକୁ ପଡ଼ିଥାଏ। ଲୋକଙ୍କ ମୋଟାପଣକୁ ନେଇ ଏଠାରେ କଟକଣା ଲଗାଇ ଦିଆଯାଇଛି। ସେଥିପାଇଁ ସେଠାକାର ଲୋକେ ଲହୁଣି, ଚିଜ୍ ଖାଇବାକୁ ପସନ୍ଦ କରନ୍ତିନି କି ମିଠା ମଧ୍ୟ ସବୁବେଳେ ଖାଆନ୍ତିନି। ଏଥିପାଇଁ ଜାପାନ ଲୋକେ ସବୁଠାରୁ ସୁସ୍ଥ ବ୍ୟକ୍ତି ଭାବେ ଗଣାଯାଆନ୍ତି। ଜାପାନ ସରକାର ତାଙ୍କ ଦେଶର ନାଗରିକଙ୍କୁ ଫିଟ୍ ରଖିବା ପାଇଁ ୨୦୦୮ରେ ଏକ ଅଭିଯାନ ଚଳାଇଥିଲେ। ସେଠାର ସରକାରୀ ଓ ବେସରକାରୀ କମ୍ପାନୀରେ କାର୍ଯ୍ୟରତ ୪୦ରୁ ୭୪ ବର୍ଷୀୟ ବ୍ୟକ୍ତିଙ୍କ ଅଣ୍ଟାର ମାପ ନିଆଗଲା। ଇଣ୍ଟରନ୍ୟାଶନାଲ ଡାଇବେଟିକ୍ ଫେଡେରେଶନ ମୁତାବକ, ବ୍ୟକ୍ତିଙ୍କ ଅଣ୍ଟାର ମାପ ୩୩.୫ ସେ.ମି.ଏବଂ ମହିଳାଙ୍କ ଅଣ୍ଟାର ମାପ ୩୫.୪ରୁ ଅଧିକ ହୋଇଥିଲେ, ସେମାନେ ଜାପାନରେ ମୋଟାରେ ଗଣାଯାଆନ୍ତି। ଜାପାନରେ ଏହି ନିୟମ କଡ଼ାକଡ଼ି ଭାବେ ଲାଗୁ କରାଗଲା। ଯଦି କୌଣସି କମ୍ପାନୀରେ ମୋଟା ବ୍ୟକ୍ତି ଥା'ନ୍ତି, ସେମାନଙ୍କୁ ପ୍ରଥମେ ଡାଏଟ୍ ଚାଟ୍ ଦିଆଯାଇଥାଏ। ପରେ କିଛି ମାସ ମଧ୍ୟରେ ପୁଣି ସେମାନଙ୍କ ମାପ କରାଯାଏ। ଯଦି ସେଥିରେ ତାଙ୍କ ମୋଟାପଣ ଦୂର ହୋଇଥାଏ, ତେବେ ସେମାନେ ଖୁସିରେ କମ୍ପାନୀରେ କାମ କରିଥାନ୍ତି। ଯେଉଁମାନଙ୍କ ମୋଟାପଣ ଦୂର ହୋଇ ନ ଥାଏ, ସେମାନଙ୍କୁ ଜରିମାନା ନ ହେଲେ କମ୍ପାନୀରୁ ବାହାର କରିଦିଆଯାଇଥାଏ।

# ଟଏଲେଟ୍ ପେପରରେ ରହିଛି ବିପଜ୍ଜନକ ରାସାୟନିକ ଦ୍ରବ୍ୟ

**ନୂଆଦିଲ୍ଲୀ**



ଆମେ ବ୍ୟବହାର କରୁଥିବା ଟଏଲେଟ୍ କାଗଜରେ ରାସାୟନିକ ଦ୍ରବ୍ୟ ରହିଛି, ଯାହା ଆମ ପାଇଁ ବିପଜ୍ଜନକ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ବର୍ତ୍ତମାନ ଏହା ଚିନ୍ତାର ବିଷୟ ପାଲଟିଛି। ପରିବେଶ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଚିଠିରେ ପ୍ରକାଶିତ ଏକ ଖବର ଅନୁସାରେ, ସମଗ୍ର ବିଶ୍ୱରେ ବିକ୍ରି ହେଉଥିବା ପ୍ରମୁଖ ବ୍ରାଣ୍ଡର ଟଏଲେଟ୍ ପେପର ସମେତ ସମସ୍ତ ପେପର ପଲିଫ୍ଲୁରୋଆକିଲ୍ ସବ୍‌ଷ୍ଟାଣ୍ଡସ୍(ପିଏଫ୍ଏଏସ୍)ର ଅନ୍ୟ ଏକ ଉତ୍ସ ଭାବେ ପରିଣତ ହୋଇଛି। ପିଏଫ୍ଏଏସ୍ ହେଉଛି ଏପରି ଏକ ରସାୟନିକ ପଦାର୍ଥ, ଯାହା ଆମେରିକାର ପରିବେଶ ସୁରକ୍ଷା ଏଜେନ୍ସି (ଇପିଏ) ସହିତ ଜଡିତ। ଏହି ରାସାୟନିକ ପଦାର୍ଥ ଶରୀର ଅସୁସ୍ଥତା, କ୍ୟାନ୍ସର ଆଶଙ୍କା, ପ୍ରଜନନ କ୍ଷମତା ହ୍ରାସ, ଗର୍ଭବତୀଙ୍କ ଉଚ୍ଚ ରକ୍ତଚାପ ବୃଦ୍ଧି, ହରମୋନ ଅନିୟମିତତା, କୋଲେଷ୍ଟରଲ ଆଶଙ୍କା, ଟିକାକରଣର ପ୍ରଭାବକୁ ହ୍ରାସ କରିଥାଏ। ଜେନେସଭିଲିର ଫ୍ଲୋରିଡ଼ା ୟୁନିଭର୍ସିଟିର ପରିବେଶ ଇଞ୍ଜିନିୟରିଂ ସାଇନ୍ସ ବିଭାଗର ଟିମୋଥି ଟାଉନସେଣ୍ଡଙ୍କ ଏକ ଅଧ୍ୟୟନ ଅନୁଯାୟୀ, ବିଶ୍ୱର ଉତ୍ତର ଆମେରିକା, ଆଫ୍ରିକା, ଦକ୍ଷିଣ ଓ ମଧ୍ୟ ଆମେରିକା ଏବଂ ପଶ୍ଚିମ ୟୁରୋପରୁ ୪୩ଟି ବିଭିନ୍ନ ପ୍ରକାରର ପିଏଫ୍ଏଏସ୍ ଯୁକ୍ତ ବ୍ରାଣ୍ଡର ଟଏଲେଟ୍ ପେପର ସମେତ ସ୍ୱେରେଜର ବର୍ଜ୍ୟଜଳର ନମୁନା ସଂଗ୍ରହ କରାଯାଇଥିଲା। ସଂଗୃହୀତ ଟଏଲେଟ୍ ପେପର ଏବଂ ସ୍ୱେରେଜ ଜଳରେ ପିଏଫ୍ଏଏସ୍‌ର ଏକ ପ୍ରଜାତି ରହିଥିବା ଅଧ୍ୟୟନରୁ ଜଣାପଡିଥିଲା। ସଂଗୃହୀତ ଟଏଲେଟ୍ ପେପରରେ ୯୧ ପ୍ରତିଶତ ଏବଂ ସ୍ୱେରେଜ ଜଳରେ ୫୪ପ୍ରତିଶତ ପିଏଫ୍ଏଏସ୍ ମାତ୍ରା ଥିବା ଜଣାପଡିଥିଲା। ଇପିଏ ଏହାକୁ ବିପଜ୍ଜନକ ବୋଲି କହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କଂଗ୍ରେସରେ ଯୋଗଦେଲେ ମୟୂରଭଞ୍ଜର ଏଏପି କର୍ମକର୍ତ୍ତା



ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ଶୁକ୍ରବାର ଯୋଗଦେଇଥିବା ଏଏପି କର୍ମମର୍ତ୍ତା।

**ଭୁବନେଶ୍ୱର,୩।୩(ବ୍ୟୁରୋ):** ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱ ଏବଂ ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ମୟୂରଭଞ୍ଜ ଜିଲାର ନେତା ସୁକୁମାର ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ବହୁ ଆମ୍ ଆଦ୍‌ମୀ ପାର୍ଟି(ଏଏପି) କର୍ମକର୍ତ୍ତା କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ଉପଲକ୍ଷେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ମିଶ୍ରଣ ପର୍ବରେ ପିସିସି ସଭାପତି ଶରତ ପଟ୍ଟନାୟକ ସମସ୍ତ ଏଏପି କର୍ମକର୍ତ୍ତାଙ୍କୁ ଆନୁଷ୍ଠାନିକ ଭାବେ ଦଳରେ ସାମିଲ କରିବା ସହ ଏମାନଙ୍କ ଯୋଗଦାନ କଂଗ୍ରେସକୁ ଦୃଢ଼ କରିବ ବୋଲି କହିଛନ୍ତି।

## ଜେଡିୟୁ ଛାଡ଼ିଲେ ମୀନା ସିଂ



**ପାଟନା, ୩।୩**

ଉପେନ୍ଦ୍ର କୁଶୱାହାଙ୍କ ପରେ ପୂର୍ବତନ ଏମ୍‌ପି ମୀନା ସିଂ ଶୁକ୍ରବାର ଜେଡିୟୁ ଛାଡ଼ିଛନ୍ତି। ୨୦୦୮ରେ ସ୍ୱାମୀ ତଥା ଏମ୍‌ପି ଅଜିତ କୁମାର ସିଂଙ୍କ ପରଲୋକ ପରେ ମୀନା ବିକ୍ରମଗଞ୍ଜ ଲୋକ ସଭା ଉପନିର୍ବାଚନରେ ବିଜୟୀ ହୋଇଥିଲେ। ଏହା ପରେ ସେ ୨୦୦୯ ନିର୍ବାଚନ ମଧ୍ୟ ଜିତିଥିଲେ। ୨୦୧୪ରେ ସେ ନିର୍ବାଚନ ଲଢ଼ି ହାରିଯାଇଥିଲେ। ସେ ତାଙ୍କ ଇସ୍ତଫାପତ୍ର ଦଳର ରାଜ୍ୟ ସଭାପତି ଉମେଶ କୁଶୱାହାଙ୍କ ନିକଟକୁ ପଠାଇଦେଇଛନ୍ତି। ସେ ଭାଜପାରେ ଯୋଗଦେଇପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

# ଓଡ଼ିଶାବାସୀଙ୍କୁ କେନ୍ଦ୍ର ସରକାର ଠକିଛନ୍ତି: ବିଜେଡି

- ଏଲ୍‌ପିଜି ଦର ବୃଦ୍ଧି ପ୍ରତିବାଦରେ ବିଜୁ ମହିଳା ଜନତା ଦଳର ବିକ୍ଷୋଭ
- ନବ ଦାସ ହତ୍ୟା ପ୍ରସଙ୍ଗ ଏଡ଼ାଇବାକୁ ବିଜେଡିର ନୂଆ ନାଟକ: ଭାଜପା

**ଭୁବନେଶ୍ୱର,୩।୩(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ଘରୋଇ ରନ୍ଧନ ଗ୍ୟାସ୍ ଏଲ୍‌ପିଜି ଦର ବୃଦ୍ଧିର ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଶୁକ୍ରବାର ରାଜଭବନଠାରେ ଚୁଲି ଜାଳି ପ୍ରତିବାଦ କରାଯାଇଛି। ମହିଳା ମୋର୍ଚ୍ଚାର କର୍ମୀମାନେ ଦର ବୃଦ୍ଧିକୁ ବିରୋଧ କରି ସ୍ଲୋଗାନ ଦେବା ସହ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବରିଷ୍ଠ ବିଜେଡି ନେତା ସୌମ୍ୟରଞ୍ଜନ ପଟ୍ଟନାୟକ ଏହି ପ୍ରତିବାଦ ସଭାରେ ଯୋଗଦେଇ କହିଛନ୍ତି, କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗରିବ ଲୋକଙ୍କୁ ମାଗଣାରେ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦେଇଥିଲେ। ମାତ୍ର କ୍ରମାଗତ ଗ୍ୟାସ୍ ଦର ବୃଦ୍ଧି ଗରିବ ଲୋକଙ୍କୁ ଅତିଷ୍ଠ କରିଛି। ଗ୍ୟାସ୍ ସିଲିଣ୍ଡର ବଦଳରେ ସେମାନେ ଚୁଲି ଜାଳ ଉପରେ ନିର୍ଭର କରିବାକୁ ବାଧ୍ୟ ହେଲେଣି। କେନ୍ଦ୍ର ସରକାର ଏହି ଦର ବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର କରିବା ଦରକାର ବୋଲି ସେ କହିଛନ୍ତି। ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି, ଓଡ଼ିଶାବାସୀଙ୍କୁ କେନ୍ଦ୍ର ସରକାର ଠକିଛନ୍ତି। କିଛିଦିନ ତଳେ କେନ୍ଦ୍ର ସରକାର ଗରିବ ଲୋକଙ୍କଠାରୁ ଚାଉଳ ଛଡ଼ାଇ ନେଇଥିବା ବେଳେ ଏବେ ଘରୋଇ ଏଲ୍‌ପିଜି ଗ୍ୟାସ୍ ଦର ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରିଛନ୍ତି। ଯଦିଓ କେନ୍ଦ୍ର ସରକାରଙ୍କର କେତେକ ପଦକ୍ଷେପକୁ ବିଜେଡି ସମର୍ଥନ କରିଛି ତେବେ ମୋଦି ସରକାରଙ୍କ ଜନ ବିରୋଧୀ ନୀତିକୁ କେବେ ଦଳ ସମର୍ଥନ କରିପାରିବ ନାହିଁ। ଦର ବୃଦ୍ଧି ସାଧାରଣ ଲୋକଙ୍କୁ ହନ୍ତସନ୍ତ କରୁଛି। କେନ୍ଦ୍ର ସରକାର ଏହି ଦର ବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ସେ କହିଛନ୍ତି।



ଏଲ୍‌ପିଜି ଦରବୃଦ୍ଧି ପ୍ରତିବାଦରେ ରାଜଭବନ ସମ୍ମୁଖରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ବିକ୍ଷୋଭ।

ଅନ୍ୟପକ୍ଷରେ ଭାଜପା ମଧ୍ୟ ଏହି ପ୍ରସଙ୍ଗରେ ବିଜେଡିକୁ ପାଲଟା ଜବାବ ଦେଇଛି। ଭାଜପା ମୁଖପାତ୍ର ସୋନାଲୀ ସାହୁ କହିଛନ୍ତି, ନବ ଦାସଙ୍କ ହତ୍ୟାକାଣ୍ଡରୁ ନଜର ଏଡ଼ାଇବା ପାଇଁ ରାଜ୍ୟ ସରକାର ନୂଆ ନାଟକ କରୁଛନ୍ତି। ଗ୍ୟାସ୍ ଭଳି ପଦାର୍ଥର ଦର ଅନ୍ତର୍ଜାତୀୟ ବଜାର ସ୍ଥିର କରିଥାଏ। ଏଥିରେ ମୋଦି ସରକାରଙ୍କ କୌଣସି ଭୂମିକା ନାହିଁ। ଏକଥା କ'ଣ ବିଜୁ ଜନତା ଦଳର ନେତ୍ରୀନେତା ଜାଣନ୍ତି ନାହିଁ ବୋଲି ସୋନାଲୀ କହିଛନ୍ତି।

## ମନେ ପଡ଼ନ୍ତି

### ୨୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା କ୍ଷେତ୍ରମଣୀ ପଟ୍ଟନାୟକ**

ଆବିର୍ଭାବ: ୧୩।୧୦।୧୯୩୨
ତିରୋଧାନ: ୨୬।୦୩।୨୦୦୨
ତୁମର ଶୂନ୍ୟତା ଆମ ସମସ୍ତଙ୍କ ପାଇଁ ଅପୂରଣୀୟ। ତୁମର ସ୍ନେହ, ଶ୍ରଦ୍ଧା ଓ ଅନୁଶାସନ ଆମମାନଙ୍କ ପାଇଁ ଚିର ସ୍ମରଣୀୟ।
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୯୧୦

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଭାଗୀରଥି ରଥ**

ଶାସ୍ତ୍ରୀନଗର ୪୭ Unit-(4), BBSR
ଆବିର୍ଭାବ: ମେ୧୯୩୦
ତିରୋଧାନ: ମାର୍ଚ୍ଚ, ୦୧।୧୯୯୬
(ଫାଲ୍‌ଗୁନ ଦ୍ୱାଦଶୀ ତିଥି ଶୁକ୍ଳପକ୍ଷ)
ନନା, ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
ପୁଅ: ଜୟନ୍ତ, ପ୍ରଶାନ୍ତ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ।
ଧ-୨୯୧୬

### ଏକାଦଶାହ ଉପଲକ୍ଷେ



**୰ଚାରୁଲତା ସାହୁ**

(ଧର୍ମପରାୟଣା ମହିଳା)
ସା: ପାଞ୍ଚଗୋଛିଆ, ପୋ: ମଧୁବନ, ବ୍ଲକ: ରସୁଲପୁର, ଜିଲ୍ଲା: ଯାଜପୁର
ଆବିର୍ଭାବ-ତା୦୧।୦୧।୧୯୪୨
ତିରୋଧାନ- ତା୨୨।୦୨।୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟ ପରାୟଣତା ଓ ଧାର୍ମିକ ଚିନ୍ତାଚେତନା ଆମ୍ଭମାନଙ୍କ ଜୀବନର ପଥ ପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଯେଉଁଠି ଅଛ ଶାନ୍ତିରେ ରୁହ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ବଡ଼ପୁଅ: କାର୍ତ୍ତିକ ସାହୁ, ବଡ଼ବୋହୂ: ସାବିତ୍ରୀ, ସାନପୁଅ: ଗଣେଶ୍ୱର ସାହୁ, ସାନବୋହୂ: ଶାନ୍ତିଲତା, ଝିଅ, ଜ୍ୱାଇଁ, ପୁତୁରା, ପୁତୁରାବୋହୂ, ନାତି, ନାତୁଣୀ, ଅଣନାତି, ଅଣନାତୁଣୀ, ନାତୁଣୀ ଜ୍ୱାଇଁ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୯୨୨

CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE
For Booking Contact 0674-2580385

## ଫାଇନାନ୍ସ

ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା
Mob:7653803952
WP-7656825035

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସବୁ ଥାନାରେ ଏତଲା ଦେଲା ଭାଜପା

## ଯୁବମୋର୍ଚ୍ଚା କର୍ମୀ-ପୋଲିସ ହାତାହାତି ଘଟଣା

- ଆଜି ଏସ୍‌ପି ଅଫିସ ଆଗରେ ବିକ୍ଷୋଭ କରିବ ଦଳ
- ବିଜେଡି ସବୁବେଳେ ଲୋକଙ୍କ ପେଟପାଟଣା ପାଇଁ ଲଢ଼େଇ କରେ: ଅରୁଣ

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ନବ ଦାସ ହତ୍ୟାକାଣ୍ଡ ଘଟଣା ଏବଂ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରସଙ୍ଗରେ ଯୁବମୋର୍ଚ୍ଚାର ବିରୋଧ ବେଳେ ପୋଲିସ ସହ ହାତାହାତି ହେବା ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏହି ଘଟଣାରେ ଯୁବମୋର୍ଚ୍ଚାର ୨୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଭାଜପା ପକ୍ଷରୁ ଦିଆଯାଇଥିବା ଏତଲା ଏ ପର୍ଯ୍ୟନ୍ତ ପଞ୍ଜୀକୃତ ନ ହେବାରୁ ବିରୋଧୀ ଆହୁରି ତାତିଛନ୍ତି। ଭାଜପା ଏହାକୁ ନେଇ ଶୁକ୍ରବାର ରାଜ୍ୟର ସବୁ ଥାନାରେ ପୋଲିସ ଡିଜି, କଟକ-ଭୁବନେଶ୍ୱର ପୋଲିସ କମିଶନର ଏବଂ ଭୁବନେଶ୍ୱର ଡିସିପିଙ୍କ ବିରୋଧରେ ଏତଲା ଦେଇଛି। ଅନ୍ୟପଟେ ଏହି ଘଟଣାକୁ ନେଇ ଶନିବାର ରାଜ୍ୟର ସବୁ ଏସ୍‌ପି ଅଫିସ ଏବଂ ଡିସିପି ଅଫିସ୍ ଆଗରେ ବିକ୍ଷୋଭ କରିବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପଟେ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ପୁଣି ଗିରଫ ଯୁବମୋର୍ଚ୍ଚା ନେତା ଓ କର୍ମୀଙ୍କୁ ଜେଲରେ ସାକ୍ଷାତ କରିଛନ୍ତି।

ଏହି ପ୍ରସଙ୍ଗରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଓଡ଼ିଶାରେ ଭ୍ରଷ୍ଟାଚାରକୁ ଆନୁଷ୍ଠାନିକ କରିବାରେ ବିଜେଡି ସିଦ୍ଧହସ୍ତ ହାସଲ କରିଛି। ପୋଲିସ ବିଜେଡିର କର୍ମୀ ଭଳି ବ୍ୟବହାର ହେଉଛି। ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଅପରାଧୀ ଭଳି ବ୍ୟବହାର କରି ସେମାନଙ୍କୁ ମାଡ ମାରିବା ସହ ମିଥ୍ୟା ଦଫା ଲଗାଇ ଗିରଫ କରିଛନ୍ତି। ଏସ୍‌ପି ଅଫିସ୍ ଆଗରେ ବିକ୍ଷୋଭ ପରେ ଏତଲା ଗ୍ରହଣ ନ କଲେ ପୋଲିସକୁ ଅଦାଲତି ନିର୍ଦ୍ଦେଶ ପାଇଁ ଫଟୋ, ଭିଡିଓ ଓ ଅନ୍ୟାନ୍ୟ ପ୍ରମାଣ ସହ ଭାଜପା ନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ସେ କହିଛନ୍ତି।

ଭାଜପା ନ୍ୟାୟାଳୟକୁ ଯିବା ଧମକକୁ ନେଇ ବିଜେଡି ବିଧାୟକ ଅରୁଣ କୁମାର ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଚୋରି କରିବା ପରେ ଏବେ ଏତଲା କାହା ବିରୋଧରେ ଦେଉଛନ୍ତି। ସେମାନେ ପ୍ରଥମେ ଆଇନ ହାତକୁ ନେଲେ, ପରେ ଆଇନକୁ ଭାଙ୍ଗି ରସାତଳକୁ ନେଲେ, ଆଇନର ସୁରକ୍ଷା ନାଁରେ ନାରକୀୟ କାଣ୍ଡ ଘଟାଇ ଶେଷରେ ଡ୍ରାମା କଲେ। ହେଲେ ବିଜେଡି ସବୁବେଳେ ଲୋକମାନଙ୍କ ପେଟପାଟଣା ନେଇ ଲଢ଼େଇ କରେ ବୋଲି ସେ କହିଛନ୍ତି।



ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଧିକାରୀଙ୍କୁ ଶୁକ୍ରବାର ଭାଜପା ପକ୍ଷରୁ ଏତଲା ଦିଆଯାଉଛି।

# Classified Everyday
0674-2580101, 2549949



REAL ESTATE

**SALE**

Duplex sale at Bhubaneswar @ 50 lakhs only. Contact: 9777433701. D-74828

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପାଖରୁ 7K.M. ଦୂର ରଙ୍ଗବଜାର ପାଖରେ finance ସହିତ ପ୍ଲଟ୍ ମିଳୁଛି। 8093465134, 9668194157. D-74827

Gharabari boundary wall plot sale for Ragabazar (Tankapani road). 7008492511. D-2900

**Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195.** D-74814

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

**New Cancer Hospital ନାଇକର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753.** D-73691

ଅନୁଗୋଳ ବଅଁରପାଳ ନୂଆହତା ନିକଟ ନୂଆ ବାଇପାସ୍ ଛକ ଉପରେ ୫.୫ ଗୁଣ୍ଠ ଜାଗା NH ଉପରେ ପାଚେରି ସହିତ ଘରବାରି ବିକ୍ରି ହେବ। ଯୋଗାଯୋଗ- 9861464900. D-74049

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

Mega Duplex at project Retang Medical, Station, near CV Raman Tamando, Bhubaneswar. 7008459987. D-74825

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



CONSTRUCTION

**Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74826



FOR RENT

'1600 sqft Independent ground floor Two Bedrooms, Drawing, Dining, Kitchen, Garage for rent at Laxmisagar, Bhubaneswar. Rent Rs.25000/-. Contact 9868656156'. D-2912




**Full Body massage by experience therapist @999 only- 9078484455 (Bhubaneswar).** D-2791

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74652

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

Newly open health benefits SPA special Offer @ 999 Nayapalli. 7846814019. D-73687

Newly open full body massage ladies and gents. 9861883292. D-74650

Full body massage, refresh, relaxed by expert lady therapist. 8480939300. D- 2824

All types body massage with hiprofile smart lady, room services available. 9937833100. D-71366



BUSINESS

ଘରେ ବସି Part time matter forwarding କାମ କରି 9000/- ରୁ 36000/- ରୋଜଗାର କରନ୍ତୁ। 8763722330. D-2825




ଘରେ ବାସ୍ତୁଦୋଷ ଥିବାପରି ମନେ ହେଉଛି କି? ବିଳମ୍ବ ନ କରି ତୁରନ୍ତ ଯୋଗାଯୋଗ "ବାସ୍ତୁ ସମାଧାନ" Odisha. 7978736177. D-74305

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

By virtue of an affidavit sworn before the Notary Public, Rampur- 07.02.23 I change my name from Bhakta Tandi to Prahallad Tandi and henceforth I shall be known as Prahallad Tandi for all purposes. At: Tamamura, Post.- Tamamura, P.S.- Dunguripali, District: Subarnapur, Pin- 767023 Odisha. D-2902

I Sayed Arfe Rasool(34), S/o- Sayed Ale Rasool, Vill- Mirzapur, PO/ PS- Purunabazar, Dist- Bhadrak, Odisha. The spelling of my name is in previous Aadhaar card wrongly mentioned Sayad Arife Rasool . Before I used to recognized my name Sayad Arife Rasool, but now it has been to the name Sayed Arfe Rasool. I declare that Sayed Arfe Rasool and Sayad Arife Rasool is same and one person. D-2920

I Priyaranjan Nayak, S/o- Dushasan Nayak, Akhuasahi, Naranagochha, PS- Mangalpur, Dist- Jajpur. My son's real name is Priyansh Nayak. His date of birth is 26.01.2019 according Birth Certificate and Aadhaar card. But in his LIC policy bearing no. 846558075, his name is Punyasloak Nayak and his date of birth 11.05.2018. Priyansh Nayak and Punyasloak Nayak, S/o- Priyaranjan Nayak same and one person. D-2921

ଧରିତ୍ରୀ
DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## LOST

ମୁଁ ଶ୍ରୀ କର୍ଣ୍ଣ ବିଶ୍ୱାଳ, ବୟସ-୪୭, ପିତା: ମୁରଲୀଧର ବିଶ୍ୱାଳ ଘୋଷଣା କରୁଛି ଯେ ମୁଁ ମୋର ଅସଲି ପଞ୍ଜୀକୃତ କବଲା ନମ୍ବର-୧୦୯୦୧୨୦୦୦୬୭/୨୦୧୨, ତାରିଖ ୧୭।୦୧।୨୦୧୨, ପଞ୍ଜୀକୃତ କବଲା ନମ୍ବର-୧୦୯୦୧୨୦୦୦୬୮/୨୦୧୨, ତାରିଖ ୧୭।୦୧।୨୦୧୨ ଯାହାକି କଳମପୁର ତହସିଲରେ ତାରିଖ ୧୭।୦୧।୨୦୧୨ରେ ରେଜେଷ୍ଟ୍ରି ଭୁକ୍ତ ଯାହାର ଖାତା ନମ୍ବର ୧୦୭/୧୧୩୯, ପ୍ଲଟ୍ ନମ୍ବର ୭୧୧/୩୦୪୪, ୭୧୧/୩୦୪୩, କିସମ ଘରବାରି, ଏରିଆ ୨୬ ଡିସିମିଲ। ଉପରୋକ୍ତ ଅସଲି ପଞ୍ଜୀକୃତ କବଲା ହଜି ଯାଇଥିବାରୁ ଏହି ସମ୍ପର୍କରେ ଜୟପାଟଣା ପୋଲିସ ଷ୍ଟେସନରେ ତାରିଖ ୨୧।୦୨।୨୦୨୩ ଦିନ ଏଫଆଇଆର କରାଯାଇଅଛି। ପ୍ରକାଶ ଥାଉ କି ଉପରୋକ୍ତ ଅସଲି ପଞ୍ଜୀକୃତ କବଲା ବନ୍ଧକ ଦେଇ ମୁଁ ଷ୍ଟେଟ୍ ବ୍ୟାଙ୍କ୍ ଅଫ ଇଣ୍ଡିଆ ଏସଏମଇ ବ୍ରାଞ୍ଚ ବରଗଡ଼ ଶାଖାରେ ଏକ ଋଣ ଆଣିବାକୁ ଇଚ୍ଛୁକ ଅଟେ। ତେଣୁ କୌଣସି ଲୋକ ଉକ୍ତ ଅସଲି ପଞ୍ଜୀକୃତ କବଲା ପାଇଲେ ଏସଏମଇ ବ୍ରାଞ୍ଚ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବରଗଡ଼ ଶାଖାରେ ଜଣାଇବାକୁ ମୋବାଇଲ ନମ୍ବର- 9437018960 ରେ ୧୫ଦିନ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ।

କର୍ଣ୍ଣ ବିଶ୍ୱାଳ, ପିତା: ମୁରଲୀଧର ବିଶ୍ୱାଳ, ନି: ତମାମୁରା, ଥାନା: ଡୁଙ୍ଗୁରିପାଲି, ଜିଲ୍ଲା: ସୁବର୍ଣ୍ଣପୁର ।
ଧ-୨୯୨୩

# ସଂପର୍କ

## ଗଳ୍ପ

### ହିମାଂଶୁ ଆଚାରୀ

ତୁମ ଓ ମୋ' ଭିତରେ ଗୋଟିଏ ବିରାଟ ବ୍ୟବଧାନ। ଏ ଦୂରତାର ଦୈର୍ଘ୍ୟ ବି ତ ଅଲଂଘ୍ୟ! ଅଥଚ ଆମେ ପରସ୍ପର ଭିତରେ ଚିରକାଳ ବାନ୍ଧି ହେଇ ରହିବାର ଏ ଅଲେଖା ପ୍ରତିଶ୍ରୁତି କେତେଦିନ କାଏମ ରହିବ କିଏ ଜାଣେ! ବେଳେବେଳେ ଏମିତି ଲାଗେ, ଦିନେ ତୁମ ପାଖରେ ହଠାତ୍ ପହଞ୍ଚି ତୁମକୁ ଖୁବ୍ ଜୋର୍‌ରେ କୁଣ୍ଢେଇ ଧରି ନିଜକୁ କିଛିକ୍ଷଣ ଉଶ୍ୱାସ କରେଇ ନେବି ଏବଂ ମୋର ଯେତେସବୁ ଜଞ୍ଜାଳ ତୁମ ଉପରେ ଜୋର୍ କରି ଲଦିଦେବି!

ନଭେମ୍ବର ମାସର ଏକ ଶୀତୁଆ ସଞ୍ଜ। ଛଅଟା ବାଜିବାକୁ ଆହୁରି ଦଶ ମିନିଟ୍ ବାକି। ତମେ ଏବେ ନିଶ୍ଚୟ ଛାତ ଉପରେ ଥିବ ଭାବି ମିସ୍‌କଲ୍‌ଟେ କଲି। ତୁମର ଅନ୍ୟ ସହରକୁ ବଦଳି ପରେ ଏବେ ପ୍ରାୟତଃ ଘରେ ରୁହ ବୋଲି ମୋତେ ମିସ୍‌କଲ୍ କରିବାକୁ ହିଁ ସଚେତନ କରିଦେଇଛ। ଜାଣିଲି ମୋ' ସହ କଥାହୁଅ ବୋଲି ଘରେ କାହାକୁ କହିନ ଏଯାଏଁ। ମୋ' ମିସ୍‌କଲ୍ ପାଇବାର ଦଶମିନିଟ୍ ପରେ ତୁମେ କଲ୍‌ବ୍ୟାକ୍ କର ପ୍ରତିଥର। କିନ୍ତୁ ଆଜି କଲନି। ଭାବିଲି ତୁମ ସାନପୁଅ ସହ ଖେଳରେ ମଗ୍ନ ଥିବ ବା ଭାଉଜଙ୍କ ସହ ମାର୍କେଟ୍ କି ମନ୍ଦିର ଯାଇଥିବ।

ଜାଣ, ଆମେ ଦୁହେଁ ଏ ସମୟରେ ଗାର୍ଡେନରେ ବସି ଚା' ପିଉ ସବୁଦିନ। ଯାଉଛି, ସେ ବି କାଳେ ଚା' କପ୍ ଧରି ମୋତେ ଖୋଜୁଥିବେ। ତମ ସହ ଏମିତି ଘଣ୍ଟାଘଣ୍ଟା କଥା ହୁଏ ବୋଲି ମୁଁ ବି ଠିକ୍ ତମପରି କାହାକୁ କହିନି କି କହିବାର ଆବଶ୍ୟକ ପଡ଼ିନି କେବେ।

ବାପାଙ୍କୁ ଆଜି ସତୁରି ଛୁଇଁଲା। ତମ କଥା ରଖି ଗାଁରୁ ବାପାଙ୍କୁ ଆଣି ଏବେ ମୋ' ପାଖରେ ହିଁ ରଖିଛି। ଆଗ ପରି ସେ ଆଉ ମନମାରି ଗୋଟିଏ ଜାଗାରେ ବସୁନାହାନ୍ତି। ଆଶାବାଡ଼ିର ଆବଶ୍ୟକ ପଡ଼ି ନ ଥିଲେ ବି ସେ ବାଡ଼ିକୁ ଧରି ବଜାର ପଟେ ଘେରାଏ ବୁଲି ଆସନ୍ତି କେବେକେବେ।

ଦିନେ ଏକାନ୍ତରେ ମୋତେ କହୁଥିଲେ, ବାଡ଼ିଟିକୁ ତମେ କୁଆଡ଼େ ତାଙ୍କ ପାଇଁ ପୁରୀରୁ ଆଣିଥିଲ ଓ ସେ ଏକା ଗାଁରେ ଅବସ୍ଥାନ କରୁଥିଲାବେଳେ ତାଙ୍କୁ ଦେଇ ସେ ଆଶାବାଡ଼ି ଭିତରେ ତମକୁ ଅନୁଭବ କରିବେ ବୋଲି କୁଆଡ଼େ କହି ଆସିଥିଲ। ସେଇ ଦିନଠୁ ସେ ବାଡ଼ି ତାଙ୍କ ହାତମୁଠାରେ।



ସେଦିନ ମୋ' ମାଆର ଦଶାହ କାର୍ଯ୍ୟରେ ତମର ଯୋଗଦାନ ସହ ତମେ ମୁଣ୍ଡନ ହେବା କଥାଟିକୁ ହୁଏତ ସମସ୍ତେ ସାଧାରଣ ଭାବେ ଗ୍ରହଣ କରିଥିଲେ ବି ମୋ' ତିର୍ଯ୍ୟକ୍ ଆଖିରେ ତମେ ସେଦିନ ହିଁ ଧରାପଡ଼ିଯାଇଥିଲ। ସେଦିନ ହିଁ ତୁମ ସହ ମୋର ପ୍ରଥମ ଓ ଶେଷ ସାକ୍ଷାତ୍।

ସେଇ ସମୟରେ ତୁମେ ବାପାଙ୍କ ପାଖେପାଖେ ରହିବା, ତୁମ ଯଥେଷ୍ଟ ଆନୁଗତ୍ୟର ପ୍ରଲେପରେ ବିମୋହିତ ହେଇ ବାପା ବି ତମକୁ ଖୋଜିହେବା କଥାଟି ସେଦିନ ସରଳ ନ ଥିଲା ନିଶ୍ଚୟ। ବାପାଙ୍କ ସାମ୍ନାକୁ ଯାଇ ତମ ସହ କଥା ହେବା ସମ୍ଭବ ନ ଥିଲା ମୋର ସେତେବେଳେ। ମୋ' ବୟସ ବା କେତେ! ଷୋହଳ ପୂରିଥିବ। ତା'ପରେ ତମେ କେବେ ଓ କେତେବେଳେ ଚାଲିଗଲ ମୁଁ ଆଉ ଜାଣି ପାରିଲିନି।

ମୋ' ସହ ପଦେ କଥା ହେବାକୁ କି ତୁମ ପରିଚୟ ପ୍ରଦାନ କରିବାର ଇଚ୍ଛା ଜାଗ୍ରତ ହେଇ ନ ଥିଲା କି ସେଦିନ? ନାଁ କହି ହେଉ ନ ଥିବା କେଉଁ ଅଜଣା ଭୟରେ ଘାରି ଓ ଘୋରି ହେଉଥିଲ!

ଏ ଭିତରେ କିଛି ବର୍ଷ ଅତିବାହିତ ହୋଇଗଲା ଓ ତମେ ଗୋଟିଏ ଅତୀତ ହେଇ ମୋ' ମନରୁ ଅସ୍ପଷ୍ଟ ଓ ଅଚିହ୍ନା ହେଇଗଲ। ମୋ' ବାହାଘରର ଦୁଇବର୍ଷ ଯାଏଁ ତମ କଥା କେବେ ବି ମନେପଡ଼ିନି ଆଉ ମୋର।

ଦିନେ ସାଂଘାତିକ ଭାବେ ଅସୁସ୍ଥ ହୋଇପଡ଼ିଲେ ବାପା। ହସ୍ପିଟାଲ ବେଡ୍‌ରେ ମୁଁ ଏକା ବସିଥାଏ ତାଙ୍କ ପାଖରେ। କ'ଣ ଭାବିଲେ କେଜାଣି, ତୁମ କଥା ମୋତେ କହି ଦେଇଥିଲେ ଗୋଟିଗୋଟି। ଆଉ ଏକଥା ବି କହିଥିଲେ, ଯଦି ତାଙ୍କର କିଛି ହେଇଯାଏ ସର୍ବପ୍ରଥମେ ତମକୁ ହିଁ ଖବର ଦିଆଯିବ। ମୋ' ଦେହମୁଣ୍ଡ ଶୀତେଇ ଉଠୁଥାଏ। ମୋ' ପାପୁଲିକୁ ମୁଠେଇ ଧରିଥିବା ତାଙ୍କ ହାତର ଚାପ କ୍ରମଶଃ ମୋ' ପଞ୍ଚଇନ୍ଦ୍ରିୟକୁ ଆଉ ଟିକେ ନିସ୍ତେଜ କରିଦେଉଥିଲା।

ବାପା ସୁସ୍ଥ ହେଇ ଘରକୁ ଫେରିଲେ ପ୍ରାୟ ସାତ ଦିନ ପରେ ଏବଂ ତା'ପର ପନ୍ଦର ଦିନ ଯାଏଁ ଆଉ ସେ ବିଷୟରେ ଆମ ଭିତରେ ଆଲୋଚନା ହେଇ ନ ଥିଲେ ବି ତୁମେ ମୋ' ଭିତରେ ଘର କରି ରହିଲ ମୋ' ଅନିଚ୍ଛାରେ। କେବଳ ତୁମ ପ୍ରତି ନୁହେଁ, ମୋ' ବାପାଙ୍କ ଉପରେ ବି କେମିତି ଏକ ଘୃଣାଭାବ ଜାଗ୍ରତ ହେଇଗଲା ଆପେଆପେ। ଗୋଟିଏ ପ୍ରଚଣ୍ଡ ନୀରବତା ମୋ' ସମଗ୍ର ସତ୍ତାକୁ ଘୋଡ଼େଇ ରଖିଲା। ବାପା ବୋଧହୁଏ ଅନୁଭବ କରୁଥିଲେ ସବୁକଥା ଅଥଚ କିଛି କହିପାରୁ ନ ଥିଲେ ନା କହିବାକୁ ଗୋଟିଏ ନିରୋଳା ସମୟ ଖୋଜୁଥିଲେ କେଜାଣି!

ସତକୁ ସତ ଦିନେ ଯେ ନ ଥିବାର ସୁଯୋଗ ନେଇ ତାଙ୍କ ଜୀବନର ସବୁତକ ଘଟଣାକ୍ରମ ମୋତେ କହି ଦେଇଥିଲେ ଏକା ନିଃଶ୍ୱାସରେ। ଏବଂ ସେଥିରେ ବାପାଙ୍କର କି ତୁମର କାଣିଚାଏ ଦୋଷ ଅନ୍ତତଃ ମୋ' ଚିନ୍ତା ଓ ଚେତନାକୁ ଆଉ ଛୁଇଁପାରିଲାନି ବରଂ ତାଙ୍କର ଅସହାୟତା ଓ ତୁମ୍ଭମାନଙ୍କର ତ୍ୟାଗ ମୋତେ ତୁମ ନିକଟତର ହେବାକୁ ରାସ୍ତାଟିଏ ସଂଯୋଗ କରିଦେଇଥିଲା ସିନା, ସାମାଜିକ ଦୃଷ୍ଟିରେ ଏ ବ୍ୟବଧାନ ବଳବତ୍ତର ରହିଲା।

ତୁମ ସହ କଥା ପଦେ ହେବାର ଇଚ୍ଛାଟି ମୋ' ଭିତରେ କେବେଠାରୁ ଉଦ୍ରେକ ହେଇସାରିଥିଲା। ବାପା ହସ୍ପିଟାଲ୍‌ରେ ଥିବା ସମୟରେ ହିଁ ତୁମ ନମ୍ବର ମୋତେ ଦେଇଥିଲେ। ଦିନେ ଫୋନ୍ କରି ତୁମ ସହ କଥା ହେବା ଆଗରୁ ତମେ ମୋତେ ଓ ମୋ' ନାଁ କୁ ଜାଣିବା ମୋତେ ଚକିତ କରିଥିଲା। ମୋ' ଭିତରେ ହୃତ୍‌ସ୍ପନ୍ଦନ ତୀବ୍ରତର ଥିଲେ ବି ତମେ ବେଶ୍ ସହଜ ଓ ହାଲୁକା ଭାବେ କଥା ହେଇ ବାପାଙ୍କ କଥା ବାରମ୍ବାର ପଚାରି ବୁଝିଥିଲ। ଏମିତି ଲାଗିଲା ଆମେ ବହୁବାର କଥା ହେଇସାରିଛେ ଆଗରୁ।

ଏ ଭିତରେ ପିଲାଙ୍କ ପାଠପଢ଼ା ପାଇଁ ମୁଁ ସପରିବାର ସହରକୁ ଆସିବା ଛଅମାସ ହେଇଗଲାଣି। ବାପାଙ୍କୁ ବି ସାଥିରେ ଆଣିବାକୁ ପ୍ରୟାସ କରିଥିଲି ସେତେବେଳେ, କିନ୍ତୁ ଗାଁରେ ହିଁ ରହିବାକୁ ସେ ଜିଦ୍ ଧରିଲେ।

ସମୟାନ୍ତରରେ ତୁମ ସହ କଥା ହେବାର ଧାରାବାହିକତା ବି ଜାରି ରହିଥିଲା ମୋର। ତୁମ ପାଖରେ ତୁମ ମା' ରହୁଛନ୍ତି ଶୁଣି କାହିଁକି କେଜାଣି ମୋତେ ଖୁବ୍ ଆଶ୍ୱସ୍ତ ଲାଗିଥିଲା ସତ, କିନ୍ତୁ ବାପାଙ୍କ ବିବାହ ପରଠୁ ଆଉ ସେ କେବେ ବି ତାଙ୍କୁ ଦେଖି ନ ଥିବା କି ସାକ୍ଷାତ କରି ନ ଥିବା କଥା ତୁମଠୁ ଶୁଣି ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା। ତୁମକୁ ମାତ୍ର ଅଢ଼େଇ ମାସ ସେତେବେଳେ। କେମିତି ବିତିଥିବ ସେ ସମୟତକ କେଜାଣି! କେତେ ଅସହ୍ୟ ହେଇଥିବ ସେ ବେଦନା ସତରେ! ସେତେବେଳେ ଛୋଟ ଜାତିର ଦ୍ୱାହି ଦେଇ ତୁମ ମାଆ ସହ ବିବାହ କରେଇବାକୁ କେହି ବି ସମ୍ମତି ଓ ସ୍ୱୀକୃତି ଦେଇ ନ ଥିବା ବାପାଙ୍କର ଏ ଗୋପନ ପ୍ରଣୟ ଚିରକାଳ ଅନ୍ଧାର ଭିତରେ ହିଁ ଲୀନ ହୋଇଗଲା।

ଆଜି ତମେ ଫୋନ୍ କରି କହିଲ- ବିକାଶ, ଆସନ୍ତାକାଲି ମୋ' ମାଆର ଜନ୍ମଦିନ ଓ ପ୍ରତିବର୍ଷ ମୁଁ ମୋ' ମାଆକୁ ନେଇ ପୁରୀ ଯାଏ। ତୁ କାଲି ବାପାଙ୍କୁ ନେଇ ପୁରୀ ଆସିଲେ କେମିତି ହୁଅନ୍ତା! ଏଇ ଉତ୍ତର ବୟସରେ ବି ଅନ୍ତତଃ ଦୁହେଁ ଦୁହିଁଙ୍କୁ କିଛିକ୍ଷଣ ଦେଖି ତ ପାରନ୍ତେ! ବାଧ୍ୟ କରୁନି ମୁଁ, ତୋ' ଇଚ୍ଛା।

ପରଦିନ ବାପାଙ୍କୁ ନେଇ ମୁଁ ପୁରୀ ଯିବାକୁ ଟ୍ରେନ୍‌ରେ ଚଢ଼ିଲାବେଳେ ବାପା ପଚାରୁଥିଲେ- ଆରେ ବିକାଶ, ଆମେ କୁଆଡ଼େ ଯାଉଛେ!

ଶିବାଜୀ ନଗର,
ଉମରକୋଟ, ନବରଙ୍ଗପୁର

# କବିତା

## ପଠାଇଛି ଛଅ ରଙ୍ଗ

### ସନ୍ନ୍ୟାସୀ ନାୟକ

ପଠାଇଛି ଛଅ ରଙ୍ଗ,
ପଠାଇନି ନାଲି,
ଗତ ଫଗୁଣରେ ହାତ କାଟି
ମଥାରେ ବୋଳିଦେଲି ବୋଲି,
ଏବେ ରକ୍ତରେ ଖେଳୁଛି ହୋଲି...

ବାଇଗଣି ରଙ୍ଗରେ ତୁମେ
ଲାଗ ରାଜଜେମା,
ଶବ୍ଦ ସବୁ ଅଥୟ ଅଧୀର
ଦେବାକୁ ଉପମା...

ଘନ ନୀଳ ରଙ୍ଗରେ
ଫିଟି ଫିଟି ପଡ଼େ
ତୁମ କୁଞ୍ଚାୟିତ କବରୀ,
ମୁଁ ଚକିତ ଚାତକ
ପିଇଯାଏ ଐଶ୍ୱର୍ଯ୍ୟର ବାରି...

ନୀଳ ରଙ୍ଗରେ ତୁମେ
ଉତ୍‌ଫୁଲ୍ଲିତ ସାଗର,
ତରଙ୍ଗାୟିତ ତାଳ ଦିଆ ଗତି,
ମୋ' ଜପତପ ସବୁ ଅକାରଣ
ସନ୍ନ୍ୟାସୀ ହେବି ବା କେମିତି?

ସବୁଜ ରଙ୍ଗରେ ତୁମେ
ଫଳପ୍ରସୁ ପୃଥିବୀଟେ ହୁଅ,
ମୋ' ଭିତରେ ତୁମେ
ନବନ୍ମେଷ ବିଜପତ୍ର
କଅଁଳି କଅଁଳି ଯାଅ...

ହଳଦିଆ ରଙ୍ଗେ ତୁମେ
ବସନ୍ତକୁ ଅଟକାଇ ଦିଅ...
ମୋ' ଭିତରୁ
ମୋତେ କାଢ଼ି ଦେଇ
ନୂଆ ଏକ କୋଣାର୍କ ଗଢ଼ିଦିଅ...

ନାରଙ୍ଗୀ ରଙ୍ଗରେ ତୁମେ
ସୂର୍ଯ୍ୟସମ ଝଲମଲ ଦିଶ...
ମୁଁ ମୋର ହୋଇପାରେ ନାହିଁ,
ଯନ୍ତ୍ରଣାରେ ଜର୍ଜରିତ
କେତେ ଯେ ବିବସ...

ଲାଲ ରଙ୍ଗରେ ତୁମେ ଲାଗ,
ଲାଲ ଟୁକୁଟୁକୁ ସାଧବବୋହୂ...
ତୁମ ସତ୍ତା ସାରା ଜୀବନ
ମୋ' ହୃଦୟରେ ଥାଉ...
ଛାତିଚିରି ପଠାଇବି କେମିତି
ଏ ଲାଲରଙ୍ଗ ଏମିତି
ଆମ ପାଖେ ପାଖେ ଥାଉ...

ମୋ: ୯୪୩୭୩୫୨୫୬୦

## ଅମୀମାଂସିତ

### ଗାୟତ୍ରୀ ସିଂହ

ଉଜୁଡ଼ି ଯିବା ଭୟରେ
ବାରମ୍ବାର ସଜାଡ଼ିବାକୁ
ଚେଷ୍ଟା କରୁଥିବା ସଂସାରରେ
ତା'ର ସମସ୍ତ ଆଶା, ସ୍ୱପ୍ନ, ଖୁସିକୁ
ସେ ସମାଧି ଦେଇଦିଏ।

ସମଗ୍ର ଜୀବନଟା ତା'ର ସମର୍ପିତ
କା' ପାଇଁ ନା କା' ପାଇଁ
ପ୍ରତି କଥାରେ ତା'ର
ଅନୁମତି ଦରକାର ପଡ଼େ
କାହାର ନା କାହାର।

ନିଜେ ଛନ୍ଦି ହୋଇପଡ଼ିଥିବା ପ୍ରଶ୍ନର
ଉତ୍ତର ବି ତା' ପାଖରେ ନଥାଏ
ଦ୍ୱନ୍ଦ୍ୱର ପରିଧି ଭିତରୁ ସେ
ଚାହିଁ ବି ବାହାରି ପାରେନି।

ସବୁ 'ଭାଗ୍ୟ' କହି ଛାଡ଼ିଦିଏ
ଅର୍ଜୁନ ତ ଗାଣ୍ଡୀବ ଛାଡ଼ିବା ବେଳେ
ଶ୍ରୀକୃଷ୍ଣ ଗୀତାର ମର୍ମ ବୁଝାଇଥିଲେ
ହେଲେ ଏଠି ସଂସାରର ସାରମର୍ମ
କାହାକୁ ବୁଝାଇବ କିଏ!

ମୋ: ୭୬୦୬୯୫୭୪୪୫

## ଗୀତି କବିତା

## ରଙ୍ଗମୟ ବସନ୍ତ

### ପ୍ରଣତି ଆଚାର୍ଯ୍ୟ ମିଶ୍ର

ଫୁଲେଇ ଫୁଲରେ ଆସିଲା ଫଗୁଣ
ଫଗୁ ଖେଳିବାର ପାଇଁ
ମୁରୁକି ମୁରୁକି ହସିଲା ବସନ୍ତ
ଅବିରର ରଙ୍ଗ ଦେଇ।

ପିକ ଆମ୍ବଡାଳେ ଡାକଇ ମଳୟେ
ଶବ୍ଦ ତୋଳେ ରୁଣୁଝୁଣୁ
ମଧୁର ପରଶେ ଭ୍ରମଇ ଭ୍ରମର
ଝରିପଡ଼େ ମଧୁରେଣୁ।

ଖେଳିବାକୁ ହୋଲି ରାଇ ଦାମୋଦର
ବୁଲନ୍ତି ବିମାନେ ବସି
ହୋଲିର ମୁହୂର୍ତ୍ତ ପ୍ରଫୁଲ୍ଲିତ ଚିତ୍ତ
ଧନ୍ୟ ଦାମୋଦର ବଂଶୀ।

ଫଗୁ ଦୋଳଯାତ୍ରା ଫଗୁରେ ବିଚିତ୍ରା
ଫାଲ୍‌ଗୁନ ପ୍ରୀତି ନେଇ
ମାରି ପିଚକାରି ଝୁଲନ୍ତି ହାନ୍ଦୋଳେ
ଭାବରେ ସେ ଭାବଗ୍ରାହୀ।

ରଙ୍ଗମୟ ଦିଶେ ବସୁଧା ଅମ୍ବର
ଶୋଭା ଦିଶେ ଅସୁମାରୀ
ବିମୁଗ୍ଧ ନୟନେ ଦେଖ ଅନୁକ୍ଷଣେ
କଳ୍ପନାରେ ଅଙ୍କ କରି।

ମୋ: ୯୪୩୭୬୪୨୯୪୭

# ପୁସ୍ତକ ପରିଚୟ

## ମୋ ଅନ୍ତେ ମୋ ସ୍ୱର



**ଲେଖକ:** ପ୍ର. ବାଉରୀବନ୍ଧୁ କର
**ସଂକଳିକା:** ହରିପ୍ରିୟା କର
**ପ୍ରକାଶକ:** ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୩୦୦/-

ପ୍ରାବନ୍ଧିକ ପ୍ରଫେସର ବାଉରୀବନ୍ଧୁ କରଙ୍କ ବିୟୋଗ ଅନ୍ତେ ତାଙ୍କ ଧର୍ମପତ୍ନୀ ହରିପ୍ରିୟା କର ସ୍ୱାମୀଙ୍କ ଲିଖିତ ଓ ଅଗ୍ରନ୍ଥିତ ୨୧ଟି ପ୍ରବନ୍ଧକୁ ନେଇ ଆଲୋଚ୍ୟ ସଂକଳନଟି ପ୍ରସ୍ତୁତ କରିଛନ୍ତି। ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ, ବିଶେଷକରି ପ୍ରବନ୍ଧ ସାହିତ୍ୟର ଅଧ୍ୟୟନରେ ପ୍ରଫେସର କରଙ୍କ ସମତୁଲ୍ୟ ପ୍ରାବନ୍ଧିକ କ୍ୱଚିତ୍ ଅଛନ୍ତି ଆମ ଭାଷାରେ। ସଂକଳନରେ ସ୍ଥାନିତ ପ୍ରବନ୍ଧଗୁଡ଼ିକ ମଧ୍ୟରେ 'ଉତ୍କଳବନ୍ଧୁ ରେଭେନ୍ସା ସାହେବ', 'ଉନବିଂଶ ଶତକର ଦୁଇଟି ସାଂସ୍କୃତିକ ଅନୁଷ୍ଠାନ', 'ଓଡ଼ିଆ ଲୋକ ସାହିତ୍ୟ ଚର୍ଚ୍ଚାରେ ଦୁଇ ବିଦେଶୀ ଗବେଷକ', 'ସାହିତ୍ୟ ସମୀକ୍ଷକ ଡକ୍ଟର ନଟବର ସାମନ୍ତରାୟ', 'ଭାଷାତତ୍ତ୍ୱବିତ୍ ପ୍ରଫେସର ଗୋଲୋକ ବିହାରୀ ଧଳ', 'ବିଶିଷ୍ଟ ଗଦ୍ୟଶିଳ୍ପୀ ଗୋପୀନାଥ ମହାନ୍ତିଙ୍କ ଆତ୍ମଜୀବନୀ', 'ସଂସ୍କୃତିପ୍ରିୟ ଓ ସ୍ୱଦେଶପ୍ରେମୀ ମଣିଷ ଉଦୟନାଥ ଷଡ଼ଙ୍ଗୀଙ୍କ ସାହିତ୍ୟାଦର୍ଶ', ଏବଂ 'ସାହିତ୍ୟ ସମୀକ୍ଷକ ଦାଶରଥି ଦାସ' ଆଦି ପ୍ରବନ୍ଧରେ ଲେଖକ ନିଜ ମୌଳିକ ଅନୁଚିନ୍ତନ ଓ ତଥ୍ୟନିଷ୍ଠତାର ଯେଉଁ ପରିଚୟ ଦେଇଛନ୍ତି, ତାହା ତାଙ୍କ ପ୍ରତିଭାର ପରିଚୟ। ଓଡ଼ିଆ ଭାଷାରେ ପ୍ରାବନ୍ଧିକ ତ ଅନେକ ଅଛନ୍ତି, କିନ୍ତୁ ପ୍ରବନ୍ଧରେ ବକ୍ତବ୍ୟ ଓ ଅଭିବ୍ୟକ୍ତିର ଯେଉଁ ପରିଚ୍ଛନ୍ନତା ପ୍ରଫେସର କରଙ୍କଠାରେ ଦେଖାଯାଏ, ତା'ର ସମାନ୍ତରାଳ ଯେ ଓଡ଼ିଆ ପ୍ରବନ୍ଧ-ସମାଲୋଚନାରେ ଦୁର୍ଲଭ- ଆଲୋଚ୍ୟ ଗ୍ରନ୍ଥଟି ତା'ର ବିରଳ ସାକ୍ଷ୍ୟ।

## ଆହୁରି ବାକିଥିଲା

(କବି ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ସ୍ମୃତିଲେଖ)



**ସମ୍ପାଦନା:** ଶରତ କୁମାର ଜେନା
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ନିଃଶୁଳ୍କ

ଆଲୋଚ୍ୟ ସ୍ମୃତିଲେଖଟି ପ୍ରୟାତ କବି ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ ଜୀବନୀ ଓ କୃତି ସମ୍ପର୍କରେ ଏକ ଆବେଗନିଷ୍ଠ ଦଲିଲ, ଯହିଁରେ କବିଙ୍କ ନିକଟ ସାନ୍ନିଧ୍ୟରେ ଆସିଥିବା ବହୁ ବିଶିଷ୍ଟ ଲେଖିକା ଲେଖକ ନିଜ ନିଜର ସ୍ମୃତିଚାରଣ କରିଛନ୍ତି। ଏଥିରେ କବିଙ୍କ କବିତା ଓ ଅନ୍ୟାନ୍ୟ ରଚନା ତଥା ତାଙ୍କ କର୍ମମୟ ଜୀବନର ନାନା ଦୃଶ୍ୟପଟ ସାକାର ହୋଇଛି। ବହିଟିକୁ ବିଭିନ୍ନ ବିଭାଗରେ ବିଭକ୍ତ କରି ପ୍ରତିଟି ବିଭାଗକୁ ଏକ ଏକ 'ଅର୍ଘ୍ୟ' ଭାବେ ପରିବେଷଣ କରାଯାଇଛି; ଯେପରି 'ସୂଚୀ ଅର୍ଘ୍ୟ', 'ସ୍ମୃତି ଅର୍ଘ୍ୟ', 'ଶ୍ରଦ୍ଧା ଅର୍ଘ୍ୟ', 'ଶୋକ ଅର୍ଘ୍ୟ', 'ସମର୍ପଣ ଅର୍ଘ୍ୟ', 'ଶେଷ ଅର୍ଘ୍ୟ' ଓ 'ଫଟୋ ଅର୍ଘ୍ୟ'। 'ସୂଚୀ ଅର୍ଘ୍ୟ'ରେ କବିଙ୍କ ଜୀବନୀ ଓ କୃତିର ସବିଶେଷ ତାଲିକା ପ୍ରଦତ୍ତ ହୋଇଛି। ଯେଉଁମାନଙ୍କ ସ୍ମୃତି-ଚାରଣରେ ବହିଟି ସମୃଦ୍ଧ, ସେମାନଙ୍କ ମଧ୍ୟରେ ଅଛନ୍ତି ଦେବଦାସ ଛୋଟରାୟ, ପ୍ରଫୁଲ୍ଲ କୁମାର ମହାନ୍ତି, ସଞ୍ଜୟ କୁମାର ଦାସବର୍ମା, ଅମରେଶ ପଟ୍ଟନାୟକ, ରବି ନାରାୟଣ ସେନାପତି, ଅଧ୍ୟାପକ ବିଶ୍ୱରଂଜନ, ପ୍ରସନ୍ନ କୁମାର ମହାନ୍ତି, ସୂର୍ଯ୍ୟ ମିଶ୍ର, ସରୋଜ ବଳ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଫନୀ ମହାନ୍ତି ଓ କବିଙ୍କ ପରିବାର ସଦସ୍ୟ। ଓଡ଼ିଆ ସାହିତ୍ୟରେ ହର ଥିଲେ ଏକ ଉତ୍ତାଳ ତରଙ୍ଗ, ଯାହାର ଅକାଳ ଭଙ୍ଗା ଅନେକ ଦିନକୁ ଅଭୁଲା ବ୍ୟଥା ହୋଇ ରହିବ- ସ୍ମୃତିଲେଖଟି ପଢ଼ିଲେ ଏପରି ଲାଗେ।

## ଲଘୁ ଗଳ୍ପ

# ଆଧୁନିକତା

### ଅମ୍ବିକା ସ୍ୱାଇଁ

ସୁବ୍ରତ ଭୁବନେଶ୍ୱରସ୍ଥିତ ଏକ ଇଞ୍ଜିନିୟରିଂ କଲେଜରୁ ପାଠପଢ଼ା ଶେଷ କରି ଇମୋସିଟିରେ ଚାକିରି କରି ଘରଭଡ଼ା ନେଇ ଭୁବନେଶ୍ୱରରେ ରହୁଛି। ବାପା ତାଙ୍କର ଗାଁ ସ୍କୁଲରେ ହେଡ୍‌ମାଷ୍ଟର ଭାବେ କାର୍ଯ୍ୟ କରି ଅବସର ନେଇଛନ୍ତି। ମା'ବାପା ଗାଁରେ ରହୁଛନ୍ତି। ସୁବ୍ରତର ବିବାହ ବୟସ ହୋଇଯାଇଛି। ମା'ବାପା ପୂରା ବ୍ୟସ୍ତ, ହାତକୁ ଦୁଇ ହାତ କରିଦେଲେ ଚିନ୍ତା ଯିବ। ସୁବ୍ରତ ତା' କଲେଜ ବେଳର ସାଙ୍ଗ ନିତାକୁ ଭଲପାଉଛି। ମା'ବାପା ଅନ୍ୟଆଡ଼େ ପ୍ରସ୍ତାବ ଦେଖିବା ପୂର୍ବରୁ ନିତାକୁ ସେ ଭଲପାଇବା କଥା ମା'ବାପାଙ୍କୁ ଜଣାଇଦେଲା ଏବଂ ସେଇଠି ବିବାହ କରିବା କଥା କହିଲା। ମା'ବାପା ଏକଥା ଶୁଣି ଖୁସି ହେଲେ ଏବଂ ନିତା ବାପାଙ୍କ ସହ କଥା ହେବାକୁ କହିଲେ। ଦେଖାଚାହାଁର ବ୍ୟବସ୍ଥା ପାଇଁ ଦିନ ଠିକ୍ ହେଲା। ଗାଁରୁ ଆସିଲେ ମା'ବାପା ଭୁବନେଶ୍ୱର। ସୁବ୍ରତ ଏକ କାର୍ ଭଡ଼ା କରି ନିର୍ଦ୍ଦିଷ୍ଟ ଦିନରେ ନିତା ଘରକୁ ଗଲେ ଦେଖିବା ପାଇଁ।

ନିତାର ବାବା ସେ ସମୟରେ କିଛି ଜିନିଷ ଆଣିବା ପାଇଁ ବଜାରକୁ ଯାଇଥାନ୍ତି। ଗେଟ୍ ପାଖରେ କାର୍ ପହଞ୍ଚିଗଲା। ନିତାର ମା' ବାଲ୍‌କୋନିରୁ ଦେଖି ତଳକୁ ଗଲେ ସେମାନଙ୍କୁ ପାଛୋଟି ଆଣିବାକୁ। ଷ୍ଟେପ୍‌କଟ୍ ଚୁଟି, ସାଲୱାର କମିଜ୍ ସାଙ୍ଗକୁ ମୁହଁରେ ବହଳ ମେକ୍‌ଅପ୍, ଓଠରେ ଲିପ୍‌ଷ୍ଟିକ, ଦେଖିବାକୁ



ପୂରା ହିରୋଇନ୍ ପରି। ଗେଟ୍ ପାଖକୁ ଯିବା ଭିତରେ ସୁବ୍ରତ ବାପାଙ୍କର ଆଖି ପଡ଼ିଲା ନିତାର ମା' ସୁନୀତା ଉପରେ। ସ୍ତ୍ରୀଙ୍କୁ ହାତରେ ଖେଞ୍ଚି କହିଲେ ହେଇଟି ଦେଖ ମ ଶିବୁ ବୋଉ, ଆମ ସୁବ୍ରତ କେତେ ସୁନ୍ଦର ବୋହୂଟି ଠିକ୍ କରିଛି। ତା' ପସନ୍ଦକୁ ମାନିବାକୁ ପଡ଼ିବ...।

ସୁବ୍ରତ ଚମକିଉଠିଲା। ଧୀରେ କହିଲା, ବାପା ଆପଣ କ'ଣ ଏମିତି କହୁଛନ୍ତି! ସେ ପରା ନିତାର ମମି। ଆରେ ପୁଅ ଏ ନିତାର ମମି! ଏ ତ ଗୋଟେ ଝିଅ ପିଲା ପରି ଦିଶୁଛନ୍ତି! ଡ୍ରାଇଭର ବାବୁ ନୀରବରେ ସବୁ ଶୁଣୁଥିଲେ। କହିଲେ, ମଉସା! ଏ ପରା ଆଧୁନିକ ଯୁଗର ଆଧୁନିକତା। ଆଜିକାଲି ମାଆ କିଏ ଝିଅ କିଏ ଚିହ୍ନି ହେଉନି... ସମସ୍ତେ ଏକାବେଳେ ହସି ଉଠିଲେ... କାର୍ ଡୋର ଖୋଲି ଗେଟ୍ ଭିତରକୁ ପଶିଲେ।

ମୋ: ୯୭୭୭୫୯୯୬୯୫

# କାଳକାଳକୁ



"ସାହିତ୍ୟର ଗଛ ଭାରି ସ୍ୱର୍ଣ-କାତର ଓ ସବୁଜିମାରେ ଭରା। ରାଜନୀତିର ମହିଷି-ଗ୍ରାସରୁ ତାକୁ ବଞ୍ଚାଇ ପାରିଲେ, ସେ ଅମଳ ଦେବା"

– ଫଣୀଶ୍ୱର ନାଥ ରେଣୁ

**ଫଣୀଶ୍ୱର ନାଥ 'ରେଣୁ'**ଙ୍କ ଜନ୍ମ ୪ ମାର୍ଚ୍ଚ ୧୯୨୧ରେ ଓ ପରଲୋକ ୧୧ ଏପ୍ରିଲ ୧୯୭୭ରେ, ବିହାରରେ। ଉତ୍ତର-ପ୍ରେମଚନ୍ଦ କାଳର ସବୁଠୁଁ ସଫଳ ଓ ପ୍ରଭାବୀ ଏହି ଲେଖକଙ୍କର ପ୍ରସିଦ୍ଧ ଉପନ୍ୟାସ ହେଉଛି 'ମୈଲା-ଆଞ୍ଚଲ', ଯାହାକୁ ପ୍ରେମଚନ୍ଦଙ୍କ 'ଗୋଦାନ' ପରେ ଅତି ଉଲ୍ଲେଖନୀୟ ଉପନ୍ୟାସ ଭାବେ ବିବେଚନା କରାଯାଏ। ବଙ୍ଗଳା ଔପନ୍ୟାସିକ ସତୀନାଥ ଭାଦୁଡ଼ିଙ୍କର ସେ ଖୁବ୍ ଘନିଷ୍ଠ ଥିଲେ ଓ 'ଭାଦୁଡ଼ିଜୀ' ଶୀର୍ଷକରେ ସତୀନାଥଙ୍କର ଏକ ସ୍ମୃତିଲେଖ ଲେଖିଥିଲେ। ଫଣୀଶ୍ୱରଙ୍କ ଗଳ୍ପ 'ମାରେ ଗୟେ ଗୁଲ୍‌ଫାମ୍'କୁ ନେଇ ବାସୁ ଭଟ୍ଟାଚାର୍ଯ୍ୟ ତାଙ୍କର ଚଳଚ୍ଚିତ୍ର 'ତିସ୍‌ରି କସମ୍' ନିର୍ମାଣ କରିଥିଲେ, ଯାହାର ପ୍ରଯୋଜକ ଥିଲେ କବି-ଗୀତିକାର ଶୈଳେନ୍ଦ୍ର। 'ନିଜ ପରିବେଶକୁ ସମ୍ପୂର୍ଣ୍ଣ ଓ ସଚ୍ଚୋଟ ଭାବେ ଜିଇବା ଲେଖକର କାମ' ବୋଲି ଏଇ ଲେଖକ ମନେକରନ୍ତି।

## ମିନି ଗଳ୍ପ

# ଭୁଲ୍

### ଦେବେନ୍ଦ୍ର କର

କ'ଣ ଏମିତି କହିଦେଲା ଯେ, ତୁମେ ଛୁଆଙ୍କ ପରି ମୁହଁ ଶୁଖେଇ ବସିଗଲ। ଏବେ କାଢ଼ିଦିଅ ସବୁକଥା ମୁଣ୍ଡରୁ, ଯେତେ ଯାହାହେଲେ ବି ସେ ଆମରି ବୋହୂ, ଅନ୍ୟ କେହି ନୁହେଁ ତ! ବଡ଼ ପରିବାରରେ ଏସବୁ ଅତି ସାଧାରଣ କଥା। ତୁମେ ହିଁ ସେମାନଙ୍କ ଅଳିଅଝଟ ସହି ସେମାନଙ୍କୁ ବଡ଼ କରିଚ। କୁଆଡ଼େ ଗଲା ତୁମର ସେ ସ୍ନେହ ମମତା, ଅନାବିଳ ଭଲପାଇବା। ମୋର ସ୍ୱଳ୍ପ ରୋଜଗାରକୁ ତିନି ତିନିଟା ପିଲା, ସେମାନଙ୍କ ପାଠପଢ଼ା, ଘର ଦାୟିତ୍ୱ ସବୁ ତ ଲଦି ହୋଇଥିଲା ତୁମ କାନ୍ଧରେ। ମୁଁ ତ କହିବି ତୁମପରି ଧୈର୍ଯ୍ୟ, ସହନଶୀଳତା କାହାରି ନଥିବ। ମୁଁ ଯେବେ ହାରମାନିଯାଏ, ତୁମେ ମତେ ସାହସ ଦିଅ, ତୁମ ସାନ୍ତ୍ୱନାପୂର୍ଣ୍ଣ ଶବ୍ଦଗୁଡ଼ିକ ନିମିଷକ ମଧ୍ୟରେ ମୋ' ମନରୁ ଦୂରେଇ ଦିଏ ଦୁଃଖ ଅବସୋସ।

ଏମିତି ପୁରୁଣା ଦିନର ଅନେକ କଥା କହି ଗୌତମବାବୁ ବୁଝାଉଥିଲେ ଅଳକାଙ୍କୁ। ସେପଟେ ଦୂର ଆକାଶରେ ଅସ୍ତଗାମୀ ସୂର୍ଯ୍ୟ ବିଦାୟ ନେଉଥିଲେ ଧରାପୃଷ୍ଠରୁ। ଅଳକା ମୁହଁ ଖୋଲିଲେ, ସେ କାହିଁକି ବୁଝୁନାହାନ୍ତି? ବୟସ ବଢ଼ିଲା, ସ୍ମୃତିଶକ୍ତି କମ୍‌ଜୋର୍ ହେଲା। କ'ଣ କୋଉଠି ରଖିଲେ ଆଗପରି ଆଉ ମୋର ମନେରହୁନି। ଚାବିଟା କାନ୍ଥରେ ଟାଙ୍ଗିବା ବଦଳରେ ଯଦି ଫ୍ରିଜ୍ ଉପରେ ରଖିଦେଲି କ'ଣ ଏମିତି ଭୁଲ୍ କରିଦେଲି ଯେ! ସେମାନଙ୍କୁ କ'ଣ ଲାଗୁଛି ମୁଁ ଏସବୁ ଜାଣି ଜାଣି କରୁଚି, ଆଉ ଏମିତି କରି ମୁଁ ଆନନ୍ଦ ପାଉଛି। ଏଇଟା ସେମାନଙ୍କର ଭ୍ରମ, ପ୍ରତିଥର ଭୁଲ୍ ନ ଦୋହରାଇବା ପାଇଁ ଚେଷ୍ଟା କରୁଛି, ହେଲେ କ'ଣ ହେବ ସେଇ ସମାନ ଭୁଲ୍ କରିବସୁଚି। ମୁଁ ତ ବସିବା ଲୋକ ନୁହେଁ, ଯେତିକି ପାରୁଚି ଘରର କାମଧନ୍ଦା କରିଦେଉଛି। କାମ ଅଧା ପଡ଼ିଥିବ ଆଉ ମୁଁ ଚୁପ୍ ବସିଯିବି, ସେସବୁ ମୋ' ଦେଇ ହେବନି। ଟିକେ ନୀରବିଯାଇ ଅଳକା ପୁଣି କହିଲେ, ମୁଁ ତ ମାନୁଛି ଭୁଲ୍ ତ ଭୁଲ୍, ସେ ଛୋଟ ହେଉ ବା ବଡ଼, ଜାଣତରେ ହେଉ ବା ଅଜାଣତରେ। ସେ ଲାଗି ଏତେ କଟୁ ଶବ୍ଦ! ଆମ୍ଭକୁ କଷ୍ଟ ହେଲାଣି, ବହୁତ ହେଇଗଲା ଆଉ ମୁଁ ପାରୁନି। ଗୌତମବାବୁ ମୁହଁ ଖୋଲିଲେ, ଆରେ ପିତାମାତାଙ୍କ ଆଖିରେ ସନ୍ତାନମାନେ ସବୁବେଳେ ଗୋଟେ ଶିଶୁ। ସେ ଯାହା କହୁ, ଯାହା କଷ୍ଟ ଦେଉ ସବୁପରା ମାଫ୍।

ଟିକେ ବଡ଼ ସ୍ୱରରେ କହିଉଠିଲେ ଅଳକା- ଓହୋ ଜୀବନ ତମାମ ତ ପିତାମାତା ସନ୍ତାନର ଦୋଷତ୍ରୁଟିକୁ ମାଫ୍ କରିଚାଲନ୍ତି। ପରିଣତ ବୟସରେ ସନ୍ତାନମାନେ କାହିଁକି ପିତାମାତାଙ୍କ ଭୁଲ୍‌କୁ କ୍ଷମା ଦେଇପାରିବେନି। ଆମ ଶିକ୍ଷାଦୀକ୍ଷା, ସଂସ୍କାରରେ କୋଉଠି ଭୁଲ୍। ଖୁଁ ଖୁଁ ହେଇ କାଶି ଉଠିଲେ ଅଳକା। ଆଉ କିଛି କହିବା ତାଙ୍କ ପକ୍ଷେ ସମ୍ଭବ ନଥିଲା। ଗୌତମବାବୁ ପାଣି ବୋତଲଟା ଅଳକାଙ୍କ ହାତକୁ ବଢ଼େଇ ଦେଲେ। ଦି' ଢୋକ ପାଣି ପିଇ ଅଳକା ଆଉଜି ପଡ଼ିଲେ ଗୌତମବାବୁଙ୍କ କାନ୍ଧକୁ। ଏବେ ଦିହେଁ ଚୁପ୍ ଥିଲେ। ଅନ୍ଧାର ଘୋଟି ଆସିଥାଏ, ହେଲେ ଆକାଶରେ ଏପର୍ଯ୍ୟନ୍ତ ଚାନ୍ଦର ଦେଖାଦର୍ଶନ ନାହିଁ। ଘର ଭିତରୁ କାହାରି ବାପା ବୋଉ ଡାକ ଅଳ୍ପ ଅଳ୍ପ ଶୁଭୁଥିଲା।

ମୋ: ୯୯୩୭୯୬୩୯୧୦



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୪/୨୦୨୩ Bhubaneswar, Saturday, March 4/ 2023


# ଡବ୍ଲ୍ୟୁଟିସି ଫାଇନାଲରେ ଅଷ୍ଟ୍ରେଲିଆ

ଇନ୍ଦୋର, ୩।୩ (ପି.ଟି.)

ଭାରତ-ଅଷ୍ଟ୍ରେଲିଆ ତୃତୀୟ କ୍ରିକେଟ ଟେଷ୍ଟ ୨ ଦିନ ଏବଂ ୧୮.୫ ଓଭର ଖେଳରେ ଶେଷ ହୋଇଛି। ସ୍ପିନରଙ୍କ ପ୍ରାଧାନ୍ୟ ବିଶିଷ୍ଟ ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୯ ଉଇକେଟରେ ଭାରତକୁ ପରାସ୍ତ କରିଛି। ବିଜୟ ପାଇଁ ୭୬ ରନ ଆବଶ୍ୟକ କରୁଥିବା ଅଷ୍ଟ୍ରେଲିଆ ଶୁକ୍ରବାର ତୃତୀୟ ଦିବସର ଦ୍ୱିତୀୟ ଇନିଂସରେ ମାତ୍ର ୧ ଉଇକେଟ ହରାଇ ୭୮ ରନ ସଂଗ୍ରହ କରି ନେଇଥିଲା। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସର ପ୍ରଥମ ଓଭରରେ ଉସମାନ ଖ୍ୱାଜା (୦)ଙ୍କୁ ଆଉଟ କରି ରବିଚନ୍ଦ୍ରନ ଅଶ୍ୱିନ ଭାରତ ପାଇଁ

## ତୃତୀୟ ଟେଷ୍ଟ ହାରିଲା ଭାରତ

ସାମାନ୍ୟ ଆଶା ସଞ୍ଚାର କରିଥିଲେ। ମାତ୍ର ଟ୍ରାଭିସ ହେଡ୍ ୪୯ ଓ ମାର୍ନସ ଲାବୁସେନ ୨୮ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଅସମାପ୍ତ ଦ୍ୱିତୀୟ ଉଇକେଟରେ ଦୁହେଁ ୭୮ ରନ ଯୋଗ କରିଥିଲେ। ଅଷ୍ଟ୍ରେଲିଆ ପ୍ରଥମ ୧୦ ଓଭର ଡିଫେନ୍ସିଭ୍ ଖେଳି ୧ ଉଇକେଟରେ ମାତ୍ର ୧୩ ରନ କରିଥିଲା। ମାତ୍ର ୧୦ ଓଭର ପରେ ବଲ୍ ପରିବର୍ତ୍ତନ ସହ ଅଷ୍ଟ୍ରେଲିଆର ଭାଗ୍ୟ ପରିବର୍ତ୍ତନ ହୋଇଥିଲା। ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ପରିଚିତ ହେଡ୍ ଓ ଲାବୁସେନ ବଡ଼ ଶଟ୍ ଖେଳି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ୧୯ତମ ଓଭରର ୫ମ ବଲ୍‌ରେ ଲାବୁସେନ ବିଜୟ ସୂଚକ ଚୌକା ମାରିବା ସହ



ଶଟ୍ ଖେଳିବା ଅବସରରେ ଟ୍ରାଭିସ ହେଡ୍।



ବିଜୟ ସୂଚକ ଚୌକା ମାରିବାପରେ ମାର୍ନସ ଲାବୁସେନଙ୍କ ପ୍ରତିକ୍ରିୟା।

ଅଷ୍ଟ୍ରେଲିଆ ସ୍ମରଣୀୟ ବିଜୟ ହାସଲ କରିଥିଲା। ଏହି ଟେଷ୍ଟ ବିଜୟ ସହ ଅଷ୍ଟ୍ରେଲିଆ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ପ୍ରବେଶ କରିଛି। ଦୁଇ ଇନିଂସରେ ଭାରତ ଯଥାକ୍ରମେ ୧୦୯ ଓ ୧୬୩ ରନ କରିଥିବାବେଳେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୯୭ ରନ କରିଥିଲା। ଭ୍ରମଣକାରୀ ଦଳର ତାରକା ସ୍ପିନର ନାଥାନ ଲିୟନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗତ ୬ ବର୍ଷରେ ଭାରତ ମାଟିରେ ଅଷ୍ଟ୍ରେଲିଆର ଏହାଥିଲା ପ୍ରଥମ ଟେଷ୍ଟ ବିଜୟ। ଅନ୍ୟପକ୍ଷରେ ଗତ ୧୦ ବର୍ଷରେ ଅଷ୍ଟ୍ରେଲିଆଠାରୁ ଭାରତର ଏହାଥିଲା ତୃତୀୟ ପରାଜୟ। ଦୁଇ ଦଳ ମଧ୍ୟରେ ୪ର୍ଥ ତଥା ଅନ୍ତିମ ଟେଷ୍ଟ ଆସନ୍ତା ୯ ତାରିଖରୁ ଅହମଦାବାଦରେ ଆରମ୍ଭ ହେବ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୦୯। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୯୭। ଭାରତ ଦ୍ୱିତୀୟ ଇନିଂସ: ୧୬୩। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୭୮/୧ (ଟ୍ରାଭିସ ହେଡ୍-୪୯*, ମାର୍ନସ ଲାବୁସେନ-୨୮*, ରବିଚନ୍ଦ୍ରନ ଅଶ୍ୱିନ-୧/୪୪)।

# ଫଲ୍‌ଟନ ଭାରତୀୟ ହକି ଦଳର ନୂଆ କୋଚ୍

ନୂଆଦିଲ୍ଲୀ,୩।୩(ପି.ଟି.)

ଦକ୍ଷିଣ ଆଫ୍ରିକାର କ୍ରେଗ୍ ଫଲ୍‌ଟନ ଶୁକ୍ରବାର ଭାରତୀୟ ପୁରୁଷ ହକି ଦଳର ନୂଆ ମୁଖ୍ୟକୋଚ୍ ମନୋନୀତ ହୋଇଛନ୍ତି। ଫଲ୍‌ଟନଙ୍କର ୨୫ ବର୍ଷର କୋଚିଂ ଅଭିଜ୍ଞତା ରହିଛି। ଗତ ବିଶ୍ୱକପ୍‌ରେ ଜାତୀୟ ପୁରୁଷ ହକି ଦଳ ନୈରାଶ୍ୟଜନକ ପ୍ରଦର୍ଶନ ସହ ୯ମ ସ୍ଥାନରେ ରହିବା ପରେ ଅଷ୍ଟ୍ରେଲିଆର ଗ୍ରାହମ ରିଡ୍ ମୁଖ୍ୟକୋଚ୍ ପଦରୁ ଓହରି ଯାଇଥିଲେ। କେବଳ ରିଡ୍ ନୁହନ୍ତି ଟିମ୍ ଆନାଲିଟିକାଲ କୋଚ୍ କ୍ରେଗ୍ କ୍ଲାର୍କ ଓ ସାଇଣ୍ଟିଫିକ୍ ପରାମର୍ଶଦାତା ମିଚେଲ ପେମ୍ବରଶନ ମଧ୍ୟ ସେମାନଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଥିଲେ। ରିଡ୍‌ଙ୍କ ତତ୍ତ୍ୱାବଧାନରେ କିନ୍ତୁ ଭାରତୀୟ ଦଳ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତୀୟ ହକିକୁ ପରବର୍ତ୍ତୀ ସ୍ତରକୁ ନେବାକୁ ସେ ଉଦ୍ୟମ କରିବେ ବୋଲି ନୂଆ ନିଯୁକ୍ତି ପାଇବା ପରେ ଫଲ୍‌ଟନ ପ୍ରକାଶ କରିଛନ୍ତି। କୋଚ୍ ଭାବେ ଫଲ୍‌ଟନଙ୍କ ଦୃଷ୍ଟାନ୍ତମୂଳକ ଫଳାଫଳ ରହିଛି। ସେ ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ଇରିଶ ପୁରୁଷ ହକି ଦଳର ମୁଖ୍ୟ କୋଚ୍ ଥିଲେ। ତାଙ୍କ ଅଧୀନରେ ଏହି ଦଳ ୨୦୧୬ ରିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ୧୦୦ବର୍ଷରେ ଇରିଶ ଟିମ୍‌ର ଏହାଥିଲା ପ୍ରଥମ ଅଲିମ୍ପିକ ଯୋଗ୍ୟତା। ଏହି ଐତିହାସିକ ସଫଳତା ପାଇଁ ସେ ୨୦୧୫ରେ ଏଫ୍‌ଆଇଏଚ୍ କୋଚ୍ ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ବେଲଜିୟମ ଦଳର ସେ ସହକାରୀ କୋଚ୍ ଭାବେ କାର୍ଯ୍ୟ କରିଥିଲେ। ଭୁବନେଶ୍ୱରରେ ଅନୁଷ୍ଠିତ ୨୦୧୮ ବିଶ୍ୱକପ୍‌ରେ ସେ ବେଲଜିୟମ କୋଚିଂ ଷ୍ଟାଫ୍‌ର ଅଂଶବିଶେଷ ଥିଲେ। ଫଲ୍‌ଟନ ଏହି ବର୍ଷ ବେଲଜିୟମ କୋଚ୍ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଦଳରେ ଜଣେ ହକି ଖେଳାଳି ଭାବେ ତାଙ୍କ ଉଜ୍ଜ୍ୱଳ କ୍ୟାରିୟର ରହିଛି। ସେ ୧୦ବର୍ଷ ମଧ୍ୟରେ ୧୯୫ରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ସେ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସ ଏବଂ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ଦକ୍ଷିଣ ଆଫ୍ରିକା ଦଳର ସଦସ୍ୟ ରହିଥିଲେ। ସେ ବିଶ୍ୱକପ୍ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ଖେଳିଛନ୍ତି। ଫଲ୍‌ଟନଙ୍କ ନିଯୁକ୍ତି ସମ୍ପର୍କରେ ନିଜର ବକ୍ତବ୍ୟ ରଖି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ଅତୀତରେ ସେ ଫଲ୍‌ଟନଙ୍କ ବିପକ୍ଷରେ ଖେଳିଛନ୍ତି। ବର୍ତ୍ତମାନ ତାଙ୍କ ସହିତ ପୁରୁଷ ହକି ଦଳ ପାଇଁ କାର୍ଯ୍ୟ କରିବାର ସମୟ ଉପନୀତ ହୋଇଛି। ଦକ୍ଷିଣ ଆଫ୍ରିକୀୟଙ୍କର କୋଚିଂରେ ଅତୁଳନୀୟ ଅଭିଜ୍ଞତା ରହିଛି। ତାଙ୍କ ଆଗମନ ଦ୍ୱାରା ଭାରତୀୟ ଦଳର ନୈତିକ ମନୋବଳ ବୃଦ୍ଧି ପାଇବ ବୋଲି ଆଶା। ଚଳିତ ମାସରେ ଭାରତ ରାଉରକେଲାରେ ଅଷ୍ଟ୍ରେଲିଆ ଓ ଜର୍ମାନୀ ବିପକ୍ଷରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଖେଳିବ। ଏହି ସମୟରେ ଫଲ୍‌ଟନ ଦଳ ସହ ଯୋଗ ଦେବେ ବୋଲି ଆଶା କରାଯାଉଛି। ଭାରତ ମାର୍ଚ୍ଚ ୧୦ରେ ଏହାର ପ୍ରଥମ ମ୍ୟାଚ ଜର୍ମାନୀ ବିପକ୍ଷରେ ଖେଳିବ। ପରେ ମାର୍ଚ୍ଚ ୧୩ରେ ରିଟର୍ନ ଲେଗ୍ ମ୍ୟାଚ ଖେଳିବ। ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ମାର୍ଚ୍ଚ ୧୨ ଓ ୧୫ରେ ଖେଳିବ। ପ୍ରୋ-ଲିଗ୍ ମ୍ୟାଚ ପାଇଁ ଅଷ୍ଟ୍ରେଲିଆର ଡେଭିଡ୍ ଜନ୍ ଓ ବିଜେ କାରିଆପ୍ପା କାମଚଳା କୋଚ୍ ଦାୟିତ୍ୱରେ ରହିବେ। ସେମାନଙ୍କ ସହ ଶିବେନ୍ଦ୍ର ସିଂ ରହିବେ। ଜନ୍ ଓ କାରିଆପ୍ପା ଓଡ଼ିଶା ହକି ଫେଡେରେଶନ ସହ କାର୍ଯ୍ୟ କରିଆସୁଛନ୍ତି।



କ୍ରେଗ୍ ଫଲ୍‌ଟନ

# ଭାରତକୁ ଶେଷ ଟେଷ୍ଟ ଜିତିବାକୁ ହେବ

ନୂଆଦିଲ୍ଲୀ, ୩।୩ (ପି.ଟି.)

ଇନ୍ଦୋରଠାରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଭାରତ ଶୋଚନୀୟଭାବେ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଛି। ତେଣୁ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଅହମଦାବାଦରେ ହେବାକୁଥିବା ସିରିଜର ୪ର୍ଥ ତଥା ଅନ୍ତିମ ଟେଷ୍ଟରେ ବିଜୟୀ ହେବାକୁ ପଡ଼ିବ। ଯଦି ଏହି ଟେଷ୍ଟରେ ଭାରତ ହାରିଯାଏ କିମ୍ବା ଡ୍ର ରଖେ ତେବେ ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜର ଫଳାଫଳ ଉପରେ ଭାଗ୍ୟ ନିର୍ଭର କରିବ। ଇନ୍ଦୋରରେ ୯ ଉଇକେଟ ବିଜୟୀ ହୋଇ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିସାରିଛି। ଡବ୍ଲ୍ୟୁଟିସି ଟେବୁଲରେ ଏହାର ପର୍ସେଣ୍ଟେଜ୍ ପଏଣ୍ଟ (ପିସିଟି) ୬୮.୫୨ ରହିଛି। ଡବ୍ଲ୍ୟୁଟିସି ଫାଇନାଲ ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଓଭାଲରେ ଅନୁଷ୍ଠିତ ହେବ।

ବର୍ତ୍ତମାନ ସୁଦ୍ଧା ଅଷ୍ଟ୍ରେଲିଆ ୧୪୮ ପଏଣ୍ଟ ପାଇଛି। ଅଷ୍ଟ୍ରେଲିଆ ଯଦି ୪ର୍ଥ ତଥା ଅନ୍ତିମ ଟେଷ୍ଟ ହାରିଯାଏ ତେବେସୁଦ୍ଧା ୬୪.୯୧ ପିସିଟି ସହ ଟେବୁଲର ଶୀର୍ଷରେ

## ଡବ୍ଲ୍ୟୁଟିସି ଫାଇନାଲ

ରହିବ। ଭାରତ ୧୭ ଟେଷ୍ଟରୁ ୧୨୩ ପଏଣ୍ଟ ପାଇଥିବାବେଳେ ଏହାର ପିସିଟି ୬୦.୨୯ ରହିଛି। ଭାରତ ଯଦି ୪ର୍ଥ ଟେଷ୍ଟରେ ବିଜୟୀ ହେବ ତେବେ ୧୩୫ ପଏଣ୍ଟ ସହିତ ଏହାର ପିସିଟି ୬୨.୫ରେ ପହଞ୍ଚିବ। ଏପରିସ୍ଥିତିରେ ଟେବୁଲର ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିବ। ଯଦି ପରାଜିତ ହୁଏ ତେବେ ପିସିଟି ୫୬.୯୪କୁ ଖସି ଆସିବ। ଡ୍ର ରହିଲେ ପିସିଟି ୫୮.୭୯ ଓ ଟାଇ ରହିଲେ ୫୯.୭୨ ରହିବ। ଏ କ୍ଷେତ୍ରରେ ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା ସିରିଜ ଉପରେ ଅନେକ କିଛି ନିର୍ଭର କରିବ। ସମ୍ପ୍ରତି ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଶ୍ରୀଲଙ୍କା ଯଦି ୨-୦ରେ ସିରିଜ ଜିତେ ତେବେ ସୁଯୋଗ ସୃଷ୍ଟି କରିପାରିବ। ବର୍ତ୍ତମାନ ଶ୍ରୀଲଙ୍କାର ପିସିଟି ୫୩.୩୩ ରହିଛି। ଯଦି ଅଷ୍ଟ୍ରେଲିଆ ନିକଟରୁ ଭାରତ ହାରେ କିମ୍ବା ଡ୍ର ରଖେ ଏବଂ ଶ୍ରୀଲଙ୍କା ୨-୦ରେ ସିରିଜ ଜିତିଯାଏ ତେବେ ଏହାର ପିସିଟି ୬୧.୧୧ ହୋଇଯିବ। ମାତ୍ର ଶ୍ରୀଲଙ୍କା ଯଦି ଗୋଟିଏ ବି ଟେଷ୍ଟ ଡ୍ର ରଖେ କିମ୍ବା ହାରିଯାଏ ତେବେ ଭାରତ ଫାଇନାଲରେ ପ୍ରବେଶ କରିଯିବ।

# ବାଂଲାଦେଶକୁ ୧୩୨ ରନରେ ହରାଇଲା ଇଂଲଣ୍ଡ

**ମୀରପୁର, ୩।୩ (ଏପି):** ଓପନର ଜାସନ ରୟଙ୍କ ଶତକ ସହାୟତାରେ ଇଂଲଣ୍ଡ ଏଠାରେ ଶୁକ୍ରବାର ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ୧୩୨ ରନରେ ଜିତିଛି। ଏଥିସହିତ ଦଳ ୨-୦ରେ ଅଗ୍ରଣୀ ସହ ୩ ମ୍ୟାଚ ବିଶିଷ୍ଟ ସିରିଜ କବ୍‌ଜା କରିନେଇଛି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ : ୩୨୬/୭ (ଜାସନ ରୟ-୧୩୨, ଜୋସ୍ ବଟଲର-୭୬, ମୋଇନ ଅଲି-୪୨ ; ତସ୍କିନ ଅହମଦ-୩/୬୬, ମେହିଦି ହସନ ମିରାଜ-୨/୭୩)। ବାଂଲାଦେଶ: ୪୪.୪ ଓଭରରେ ୧୯୪ (ଶକିବଅଲ ହସନ-୫୮, ତମିତ ଇକ୍‌ବାଲ-୩୫, ମହମୁଦୁଲ୍ଲା-୩୨ ; ସାମ୍ କୁରାନ-୪/୨୯, ଅଦିଲ ରଶିଦ୍-୪/୪୫)।

# ଇନ୍ଦୋର ପିଚ୍ ନିମ୍ନମାନର

ଇନ୍ଦୋର, ୩।୩ (ପି.ଟି.)

ସ୍ଥାନୀୟ ହୋଲ୍‌କାର ଷ୍ଟାଡିୟମର ପିଚ୍‌କୁ ନିମ୍ନମାନର ବିବେଚନା କରିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଏଠାରେ ବର୍ଡର-ଗାଭାସ୍କର ଟ୍ରଫି ତୃତୀୟ ଟେଷ୍ଟ ଖେଳାଯାଇଥିଲା। ଏହି ମ୍ୟାଚ ୩ ଦିନ ଭିତରେ ଶେଷ ହୋଇଯାଇଥିଲା। ଏଥିପାଇଁ ଇନ୍ଦୋରକୁ ୩ ଡିମେରିଟ୍ ପଏଣ୍ଟ ମିଳିଛି। ଏହା ୫ ବର୍ଷ ରୋଲିଂ ପିରିୟଡ ସକ୍ରିୟ ରହିବ। ମ୍ୟାଚରେ ଭାରତ ଏହାର ଦୁଇଟି ଇନିଂସରେ ୧୦୯ ଓ ୧୬୩ରନ କରିଥିଲା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୯୭ରନ କରିବାରେ ସମର୍ଥ ହୋଇଥିଲା। ତୃତୀୟ ଦିବସ ଖେଳ ସକାଳେ ଆବଶ୍ୟକ ୭୬ ରନ ସଂଗ୍ରହ କରି ଭ୍ରମଣକାରୀ ଦଳ ମ୍ୟାଚ ଜିତିନେଇଥିଲା। ଆଇସିସି ମ୍ୟାଚ ରେଫରି କ୍ରିସ୍ ବ୍ରଡ୍ ଚିନ୍ତା ପ୍ରକଟ କରିବା ସହ ଉଭୟ ଦଳର ଅଧିନାୟକଙ୍କ ସହ ପରାମର୍ଶ କରି ଆଇସିସି ନିକଟରେ ତାଙ୍କ ରିପୋର୍ଟ ଉପସ୍ଥାପନ କରିଥିଲେ। ରିପୋର୍ଟର ଏକ ନକଲ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ନିକଟକୁ ପଠାଇ ଦିଆଯାଇଛି।









# ଭୁବନେଶ୍ୱରରେ ପଠାନ୍ସ କ୍ରିକେଟ ଏକାଡେମୀ

ଭୁବନେଶ୍ୱର, ୩।୩
(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି ପଠାନ୍ସ କ୍ରିକେଟ ଏକାଡେମୀ। ପଠାନ୍ସ ବ୍ରଦର୍ସ (ଇରଫାନ ଓ ୟୁସୁଫ)ଙ୍କ ନାମରେ ଭାରତର ୨୬ଟି ସ୍ଥାନରେ ଖୋଲି ସାରିଥିବା 'କ୍ରିକେଟ ଏକାଡେମୀ ଅଫ୍ ପଠାନ୍ସ (କ୍ୟାପ୍)'ର ଭୁବନେଶ୍ୱର ଶାଖା ଚଳିତ ମାସ ୧୦ ତାରିଖରେ ଉଦ୍‌ଘାଟିତ ହେବ। ଦୃଢ଼ କ୍ରୀଡ଼ା ଭିତ୍ତିଭୂମି ଥିବା ଲୟୋଲା ସ୍କୁଲ ପରିସରରେ ଏହା କାର୍ଯ୍ୟ କରିବ। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କ୍ୟୁରେଟରଙ୍କ ତତ୍ତ୍ୱାବଧାନରେ ଏକାଡେମୀ ପାଇଁ ପିଚ୍ ପ୍ରସ୍ତୁତି କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ପ୍ରଶିକ୍ଷାର୍ଥୀମାନଙ୍କୁ ଉଚ୍ଚମାନର ଟ୍ରେନିଂ ସହ ରାଜ୍ୟ ଏବଂ ଦେଶର କ୍ରିକେଟକୁ ଏକ ଭିନ୍ନ ସୋପାନକୁ ନେବା ଏକାଡେମୀର ଲକ୍ଷ୍ୟ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ୟାପ୍‌ର ମ୍ୟାନେଜିଂ ପାର୍ଟନର ଅଶୋକ କୁମାର ପ୍ରକାଶ କରିଛନ୍ତି। କ୍ୟାପ୍‌ର ଭୁବନେଶ୍ୱର ଶାଖାରେ ପ୍ରତି ବର୍ଷ ୨୦୦ ପ୍ରତିଭାଙ୍କୁ ତାଲିମ ଦେବାର ଲକ୍ଷ୍ୟ ରଖାଯାଇଛି। କୋଚିଂ ପଦ୍ଧତି ୩ ପର୍ଯ୍ୟାୟ ବିଶିଷ୍ଟ ରହିବ। ବିଗନର, ଇଣ୍ଟରମିଡିଏଟ୍ ଓ ଆଡଭାନ୍ସ ଲେଭଲ। ଏକାଡେମୀରେ ଭର୍ତ୍ତି ହେବାପାଇଁ ଚାହୁଁଥିବା ପିଲାମାନଙ୍କୁ ଟ୍ରାଏଲ୍ ଦେବାକୁ ପଡ଼ିବ। ଏଥିରୁ ଉକ୍ତ ଖେଳାଳି କେଉଁ ପର୍ଯ୍ୟାୟରେ ଟ୍ରେନିଂ ନେବାପାଇଁ ଉପଯୁକ୍ତ ତାହା ଧାର୍ଯ୍ୟ ହେବ। ୬ରୁ ୨୧ ବର୍ଷ ବୟସ ବର୍ଗରେ ଉଭୟ ବାଳିକା ଓ ବାଳକଙ୍କୁ ଉକ୍ତ ଏକାଡେମୀ ପାଇଁ ଚୟନ କରାଯିବ ବୋଲି ଅଶୋକ କହିଛନ୍ତି। ଲୟୋଲା ସ୍କୁଲ ରେକ୍ଟର ଫାଦର ଅଗଷ୍ଟିନ ଏଜହାକୁନେଲ ଓ ପ୍ରିନ୍ସିପାଲ ଏଫ୍‌ଆର୍ ଭିକ୍ଟର ଏଫ୍. ମିସ୍‌କ୍ୱିଥ୍ ସ୍କୁଲର ଦୃଢ଼ କ୍ରୀଡ଼ା ଭିତ୍ତିଭୂମି ସମ୍ପର୍କରେ ବର୍ଣ୍ଣନା କରିବା ସହ ବିଭିନ୍ନ କ୍ରୀଡ଼ା ପାଇଁ ଉନ୍ନତ କୋଚିଂ ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୦୧ରେ ପ୍ରତିଷ୍ଠା ହୋଇଥିବା ଲୟୋଲା ସ୍କୁଲ ଭଲ ପାଠପଢ଼ା ସହ ଉଚ୍ଚସ୍ତରର ସ୍ପୋର୍ଟ୍ସ କୋଚିଂ ଉପରେ ଧ୍ୟାନ ଦେଉଥିବା ପ୍ରକାଶ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ସଫଳତା ପରେ ପଠାନ ବ୍ରଦର୍ସ ତାଙ୍କ ସ୍ୱପ୍ନର କ୍ରିକେଟ ଏକାଡେମୀ ୨୦୧୪ ସେପ୍ଟେମ୍ବର ୧୧ରେ ଶୁଭାରମ୍ଭ କରିଥିଲେ। ଗତ ୯ ବର୍ଷ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ଇତିମଧ୍ୟରେ ୨୬ଟି ଏକାଡେମୀ କାର୍ଯ୍ୟକ୍ଷମ ହୋଇଛି। ଏକାଡେମୀର ଭୁବନେଶ୍ୱର ଶାଖାରେ ୨ଟି ଟର୍ଫ ମ୍ୟାଚ ପିଚ୍ ଏବଂ ୩ଟି ପ୍ରାକ୍ଟିସ ପିଚ୍ ରହିବ।




ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ପଠାନ୍ସ କ୍ରିକେଟ ଏକାଡେମୀ ସମ୍ପର୍କରେ ସୂଚନା ଦେଉଛନ୍ତି।

ଫ୍ଲଡ୍‌ଲାଇଟ୍‌ର ସୁବିଧା ଥିବାରୁ ଛାତ୍ରୀଛାତ୍ରମାନେ ସ୍କୁଲ ଛୁଟି ହେବାପରେ ସନ୍ଧ୍ୟା ସମୟରେ ମଧ୍ୟ ଅଭ୍ୟାସ କରିପାରିବେ। ଲୟୋଲା ସ୍କୁଲ ପରିସରରେ କ୍ୟାପ୍, ଭୁବନେଶ୍ୱରର କାର୍ଯ୍ୟାଳୟ ରହିବ। ଏକାଡେମୀ ପାଇଁ ୩ ଜଣ କୋଚ୍, ସ୍ପୋର୍ଟ୍ସ ସ୍ପେଶାଲିଷ୍ଟ ଫିଜିଓ, ମାଲିସବାଲା, ସ୍ପୋର୍ଟ୍ସ ମେଡିସିନ ସ୍ପେଶାଲିଷ୍ଟ ରହିବେ। ଉଚ୍ଚ ପ୍ରତିଭାସମ୍ପନ୍ନ ଆର୍ଥିକ ଅନଗ୍ରସର ପିଲାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ ବୋଲି ଏକାଡେମୀ ଭୁବନେଶ୍ୱର ଶାଖାର ମ୍ୟାନେଜର (ଅପରେଶନ୍ସ) ଆଜେଜା ଖାନମ୍ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀ ଅବସରରେ ଟିମ୍ ଇଣ୍ଡିଆର ପୂର୍ବତନ ଅଲ୍‌ରାଉଣ୍ଡର ଇରଫାନ ପଠାନ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଶୁଭେଚ୍ଛା ଜଣାଇଥିଲେ। ଚଳିତ ମାସ ୨୫ କିମ୍ବା ୨୬ ତାରିଖରେ ଇରଫାନ ଓ ୟୁସୁଫ ଭୁବନେଶ୍ୱର ଆସିବା କାର୍ଯ୍ୟକ୍ରମ ରହିଛି ବୋଲି ଏକାଡେମୀ ଭୁବନେଶ୍ୱର ଶାଖାର ପରାମର୍ଶଦାତା ଶେଖ ଅବଦୁଲ ରାବ୍ ପ୍ରକାଶ କରିଛନ୍ତି।


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ